ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୨୯/୨୦୨୫ (୧୨ ପୃଷ୍ଠା) | Bhubaneswar, Tuesday, July 29/2025 | Page 12 | ₹ 7.00 | SAMBALPUR
୫୧ଶ ଭାଗ ୨୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 244 | ମୂଲ୍ୟ ₹୭/-



**‘ବର୍ଡର ୨’: ବରୁଣଙ୍କ ବିପକ୍ଷରେ ମେଧା**

ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ‘ବର୍ଡର ୨’ ଫିଲ୍ମରେ ଅଭିନେତା ବରୁଣ ଧାୱନଙ୍କ ବିପକ୍ଷରେ ଅଭିନେତ୍ରୀ ମେଧା ରାଣା ନଜରକୁ ଆସିବେ।

୦୯

୧୨

**ଫୁଟ୍‌ବଲ କୋଚ୍ ଦୌଡ଼ରେ ଜମିଲ**

ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ଦୌଡ଼ରେ ସବୁଠାରୁ ଆଗରେ ରହିଛନ୍ତି ପୂର୍ବତନ ମିଡ୍‌ଫିଲ୍ଡର ଖଲିଦ୍ ଜମିଲ।





କଟକ ନରାଜ ଆନିକଟଠାରେ ମହାନଦୀରେ ପ୍ରବାହିତ ବନ୍ୟାଜଳରେ ସୋମବାର ମାଛ ଧରିବାକୁ ଯାଉଥିବା ଧୀବରମାନେ। **(ଫଟୋ: ରାଜକିଶୋର ମହାନ୍ତି)**

# ପାର୍ଲାମେଣ୍ଟରେ ଅପରେଶନ ସିନ୍ଦୂର ତାତି

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ଏହା ପରବର୍ତ୍ତୀ ଅପରେଶନ ସିନ୍ଦୂରକୁ ନେଇ ସୋମବାର ଲୋକ ସଭାରେ ଜୋର୍‌ଦାର ବିତର୍କ ଆରମ୍ଭ ହୋଇଛି। ଏହି ଦୁଇ ଘଟଣାରେ ହୋଇଥିବା ତ୍ରୁଟି ଓ କ୍ଷତିକୁ ନେଇ ଅନେକ ପ୍ରଶ୍ନ ଛିଡ଼ା ହୋଇଥିବାବେଳେ କେନ୍ଦ୍ର ସରକାର ସେସବୁର ସନ୍ତୋଷଜନକ ଉତ୍ତର ଦେଉ ନ ଥିବା ଅଭିଯୋଗ ଆଣି ବିରୋଧୀ ଦଳଗୁଡ଼ିକର ନେତାମାନେ ଅସନ୍ତୋଷ ପ୍ରକାଶ କରିଆସୁଛନ୍ତି। କେନ୍ଦ୍ର ସରକାରଙ୍କଠାରୁ ସେସବୁର ଉତ୍ତର ପାଇବା ପାଇଁ ବିରୋଧୀ ଦଳଗୁଡ଼ିକ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନକୁ ଅପେକ୍ଷା କରିଥିଲେ। ସେମାନଙ୍କ ଦାବି ମୁତାବକ ସୋମବାରଠାରୁ ଲୋକ ସଭାରେ ୧୬ ଘଣ୍ଟିଆ ବିତର୍କ ଚାଲିଥିବାବେଳେ ଶାସକ ଦଳକୁ ବିରୋଧୀ ପ୍ରଶ୍ନବାଣରେ ଘେରିଛନ୍ତି। ଅପରେଶନ ସିନ୍ଦୂର ବେଳେ ଭାରତର କେତୋଟି ଯୁଦ୍ଧବିମାନ ଖସିଥିଲା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାହା ପାଖରେ ଆତ୍ମସମର୍ପଣ କରି ପାକିସ୍ତାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କଲେ, କେବେ ପାକ୍ ଅଧିକୃତ କଶ୍ମୀର (ପିଓକେ)କୁ ଫେରିପାଇବା ଆଦି କେତେକ ପ୍ରଶ୍ନ ଉଠାଇ ଲୋକ ସଭାରେ କଂଗ୍ରେସର ଉପନେତା ଗୌରବ ଗୋଗୋଇଙ୍କ ସମେତ ଅନ୍ୟ ବିରୋଧୀ ଦଳର ନେତାମାନେ ସ୍ପଷ୍ଟୀକରଣ ମାଗିଛନ୍ତି। ଏହାର ଉତ୍ତରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି ଯେ, ରାଜନୈତିକ ଓ ସାମରିକ ଲକ୍ଷ୍ୟ ପୂରଣ ହେବା ପରେ ଅପରେଶନ ସିନ୍ଦୂରକୁ ସ୍ଥଗିତ ରଖାଯାଇଛି। ଏନେଇ କୌଣସି ବାହ୍ୟ ଚାପକୁ ସେ ଖଣ୍ଡନ କରିଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନାଁ ନେଇ ନ ଥିଲେ। ଏଥିରେ ବିରୋଧୀ ଦଳଗୁଡ଼ିକର ନେତାମାନେ ଅସନ୍ତୋଷ ପ୍ରକାଶ କରିବା ସହ ସରକାରଙ୍କ କଥାରେ ତାଳମେଳ ରହୁ ନ ଥିବା ଦର୍ଶାଇ ସ୍ୱଚ୍ଛତା ଦାବି କରିଛନ୍ତି।

- **ଭାରତର କେତେ ବିମାନ ଖସିଥିଲା: କଂଗ୍ରେସ**
- **ପ୍ରଧାନମନ୍ତ୍ରୀ କାହା ପାଖରେ ଆତ୍ମସମର୍ପଣ କଲେ: ଗୋଗୋଇ**
- **ଆତଙ୍କବାଦର ମୂଳୋତ୍ପାଟନ ପାଇଁ ନୂଆ ଭାରତ ଯେକୌଣସି ସୀମା ପର୍ଯ୍ୟନ୍ତ ଯାଇପାରେ: ରାଜନାଥ**

ନୂଆଦିଲ୍ଲୀ,୨୮।୭(ପି.ଟି.)

ସୁରକ୍ଷାଗତ ତ୍ରୁଟି ଯୋଗୁ ପହଲଗାମ୍ ଆକ୍ରମଣ ଘଟିଥିବାରୁ ଏଥିପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ନିଜକୁ ଦାୟୀ କରିବା ନିମନ୍ତେ କଂଗ୍ରେସର ଉପନେତା ଗୌରବ ଗୋଗୋଇ ଦାବି କରିଛନ୍ତି। ‘ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତର ଦୃଢ଼, ସଫଳ ଓ ନିର୍ଣ୍ଣାୟକ ଅପରେଶନ ସିନ୍ଦୂର’ ଶୀର୍ଷକ ସ୍ୱତନ୍ତ୍ର ଆଲୋଚନାରେ ଭାଗନେଇ ଗୋଗୋଇ କହିଛନ୍ତି, ସରକାରଙ୍କ କହିବା ଅନୁଯାୟୀ, କୌଣସି ଅଞ୍ଚଳ ଦଖଲ କରିବା ଏହାର ଉଦ୍ଦେଶ୍ୟ ନୁହେଁ। ତେବେ ଯଦି ଆଜି ନୁହେଁ, ତେବେ ଆମେ କେବେ ପାକ୍ ଅଧିକୃତ କଶ୍ମୀର (ପିଓକେ)କୁ ଫେରିପାଇବା ବୋଲି ସେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କରାଇଥିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବାଣିଜ୍ୟକୁ ବ୍ୟବହାର କରିଥିବା ନେଇ ୨୬ ଥର ଦାବି କରିଥିବାବେଳେ ଏହା ଉପରେ କେନ୍ଦ୍ରର ନୀରବତାକୁ ଗୋଗୋଇ ନିନ୍ଦା କରିଛନ୍ତି। ଉରି ଏବଂ ପୁଲ୍‌ୱାମା ଆକ୍ରମଣଠାରୁ ପ୍ରଧାନମନ୍ତ୍ରୀ ମୋଦି ‘ଆମେ ଘରେ ପଶି ମାରିଲୁ, ଆତଙ୍କବାଦୀ ଭିତ୍ତିଭୂମି ଧ୍ୱଂସ କଲୁ’ ବୋଲି କହିଆସୁଛନ୍ତି। ଏବେ ମଧ୍ୟ ସେ ସମାନ କଥା କହୁଛନ୍ତି। ଅପରେଶନ ସିନ୍ଦୂର ଶେଷ ହୋଇନାହିଁ ଏବଂ ପାକିସ୍ତାନ ପୁଣି ଏପରି କରିପାରେ ବୋଲି ସରକାର କହୁଛନ୍ତି। ତେବେ ଅପରେଶନ ସିନ୍ଦୂର ସଫଳ ହେଲା କିପରି ବୋଲି ଗୋଗୋଇ ପ୍ରଶ୍ନ କରିଛନ୍ତି। ଯଦି ଆମେରିକା ଭାରତ ଆଗରେ ଆଣ୍ଠେଇବାକୁ ପ୍ରସ୍ତୁତ ଥିଲା, ତେବେ ଏହା ପୂର୍ବରୁ କ’ଣ ପାଇଁ ଅଟକିଲ ଏବଂ କାହା ପାଖରେ ଆତ୍ମସମର୍ପଣ କଲ, ବିରୋଧୀ ପ୍ରଧାନମନ୍ତ୍ରୀଙ୍କଠାରୁ ତାହା ଜାଣିବାକୁ ଚାହାନ୍ତି ବୋଲି କଂଗ୍ରେସ ଉପନେତା କହିଛନ୍ତି। ଟ୍ରମ୍ପ୍ ଅସ୍ତ୍ରବିରତି ପାଇଁ ବାଣିଜ୍ୟ ଧମକ ଦେଇଥିବା ଦାବି କରିଛନ୍ତି, ଗୋଟିଏ ☞ପୃଷ୍ଠା-୪

# ପହଲଗାମ୍ ଆତଙ୍କବାଦୀଙ୍କୁ ମାରିଲା ସେନା

ଶ୍ରୀନଗର,୨୮।୭(ପି.ଟି.)



ଏନ୍‌କାଉଣ୍ଟରରେ ନିହତ ୩ ଆତଙ୍କବାଦୀ।


ଜମ୍ମୁ-କଶ୍ମୀରର ଶ୍ରୀନଗର ଉପକଣ୍ଠ ଜଙ୍ଗଲ ଅଞ୍ଚଳରେ ସୋମବାର ସେନାର ପାରାକମାଣ୍ଡୋଙ୍କ ସହ ଗୁଳିବିନିମୟ ବେଳେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଗତବର୍ଷ ସୋନମାର୍ଗ ଟନେଲ୍ ପ୍ରକଳ୍ପ ଆକ୍ରମଣ ସହ ସମ୍ପୃକ୍ତ ଜଣେ ଆତଙ୍କବାଦୀ ରହିଛନ୍ତି। ଏହା ବ୍ୟତୀତ ଗତ ଏପ୍ରିଲ ୨୨ ପହଲଗାମ୍ ଆକ୍ରମଣର ମାଷ୍ଟରମାଇଣ୍ଡ ମଧ୍ୟ ନିହତ ହୋଇଥିବା ସୁରକ୍ଷା ବଳ ସନ୍ଦେହ କରୁଥିବାବେଳେ ତାଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।


ପାର୍ଲାମେଣ୍ଟରେ ଅପରେଶନ ସିନ୍ଦୂରକୁ ନେଇ ସୋମବାର ବିତର୍କ ଆରମ୍ଭ ହୋଇଥିବାବେଳେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ପହଲଗାମ୍ ଆକ୍ରମଣର ମାଷ୍ଟରମାଇଣ୍ଡ ନିହତ ହୋଇଥିବା ଏକ ସୂତ୍ରରୁ କୁହାଯାଇଛି। ମୃତ ସୁଲେଇମାନ ଶାହ ଲକ୍ସର-ଇ-ତୋଇବା ଆତଙ୍କବାଦୀ ଏବଂ ସେ ପହଲଗାମ୍ ଆକ୍ରମଣର ମାଷ୍ଟରମାଇଣ୍ଡ। ସେ ପୂର୍ବରୁ ପାକିସ୍ତାନ ସେନାରେ କାର୍ଯ୍ୟ କରିଥିଲେ।

ପହଲଗାମ୍ ଆକ୍ରମଣକାରୀ ବ୍ୟବହାର କରିଥିବା ଉପକରଣ ଅନୁରୂପ ବୈଷୟିକ ସଙ୍କେତ ମିଳିବା ପରେ ହରୱାନ ଜଙ୍ଗଲରେ ‘ଅପରେଶନ ମହାଦେବ’ ନାମରେ ସୁରକ୍ଷା ବଳ ଅଭିଯାନ ଚଳାଇଥିଲା। ଯବାନମାନେ ମୁଲନାର ଗ୍ରାମରେ ଘେରାବନ୍ଦୀ ଓ ତଲାସି ଚଳାଇଥିବାବେଳେ ଗୁଳି ବିନିମୟ ବେଳେ ଆତଙ୍କବାଦୀ ନିହତ ହୋଇଥିଲେ। ଗତବର୍ଷ ଅକ୍ଟୋବରରେ ସନମାର୍ଗ ଟନେଲ ପ୍ରୋଜେକ୍ଟରେ ଆତଙ୍କବାଦୀ ଆକ୍ରମଣରେ ଜଣେ ଡାକ୍ତର ସମେତ ୭ ଜଣଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀ ଜିବରନଙ୍କର ଏନ୍‌କାଉଣ୍ଟରରେ ମୃତ୍ୟୁ ଘଟିଥିବା ସ୍ପଷ୍ଟ ☞ପୃଷ୍ଠା-୪

# ‘ଶୋଲେ’ ଫିଲ୍ମର ଟିକେଟ ଦେଖାଇଲେ ଅମିତାଭ

ନୂଆଦିଲ୍ଲୀ, ୨୮।୭ (ପି.ଟି.)



ବଲିଉଡ୍ ମହାନାୟକ ଅମିତାଭ ବଚ୍ଚନ ସୋମବାର ଫିଲ୍ମ ଇଣ୍ଡଷ୍ଟ୍ରିରେ ନିଜ ପୁରୁଣା ସ୍ମୃତିକୁ ମନେପକାଇଛନ୍ତି। ସେ ୧୯୭୫ ମସିହାର ବ୍ଲକ୍‌ବଷ୍ଟର ଫିଲ୍ମ ‘ଶୋଲେ’ର ଏକ ଟିକେଟର ଫଟୋକୁ ଶେୟାର କରିଛନ୍ତି। ସେତେବେଳେ ଉକ୍ତ ଟିକେଟର ମୂଲ୍ୟ ମାତ୍ର ୨୦ ଟଙ୍କା ଥିଲା।

ସୋମବାର ସକାଳେ ଅମିତାଭ ତାଙ୍କ ବ୍ୟକ୍ତିଗତ ବ୍ଲଗ୍‌ରେ ନିଜର କିଛି ଫଟୋକୁ ଶେୟାର କରିଥିଲେ। ଏହାମଧ୍ୟରେ ‘ଶୋଲେ’ ଫିଲ୍ମର ଟିକେଟ ରହିଥିଲା। କ୍ୟାପ୍‌ଶନ୍‌ରେ ସେ ଲେଖିଛନ୍ତି, ମୋତେ କୁହାଯାଇଛି ସେତେବେଳେ ଏହି ଟିକେଟର ମୂଲ୍ୟ ଯେତେ ଥିଲା ଏବେ ସେହି ମୂଲ୍ୟରେ ସିନେମା ହଲ୍ ମଧ୍ୟରେ କେବଳ କୋଲ୍ଡଡ୍ରିଙ୍କ୍ ମିଳିପାରୁଛି। ଏହା ସତ୍ୟ କି ବୋଲି ସେ ନିଜ ଫଲୋଅର୍ସଙ୍କୁ ପଚାରିଛନ୍ତି। ‘ଶୋଲେ’ ଫିଲ୍ମର ଉକ୍ତ ଟିକେଟକୁ ସେ ଆଜି ବି ☞ପୃଷ୍ଠା-୪

# ଦିବ୍ୟା ଚେସ୍ ବିଶ୍ୱକପ୍ ଚାମ୍ପିୟନ

## ପ୍ରଥମ ଭାରତୀୟ ମହିଳା ଭାବେ ଇତିହାସ ରଚିଲେ

ବାଟୁମି(ଜର୍ଜିଆ),୨୮।୭(ପି.ଟି.)



ଦିବ୍ୟା ଦେଶମୁଖ

ଭାରତୀୟ ଚେସ୍ ଇତିହାସରେ ଯୋଡ଼ି ହୋଇଛି ନୂଆ ଅଧ୍ୟାୟ। ପ୍ରଥମ ଭାରତୀୟ ମହିଳା ଭାବେ ଦିବ୍ୟା ଦେଶମୁଖ ହୋଇଛନ୍ତି ଫିଡେ ମହିଳା ଚେସ୍ ବିଶ୍ୱକପ୍ ଚାମ୍ପିୟନ। ଫାଇନାଲରେ ୧୯ ବର୍ଷୀୟା ଦିବ୍ୟା ସୋମବାର ଅଭିଜ୍ଞ ଭାରତୀୟ ଗ୍ରାଣ୍ଡମାଷ୍ଟର ତଥା ୱାର୍ଲ୍ଡ ରାପିଡ୍ ଚେସ୍ ଚାମ୍ପିୟନ କୋନେରୁ ହମ୍ପିଙ୍କୁ ଟାଇବ୍ରେକରେ ପରାସ୍ତ କରିଛନ୍ତି। ନାଗପୁରର ଦିବ୍ୟା ବିଶ୍ୱକପ ଚାମ୍ପିୟନ ହେବା ସହ ଗ୍ରାଣ୍ଡମାଷ୍ଟର ଟାଇଟଲ ମଧ୍ୟ ହାସଲ କରି ନେଇଛନ୍ତି। ସେ ହୋଇଛନ୍ତି ଭାରତର ୮୮ତମ ଚେସ୍ ଗ୍ରାଣ୍ଡମାଷ୍ଟର। ଏହି ମାଇଲଖୁଣ୍ଟ ସ୍ପର୍ଶ କରିବାରେ ସେ ଭାରତର ଚତୁର୍ଥ ମହିଳା ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ହମ୍ପି, ଦ୍ରୋନାଭାଲି ହାରିକା ଓ ଆର. ବୈଶାଳୀ ଏହି ସଫଳତା ପାଇଥିଲେ। ହମ୍ପି ତାଙ୍କ କ୍ୟାରିୟରରେ ବିଶ୍ୱକପ୍ ଓ ମହିଳା ୱାର୍ଲ୍ଡ ଚାମ୍ପିୟନଶିପ୍ ଟାଇଟଲ ଛଡ଼ା ସବୁ କିଛି ହାସଲ କରି ସାରିଛନ୍ତି। ଏବେ ବିଶ୍ୱକପ ଟାଇଟଲ ପୁଣି ଥରେ ତାଙ୍କପାଇଁ ଅପହଞ୍ଚ ହୋଇ ରହିଯାଇଛି। ୩୮ ବର୍ଷୀୟା ହମ୍ପି ୨୦୦୨ରେ ଗ୍ରାଣ୍ଡମାଷ୍ଟର ଟାଇଟଲ ପାଇଥିଲେ। ଏହାର ୩ ବର୍ଷ ପରେ ଅର୍ଥାତ୍ ୨୦୦୫ରେ ଜନ୍ମିତ ଦିବ୍ୟା ଏବେ ବିଶ୍ୱ ଚାମ୍ପିୟନ ହୋଇ ନିଜ ଜାଜ୍ୱଲ୍ୟମାନ କ୍ୟାରିୟରର ଶିଖରରେ ପହଞ୍ଚିଛନ୍ତି। ଟାଇବ୍ରେକର ରାଉଣ୍ଡ ପୂର୍ବରୁ ଗତ ଶନିବାର ଓ ରବିବାର ଦିବ୍ୟା ଏବଂ ହମ୍ପିଙ୍କ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ପୁରୁଷ ହେଲେ ମହିଳା




# ରାଉରକେଲାର ନୂତନ ଏଡିଏମ୍‌ଙ୍କ ଯୋଗଦାନ

ରାଉରକେଲା,୨୮।୭ (ବିପ୍ଳବ ରଞ୍ଜନ ଦାଶ/ଦିନେଶ ମିଶ୍ର)

ରାଉରକେଲାର ନୂତନ ଅତିରିକ୍ତ ଜିଲାପାଳ(ଏଡିଏମ୍) ଭାବେ ସୋମବାର



ଦୀନା ଦସ୍ତଗୀର୍ ଯୋଗଦାନ କରିଛନ୍ତି। ସେ ୨୦୨୧ ବ୍ୟାଚ୍‌ର ଭାରତୀୟ ପ୍ରଶାସନିକ ଅଧିକାରୀ। ସେ ଏହା ପୂର୍ବରୁ ବ୍ରହ୍ମପୁର ଉପଜିଲାପାଳ ଭାବେ କାର୍ଯ୍ୟ କରିଛନ୍ତି। ଏଡିଏମ୍ ଦସ୍ତଗୀର୍ କାର୍ଯ୍ୟରେ ଯୋଗ ଦେଲା ପରେ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କୁ ଭେଟି ଆଲୋଚନା କରିଥିଲେ। ଏହି ଅବସରରେ ସେ କହିଥିଲେ, ରାଉରକେଲା ଏଡିଏମ୍ ଦାୟିତ୍ୱ ମିଳିଥିବାରୁ ସେ ଅତ୍ୟନ୍ତ ଖୁସି ଅଛନ୍ତି। ରାଉରକେଲା ଏକ ସୁନ୍ଦର ସହର। ଯାହା ବି ଅଞ୍ଚଳର ପ୍ରମୁଖ ସମସ୍ୟା ରହିଛି ତାହା ବୁଝିବାକୁ ଚେଷ୍ଟା କରିବି ଏବଂ ଅଞ୍ଚଳର ଲୋକଙ୍କ ସହିତ ମିଶି ସମସ୍ୟାର ସମାଧାନ କରିବି ବୋଲି ସେ କହିଥିଲେ।

# ଆର୍‌ଏମ୍‌ସି ମହିଳା କର୍ମଚାରୀଙ୍କ ଆତ୍ମହତ୍ୟା ଉଦ୍ୟମ

## ଗୁରୁତର ଅବସ୍ଥାରେ ଆର୍‌ଜିଏଚ୍‌ରେ ଭର୍ତ୍ତି

ରାଉରକେଲା,୨୮।୭(ସଙ୍ଗୀତା ଜେନା)

ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି)ର ଷ୍ଟୋର ରୁମ୍‌ରେ କାର୍ଯ୍ୟରତ ଅସ୍ଥାୟୀ ମହିଳା କର୍ମଚାରୀ ସରସ୍ୱତୀ ସାମନ୍ତରାୟ(୪୨) ସୋମବାର ପୂର୍ବାହ୍ନ ସାଢେ ୧୧ଟାରେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଆତ୍ମହତ୍ୟା କରିବା ପୂର୍ବରୁ ସେ ତାଙ୍କ ମନର କଥାକୁ ଭିଡିଓ କରି ଭାଇରାଲ କରିଥିଲେ। ଫଳରେ ଅନ୍ୟ କର୍ମଚାରୀମାନେ ପୋଲିସ ସହାୟତାରେ ଉକ୍ତ ଷ୍ଟୋରରୁମ୍‌ରୁ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ଭର୍ତ୍ତି କରିଥିଲେ। ସରସ୍ୱତୀଙ୍କ ଅବସ୍ଥା ସ୍ଥିର ରହିଛି। ରିପୋର୍ଟ ଲେଖାଯିବା ସୁଦ୍ଧା (ସନ୍ଧ୍ୟା ୭ଟା) ଏ ନେଇ ଉଦିତନଗର ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

ସୂଚନା ଅନୁସାରେ, ସରସ୍ୱତୀଙ୍କ ସ୍ୱାମୀ ଲଡୁକେଶ୍ୱର ଆର୍‌ଏମ୍‌ସିରେ ଲାଇନମ୍ୟାନ ଭାବେ କାର୍ଯ୍ୟ କରୁଥିଲେ। ୨୦୧୬ ଅଗଷ୍ଟ ୨୯ ତାରିଖରେ ସେ କାମ କରୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ



ଆହତ ମହିଳାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନିଆଯାଉଛି।

ଆସିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ସରସ୍ୱତୀଙ୍କୁ ଆର୍‌ଏମ୍‌ସିରେ ସ୍ଥାୟୀ ନିଯୁକ୍ତି ସାଙ୍ଗକୁ ଘର ଓ ଅନ୍ୟାନ୍ୟ ସୁବିଧା ମିଳିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଦୀର୍ଘ ୯ବର୍ଷ ପରେ ମଧ୍ୟ ତାଙ୍କୁ ସ୍ଥାୟୀ କରାଯାଇ ନ ଥିଲା। ସେ ମାସିକ ମାତ୍ର ୭ ହଜାର ଟଙ୍କା ପାଉଥିବାରୁ ପରିବାର ଚଳାଇବାରେ ଅସମର୍ଥ ଥିଲେ। ଫଳରେ ସେ ଛେଣ୍ଡସ୍ଥିତ ମା'ଙ୍କ ଘରେ ଦୁଇ ପୁଅଙ୍କୁ ଧରି ରହୁଥିଲେ। ତେବେ ଘରେ ସର୍ବଦା ଅଭାବ ଅନଟନ ଲାଗିରହିଥିବାରୁ କିଛିଦିନ ହେବ ସରସ୍ୱତୀଙ୍କ ମାନସିକ ସ୍ଥିତି ଭଲ ନ ଥିଲା। ଶେଷରେ ସେ ସୋମବାର ଆର୍‌ଏମ୍‌ସି ଷ୍ଟୋରରୁମ୍‌ରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିବାକୁ ଯାଉଥିବା ଭିଡିଓ ଭାଇରାଲ କରିଥିଲେ। ଏହାକୁ ଅନ୍ୟ କର୍ମଚାରୀମାନେ ଦେଖି ତୁରନ୍ତ ଉଦିତନଗର ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଷ୍ଟୋରରୁମ୍ କବାଟ ଭାଙ୍ଗି ସରସ୍ୱତୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲା। ଖବର ପାଇ ଆର୍‌ଏମ୍‌ସି ଉପ ଆୟୁକ୍ତ ଅନୀତା ନାୟକ, ସହ ଉପ ଆୟୁକ୍ତ ଅଜିତ କୁମାର ପଟ୍ଟନାୟକଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଡାକ୍ତରଖାନାରେ ପହଞ୍ଚି ସରସ୍ୱତୀଙ୍କ ଆଶୁ ଆରୋଗ୍ୟ ପାଇଁ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। ସେହିପରି ସୁନ୍ଦରଗଡ ଜିଲାପାଳ ଶୁଭଙ୍କର ମହାପାତ୍ର ଏବଂ ରାଉରକେଲା ଏଡିଏମ୍ ଦୀନା ଦସ୍ତଗିରି ଡାକ୍ତରଖାନାରେ ପହଞ୍ଚି ଆତ୍ମହତ୍ୟା ଉଦ୍ୟମ କରିଥିବା ମହିଳାଙ୍କ ବେତନ ବୃଦ୍ଧି ସହ ସ୍ଥାୟୀ ନିଯୁକ୍ତି ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଆଶ୍ୱାସନା ଦେଇଛନ୍ତି।

ଅନ୍ୟପକ୍ଷେ ସ୍ୱାସ୍ଥ୍ୟାବସ୍ଥା ସାମାନ୍ୟ ସ୍ଥିର ହେବା ପରେ ସରସ୍ୱତୀ କହିଛନ୍ତି, ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କୁ ଚାକିରି, ଘର ଏବଂ ଟଙ୍କା ମିଳିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ତାଙ୍କୁ ଆର୍‌ଏମ୍‌ସିରେ ଅନୁକମ୍ପାମୂଳକ ନିଯୁକ୍ତି ଦିଆଗଲା। ପରବର୍ତ୍ତୀ ସମୟରେ ତାଙ୍କୁ ସ୍ଥାୟୀ କରାଯାଇ ନ ଥିଲା। ବାରମ୍ବାର ଉଚ୍ଚ ଅଧିକାରୀଙ୍କୁ କହିବା ପରେ ସୁଫଳ ମିଳି ନ ଥିଲା। ବାଧହୋଇ ସେ ଶ୍ରମ କୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ନିୟମିତ ଚାକିରି ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ କରାଯାଇ ନ ଥିଲା। ସରକାର, ପ୍ରଶାସନ ଓ ଆର୍‌ଏମ୍‌ସି ଉପରେ ଭରସା ତୁଟିଗଲାଣି। ବର୍ତ୍ତମାନ ପରିସ୍ଥିତିରେ ତାଙ୍କୁ ନ୍ୟାୟ ଦିଆଯାଉ ବୋଲି ସରସ୍ୱତୀ କହିଛନ୍ତି।

# ଦେୟମୁକ୍ତ ଆମ୍ବୁଲାନ୍ସ ସେବା ଲୋକାର୍ପିତ





କେନ୍ଦ୍ର ମନ୍ତ୍ରୀ ଆମ୍ବୁଲାନ୍ସ ସେବାକୁ ଲୋକାର୍ପଣ କରୁଛନ୍ତି।

ରାଉରକେଲା,୨୮।୭(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବେଦବ୍ୟାସରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପାର କଲ୍ୟାଣ ମନ୍ତ୍ରୀ ତଥା ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ଯୋଗ ଦେଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଏକ ଦେୟମୁକ୍ତ ଆମ୍ବୁଲାନ୍ସକୁ ସ୍ଥାନୀୟ ଲୋକଙ୍କ ସେବାରେ ଲୋକାର୍ପିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାଜପା ଯୁବନେତା ପ୍ରକାଶ ପାଶ୍ୱାନଙ୍କ ସମେତ ସମସ୍ତ ବୁଥସ୍ତରୀୟ ଭାଜପା ମଣ୍ଡଳ ସଭାପତି ସାମିଲ ହୋଇଥିଲେ। ପରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରେ କେନ୍ଦ୍ରମନ୍ତ୍ରୀ ବେଦବ୍ୟାସ ସଂସ୍କୃତ କଲେଜ ଓ ବେଦବ୍ୟାସ ଗୁରୁକୁଳ ଆଶ୍ରମ ପରିଦର୍ଶନ କରିଥିଲେ। ଗୁରୁକୁଳ ଆଶ୍ରମରେ ରହୁଥିବା ଅନ୍ତେବାସୀଙ୍କ ସହିତ ଭାବ ବିନିମୟ କରି ଆଶ୍ରମର ସୁବିଧା ଅସୁବିଧା ବିଷୟରେ ଅବଗତ ହେବା ପରେ ଆଶ୍ରମ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ଭାଜପା ନେତା, ସମର୍ଥକ ଓ ସାଧାରଣ ଜନତା ଉପସ୍ଥିତ ଥିଲେ।

# ସେଲ୍ ସାବାସ ଯୋଜନାରେ ଆର୍‌ଏସ୍‌ପି କର୍ମଚାରୀ ପୁରସ୍କୃତ

ରାଉରକେଲା,୨୮।୭(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ପ୍ଲେଟ ମିଲ୍ ବିଭାଗ ସମ୍ମିଳନୀ କକ୍ଷରେ ଏକ ପୁରସ୍କାର ବିତରଣୀ ସମାରୋହ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ପ୍ଲେଟ୍ ମିଲ ବିଭାଗର ସିଜିଏମ ଏତୁଆ ଓରାମ ଅଧ୍ୟକ୍ଷତା କରି ବିଭାଗର ୭ଜଣ କର୍ମଚାରୀଙ୍କୁ ସାବାସ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବିଭାଗର ଜିଏମ ୱାଇ. କେ. ରାୟ, ବୈଦ୍ୟୁତିକ ବିଭାଗର ଜିଏମ୍ ଦୀପଙ୍କର ମହାପାତ୍ର, ଡିଜିଏମ୍ ଏସ୍.କେ. ନାହାକ, ଏଜିଏମ୍ ସତ୍ୟଦେବ ଶର୍ମା, ଏଜିଏମ୍ ବି. କେ. ସେନାପତିଙ୍କ ସମେତ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପ୍ଲେଟ ମିଲ୍ ବିଭାଗର ପୁରସ୍କାରପ୍ରାପ୍ତ କର୍ମଚାରୀମାନଙ୍କ ମଧ୍ୟରେ ନିତ୍ୟାନନ୍ଦ ଦାସ, ବିଗିପାନ ବରିସାଲ, ଚନ୍ଦ୍ରବ୍ରତ ନନ୍ଦ, ପ୍ରଦୀପ କୁମାର ନାୟକ, ନରେନ୍ଦ୍ର ସେଠୀ, ସମୀର କୁମାର ମହାନ୍ତି ଏବଂ ହରେକୃଷ୍ଣ ଦାସ ରହିଛନ୍ତି। କର୍ମଚାରୀମାନଙ୍କୁ ସେମାନଙ୍କ କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ପ୍ରୟାସ ସକାଶେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏତୁଆ ଓରାମ ପୁରସ୍କାର ବିଜେତାମାନଙ୍କ ଉଚ୍ଚ ପ୍ରଶଂସା କରିବା ସହ ସମ୍ପୃକ୍ତ ବିଭାଗର କାର୍ଯ୍ୟକ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ବଜାୟ ରଖିବାକୁ ଉତ୍ସାହିତ କରିଥିଲେ। ପ୍ଲେଟ ମିଲ ବିଭାଗ ମ୍ୟାନେଜର ଶକ୍ତି ଶେଖର ଷଡଙ୍ଗୀ ପୁରସ୍କାର ସମାରୋହ ସଂଯୋଜନା କରିଥିଲେ।





ପୁରସ୍କୃତ ହୋଇଥିବା ପ୍ଲେଟ୍ ମିଲ୍ ବିଭାଗ ଦଳ।

# ବ୍ୟାସଦେବଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ





କାର୍ଯ୍ୟକ୍ରମରେ ମଞ୍ଚାସୀନ ଆଲୋଚକଗଣ।

ରାଉରକେଲା, ୨୮।୭(ବିପ୍ଳବ ରଞ୍ଜନ ଦାଶ)

## ଭାରତୀୟ ଗୁରୁ ପରମ୍ପରାରେ ବ୍ୟାସଦେବ ଶୀର୍ଷକ ଆଲୋଚନାଚକ୍ର

ରାଉରକେଲା ଏନ୍‌ଆଇଟି ପରିସରସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ମହାନଗର ମାଧବ ନଗର ଶାଖାର ମିଳିତ ଆନୁକୂଲ୍ୟରେ 'ଭାରତୀୟ ଗୁରୁ ପରମ୍ପରାରେ ବ୍ୟାସଦେବ' ଶୀର୍ଷକ ଆଲୋଚନାଚକ୍ର ଏବଂ ବ୍ୟାସଦେବ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଦୀପ୍ତା ବେହେରାଙ୍କ ଆବାହକତ୍ୱ ଏବଂ ମାଧବ ନଗର ଶାଖା ସଭାପତି ଶିକ୍ଷାବିତ୍ ବ୍ରଜେନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ବିଶିଷ୍ଟ ଗୀତିକବି ତାରିଣୀ ଚରଣ ସାହୁ ମୁଖ୍ୟ ଅତିଥି, ଅଜୟ କୁମାର ପାଣି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁରୁ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୁଜାତା ତ୍ରିପାଠୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିବାବେଳେ ଶିକ୍ଷୟିତ୍ରୀ ନିରୁପମା ଦାଶ ପତି ସଂଯୋଜନା କରିଥିଲେ। ଶିକ୍ଷକ ଅଜୟ ରାଉତ, ଛବିରାଣୀ ପ୍ରଧାନ, ପ୍ରମିଳା ଡୁଙ୍ଗଡୁଙ୍ଗ, ମିନତୀ ଖମାରୀ, ପୂଜା ସ୍ୱାଇଁ, ହରିହର କାମିଲା, ସୁଜାତା ମିଶ୍ର, ସୁଶାନ୍ତ ରାୟ, ସୁରେଖା ନାୟକ, ବନିତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ ଛାତ୍ରୀ ଶ୍ରେୟସୀ ସାହୁ। ପ୍ରାରମ୍ଭିକ ପର୍ଯ୍ୟାୟରେ ଛାତ୍ରୀଙ୍କ ଦ୍ୱାରା ଗୁରୁବନ୍ଦନା କରାଯାଇଥିଲା। ଶେଷରେ ବ୍ୟାସଦେବଙ୍କ ମହତ୍ତ୍ୱ ଏବଂ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପ୍ରେରଣା ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ତଥା ସାହିତ୍ୟିକା ନିରୁପମା ପତି ସଭା ପରିଚାଳନା କରିଥିଲା ବେଳେ ଶିକ୍ଷକ ସରୋଜ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଶିକ୍ଷା କର୍ମଚାରୀ ଏବଂ ମାଧବ ନଗର ଶାଖାର ସଦସ୍ୟ ତଥା ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ମହାଦେବଙ୍କୁ ଜଳାଭିଷେକ କଲେ କାଉଡିଆ

ରାଉରକେଲା,୨୮।୭(ଦିନେଶ ମିଶ୍ର)

## ଶ୍ରାବଣ ତୃତୀୟ ସୋମବାର

ଶ୍ରାବଣ ମାସ ତୃତୀୟ ସୋମବାର ରାଉରକେଲାର ବିଭିନ୍ନ ଶିବ ମନ୍ଦିରରେ କାଉଡିଆ ଭକ୍ତମାନଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥଲା। ସହରର ଦେଓଗାଁସ୍ଥିତ ତରକେରା ଧବଳେଶ୍ୱର ଶିବ ମନ୍ଦିର, ବେଦବ୍ୟାସ ସ୍ଥିତ ବାଲୁକେଶ୍ୱର ମନ୍ଦିର, ବାସନ୍ତୀ କଲୋନିସ୍ଥିତ ବାବା ଆଖଣ୍ଡଳମଣି ମନ୍ଦିର, ଛେଣ୍ଡସ୍ଥିତ ବାବା ଆରଡିଶ୍ୱର ମନ୍ଦିରରେ ବହୁ କାଉଡିଆ ଭକ୍ତଙ୍କ ସମାଗମ ହୋଇଥିଲା। ଧବଳେଶ୍ୱର ମନ୍ଦିରରେ ବହୁ କାଉଡିଆ ମହାଦେବଙ୍କ ଉପରେ ଜଳଲାଗି କରିଥିଲେ। ପ୍ରାତଃ ସମୟରେ ମନ୍ଦିର ମୁଖ୍ୟ ପୂଜକ ବିରଞ୍ଚି ଦେହୁରୀଙ୍କ ତତ୍ତ୍ୱାବଧାନରେ ମହାଦେବଙ୍କୁ ଘର୍ଷଣ କରାଯାଇ ପୁଷ୍ପମାଲ୍ୟ ଓ ବେଲପତ୍ରରେ ସଜ୍ଜିତ କରାଯାଇଥିଲା। ପରେ ଭକ୍ତଙ୍କୁ ଜଳାଭିଷେକ ପାଇଁ ଛଡାଯାଇଥିଲା। ସେହିଭଳି ବେଦବ୍ୟାସ ପୀଠରେ ବହୁ ଶିବ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟାରିକେଟ୍ ବ୍ୟବସ୍ଥା କରାଯାଇଥିଲା। ଭୋର ସାଢେ ୩ଟାରୁ ବେଦବ୍ୟାସ ପୀଠରେ କାଉଡିଆ ଭକ୍ତ ଭିଡ ଜମାଇଥିଲେ। ପରେ ସେମାନେ ବାଲୁକେଶ୍ୱର ପୀଠରେ ଥିବା ଶିବଲିଙ୍ଗ ଉପରେ ଜଳାଭିଷେକ କରିଥିଲେ। ବାସନ୍ତୀ କଲୋନି ସ୍ଥିତ ବାବା ଆଖଣ୍ଡଳମଣି ମନ୍ଦିର ପରିସରରେ ମୁଖ୍ୟ ପଣ୍ଡିତ ତୁଳସୀ ପ୍ରସାଦ ନନ୍ଦଙ୍କ ତତ୍ତ୍ୱାବଧାନରେ ସମସ୍ତ ନୀତିକାନ୍ତି କରାଯାଇଥିଲା। ଏହି ପୂଜା ସମାପନ ପରେ ସକାଳ ୫ଟାରେ ମନ୍ଦିର ପହଡ ଖୋଲିବା ପରେ ଶ୍ରଦ୍ଧାଳୁ ବାବା ଆଖଣ୍ଡଳମଣିଙ୍କ ଉପରେ ଜଳାଭିଷେକ କରିଥିଲେ। ମନ୍ଦିର କମିଟି ପକ୍ଷରୁ ଏଠାକୁ ଆସିଥିବା ଭକ୍ତଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। ସେହିପରି ସହରର ଅନ୍ୟ ଶିବ ମନ୍ଦିର ଗୁଡିକରେ ଭକ୍ତମାନଙ୍କ ଭିଡ ହୋଇଥିଲା।



ଧବଳେଶ୍ୱର ପୀଠରେ ଜଳାଭିଷେକ ପାଇଁ କାଉଡିଆଙ୍କ ଭିଡ଼।

# ରାଉରକେଲା, ସୁନ୍ଦରଗଡ଼ରୁ ଯୋଗଦେବେ ୧୬ ଖେଳାଳି

ରାଉରକେଲା,୨୮।୭(ସଙ୍ଗୀତା ଜେନା): ଇଣ୍ଡିଆନ୍ ପାୱାରଲିଫ୍ଟିଂ ଫେଡେରେଶନ ପକ୍ଷରୁ ଆସନ୍ତା ଅଗଷ୍ଟ ୧୮ରୁ ୨୧ ତାରିଖ ପର୍ଯ୍ୟନ୍ତ ଝାଡ଼ଖଣ୍ଡ ଜାମସେଦପୁରଠାରେ ଜାତୀୟ ସିନିଅର ଏବଂ ମାଷ୍ଟର୍ସ ଶକ୍ତି ଓ ଭାରୋତ୍ତୋଳନ ପ୍ରତିଯୋଗିତା ହେବ। ଏଥିପାଇଁ ରାଉରକେଲା ଏବଂ ସୁନ୍ଦରଗଡ଼ରୁ ବିଭିନ୍ନ ବର୍ଗରେ ମୋଟ ୧୬ ଜଣ ଖେଳାଳି ମନୋନୀତ ହୋଇଥିବା ସୂଚନା ମିଳିଛି। ଉକ୍ତ ଖେଳାଳିମାନେ ହେଲେ ଜିଲା ଖେଳକୁଦ ସଂଘର ପାୱାରଲିଫ୍ଟିଂରେ

## ଜାତୀୟ ଶକ୍ତି, ଭାରୋତ୍ତୋଳନ ପ୍ରତିଯୋଗିତା

ସିନିଅର ବର୍ଗର ସଚ୍ଚିନ୍ଦ୍ର କେର୍କେଟା( ୫୯ କେଜି), ଦିଲେଶ୍ୱ ସାହୁ(୧୦୫ କେଜି), ରାଉରକେଲା ଇସ୍ପାତ କାରଖାନା ସିନିଅର ବର୍ଗରେ ବନାନୀ ବିଶ୍ୱାସ(୬୩ କେଜି), ଆଶିଷ ମହାପାତ୍ର(୧୨୦କେଜି), ମାଷ୍ଟର୍ସଖେଳାଳିରେ ଅରବିନ୍ଦ ନାଏକ(୬୯ କେଜି), ପ୍ରଦ୍ୟୁମ୍ନ ଭୂତିଆ(୭୪ କେଜି), ସନ୍ତୋଷ ଭୂୟାଁ(୮୩ କେଜି), ରବିନ୍ଦ୍ର ଗଣ୍ଡ(୧୦୫ କେଜି), ବିଜୟ ରାଉଳ(୧୨୦ କେଜି), ପି. କେ. ମିଶ୍ର( ୧୨୦ କେଜି) । ସେହିପରି ବେଞ୍ଚ୍‌ପ୍ରେସରେ ଜିଲା ଖେଳକୁଦ ସଂଘ(ସୁନ୍ଦରଗଡ଼)ର ଦିଲେଶ୍ୱର ସାହୁ (୧୦୫ କେଜି), ଇସ୍ପାତ କାରଖାନାର ବନାନୀ ବିଶ୍ୱାସ(୬୩ କେଜି), ଆଶିଷ ମହାପାତ୍ର(୧୨୦ ଜେକ), ମାଷ୍ଟର୍ସ ବର୍ଗରେ ଅରବିନ୍ଦ ନାଏକ( ୬୯ କେଜି), ପ୍ରଦ୍ୟୁମ୍ନ ଭୂତିଆ(୭୪ କେଜି), ସନ୍ତୋଷ ଭୂୟାଁ ( ୮୩ କେଜି), ରବିନ୍ଦ୍ର ଗଣ୍ଡ(୧୦୫ କେଜି), ବିଜୟ ରାଉଳ (୧୨୦ କେଜି), ପି. କେ. ମିଶ୍ର( ୧୨୦ କେଜି) ଏବଂ ଜିଲା ଖେଳକୁଦ ସଂଘର ସିଲଭେଷ୍ଟର ଡୁଙ୍ଗଡୁଙ୍ଗ( ୮୩ କେଜି)ଙ୍କୁ ମନୋନୀତ କରାଯାଇଛି। ଉକ୍ତ ଖେଳାଳିମାନଙ୍କୁ ଜିଲା ଖେଳକୁଦ ସଂଘ ସମ୍ପାଦକ ପ୍ରଭାତ ଭୋଳ, ରାଉରକେଲା ୟଙ୍ଗମ୍ୟାନ୍ସ ଆସୋସିଏଶନର ସଭାପତି ବିଷ୍ଣୁ ମହାନ୍ତି, ସମ୍ପାଦକ ବାସୁଦେବ ବାନାର୍ଜୀ, ରାଉରକେଲା ଇସ୍ପାତ କାରଖାନାର କୋଚ୍ ବିକ୍ରମ ସ୍ୱାଇଁ, ପୂର୍ବତନ ଭାରୋତ୍ତୋଳନକାରୀ ସ୍ମିତା ବାରିକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଜିଲାପାଳଙ୍କୁ ଦାବିପତ୍ର ଦେଲା ବିଜେଡି

ରାଉରକେଲା,୨୮।୭(ଦିନେଶ ମିଶ୍ର)

## ମୌଳିକ ସମସ୍ୟା ସମାଧାନ ଦାବି

ଇସ୍ପାତ ସହରାଞ୍ଚଳ ତଥା ବସ୍ତି ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ ଦାବିରେ ରଘୁନାଥପାଲି ନିର୍ବାଚନମଣ୍ଡଳୀ ବିଜୁ ଜନତାଦଳ ପକ୍ଷରୁ ସୋମବାର ସର୍କିଟ୍ ହାଉସରେ ଜିଲାପାଳ ଶୁଭଙ୍କର ମହାପାତ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବତନ ବିଧାୟକ ସୁବ୍ରତ ତରାଇଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳ ମହାପାତ୍ରଙ୍କୁ ଭେଟି ଇସ୍ପାତ ସହର ତଥା ବସ୍ତିତଳି ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ରାସ୍ତାଘାଟ, ପାନୀୟଜଳ, ସ୍ୱାସ୍ଥ୍ୟ, ପରିମଳ ଆଦି ମୌଳିକ ସମସ୍ୟାର ସମାଧାନ କରିବା ଦିଗରେ ଆଲୋଚନା କରିଥିଲେ। ତେବେ ଅଗ୍ରାଧିକାର ଭିତ୍ତିକ ସମସ୍ୟାଗୁଡିକର ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ଜିଲାପାଳ ପ୍ରତିନିଧି ମଣ୍ଡଳୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବିଜେଡିର ବରିଷ୍ଠ ନେତା ସୁଧୀର ସୁନ୍ଦର ରାୟ, ଆର୍ତ୍ତ ମହାରଣା, ପ୍ରଶାନ୍ତ ସେଠୀ, ସତ୍ୟାନନ୍ଦ ବେହେରା, ଚାମର ସିଂ, ପ୍ରସାଦ ମଲ୍ଲିକ, ପ୍ରମୋଦ ସେଠୀ, ରମାକାନ୍ତ ରଥ, ପ୍ରବୀର ମାଝୀ, ପରଦା ପ୍ରସନ୍ନ ଦାସ, ପ୍ରହଲ୍ଲାଦ ନାୟକ, ଅମର ମହାନ୍ତି, ଜୟନ୍ତୀ ଦାସ, ସୁଭଦ୍ରା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଦାବିପତ୍ର ପ୍ରଦାନ ବେଳେ ଜିଲାପାଳଙ୍କ ସହ ବିଜେଡି ନେତୃବୃନ୍ଦ।

# ଶିଶୁର ବୌଦ୍ଧିକ ବିକାଶ ପାଇଁ ଅଭିଭାବକ ମୁଖ୍ୟ ପ୍ରେରଣାଦାୟୀ

ରାଉରକେଲା, ୨୮।୭(ବିପ୍ଳବ ରଞ୍ଜନ ଦାଶ)

ଶିଶୁର ସାମାଜିକ, ଆବେଗିକ, ବୌଦ୍ଧିକ ଏବଂ ଶାରୀରିକ ବିକାଶ କ୍ଷେତ୍ରରେ ବୈଜ୍ଞାନିକ ବିଶ୍ଳେଷଣ ବା ଅଧ୍ୟୟନ ହିଁ ଶିଶୁ ମନସ୍ତତ୍ତ୍ୱ। ଫଳରେ ଶିଶୁର ଚିନ୍ତନ, ଅନୁଭବ ଏବଂ ଆଚରଣକୁ ଉପଲବ୍ଧି କରାଯାଇଥାଏ ବୋଲି ଜ୍ଞାନ ପ୍ରକାଶ ସାରସ୍ୱତ ସଙ୍ଗଠନ ରାଉରକେଲା ଶାଖା ପକ୍ଷରୁ ସୋମବାର ଆୟୋଜିତ ସାହିତ୍ୟ ଆସରରେ ବକ୍ତାମାନେ ମତପୋଷଣ କରିଛନ୍ତି। ଛେଣ୍ଡ କଲୋନିସ୍ଥିତ ମଧୁସୂଦନ ପାଠାଗାରରେ ଜିଲା ମୁଖ୍ୟ ସଂଯୋଜକ ନିରୂପମା ପତିଙ୍କ ଆବାହକତ୍ୱ ଏବଂ ସଙ୍ଗଠନର ସଭ୍ୟା ଅମ୍ବିକା ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆସରରେ ସମ୍ପାଦକ ଡ. ସରୋଜ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଶିଶୁ ସାହିତ୍ୟିକ ତଥା ଟିକିଟିକି ସୁନାଫୁଲର ସମ୍ପାଦକ ସୁନୀଲ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ 'ଅଭିଭାବକୀୟ





ସାହିତ୍ୟ ଆସରରେ ଉପସ୍ଥିତ ଅତିଥି, କବୟିତ୍ରୀ ଏବଂ କବି।

ଚିନ୍ତନରେ ଶିଶୁମନସ୍ତ' ଶୀର୍ଷକରେ କହିଲେ, ଯେଉଁମାନେ ଶିଶୁର ରକ୍ଷଣାବେକ୍ଷଣ କରନ୍ତି ବା ତତ୍ତ୍ୱାବଧାରକ ସେମାନେ ଅଭିଭାବକ। ଏହି ଅଭିଭାବକମାନେ ଶିଶୁଙ୍କୁ ବସ୍ତୁବାଦୀ ହେବାକୁ ଶିକ୍ଷା ନ ଦେଇ ବରଂ ଅବସ୍ତୁବାଦୀ ହେବାକୁ ଶିକ୍ଷାଦେବା ଉଚିତ। ଟଙ୍କା, ସୁନା, ରୁପା, ଗାଡ଼ି ଆଦି ବସ୍ତୁଠାରୁ ସ୍ନେହ, ପ୍ରେମ, ଦୟା, କରୁଣା, ପାଣି, ପବନ, ମାଟି ଆଦି ଅବସ୍ତୁ ବହୁ ମୂଲ୍ୟବାନ୍। ଉଭୟ ପିତାମାତା, ଶିକ୍ଷକ, ଅଭିଭାବକ, ସାହିତ୍ୟିକ ଓ ସମାଜ ଶିଶୁର ମନସ୍ତରେ ବୌଦ୍ଧିକ, ଆବେଗିକ, ସାମାଜିକ ସ୍ୱାସ୍ଥ୍ୟ ଆଦିର ବିକାଶ ଦିଗକୁ ଦୃଷ୍ଟି ଦେବା ଉଚିତ। ସେହିପରି ଶିକ୍ଷାବିତ୍ ମଞ୍ଜୁଳା କୁମାରୀ ରଥ ମୁଖ୍ୟଅତିଥି, ବିଜୟ କୁମାର ବରାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ସୁଚିତ୍ରା ଲେଙ୍କା ଅତିଥି ପରିଚୟ ଓ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ କବି ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ କବିତା ପାଠୋତ୍ସବ ହୋଇଥିଲା। ଚିନ୍ମୟୀ ପୁରୋହିତ ଓ ସୁଚିତ୍ରା ଲେଙ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବ୍ରଜକିଶୋର ଦାଶ, ଉପେନ୍ଦ୍ର ବଡିଆ, ସତ୍ୟବ୍ରତ ଦାସ, ନିକୁଞ୍ଜ ବିହାରୀ ଦାସ, ବ୍ରହ୍ମାନନ୍ଦ ପାଢ଼ୀ, ଅଜୟ ମହାନ୍ତି, ଗୌତମ ଦାସ, ପଣ୍ଡିତ ନିଶିକାନ୍ତ ମିଶ୍ର, ବବିତା ମହାଳିକ, ହୃଷୀକେଶ ସାହୁ, ସତ୍ୟନାରାୟଣ ଦାସ, ବିଷ୍ଣୁ ମୋହନ ପରିଡା ପ୍ରମୁଖ କବିତା ପାଠ କରିଥିଲେ। ଏହି ଅବସରରେ କବିମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ନିରୂପମା ପତି ଧନ୍ୟବାଦ ଅର୍ପଣ କରିଥିଲେ।

**ଶିକ୍ଷକ ଅଭିଭାବକ ସମ୍ମିଳନୀ**

ବେଲପଡ଼ା,( ମନୋଜ କୁମାର ମିଶ୍ର): ବଲାଙ୍ଗୀର ଜିଲା ବେଲପଡ଼ାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ରବିବାର ଦିନ ଶିକ୍ଷକ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ଉପାଧ୍ୟକ୍ଷ ରାଜନାରାୟଣ ମେହେରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ବିଦ୍ୟାଳୟର ସମସ୍ତ ସଦସ୍ୟ ତଥା ଅଭିଭାବକ ଯୋଗ ଦେଇଥିଲେ। ବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ତାର ସମାଧାନ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ଶିକ୍ଷକ ଅଭିଭାବକ ପରିଷଦ ଗଠନ କରାଯାଇ ନୂତନ ସଦସ୍ୟଙ୍କୁ ସ୍ୱାଗତ କରାଯାଇଥିଲା।

**ଟିଟିଲାଗଡରେ ଶିଶୁ ବିକ୍ରି ଘଟଣା**

# ପାଇକମାଳରୁ ଶିଶୁକନ୍ୟା ଉଦ୍ଧାର



ପୂର୍ବତନ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ପୀଡିତ ଦମ୍ପତିଙ୍କୁ ଭେଟି ଆଲୋଚନା କରୁଛନ୍ତି।



ବାଗଡେର ଗାଁରେ ଏଡିଏମ ଡ. ବିଜୟାନନ୍ଦ ସେଠୀ ଓ ପ୍ରଶାସନିକ ଟିମ୍ ପଚରାଉଚରା କରୁଛନ୍ତି।

- ବାଗଡେରରେ ପହଞ୍ଚିଲେ ବିଧାୟକ, ଏଡିଏମ୍, କଂଗ୍ରେସ, ବିଜେଡି ଟିମ୍
- ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା କଂଗ୍ରେସ
- ସରକାରଙ୍କୁ ବଦ୍‌ନାମ କରିବାକୁ ମନଗଢ଼ା କାହାଣୀ: ନବୀନ ଜୈନ
- ବିକ୍ରି ନୁହେଁ, ବେଆଇନ ପୌଷ୍ୟ ସନ୍ତାନ ଗ୍ରହଣ ହୋଇଥିଲା: ଜିଲା ପ୍ରଶାସନ

ବଲାଙ୍ଗୀର/ଟିଟିଲାଗଡ,୨୮।୭ (ବୀରେନ୍ଦ୍ର କୁମାର ଝାଙ୍କର/ ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଅନ୍ତର୍ଗତ ବାଗଡେର ଗାଁର ଶିଶୁବିକ୍ରି ଘଟଣା ସାମ୍ନାକୁ ଆସିବା ପରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ), ଚାଇଲ୍ଡ ଲାଇନ୍ ଏବଂ ପୋଲିସ ବିଭାଗର ମିଳିତ ଟିମ୍ ରବିବାର ବିଳମ୍ବିତ ରାତିରେ ବରଗଡ ଜିଲା ପାଇକମାଳର ବସଷ୍ଟାଣ୍ଡପଡାର ଏକ ଦମ୍ପତିଙ୍କ ନିକଟରୁ ଉକ୍ତ ଶିଶୁକନ୍ୟାକୁ ଉଦ୍ଧାର କରିଥିବା ଜଣାଯାଇଛି। ଉଦ୍ଧାର ଶିଶୁକନ୍ୟାକୁ ପ୍ରଥମେ ଶିଶୁ ମଙ୍ଗଳ ସମିତି (ସିଡବ୍ଲୁସି)ରେ ପ୍ରଡ୍ୟୁସ୍ କରିବା ପରେ ସୋମବାର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ଏମସିଏଚ୍ ୱାର୍ଡରେ ଭର୍ତ୍ତି କରିଥିଲେ। ସେଠାରେ ଶିଶୁକନ୍ୟାର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେ ଏବେ ସୁସ୍ଥ ଥିବା ଜଣାପଡିଛି। ତେବେ ସାମାଜିକ ଗଣମାଧ୍ୟମରେ ଉକ୍ତ ଶିଶୁକନ୍ୟାକୁ ତାଙ୍କ ମାତାପିତା ପାଇକମାଳର ଦମ୍ପତିକୁ ଟେକିଦେବା ଭିଡିଓ ଭାଇରାଲ ହେବା ପରେ ଏହା ଶିଶୁବିକ୍ରି ବୋଲି ଚର୍ଚ୍ଚା ଜୋର ଧରିଛି।

ଏହି ଘଟଣାକୁ ନେଇ ସୋମବାର ବାଗଡେର ଗାଁ ଓ ଟିଟିଲାଗଡ ଠାରେ ଦିନତମାମ ପ୍ରଶାସନିକ ଗତିବିଧି ଏବଂ ରାଜନୀତି ଜୋର ଧରିଥିବା ଦେଖାଯାଇଛି। ଦାରିଦ୍ର୍ୟ କଷାଘାତରୁ ବାଗଡେର ଗାଁର ଦମ୍ପତି ନୀଳ ରଣା ଓ କନକ ରଣା ତାଙ୍କ ଶିଶୁକନ୍ୟାକୁ ୨୦ ହଜାର ଟଙ୍କାରେ ବରଗଡ ଜିଲା ପାଇକମାଳର ଏକ ଦମ୍ପତିଙ୍କୁ ବିକ୍ରି କରି ଦେଇଥିବା



ଶିଶୁକନ୍ୟାକୁ ହସ୍ତାନ୍ତର କରାଯିବା ଭାଇରାଲ ଭିଡିଓ

ନେଇ ରବିବାର ଜଣାପଡିଥିଲା। ପ୍ରଶାସନର ମିଳିତ ଟିମ୍ ବିଳମ୍ବିତ ରାତିରେ ପାଇକମାଳର ଦମ୍ପତି ସଞ୍ଜୟ ଗୁର୍ଲା ଏବଂ ସୁରଭି ଗୁର୍ଲାଙ୍କ ଠାରୁ ଶିଶୁକନ୍ୟାକୁ ଉଦ୍ଧାର କରିଥିଲେ। ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ଅନୁପମା ପ୍ରଧାନ, ଟିଟିଲାଗଡ ସିଡିପିଓ ସୁଷମା ପାଢ଼ୀ ଓ ଅନ୍ୟ ଅଧିକାରୀମାନେ ସୋମବାର ବାଗଡେର ଗାଁକୁ ଯାଇ ଶିଶୁବିକ୍ରି ଅଭିଯୋଗ ଉପରେ ତଦନ୍ତ କରିଥିଲେ। ଉଭୟ ପକ୍ଷ ଭିତରେ ଶିଶୁବିକ୍ରି ସଂକ୍ରାନ୍ତରେ କୌଣସି ଲିଖିତ ରାଜିନାମା ଓ ଟଙ୍କା ନେଣଦେଣ ହୋଇଥିବାର ପ୍ରମାଣ ନ ଥିବା ପ୍ରଶାସନିକ ଟିମ୍ ତଥ୍ୟ ସଂଗ୍ରହ କରିଥିବା କହିଛନ୍ତି। ତେବେ ଶିଶୁ ପାଇକମାଳରୁ ଉଦ୍ଧାର ହୋଇଥିବାରୁ ବେଆଇନ ଭାବେ ପୌଷ୍ୟ ସନ୍ତାନ ହୋଇଥିବା ଜଣାପଡିଥିବା ଟିମ୍ ସ୍ୱୀକାର କରିଥିବା ଜଣାପଡିଛି। ପ୍ରଶାସନିକ ଟିମ୍ ତଦନ୍ତ କରିବାରେ ବାଗଡେର ଗାଁର କନକଙ୍କୁ ସୁଭଦ୍ରା ଯୋଜନାର ଦୁଇଟି କିସ୍ତି ମିଳିଥିବା ଜଣାପଡିଥିଲା। ରଣା ପରିବାରର ରାଶନ କାର୍ଡ ରହିଥିଲେ ମଧ୍ୟ ତାହା ନୀଳ ରଣାଙ୍କ ପ୍ରଥମ ସ୍ତ୍ରୀଙ୍କ ପାଖରେ ରହିଥିବା ଜଣାପଡିଛି।

ଶିଶୁବିକ୍ରି ଅଭିଯୋଗ ଉଠିବା ପରେ ଜଣେ ଯୋଗାଣ ସହାୟକ ପୀଡିତ ପରିବାରକୁ ୨୫ କେଜି ଚାଉଳ ଦେଇଥିବା ଆଜି ଜଣାପଡିଥିଲା। ତେବେ ୨୦ ହଜାର ଟଙ୍କା ନେଇ ନୀଳ ଶିଶୁବିକ୍ରି କରିଥିବା ଅଭିଯୋଗ ହୋଇଥିଲେ ମଧ୍ୟ ସେ ଏ ସଂକ୍ରାନ୍ତରେ ମତ ପରିବର୍ତ୍ତନ କରୁଥିବା ଦେଖାଯାଇଥିଲା। ଟିଟିଲାଗଡ ବିଧାୟକ ନବୀନ ଜୈନ ବାଗଡେର ଗାଁକୁ ଯାଇ ପୀଡିତ ଦମ୍ପତିଙ୍କୁ ଭେଟି ଆଲୋଚନା କରିଥିଲେ। ଏହାପରେ ସେ ଶିଶୁବିକ୍ରିକୁ ଅସ୍ୱୀକାର କରିବା ସହ ସରକାରଙ୍କୁ ବଦନାମ କରିବା ପାଇଁ ବିରୋଧୀଙ୍କ ଏହା ଏକ ଷଡଯନ୍ତ୍ର ବୋଲି ଗଣମାଧ୍ୟମକୁ କହିଥିଲେ।

ଅନ୍ୟପଟେ କଂଗ୍ରେସ ଏବଂ ବିଜେଡି ଟିମ୍ ବାଗଡେରରେ ପହଞ୍ଚି ପୀଡିତ ଦମ୍ପତିଙ୍କୁ ଭେଟିବା ସହ ଦାରିଦ୍ର୍ୟ ଯୋଗୁ ଶିଶୁବିକ୍ରି ହୋଇଥିବା ଅଭିଯୋଗ କରିଛନ୍ତି। କଂଗ୍ରେସର ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ପିସିସି ପ୍ରବକ୍ତା ଅରବିନ୍ଦ ଦାସ, କଂଗ୍ରେସ ନେତା ବୀରେନ୍ଦ୍ର ବାଗ, ଘାସିରାମ ମାଝି ଓ ସୌଦାମିନୀ ମାଝି, ଜ୍ୟୋତ୍ସ୍ନା ବଗର୍ତ୍ତୀ, ଗଣେଶ ସାହୁ ଓ ଅନ୍ୟମାନେ ପୀଡିତ ପରିବାରକୁ ଭେଟିଛନ୍ତି। ଉକ୍ତ ଦାରିଦ୍ର୍ୟ କାରଣରୁ ଏପରି ଘଟଣା ଘଟିଥିବା ଅଭିଯୋଗ କରି ଏଥିପାଇଁ ସରକାର ଦାୟୀ ବୋଲି କହିଛନ୍ତି। ପୂର୍ବତନ ବିଧାୟକ ସାଲୁଜା ଶିଶୁବିକ୍ରି ପାଇଁ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। କଂଗ୍ରେସ ଟିଟିଲାଗଡ ଠାରେ ଏକ ଖବରଦାତା ସମ୍ମିଳନୀ କରିଛି। ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ସରୋଜ ମେହେର ଏବଂ କେତେଜଣ ବିଜେଡି ନେତା ବାଗଡେର ଗାଁରେ ପହଞ୍ଚି ପୀଡିତ ପରିବାରକୁ ଭେଟିବା ସହ ଶିଶୁବିକ୍ରି ଘଟଣା ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି। ଗତ ଜୁନ୍ ୨୦ ତାରିଖରେ ଜନ୍ମ ଗ୍ରହଣ କରିଥିବା ଶିଶୁକନ୍ୟାକୁ ତାଙ୍କ ମାତାପିତା ଜୁନ୍ ୨୬ ତାରିଖ ଦିନ ପାଇକମାଳର ଗୁର୍ଲା ଦମ୍ପତିଙ୍କୁ ଗାଁର ଅନେକ ବ୍ୟକ୍ତିଙ୍କ ଉପସ୍ଥିତିରେ ହସ୍ତାନ୍ତର କରୁଥିବାର ଏକ ଭିଡିଓ ଆଜି ଭାଇରାଲ ହେବା ପରେ ଘଟଣାଟି ଅଧିକ ଚର୍ଚ୍ଚାର ବିଷୟ ହୋଇଛି।

## ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା

**ଜଣେ ମହିଳା ମୃତ, ୩ ଆହତ**

ଲୋଇସିଂହା,୨୮।୭(ସୁଶାନ୍ତ ବାରିକ)

ସୋମବାର ବଲାଙ୍ଗୀର-ବରଗଡ ୨୬ନଂ ଜାତୀୟ ରାଜପଥ ଲୋଇସିଂହା ଥାନା ଅନ୍ତର୍ଗତ ରାମପୁରଠାରେ ସୋମବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି ଓ ୩ ଜଣ ଆହତ ହୋଇଛନ୍ତି। ମୃତା ମହିଳା ହେଲେ ବରଗଡ ମଙ୍ଗଳାପଡାର ଜ୍ୟୋତ୍ସ୍ନା ତାଣ୍ଡି(୪୦) । ଏହି ଦୁର୍ଘଟଣାରେ ମୃତା ମହିଳାଙ୍କ ସ୍ୱାମୀ ଶୁକଦେବ ତାଣ୍ଡି, ଆଗଲପୁର ବ୍ଲକ ରୋତ ଗ୍ରାମର ବିନୋଦ ବିହାରୀ ସାହୁ(୫୫) ଓ ରୋହିତ କୁମାର ପଟେଲ ଆହତ ହୋଇଛନ୍ତି । ସେମାନଙ୍କୁ ଲୋଇସିଂହା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ଅପରପକ୍ଷେ ଲୋଇସିଂହା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜକୁ ପଠାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ୨ ବାଇକ୍‌କୁ ଜବତ କରି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ପୋଲିସ ସୂଚନା ଅନୁଯାୟୀ, ମଧ୍ୟାହ୍ନରେ ବରଗଡ ସହରର ମଙ୍ଗଳାପଡାର ତାଣ୍ଡି ଦମ୍ପତି ଏକ ବାଇକ୍ (ନଂ ଓଆର୧୭ ଏଚ୍ ୩୯୪୮) ଯୋଗେ ବଲାଙ୍ଗୀର ଜିଲା ପୁଇଁତଲା ଥାନା ଗଇଁତଲା ଗ୍ରାମର ସମ୍ପର୍କୀୟଙ୍କ ଘରକୁ ଶୁଦ୍ଧି ଘର କାମରେ ଆସି ବରଗଡ ଘରକୁ ଫେରୁଥିଲେ । ସେମାନେ ରାମପୁର ପର୍ଯ୍ୟନ୍ତ ହୋଇଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ (ନଂଓଡି୦୩ ଏ୮୯୬୯)ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଜ୍ୟୋତ୍ସ୍ନା ବାଇକ୍‌ରୁ ଛିଟିକି ପଡିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଲୋଇସିଂହା ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣାରେ ଅନ୍ୟ ବାଇକ୍‌ରେ ଥିବା ରୋତ ଗ୍ରାମର ବିନୋଦ ବିହାରୀ ଓ ରୋହିତ ମଧ୍ୟ ଆହତ ହୋଇଥିଲେ ।

## ଆଇନ ସଚେତନତା ଶିବିର




ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର,୨୮।୭ (ବୀରେନ୍ଦ୍ର କୁମାର ଝାଙ୍କର)

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବଲାଙ୍ଗୀର ଲିଟିଲ ଫ୍ଲାୱାର ସ୍କୁଲଠାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ଅଧ୍ୟକ୍ଷ ଡ. ପବିତ୍ର ମୋହନ ସାମଲ ଯୋଗଦେଇ ଶିଶୁ ଏବଂ କର୍ମ କ୍ଷେତ୍ରରେ ମହିଳାମାନଙ୍କ ଉପରେ ହେଉଥିବା ଯୌନ ଅତ୍ୟାଚାର ଓ ଏହାର ପ୍ରତିକାର ଉପରେ ଆଲୋକପାତ କରିଥିଲେ। ପରିବାର ଅଦାଲତ ଜଜ୍ ବିକ୍ରମ କେଶରୀ ପଟ୍ଟନାୟକ ପୋକ୍‌ସୋ ଓ ପୋସ ଆଇନର ବିଭିନ୍ନ ପ୍ରକାର ଦଣ୍ଡ ବିଧାନ ଉପରେ ଆଲୋକପାତ କରିଥିଲେ। ଶିବିରରେ ପୋକ୍‌ସୋ କୋର୍ଟ ଜଜ୍ ସୁନନ୍ଦା ପାଢୀ ପୋକ୍‌ସୋ ଆଇନର ବିଭିନ୍ନ ଦିଗ ଉପରେ ସଚେତନତା କରିଥିଲେ। ଜେଏମଏଫସି କୋର୍ଟ ଜଜ୍ ଅର୍ଘ୍ୟରୂପା ମିଶ୍ର ପୋସ ଆଇନ ଉପରେ ଆଲୋକପାତ କରିବା ସହିତ ଏହି ଆଇନରେ ଥିବା ବିଭିନ୍ନ କମିଟିର କାର୍ଯ୍ୟକାରିତା ଉପରେ ଅବଗତ କରାଇଥିଲେ। ପ୍ରାଧିକରଣର ସଚିବ ପବିତ୍ରାନନ୍ଦ ପ୍ରଧାନ ଆଇନ ସେବା ପ୍ରାଧିକରଣର କାର୍ଯ୍ୟକ୍ରମ ଓ ମହିଳା ଏବଂ ଶିଶୁମାନଙ୍କ ଉଦ୍ଦେଶ୍ୟରେ ଜାତୀୟ ଆଇନ ସେବା ପ୍ରାଧିକରଣର ବିଭିନ୍ନ ଯୋଜନା ଉପରେ ଅବଗତ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ସ୍ୱାଗତ ଭାଷଣ ଦେବା ସହ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ମଣିଷ ହେବା ସହ ସମାଜ ସେବା କରିବା ପାଇଁ ଉପଦେଶ ଦେଇଥିଲେ।

## 'ରଚନା' ପକ୍ଷରୁ ଗଗନ ସ୍ୱାଇଁ ସ୍ମାରକୀ ବକ୍ତୃତା

ବଲାଙ୍ଗୀର, ୨୮।୭ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀରର ସାରସ୍ୱତ ଅନୁଷ୍ଠାନ 'ରଚନା' ପକ୍ଷରୁ ରବିବାର ସନ୍ଧ୍ୟାରେ ସ୍ଥାନୀୟ ପତିତ ପାବନ ଏକାଡେମୀଠାରେ 'ଗଗନ ସ୍ୱାଇଁ ସ୍ମାରକୀ ବକ୍ତୃତା' ଅନୁଷ୍ଠିତ ହୋଇଥିଲା। 'ଆମ କାବ୍ୟ କବିତାର ଭାବଭୂମି' ଶୀର୍ଷକରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡ.ବଳଭଦ୍ର ଦାଶ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ଓଡ଼ିଆ କାବ୍ୟ ପରମ୍ପରାର ସ୍ଥିତି, ଗତି ଓ ପ୍ରକୃତି ଅତ୍ୟନ୍ତ ସୁଦୃଢ ଓ ଶକ୍ତିଶାଳୀ ବୋଲି ପ୍ରଫେସର ଦାଶ କହିବା ସହ ଓଡିଆ କାବ୍ୟ କବିତାର ବିଷୟବସ୍ତୁ ଓ ଏଥିରେ ସନ୍ନିବେଶିତ ବିଭିନ୍ନ କାବ୍ୟରସ ସମାଜର ବିଭିନ୍ନ ବର୍ଗର ମାନସିକତା ଅନୁଯାୟୀ ଉପଯୋଗୀ ଓ ହୃଦୟଗ୍ରାହୀ ହୋଇପାରିଥିବା କହିଥିଲେ। ବଲାଙ୍ଗୀରର ଜଣାଶୁଣା କବି, ଗାଳ୍ପିକ ଓ ଚିତ୍ରଶିଳ୍ପୀ ସ୍ୱର୍ଗତ ଗଗନ ସ୍ୱାଇଁଙ୍କ ଜନ୍ମଦିନ ଅବସରରେ 'ରଚନା' ସଭାପତି ସନାତନ ଠାକୁରଙ୍କ ଅଧ୍ୟକ୍ଷତାରେ ଏହି ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଭାଗୀରଥି ମିଶ୍ର ପ୍ରଥମେ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ବିଶିଷ୍ଟ କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀ ଭଜନ ପରିବେଷଣ କରିଥିଲେ। କବି ଆନନ୍ଦ ଚନ୍ଦ୍ର ସାହୁ, କବି ଝରଣା ସାହୁ, କବି ରାଜୀବ ଲୋଚନ ଆଚାର୍ଯ୍ୟ ଓ ଅଧ୍ୟାପକ କୌତୁକ ପନ୍ଦର ଗଗନ ସ୍ୱାଇଁଙ୍କ କବିତା ଓ ଗଳ୍ପ ପାଠ କରିଥିଲେ। ସୋମ୍ୟା ମଧୁପର୍ଣ୍ଣା ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହସମ୍ପାଦକ ରନ୍ମୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସହରର ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଓ ସାହିତ୍ୟ-ସଂସ୍କୃତିପ୍ରେମୀ ଯୋଗ ଦେଇଥିଲେ।




ଗଗନ ସ୍ୱାଇଁ ସ୍ମାରକୀ ବକ୍ତୃତାରେ ମଞ୍ଚାସୀନ ଅତିଥି।

## ଅଜଣା ଗାଡ଼ି ଧକ୍କାରେ ବାପ ପୁଅ ମୃତ : ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

ଟିଟିଲାଗଡ଼,୨୮।୭(ଶରତ ମିଶ୍ର)

ସୋମବାର ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲା ଥାନା ଅନ୍ତର୍ଗତ ଜାମଖୁଣ୍ଟା ବୁଲାଣି ନିକଟ ଭବାନୀପାଟଣା - ଖରିଆର ୧୬ ନମ୍ବର ରାଜ୍ୟ ରାଜପଥରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ବାପ ପୁଅଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଉପେନ୍ଦ୍ର ଶବର (୪୦) ଓ ହରିଓମ୍ (୧୨) । ଦୁର୍ଘଟଣାକୁ କେନ୍ଦ୍ରକରି ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଘଟଣାସ୍ଥଳରେ ପ୍ରାୟ ୩ ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ । ଫଳରେ ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ିମୋଟର ଅଟକି ରହିଥିଲା ।

ମିଳିଥିବା ସୂଚନା ଅନୁଯାୟୀ, ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଖାସବାହାଲ ଗ୍ରାମର ଉପେନ୍ଦ୍ର ଶବର ତାଙ୍କ ସମ୍ପର୍କୀୟଙ୍କ ଘରେ ରହି ପାଠ ପଢୁଥିବା ପୁଅ ହରିଓମ୍‌ଙ୍କୁ ଆଣିବା ପାଇଁ କଳାହାଣ୍ଡି ଜିଲା କେଗାଁ ଥାନା ଅନ୍ତର୍ଗତ ଗୁରଜୁମ ଗ୍ରାମକୁ ଯାଇଥିଲେ। ଉପେନ୍ଦ୍ର ଏକ ବାଇକ୍ (ନଂଓଡି୨୬ଏଚ-୩୩୪୭) ଯୋଗେ ପୁଅକୁ ଧରି ଫେରିବା ସମୟରେ କୌଣସି ଗାଡି ଧକ୍କା ଦେଇଥିଲା । ଫଳରେ ଦୁର୍ଘଟଣାରେ ବାପ ପୁଅଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି । ଦୁର୍ଘଟଣା ଘଟାଇଥିବା ଗାଡି ଫେରାର ହୋଇଯାଇଛି । ପରେ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ଖରିଆର-ଭବାନୀପାଟଣା ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ସିନ୍ଧେକେଲା ପୋଲିସ ପହଞ୍ଚି ରାସ୍ତା ଅବରୋଧକାରୀଙ୍କୁ ବୁଝାଶୁଝା କରିଥିଲା। କିଛି ସମୟ ପରେ ବଙ୍ଗୋମୁଣ୍ଡା ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ସହାୟତା ରାଶି ଦେବା ପରେ ରାସ୍ତାରୋକୋ ହଟିଥିଲା।

## ଛାତ୍ରୀଙ୍କ ସୁରକ୍ଷା ନେଇ ଆଲୋଚନାଚକ୍ର

କଣ୍ଟାବାଞ୍ଜି,୨୮।୭( ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବୈଷୟିକ ମହାବିଦ୍ୟାଳୟରେ ପୋକ୍‌ସୋ ଆକ୍ଟ ୨୦୧୩, ୟୁଜିସି ଆକ୍ଟ ୨୦୧୫ ଉପରେ ଅଧ୍ୟକ୍ଷ ଡ. ପଦ୍ମଲୋଚନ ବର୍ମାଙ୍କ ସଭାପତିତ୍ୱରେ ଏକ ଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ତଥା ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ସଚେତନ କରିବା ଓ ଅଧିକାର ଜାଣିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟମାନଙ୍କ ଦ୍ୱାରା ଏହି ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏଥିରେ ଅଞ୍ଚଳର ଶିକ୍ଷାବିତ୍, ଐତିହାସିକ ତଥା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଫଣିନ୍ଦମ ଦେଓ ମୁଖ୍ୟବକ୍ତା ଭାବେ ଯୋଗଦେଇ ନାରୀ ନିର୍ଯାତନା, ଅନ୍ଧବିଶ୍ୱାସ, ବିଭିନ୍ନ ନିୟମ ପ୍ରଣୟନର ପୃଷ୍ଠଭୂମି, ଏହାର ଆବଶ୍ୟକତା ଓ କାର୍ଯ୍ୟକାରିତା ଉପରେ ବିଶେଷ ଆଲୋଚନା କରିଥିଲେ। ଅଧ୍ୟାପିକା ଦୀପାଳୀ ଶର୍ମା ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ଡ. ସଞ୍ଜୟ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଇସିସି ଅଧ୍ୟକ୍ଷା ପ୍ରଭାସିନୀ ରାଉତରାୟ ଓ ବାଣିଜ୍ୟ ବିଭାଗ ମୁଖ୍ୟ ଯଶୋବନ୍ତ ନାରାୟଣ ମିଶ୍ର ମଞ୍ଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଉର୍ମିଳା ସାହୁ ବିବରଣୀ ପାଠ କରିଥିଲେ । ସଦସ୍ୟା ସ୍ନାତକୋତ୍ତର ଛାତ୍ରୀ ଅନୁପମା ଦରୁଆନ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ, ଯୁକ୍ତଦୁଇ, ୟୁଜିଓପିଜିଛାତ୍ରୀଛାତ୍ର ଆଲୋଚନାରେ ଭାଗ ନେଇଥିଲେ ।

## ଜମିରେ ପାଣି ଜମି ଚାଷ ନଷ୍ଟ ଅଭିଯୋଗ

ଲୋଇସିଂହା,୨୮।୭(ସୁଶାନ୍ତ ବାରିକ)

ପୋଖରୀ ଠିକାରେ ନେଇଥିବା ବ୍ୟକ୍ତିଙ୍କ ମନମାନୀ ଯୋଗୁ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବେନ୍ଦ୍ରା ପଞ୍ଚାୟତ ବେନ୍ଦ୍ରା ଗ୍ରାମର ଚାଷୀଙ୍କ ଚାଷ ଜମିରେ ପାଣି ଜମି ରହିଛି । ଏକ ସପ୍ତାହ ହେବ ଚାଷଜମିରେ ପାଣି ଜମି ରହିବା କାରଣରୁ ଧାନ ଗଛ ପଚି ନଷ୍ଟ ହେଉଥିବା ନେଇ ଚାଷୀ ତରଣୀ ନାଏକ ସ୍ଥାନୀୟ ସରପଞ୍ଚଙ୍କ ନିକଟରେ ସୋମବାର ଫେରାଦ ହୋଇଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ବେନ୍ଦ୍ରା ଗ୍ରାମର ବାଞ୍ଜିମୁଣ୍ଡା(ପୋଖରୀ)କୁ ପଞ୍ଚାୟତ ପକ୍ଷରୁ ମାଛଚାଷ ପାଇଁ ଲିଜ୍‌ରେ ପ୍ରଦାନ କରାଯାଇଛି । ବେନ୍ଦ୍ରା ଗ୍ରାମର ଜଣେ ବ୍ୟକ୍ତି ଏହି ପୋଖରୀକୁ ଲିଜ୍‌ରେ ନେଇଛନ୍ତି । ଉକ୍ତ ପୋଖରୀ ନିକଟରେ ତରଣୀଙ୍କ ଚାଷ ଜମି ରହିଛି । ହେଲେ ପୋଖରୀର ଉଛୁଳା ପାଣିକୁ ଲିଜଧାରୀ ତଳମୁଣ୍ଡକୁ ଛାଡୁନାହାନ୍ତି । ଫଳସ୍ୱରୂପ ବିହୁଡା ସାରିଥିବା ତରଣୀଙ୍କ ଚାଷ ଜମିରେ ଗୋଟିଏ ସପ୍ତାହ ହେଲା ଆଣ୍ଠୁଏ ପାଣି ଜମି ରହିଛି। ପାଣି ଦୀର୍ଘ ଦିନ ହେଲା ଜମି ରହିବା କାରଣରୁ ଧାନଗଛ ନଷ୍ଟ ହେବାରେ ଲାଗିଛି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି । ଲିଜ୍‌ଧାରୀଙ୍କ ଏପରି ମନୋଭାବ ଯୋଗୁ କେବଳ ଚଳିତବର୍ଷ ନୁହେଁ ପ୍ରତି ଖରିଫରେ ଚାଷ ନଷ୍ଟ ହୋଇଆସୁଛି । ଏହାଛଡା ମରୁଡି ସମୟରେ ତାଙ୍କ ଚାଷଜମିକୁ ପାଣି ଦେଉ ନ ଥିବାରୁ ଖରିଫ ଫସଲ ପ୍ରଭାବିତ ହୁଏ ବୋଲି ସେ ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ ପଞ୍ଚାୟତଠାରୁ ଆରମ୍ଭ କରି ଜିଲା ପ୍ରଶାସନକୁ ତରଣୀ ଜଣାଇ ଆସୁଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବା ଜଣାଯାଇଛି ।

## ମୁଖ୍ୟ ରାସ୍ତାରେ ବୁଲା ଗୋରୁ

**ଦୁର୍ଘଟଣା ଘଟିବା ଆଶଙ୍କା**

ଲାଠୋର,୨୮।୭(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ମୁଖ୍ୟ ରାସ୍ତାରେ ଗୋରୁ ଅବାଧରେ ଚଳପ୍ରଚଳ କରୁଛନ୍ତି । ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିବାରୁ ଦୁର୍ଘଟଣା ଘଟି ଧନଜୀବନ ହାନି ହେବାର ଆଶଙ୍କା ରହିଛି। ଲାଠୋରରୁ କଣ୍ଟାବାଞ୍ଜିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ବିଭିନ୍ନ ସ୍ଥାନରେ ଗୋରୁ ରୁଣ୍ଡ ହୋଇ ରାତି ତମାମ ରହୁଛନ୍ତି। ବିଶେଷ କରି ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ରାତି ୯ ଟାରୁ ସକାଳ ୫ ପର୍ଯ୍ୟନ୍ତ ରହିବା ଦେଖିବାକୁ ମିଳୁଛି। ରାତିରେ କେହି ରୋଗୀ ଚିକିତ୍ସା ପାଇଁ ଆସିଲେ ହଟହଟା ହେବାକୁ ପଡୁଛି। ସେହି ରାସ୍ତା ଦେଇ ବହୁ ସଂଖ୍ୟାରେ ଯାନବାହାନ ଚଳାଚଳ କରୁଛି । କେତେବେଳେ କ'ଣ ଘଟିବ କହି ହେଉନାହିଁ। ରାସ୍ତାରେ ଅଧିକ ସଂଖ୍ୟାରେ ଗୋରୁ ବୁଲିବା ସମସ୍ତେ ଦେଖୁଛନ୍ତି। ହେଲେ କିଏ ରଖିଛନ୍ତି, କାହିଁକି ନିଜ ଘରକୁ ନେଉ ନାହାନ୍ତି କି ଯତ୍ନ କରୁ ନାହାନ୍ତି ତାହା ଜାଣିବା କଷ୍ଟକର ହୋଇଛି। ଆଉ ଯଦି ବୁଲା ଗୋରୁ ତାହେଲେ ପଞ୍ଚାୟତ ପକ୍ଷରୁ କାହିଁକି କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଯଦି କିଛି ଅଘଟଣ ଘଟେ ତାହେଲେ କିଏ ଦାୟୀ ହେବ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି । ଏନେଇ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁସାଲଙ୍କୁ ପଚାରିବାରେ ରାସ୍ତାରେ ରୁଣ୍ଡ ହେଉଥିବା ଗୋରୁ ଯାହାର ସେମାନେ ଦିନେ ଦୁଇ ଦିନ ମଧ୍ୟରେ ନିଜ ନିଜ ଘରକୁ ନ ନେଲେ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ପଞ୍ଚାୟତ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି । ତେବେ କୌଣସି ଅଘଟଣ ଘଟିବା ପୂର୍ବରୁ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।



ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗୋରୁ ରୁଣ୍ଡ ହୋଇଛନ୍ତି।

## ଓଭରହେଡ ଟାଙ୍କି ଅଧାପନ୍ତରିଆ କରି ଠିକାଦାର ଛୁ

- ପନେସରା ଗାଁ ପାନୀୟ ଜଳ ପ୍ରକଳ୍ପ କାମ
- ପ୍ରକଳ୍ପକୁ ନେଇ ଗ୍ରାମବାସୀ ସନ୍ଦିହାନ

ଲୋଇସିଂହା,୨୮।୭(ସୁଶାନ୍ତ ବାରିକ)

ସରକାର ଗ୍ରାମାଞ୍ଚଳ ଲୋକଙ୍କୁ ହର ଘର ନଳ ଯୋଜନାରେ ଘରକୁ ଘର ସ୍ୱଚ୍ଛ ଓ ନିରନ୍ତର ପାଇପ ଜଳ ଯୋଗାଣ ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି । ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ବିପୁଳ ଅନୁଦାନ ମଧ୍ୟ ଯୋଗାଉଛନ୍ତି । ହେଲେ କାମ ପାଉଥିବା ଠିକାଦାରଙ୍କ ମନମାନୀ ଓ ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ପ୍ରକଳ୍ପଗୁଡିକ ଅଗ୍ରଗତି ହୋଇପାରୁନାହିଁ । ଠିକଣା ସମୟରେ ପ୍ରକଳ୍ପ ସରୁ ନ ଥିବାରୁ ଜନସାଧାରଣ ଉପକୃତ ହୋଇ ପାରୁନାହାନ୍ତି । ଏହାର ଉଦାହରଣ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ପନେସରା ଗ୍ରାମର ପାନୀୟ ଜଳ ପ୍ରକଳ୍ପ କ୍ଷେତ୍ରରେ ଦେଖିବାକୁ ମିଳିଛି। ପ୍ରକଳ୍ପର ଓଭରହେଡ ଟାଙ୍କି ନିର୍ମାଣ ଅଧାପନ୍ତରିଆ କରି ପ୍ରାୟ ଅଢେଇ ବର୍ଷ ହେବ ଠିକାଦାର କୁଆଡେ ଛୁ ମାରିଛନ୍ତି । ଏଭଳି ପରିସ୍ଥିତରେ ପ୍ରକଳ୍ପ ଆଉ ହେବ କି ନାହିଁ ତାକୁ ନେଇ ଗ୍ରାମବାସୀ ସନ୍ଦେହରେ ରହିଛନ୍ତି ।

୨ ୱାର୍ଡ ବିଶିଷ୍ଟ ହୀରାପୁର ପଞ୍ଚାୟତ ପନେସରା ଗ୍ରାମର ଜନସଂଖ୍ୟା ୧୨ ଶହ ହେବ। ଗାଁରେ ମାତ୍ର ୩ ଟି ନଳକୂପ ରହିଛି। ନଳକୂପ ପାଣି ପର୍ଯ୍ୟାପ୍ତ ହେଉ ନ ଥିବାରୁ କୂଅ ପାଣିକୁ ଦୈନନ୍ଦିନ କାର୍ଯ୍ୟରେ ବ୍ୟବହାର କରୁଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ ପିଇବା ପାଣିର ଚାହିଦା ପୂରଣ ପାଇଁ ସରକାର ଓ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଗାଁ ତଳମୁଣ୍ଡରେ ଯାଇଥିବା ଘେସରା ନାଳରେ ପାନୀୟ ଜଳ ପ୍ରକଳ୍ପ ଓ ପମ୍ପ ହାଉସ ନିର୍ମାଣାଧୀନ ରହିଛି । ଘରକୁ ଘର ପାଇପ ଜଳ ଯୋଗାଣ ଲାଗି ଗାଁ ପ୍ରାଥମିକ ବିଦ୍ୟାଳୟ ପାର୍ଶ୍ୱରେ



ଅଧାପନ୍ତରିଆ ଓଭରହେଡ ଟାଙ୍କି କାମ।

ଓଭରହେଡ ଟାଙ୍କି କାମ ହେଉଛି । ଏହି ଟାଙ୍କିର ପିଲରଗୁଡିକ ୫ ଫୁଟ ଯାଏ ଉଠିଛି । ଏଠାରେ କିଛିଦିନ କାମ କଲା ପରେ କୌଣସି କାରଣକୁ ନେଇ ଠିକାଦାର କ୍ୟାମ୍ପ ଉଠାଇ ନେଇଥିଲେ ।

ଇତିମଧ୍ୟରେ ଅଢେଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଓଭରହେଡ ଟାଙ୍କି ଏମିତି ଅବସ୍ଥାରେ ପଡିଛି । ପିଲରରୁ ସିମେଣ୍ଟ ଝଡି ପଡୁଥିବା ବେଳେ ରଡରେ କଳଙ୍କି ଲାଗି ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଘେସରା ନାଳରେ ନିର୍ମାଣାଧୀନ ପ୍ରକଳ୍ପର ଛାଉଣି ପଡିନାହିଁ । ପ୍ରକଳ୍ପ କାମରେ ଅନିୟମିତତା କରାଯାଉଛି। ଘେସରା ନାଳର ପ୍ରକଳ୍ପରୁ ଅଧାପନ୍ତରିଆ ଓଭରହେଡ ଟାଙ୍କି ପର୍ଯ୍ୟନ୍ତ କେବଳ ପାଇପ ପୋତା ସରିଯାଇଛି ।

ହେଲେ ବସ୍ତିକୁ ପାନୀୟ ଜଳ ଯୋଗାଣ ପାଇଁ ପାଇପ ପୋତା ହୋଇ ନ ଥିବାରୁ ଗ୍ରାମର ଅନ୍ତର୍ଯ୍ୟାମୀ ବେହେରା ଓ ଅନ୍ୟମାନେ ପ୍ରକଳ୍ପ ହେବା ନେଇ ସନ୍ଦେହ ହେଉଛି ବୋଲି କହିଛନ୍ତି । ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ପ୍ରସାଦ ସାମନ୍ତରାୟଙ୍କୁ ପଚାରିବାରେ ପଞ୍ଚାୟତ ଅଧୀନ ସେମେଲମୁଣ୍ଡା ଅଞ୍ଚଳରେ କାମ କରାଯାଉଛି। ସପ୍ତାହକ ମଧ୍ୟରେ ଗାଁକୁ ପାଇପ ଲାଇନ ଓ ୧୦ ଦିନ ମଧ୍ୟରେ ଓଭରହେଡ ଟାଙ୍କି କାମ ଅଗ୍ରଗତି କରାଯିବ ବୋଲି ସେ କହିଛନ୍ତି।

# ପୋଲିସରେ ଅଭିଯୋଗ ଉପରଠାଉରିଆ

**ସୋନପୁର,୨୮।୭(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଉପନିବନ୍ଧକ (ଡିଏସଆର)ଙ୍କ କାର୍ଯ୍ୟାଳୟରେ ଉଲୁଣ୍ଡା ଅଞ୍ଚଳର ସୋମନାଥ ସେଠୀଙ୍କ ଅଜାଣତରେ ତାଙ୍କର ୮ଡେସିମିଲ ଜମି ବିକ୍ରି ହୋଇଛି। ସୋନପୁର ତହସିଲ ପାଣିସିଆଲି ମୌଜାରେ ଥିବା ଉକ୍ତ ଜମି ଜୁନ୍ ୨୧ତାରିଖରେ ବିକ୍ରି ହୋଇଥିବା ଡିଏସ୍ଆରଙ୍କ କାର୍ଯ୍ୟାଳୟରୁ ଜଣାପଡିଛି। ଜଣେ ଅସାଧୁ ବ୍ୟକ୍ତି ସୋମନାଥଙ୍କ ନକଲି ଭୋଟର ପରିଚୟପତ୍ର, ଆଧାର କାର୍ଡ ଓ ଜାତି ପ୍ରମାଣପତ୍ର ବ୍ୟବହାର କରି ବିନିକା ଥାନା ବଢିଲାର ଅନିଲ କୁମାର ସାହୁ(୨୯)ଙ୍କୁ ଜମି ବିକ୍ରି କରିଛନ୍ତି। କବଲାର ତଥ୍ୟ ଅନୁଯାୟୀ ଉକ୍ତ ଜମିର ସରକାରୀ ମୂଲ୍ୟ ୪ଲକ୍ଷ ୮୦ହଜାର ଟଙ୍କା। ଅସାଧୁ ବ୍ୟକ୍ତି ଜଣକ ନକଲି କାଗଜାତ ଓ ସାକ୍ଷୀ ଯୋଗାଡ କରି


ସୁବର୍ଣ୍ଣପୁର ଡିଏସ୍ଆର୍ ଅଫିସ।

ସୋମନାଥଙ୍କ ଜମି ବିକ୍ରି କରି ଲକ୍ଷାଧିକ ଟଙ୍କା ହାତେଇବା ସହ ନିରୀହ କ୍ରେତାଙ୍କୁ ଠକିଛନ୍ତି। ଏଥିରେ ଏକ ର୍ୟାକେଟ୍ ସମ୍ପୃକ୍ତ ଥିବା ଅଭିଯୋଗ ହେଉଛି । ତେବେ ଅଭିଯୁକ୍ତଙ୍କୁ ଠାବ କରିବା ପାଇଁ ଡିଏସ୍ଆର ଅଫିସ ଯେଭଳି ତତ୍ପରତା ପ୍ରକାଶ କରିବା କଥା ତାହା ଦେଖିବାକୁ ମିଳୁନାହିଁ। ଘଟଣାର ଅନେକ ଦିନ ପରେ ଥାନାରେ ଅଭିଯୋଗ ହୋଇଥିବା ବେଳେ ଡିଏସଆର ଅଫିସ ପକ୍ଷରୁ ପୋଲିସକୁ

## ମାଲିକଙ୍କ ଅଜାଣତରେ ଜମି ବିକ୍ରି ଘଟଣା

ଆବଶ୍ୟକ କାଗଜପତ୍ର, ନକଲି ଜମି ମାଲିକଙ୍କ ଟିପ ଚିହ୍ନ ଓ ସିସିଟିଭି ଫୁଟେଜ୍ ଏପର୍ଯ୍ୟନ୍ତ ଦିଆଯାଇନି। ଅଭିଯୁକ୍ତ ନକଲି ଜମି ମାଲିକ ଓ ସାକ୍ଷୀଙ୍କ ଫୁଟେଜ୍ ସ୍ପଷ୍ଟ ଭାବେ ସିସିଟିଭିରେ କଏଦ ହୋଇଛି। ମାତ୍ର ଅଭିଯୁକ୍ତଙ୍କୁ ଠାବ କରିବା ଓ ଜାଲିଆତିର ପର୍ଦ୍ଦାଫାଶ ହେବାରେ ବିଳମ୍ବ ହେଉଛି। ସୋନପୁର ତହସିଲଦାର ତଥା ଭାରପ୍ରାପ୍ତ ଡିଏସଆର ଜି ରଶ୍ମିରେଖାଙ୍କୁ ଏ ସମ୍ପର୍କରେ ପଚାରିବାରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ନକଲି ଜାତି ପ୍ରମାଣପତ୍ରକୁ ତହସିଲ୍ ପକ୍ଷରୁ ଖାରଜ କରାଯାଇଛି। ସୋମବାର ସମସ୍ତ ତଥ୍ୟ ସୋନପୁର ପୋଲିସକୁ ଦିଆଯିବ ବୋଲି କହିଥିଲେ। ଅନ୍ୟପକ୍ଷେ ସୋନପୁର ଆଇଆଇସି ତାପସ କୁମାର ଭୋଇଙ୍କୁ ପଚାରିବାରୁ ଡିଏସଆରଙ୍କୁ ଆବଶ୍ୟକ କାଗଜପତ୍ର ଓ ଫୁଟେଜ୍ ଦେବା ପାଇଁ କହିଥିଲୁ। ସେ ସୋମବାର ରାତି ପର୍ଯ୍ୟନ୍ତ ଦେଇନଥିବା କହିଛନ୍ତି। ତେଣୁ ଏଭଳି ଏକ ଜାଲିଆତି ଘଟଣାକୁ ଲୋକଲୋଚନକୁ ଆଣିବା ଓ ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସକାଶେ ଡିଏସଆର ଅଫିସ ଆବଶ୍ୟକ ସହଯୋଗ କରୁନଥିବା ସ୍ପଷ୍ଟ ହୋଇଛି। କେବଳ ଉପର ଠାଉରିଆ ଭାବେ ଥାନାରେ ସଂକ୍ଷିପ୍ତ ଅଭିଯୋଗ କରି କାର୍ଯ୍ୟାଳୟ କାମ ସାରି ଦେଇଥିବା ସାଧାରଣରେ ଆଲୋଚନା ହେଉଛି । ଏହି ସୁଯୋଗରେ ଜାଲିଆତିରେ ସମ୍ପୃକ୍ତ ବ୍ୟକ୍ତିମାନେ ଫେରାର ହେବାର ଯଥେଷ୍ଟ ସମ୍ଭାବନା ଥିବାରୁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ୪.୩୧କୁଇଣ୍ଟାଲ ଗଞ୍ଜେଇ ଜବତ, ୫ଗିରଫ


ଜବତ ଗଞ୍ଜେଇକୁ ତନଖି କରାଯାଉଛି।

**ଉଲୁଣ୍ଡା,୨୮।୭(ଗୌରଚନ୍ଦ୍ର ପରିଛା)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ସମ୍ମୁଖରୁ ସୋମବାର ପୋଲିସ କାଜୁ ଚୋପା ବୋଝେଇ ଟ୍ରକ ସହ ୪କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ଏଥିସହ ଟ୍ରକକୁ ଏସକଟ ଦେଇ ଯାଉଥିବା ଏକ କାରକୁ ମଧ୍ୟ ପୋଲିସ ଜବତ କରିଛି। ଗଞ୍ଜେଇ ଚୋରାଚାଲାଣରେ ସମ୍ପୃକ୍ତ ୫ ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ବିହାରର ରାଜକୁମାର ରାଏ, ବିକାଶ କୁମାର, ସମ୍ବଲପୁରର ସଞ୍ଜୀବ ବାଗ, ମନମୁଣ୍ଡାର ପରାଶର ଥାଟି ଏବଂ କନ୍ଧମାଳ ରୁଣ୍ଡିମହୁଲର ଶଙ୍କର୍ଷଣ ବାରିକ। ସୋମବାର ସକାଳୁ ସୋନପୁର ପଟରୁ ଏକ କାଜୁ ଚୋପା ବୋଝେଇ ଟ୍ରକରେ ଗଞ୍ଜେଇ ନିଆଯାଉଥିବା ଉଲୁଣ୍ଡା ପୋଲିସକୁ ଖବର ମିଳିଥିଲା। ଏସ୍ପିଙ୍କ ନିର୍ଦ୍ଦେଶକ୍ରମେ ଉଲୁଣ୍ଡା ପୋଲିସ ଟିମ ଥାନା ସମ୍ମୁଖରେ ଟ୍ରକ୍ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଟ୍ରକରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର ସୋମନାଥ ବେହେରା, ଡ଼ିଏସପି ସି. ଏସ.ଶବର, ଏସ୍ଡିପିଓ ହେମନ୍ତ ରାଓ, ଆଇଆଇସି ଲିଙ୍ଗରାଜ ସେଠୀ, ଏସଆଇ ଦେବାସିସ ସାହୁଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କଲା ପରେ ୪ କୁଇଣ୍ଟାଲ ୩୧ କେଜି ୬୦୦ଗ୍ରାମ ଥିବା ଜଣାପଡ଼ିଥିଲା । ଗଞ୍ଜେଇ କେଉଁ ଅଞ୍ଚଳକୁ ଚୋରା ଚାଲାଣ ହେଉଥିଲା ତାହା ସ୍ପଷ୍ଟ ହୋଇନାହିଁ। ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ଟିକରପଡାରେ ଜିଲାପାଳଙ୍କ ଜନଶୁଣାଣି ଶିବିର

**ବଘିଆପଡା,୨୮।୭(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ବ୍ଲକର ଟିକରପଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସୁବ୍ରତ କୁମାର ପଣ୍ଡା ଏବଂ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲଙ୍କ ଉପସ୍ଥିତିରେ ଅଭିଯୋଗଗୁଡିକର ଶୁଣାଣି ହୋଇଥିଲା। ଏହି ଶିବିରରେ ସମୁଦାୟ ୩୪ଟି ଆପତ୍ତି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୨୯ଟି ବ୍ୟକ୍ତିଗତ ହୋଇଥିବାବେଳେ ୫ଟି ବିଭିନ୍ନ ଗ୍ରାମର ସାମୁହିକ ମାମଲା ରହିଥିଲା। ଶିବିରରେ ୫ଜଣଙ୍କୁ ପେନସନ ପ୍ରଦାନ କରାଯାଇଥିବା ବେଳେ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ, ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେର ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।


ଜନଶୁଣାଣି ଶିବିରରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

# ଜିଲାପାଳ, ଏସ୍ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି


ଜନଶୁଣାଣିରେ ଯୋଗଦେଇଥିବା ଅଧିକାରୀମାନେ।

**ତରଭା, ୨୮।୭(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ସଭାଗୃହରେ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ନୃପରାଜ ସାହୁ ଓ ଏସ୍ପି ନାରାୟଣ ନାଏକ ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୪୦ଟି ପଞ୍ଜୀକୃତ ଅଭିଯୋଗର ଶୁଣାଣି କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ୨୯ ଓ ୧୧ଟି ସାମୂହିକ ଥିଲା। ଗ୍ରହଣ କରାଯାଇଥିବା ଦରଖାସ୍ତ ମଧ୍ୟରୁ ଶିବିରରେ ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟ ଆପତ୍ତି ଅଭିଯୋଗଗୁହିକକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ କୁହାଯାଇଛି। ବିଡିଓ ଗଙ୍ଗାରାମ ବୁଡେକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶୁଣାଣିରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଓ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ଡ଼ ସୋମ୍ୟରୂପା ରଥ, ତହସିଲଦାର ସ୍ୱେତାଲିନା ମହାଣାଙ୍କ ସହ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଅଧିକାରୀଙ୍କୁ ଘେରିଲେ ଚାଷୀ

ସୋମବାର ତରଭା ବ୍ଲକ ପରିସରରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଚାଲିଥିବାବେଳେ ବାହାରେ ଧାନକିଣାରେ ଅନିୟମିତତା ଅଭିଯୋଗ କରି ମରାଡୁଗୋଛା ପାକ୍ସ ଅଧିନ ଚାଷୀଙ୍କ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଜିଲା ସହକାରୀ ଯୋଗାଣ ଅଧିକାରୀ ରେବତିସ ନାଏକ ଓ ସମବାୟ ବିଭାଗର ସହକାରୀ ନିବନ୍ଧକ ପାଣ୍ଡୁ ଚରଣ ସାହୁଙ୍କୁ ଚାଷୀମାନେ ଘେରି ଯାଇଥିବା ଦେଖିବାକୁ ମିଳିଥିଲା । ପରେ ନୂତନ ଜିଲାପାଳ ଡ. ନୃପରାଜ ସାହୁଙ୍କୁ ଭେଟି ଚାଷୀମାନେ ଧାନ କିଣାରେ ଅନିୟମିତତା ଏବଂ ଧାନବିକ୍ରିର ପ୍ରାପ୍ୟ ମୂଲ୍ୟ ଏଯାବତ୍ ପାଇନଥିବା ନେଇ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଶାନ୍ତ ପଡିଥିଲେ।

# ଦୁର୍ବଳତମ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିବ ପ୍ରଶାସନ

## ସୁବର୍ଣ୍ଣପୁରର ନୂତନ ଜିଲାପାଳଙ୍କ ଯୋଗଦାନ

**ସୋନପୁର,୨୮।୭(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁରର ୩୪ତମ ଜିଲାପାଳ ଭାବେ ଡ. ନୃପରାଜ ସାହୁ ସୋମବାର ପୂର୍ବାହ୍ନରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ଡ. ସାହୁ ଏହା ପୂର୍ବରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଦାୟିତ୍ୱରେ ଥିଲେ। ସେ ସକାଳେ ସୁବର୍ଣ୍ଣପୁରରେ ପହଞ୍ଚିବା ପରେ ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ସମୟରେ ଅତିରିକ୍ତ ଜିଲାପାଳ ମାଝୀ, ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର ଓ ବିଭିନ୍ନ ବିଭାଗୀୟ ଅଧିକାରୀ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଶାସନର ସମସ୍ତ କାର୍ଯ୍ୟକୁ ଲୋକାଭିମୁଖୀ କରିବା ପାଇଁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।


ଜିଲାପାଳ ଡ. ନୃପରାଜ ସାହୁ

ସାଧାରଣ ଲୋକଙ୍କ ସମସ୍ୟା ସମାଧାନକୁ ଅଗ୍ରାଧିକାର ଦିଆଯିବ। ଜିଲାର ଦୁର୍ବଳତମ ବ୍ୟକ୍ତିଙ୍କ ନିକଟରେ ପ୍ରଶାସନ ପହଞ୍ଚିବ ଓ ଦକ୍ଷତାର ସହ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯିବ। ଜିଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ବିକାଶମୂଳକ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯିବ। ଭିତିଭୂମିର ବିକାଶ ଉପରେ ସେ ପ୍ରାଥମିକତା ଦେବେ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ଆଲୋଚନା ସମୟରେ ଜିଲାପାଳ ପ୍ରକାଶ କରିଥିଲେ। ୧୯୯୨ ବ୍ୟାଚ୍ର ଏହି ଓଡିଶା ପ୍ରଶାସନିକ ସେବା ଅଧିକାରୀ ପୂର୍ବରୁ ନୂଆପଡା, କଳାହାଣ୍ଡି ଓ ବଲାଙ୍ଗୀର ଭଳି ଜିଲାରେ କାର୍ଯ୍ୟ କରି ଅନେକ ଅଭିଜ୍ଞତା ହାସଲ କରିଛନ୍ତି।

# ସାମ୍ବାଦିକ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ବୌଦ୍ଧ,୨୮।୭(ଅଜିତ କୁମାର ବାରିକ)**

ଅନ୍ୟ ରାଜ୍ୟରେ ସାମ୍ବାଦିକମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଥିବାବେଳେ ଓଡ଼ିଶାରେ ସାମ୍ବାଦିକମାନେ ସବୁକ୍ଷେତ୍ରରେ ଅବହେଳିତ ହୋଇରହିଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ବୌଦ୍ଧ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ସାମ୍ବାଦିକମାନଙ୍କୁ ମାସିକ ଅତି କମ୍‌ରେ ୧୫ ହଜାର ଟଙ୍କା ପେନଶନ ପ୍ରଦାନ ସହିତ ସାମ୍ବାଦିକ ସୁରକ୍ଷା ଆଇନକୁ ତୁରନ୍ତ କାର୍ଯ୍ୟକାରୀ କରାଇବା, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମ୍ବାଦିକଙ୍କ ମାତାପିତାକୁ ସାମିଲ କରିବା, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ସହିତ ଆୟୁଷ୍ମାନ ଭାରତ ଯୋଜନାରେ ସାମ୍ବାଦିକଙ୍କୁ ସାମିଲ କରିବା ଏବଂ ସ୍ୱାସ୍ଥ୍ୟବୀମା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ଦେବାଶିଷ ପୁରୋହିତ, ସମ୍ପାଦକ ଶଶାଙ୍କ ଶେଖର ମିଶ୍ର ଓ ଧବଳେଶ୍ୱର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ମହାନଦୀ ସାହିତ୍ୟ ସଂସଦର ନିର୍ବାଚନ

# ସୌରଭ ସଭାପତି, ଲକ୍ଷ୍ମୀନାରାୟଣ ସମ୍ପାଦକ


ସଂସଦର ନୂତନ କର୍ମକର୍ତ୍ତା ଓ ଉପଦେଷ୍ଟାମାନେ।

**ସୋନପୁର,୨୮।୭(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ମହାନଦୀ ସାହିତ୍ୟ ସଂସଦର ୨୦୨୫-୨୭ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସୌରଭ ରଞ୍ଜନ ଖମାରୀଙ୍କ ସଭାପତିତ୍ୱରେ ସଂସଦର ସଭାଗୃହରେ ଅନୁଷ୍ଠିତ ସଭାରେ ନିର୍ବାଚନ ଅଧିକାରୀ ଭାବେ ପ୍ରତିଷ୍ଠାତା ସଭ୍ୟ ଦିଲ୍ଲୀପ ପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ। ଏଥିରେ ଆଗାମୀ ଦୁଇବର୍ଷ ପାଇଁ ସଭାପତି ଭାବେ ଡ଼ ସୌରଭ ରଞ୍ଜନ ଖମାରୀ, ଉପସଭାପତି ବେଣୁଧର ପ୍ରଧାନ, ସାଧାରଣ ସମ୍ପାଦକ ଲକ୍ଷ୍ମୀନାରାୟଣ ସାହୁ, ସହ ସମ୍ପାଦକ ରଞ୍ଜିତା ପଣ୍ଡା ଓ ବ୍ରତାନନ୍ଦ ଭୋଇ, କୋଷାଧ୍ୟକ୍ଷଭାବେ ବନମାଳୀ ପଣ୍ଡା ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସମିତିରେ ବିଘ୍ନରାଜ ପଣ୍ଡା, ଅମ୍ବୁଜ ବିହାରୀ ଶତପଥୀ, ପ୍ରଦ୍ୟୁମ୍ନ କୁମାର ସାହୁ, ରଞ୍ଜୁ ଅମାତ, ମନୋଜ ବାରିକ ଓ ଅବିନାଶ ହୋତା ଏବଂ ଉପଦେଷ୍ଟା ସଭ୍ୟ ଭାବେ ନାଟ୍ୟଶ୍ରୀ ଗଦାଧର ବାରିକ, ଡ. ପୁରୁଷୋତ୍ତମ ମିଶ୍ର, ଶ୍ୟାମା ଓମ ପ୍ରସାଦ ମିଶ୍ର, ଦିଲ୍ଲୀପ ପାତ୍ରଙ୍କୁ ମନୋନୀତ କରାଯାଇଛି। ଆଗାମୀ ଦିନରେ ଜିଲାରେ ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହ ସନ୍ଥକବି ଭୀମ ଭୋଇଙ୍କ ଉପରେ ଏକ ଜାତୀୟ ଆଲୋଚନାଚକ୍ର ଆୟୋଜନ କରିବାକୁ ପଦକ୍ଷେପ ନେବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା ।

# ଡାଇରିଆ ସଚେତନତା ଶିବିର



ଶିବିରରେ ମଞ୍ଚାସୀନ ଅତିଥି।

**ତରଭା, ୨୮।୭(ମାନଭଞ୍ଜନ ମିଶ୍ର)**

ବର୍ତ୍ତମାନ ବିଭିନ୍ନ ଅଞ୍ଚଳରେ ଝାଡ଼ାବାନ୍ତି(ଡାଇରିଆ) ବ୍ୟାପୁଛି। ଏହାକୁ ଦୃଷ୍ଟିରେ ରଖି ସୋମବାର ସୁବର୍ଣ୍ଣପୁର ଜିଲା ତରଭା ନୂତନ ବସ୍ଷ୍ଟାଣ୍ଡ ନିକଟ ଭାରତୀୟ ଶିଶୁରୋଗ ବିଶେଷଜ୍ଞ ଏକାଡେମୀ ବଲାଙ୍ଗୀର ଶାଖା ପକ୍ଷରୁ ଡାଇରିଆ ସମ୍ବନ୍ଧରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବିଶିଷ୍ଟ ଶିଶୁ ରୋଗ ବିଶେଷଜ୍ଞ ଦୁର୍ଗାଦତ୍ତ ପଟ୍ଟନାଏକ ଯୋଗ ଦେଇ ଶିଶୁଙ୍କଠାରୁ ବୟସ୍କଙ୍କର ଡାଇରିଆରେ ସଚେତନତା ଅଭାବରୁ ଜୀବନ ଯାଉଛି। ଏହାର ପ୍ରତିକାର ପାଇଁ ନିଜେ ସଚେତନ ହେଲେ ଏବଂ ଠିକ୍ ସମୟରେ ଓଆରଏସ୍ ପିଇବା ସହ ଖାଦ୍ୟପେୟ ଗ୍ରହଣ କଲେ ଡାଇରିଆକୁ ପ୍ରତିରୋଧ କରାଯାଇପାରିବ ବୋଲି ଡ଼ାକ୍ତର ପଟ୍ଟନାଏକ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବସନ୍ତ ନାଏକ, ଜୟ ପ୍ରକାଶ ସାହୁ, ମନ ରଞ୍ଜନ ସା ଅତିଥି ଭାବେ ଯୋଗଦେଇଥିଲେ। ପ୍ରଦ୍ୟୁମ୍ନ ମହାନ୍ତି, ନୀଳକଣ୍ଠ ବଗର୍ତ୍ତି, ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ବିଭିନ୍ନ ପ୍ରକାର ପ୍ରଶ୍ନ ଆଗତ କରିଥିଲେ। ମାନଭଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁଚାଲାଣ ନିରୋଧ ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ,୨୮।୭(ଅଜିତ କୁମାର ବାରିକ)**

ବିଶ୍ୱ ଯୁବ କେନ୍ଦ୍ର, ବୌଦ୍ଧ ଓ ରେଳୱେ ପୋଲିସର ମିଳିତ ଉଦ୍ୟମରେ ବୌଦ୍ଧ ରେଲୱେ ଷ୍ଟେଶନ, ବସଷ୍ଟାଣ୍ଡ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୩୦ ତାରିଖରେ ବିଶ୍ୱ ମାନବ ଚାଲାଣ ନିରୋଧ ଦିବସ ପାଳନ ହେବାକୁ ଥିବାବେଳେ ଏହି ଅବସରରେ ବୌଦ୍ଧରେ ଟ୍ରେନ ଓ ବସ୍ ଯାତ୍ରୀମାନଙ୍କୁ ଶିଶୁ ଚାଲାଣ କିପରି ରୋକାଯାଇପାରିବ ସେ ନେଇ ରେଲୱେ ଷ୍ଟେଶନ ଓ ବସଷ୍ଟାଣ୍ଡରେ ସଚେତନ କରାଯାଇଥିଲା। ରାଲି, ଲିଫଲେଟ ମାଧ୍ୟମରେ ଲୋକମାନଙ୍କୁ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ବୌଦ୍ଧ ରେଳ ସୁରକ୍ଷା ବଳ ପକ୍ଷରୁ ଆଇଆଇସି ସୁମୀର ସିଂ, ଏସ୍ଆଇ କୁନା ବାରିକ, କନଷ୍ଟେବଳ ପ୍ରଶାନ୍ତ କୁମାର ନନ୍ଦ, ଶୁଭାକର ପଟେଲ, ଷ୍ଟେଶନ ମାଷ୍ଟର ସୀମାଞ୍ଚଳ ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ। ବିଶ୍ୱ ଯୁବକେନ୍ଦ୍ର ସଂଯୋଜକ ଅଭିଷେକ ମହାପାତ୍ର, ଅଭୟ ଚରଣ ସ୍ୱାଇଁ, ଚୁନି ବେହେରା, ସୌମ୍ୟରଞ୍ଜନ ଦୀପ, ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।



ବୌଦ୍ଧ ରେଳଷ୍ଟେଶନରେ ଲୋକଙ୍କୁ ସଚେତନ କରାଯାଉଛି।

# ବାଇକ ସହ ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

**ଡୁଙ୍ଗୁରିପାଲି, ୨୮।୭(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଥାନା ପୋଲିସ ସୋମବାର ଗଞ୍ଜେଇ ଚାଲାଣ କରିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବୌଦ୍ଧ ଜିଲା ମନୁମୁଣ୍ଡା ଥାନା ବାଘମୁନା ଗ୍ରାମର ରମେଶ ଗୁରୁ। ତାଙ୍କଠାରୁ ୩କେଜି ଗଞ୍ଜେଇ ସହ ଚାଲାଣରେ ବ୍ୟବହୃତ ବାଇକ ଜବତ ହୋଇଛି। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସନ୍ଧ୍ୟାରେ ରାମପୁର ଥାନା ପୋଲିସ ଟିମ୍ ରାମପୁର କେନାଲ ଛକରେ ଜଣେ ବାଇକ ଆରୋହୀଙ୍କୁ ଅଟକାଇ ଯାଞ୍ଚ କରିବା ପରେ ଗଞ୍ଜେଇ ବାହାରି ଥିବା ଥାନା ଅଧିକାରୀ ପଦ୍ମାସିନି ମେହେର କହିଛନ୍ତି।

# ମନ୍ଥର ଗତିରେ ଚାଲିଛି ବ୍ରିଜ ମରାମତି କାମ

**ସୋନପୁର,୨୮।୭ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଲିଛିପୁର-ଡୁଙ୍ଗୁରିପାଲିକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ଲଛିପୁର ଅଙ୍ଗନଦୀ ବ୍ରିଜ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବ୍ରିଜର ଉଭୟ ପାର୍ଶ୍ୱରେ ଥିବା ସୁରକ୍ଷା ବାଡ଼(କ୍ରସ ବେରିଅର)ର ବିଭିନ୍ନ ସ୍ଥାନରେ ଚିପ୍ସ ଓ ସିମେଣ୍ଟ ବାହାରି ଅସୁରକ୍ଷିତ ଅବସ୍ଥାରେ ଅଛି। ପ୍ରାୟ ଦୁଇ ସପ୍ତାହ ହେବ ବ୍ରିଜର ବାଡା ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ ୩୬୦ମିଟର ଲମ୍ବ ବିଶିଷ୍ଟ ଲଛିପୁର ବ୍ରିଜର ମରାମତି କାମ ମେ ମାସରୁ ଆରମ୍ଭ ହୋଇଛି। ବ୍ରିଜ ଉପରେ ପିଚୁ କାମ ଓ ଏକ୍ସପାନସନ ଜଏଣ୍ଟ କାମ ସରିଛି । ମାଷ୍ଟିକ ଆସଫଲ୍ଟ କାମ ବର୍ଷା ପାଇଁ ବନ୍ଦ ରହିଛି । ବାଡା ମୁକୁଳା ପଡ଼ିଥିବା ବେଳେ ଏହି କାମ ବିଳମ୍ବ ହେଉଛି। ଫଳରେ ଲୋକେ ରାତି ସମୟରେ ଅସୁରକ୍ଷିତ ଭାବେ ଯିବା ଆସିବା କରୁଛନ୍ତି। ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଯଥା ଶୀଘ୍ର ମରାମତି କରିବାକୁ ସାଧାରଣରେ ଦାବି ହେଉଛି।



ଲଛିପୁର ଅଙ୍ଗନଦୀ ବ୍ରିଜ ବାଡା ମୁକୁଳା ପଡ଼ିଛି।

## ରାତ୍ରିରେ ଲୋକେ ଭୟରେ ଯାତାୟାତ କରୁଛନ୍ତି

## ସଂକ୍ଷେପରେ

### ଭାରି ପଡ଼ିଲା ଷ୍ଟଣ୍ଟ ଦେଖାଇବା
**ସ୍କୁଟି ଜବତ, ମାଲିକଙ୍କୁ ଜରିମାନା**

ସମ୍ବଲପୁର,୨୮।୭(ପ୍ରମୋଦ ବହିଦାର)
ସମ୍ବଲପୁରର ବ୍ୟସ୍ତ ବହୁଳ ରାସ୍ତାରେ ସ୍କୁଟି(ଓଡି-୧୫-ଏସି-୩୬୬୮)ରେ ଷ୍ଟଣ୍ଟ ଦେଖାଇବା ୭ ଜଣ ନାବାଳକ ଓ ସେମାନଙ୍କ ପରିବାରକୁ ଭାରି ପଡ଼ିଛି। ଗୋଟିଏ ସ୍କୁଟିରେ ରବିବାର ରାତିରେ ଦୁଇ କି ୩ ଜଣ ନୁହେଁ ବରଂ ଏକକାଳୀନ ୭ ଜଣ ବସି ଧନୁପାଲି ଥାନା ଅନ୍ତର୍ଗତ ମୋତିଝରଣ ରାସ୍ତାରେ ଅତ୍ୟନ୍ତ ବିପଦଜନକ ଭାବେ ଷ୍ଟଣ୍ଟ ଦେଖାଉଥିଲେ। ରାସ୍ତାରେ ଯାଉଥିବା ପଥଚାରୀଙ୍କ ପାଇଁ ଏହା ବିପଦ ସୃଷ୍ଟି କରିଥିଲା। ଏହାର ଭିଡିଓ ଭାଇରାଲ ହେବା ପରେ ଧନୁପାଲି ଥାନା ପୋଲିସ ସିସିଟିଭି ଫୁଟେଜ ଆଧାରରେ ସେମାନଙ୍କୁ ଚିହ୍ନଟ କରିଥିଲା। ଉକ୍ତ ସ୍କୁଟିକୁ ଜବତ କରିବା ସହିତ ଏଥିରେ ବସି ବିପଦଜନକ ଭାବେ ଷ୍ଟଣ୍ଟ ଦେଖାଉଥିବା ସମସ୍ତ ୭ ନାବାଳକଙ୍କୁ ଥାନାକୁ ଆଣି ପଚାର ଉଚରା କରିଥିଲା। ପରେ ସେମାନଙ୍କ ପରିବାରଙ୍କୁ ଡକାଇ ଚେତାବନୀ ଦେବା ସହିତ ଏମ୍‌ଭି ଆଇନ୍‌ରେ ଏକ ମାମଲା ରୁଜୁ କରି ସ୍କୁଟି ମାଲିକଙ୍କୁ ୨୧ ହଜାର ୫ ଶହ ଟଙ୍କା ଜରିମାନା କରିଛି ପୋଲିସ।

# ପାଇପରେ ଆସୁଛି ଦୂଷିତ ପାଣି

**ଅଇଁଠାପାଲି ଜଳ ଯୋଗାଣ ପ୍ରକଳ୍ପରେ ସମସ୍ୟା ଥିଲା: ଏସ୍‌ଡିଓ**

ସମ୍ବଲପୁର, ୨୮।୭ (ଭବାନୀ ଶଙ୍କର ଭୋଇ)
ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଧନକଉଡା ଅଞ୍ଚଳକୁ ପାଇପ ଯୋଗେ ପିଇବା ପାଣିର ବ୍ୟବସ୍ଥା ରହିଛି। ହେଲେ ବିଗତ କିଛିଦିନ ହେବ ସେହି ଅଞ୍ଚଳକୁ ପାଇପରେ ଗୋଳିଆ ଦୂଷିତ ପାଣି ଆସୁଛି। ଏହି ପାଣି ବ୍ୟବହାର ଯୋଗ୍ୟ ହେଉ ନ ଥିବାରୁ ଅଇଁଠାପାଲି ଡିଭିଜନ ଅନ୍ତର୍ଗତ ଧନକଉଡା ସମ୍ବଲଭୂମି କଲୋନୀ, ଧନକଉଡା ବସ୍ତି, ଜୟଗୁରୁ ମନ୍ଦିର ଅଞ୍ଚଳର ଲୋକେ ଅସୁବିଧାର ଶିକାର ହେଉଛନ୍ତି। ଏହାସତ୍ତ୍ୱେ ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବାରେ ଜନସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଦେଖାଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି।


ଧନକଉଡାକୁ ଯୋଗାଣ ହୋଇଥିବା ଦୂଷିତ ପାଣି।

### ସେମାନେ ଯାହା କହନ୍ତି...

" କିଛିଦିନ ହେବ ପାଇପ ଯୋଗେ ଗୋଳିଆ ପାଣି ଆସୁଛି। ଏହା ସହ କେତେକ ସ୍ଥାନରେ ପାଇପ ଫାଟି ଆବର୍ଜନା ପାଣି ପାଇପରେ ମିଶୁଛି। ବିଭାଗୀୟ ଅଧିକାରୀମାନେ ତାହାକୁ ଯାଞ୍ଚ କରୁ ନାହାନ୍ତି। ଏଭଳି ଦୂଷିତ ପାଣି ଯୋଗାଣ ହେଉଥିଲେ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି।
**- ଅମିୟ କୁମାର ତ୍ରିପାଠୀ, ସମ୍ବଲଭୂମି କଲୋନୀ**

" ବର୍ଷା ସମୟରେ ସ୍ୱଚ୍ଛପାଣିର ଆବଶ୍ୟକତା ରହିଛି। ତେବେ ଅଇଁଠାପାଲି ଓଭରହେଡ ଟ୍ୟାଙ୍କରୁ ଯୋଗାଣ ହେଉଥିବା ପାନୀୟ ଜଳ ଦୂଷିତ ଏବଂ ବ୍ୟବହାର ଯୋଗ୍ୟ ନୁହେଁ। ଶୀଘ୍ର ପଦକ୍ଷେପ ନ ନେଲେ ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେବ ।
**- ଅମ୍ବିକା ବେହେରା, ଧନକଉଡା**

" ସମ୍ବଲପୁର ସହରରେ ଦୀର୍ଘ ଦିନ ହେବ ପାନୀୟ ଜଳ ଯୋଗାଣ ଠିକ୍ ଭାବେ ହୋଇପାରୁନାହିଁ। ଧନକଉଡାର ଅନେକ ନୂଆ ଅଞ୍ଚଳକୁ ପାଇପ ଯୋଗେ ପାନୀୟ ଜଳ ପହଞ୍ଚି ପାରନାହିଁ। ଏହା ସହିତ ଯୋଗାଣ ହେଉଥିବା ଅଞ୍ଚଳକୁ ମଧ ସ୍ୱଚ୍ଛ ପାଣି ଆସୁନାହିଁ।
**- ସୁରୁବାବୁ ଭୋସାଗର, ଧନକଉଡା ବାସିନ୍ଦା**

" ଜଳ ଯୋଗାଣରେ ସମସ୍ୟା ରହିଥିବା ନେଇ ଅଭିଯୋଗ ପାଇଥିଲୁ। ଅଇଁଠାପାଲି ଟ୍ରିଟମେଣ୍ଟ ପ୍ଲାଣ୍ଟରେ ସମସ୍ୟା ରହିଥିବା ତଦନ୍ତରୁ ଜଣାପଡିଥିଲା। ସମସ୍ୟାର ସମାଧନ କରାଯାଇଛି। ଲୋକେ ଅଇଁଠାପାଲି ଓଭରହେଡ ଟ୍ୟାଙ୍କରୁ ସ୍ୱଚ୍ଛ ପାନୀୟ ଜଳ ପାଇପାରିବେ।
**-ସୁଖମୟ ସରକାର, ଏସ୍‌ଡିଓ, ୱାଟକୋ ସମ୍ବଲପୁର**

# ଚରିତ୍ର ନିର୍ମାଣରେ ସାହିତ୍ୟର ଭୂମିକା ଶୀର୍ଷକ ବକ୍ତୃତା



ଆୟୋଜିତ ବକ୍ତୃତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ବକ୍ତା।

ସମ୍ବଲପୁର,୨୮।୭(ବି.ଶଙ୍କର)
ସୈରିନ୍ଦ୍ରୀ ନାୟକ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଚରିତ୍ର ନିର୍ମାଣରେ ସାହିତ୍ୟର ଭୂମିକା ଶୀର୍ଷକ ବକ୍ତ୍ୟତା ରବିବାର ରାତିରେ ସମ୍ବଲପୁର ସାମ୍ବାଦିକ ଭବନରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଡା. ନିରୂପମା ବଡ଼ପଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ମୁକ୍ତକଣ୍ଠ ପ୍ରଧାନ ବକ୍ତାଭାବେ ଯୋଗ ଦେଇ କହିଥିଲେ ଦ୍ରୌପଦୀ ଆଜି ମଧ୍ୟ ବିବସନା ହେଉଛନ୍ତି । କିନ୍ତୁ ବ୍ୟକ୍ତିତ୍ୱ ଓ ଚେତନାର ଅଭାବରେ କୋଟି ବସ୍ତ୍ର ଦେବାକୁ ଆଜି କେହି ନାହାନ୍ତି। ଆଗକାଳରେ ବ୍ୟକ୍ତିତ୍ୱର ବିକାଶ ଆଧାରିତ ଶିକ୍ଷା, ସାହିତ୍ୟ, ପରମ୍ପରା ଥିଲା । ଏଥିରେ ସହାୟକ ଥିଲା ବେଦ ପୁରାଣ । ବେଦ ପଠନ ସମସ୍ତଙ୍କ ପକ୍ଷେ ସମ୍ଭବପର ନୁହେଁ, ସେଥିପାଇଁ ଉପନିଷଦ ସୃଷ୍ଟି ହେଲା । ମାତ୍ର ମଣିଷ ପ୍ରକୃତିଠାରୁ ଦୂରେଇ ଯାଉଛି । ଅଧ୍ୟୟନ ଡିଗ୍ରୀ କିମ୍ବା ଚାକିରି ସର୍ବସ୍ୱ ହୋଇ ରହିଗଲା । ଏହାର ଉପରାନ୍ତ ଅଧ୍ୟୟନର ପ୍ରୟୋଜନ ନଥିବା ବିବେଚନା କରାଗଲା । ବେଦ, ପୁରାଣ ପଠନକୁ ସେକୁଲାର ନୁହେଁ, ରିଲିଜିୟସ ଅଧ୍ୟୟନ ବୋଲି ଆଖ୍ୟାୟିତ କରାହେଲା । ଏହା ଫଳରେ ଭୋଗବାଦ ମଣିଷ ଜୀବନର ଲକ୍ଷ୍ୟ ପାଲଟିଗଲା। ଭୋଗବାଦ ମଣିଷର ସମସ୍ତ ସୁଗୁଣକୁ ଚୋରାଇ ନେଲା । ତ୍ୟାଗ, ତୀତିକ୍ଷା, ସାହିତ୍ୟର ଅବହେଳନାରୁ ଆମେ ଆମ ପୂର୍ବ ଗୌରବକୁ ହରାଇ ବସିଛୁ। ଚେତନା ଓ ବ୍ୟକ୍ତିତ୍ୱର ଉତ୍ତରଣକୁ ମଣିଷ ନିଜର ପ୍ରୟୋଜନ ବୋଲି ବିବେଚନା କଲେ ସମାଜରେ ଘଟୁଥିବା ବିଘଟନ, ବ୍ୟଭିଚାରର ମାତ୍ରା ଯଥେଷ୍ଟ ହ୍ରାସ ପାଇବ । ବିଶିଷ୍ଟ କବି ଓ ଲେଖକ ମନୋରଞ୍ଜନ ସାହୁ ନିଜର ପାରମ୍ପରିକ ଶୈଳୀରେ କଟାକ୍ଷପୂର୍ଣ୍ଣ କବିତା ଆବୃତ୍ତି କରିଥିଲେ । ସୈରିନ୍ଦ୍ରୀ ନାୟକ ସ୍ମାରକୀ ଟ୍ରଷ୍ଟ ସମ୍ପାଦକ ଦୀପକ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ରବିନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

### ଫସଲ ଉଜାଡ଼ିଲେ ହାତୀପଲ

ପଡିଆବାହାଲ, ୨୮।୭(ରାଧାମୋହନ ଷଡ଼ଙ୍ଗୀ)
ସମ୍ବଲପୁର ଜିଲା ପଡିଆବାହାଲ ରେଞ୍ଜ ବଡ଼ସାହିର ସେକ୍ସନ ଭଣ୍ଡାରିମାଲ ଗ୍ରାମରେ ଚାରିଘରିଆ ହାତୀପଲ ରବିବାର ରାତିରେ ବ୍ୟାପକ ଉପଦ୍ରବ କରିଛନ୍ତି। ପାଚେରି ଭାଙ୍ଗି ଗାଁର ଅରୁଣ ପ୍ରଧାନଙ୍କ ବାଡ଼ିରେ ପଶି କିଆରିରେ ଥିବା ଆଖୁ ଏବଂ କଦଳୀ ଗଛ ଖାଇବା ସହ ଭାଙ୍ଗି ପକାଇଥିବା ଅଭିଯୋଗ ହୋଇଛି। ସେଠାରୁ ଯାଇ ହାତୀପଲ ସତ୍ୟନାରାୟଣ କଣ୍ଟାଙ୍କ ପ୍ରାୟ ତିରିଶ ଫୁଟ ଲମ୍ବା ପାଚେରି ଭାଙ୍ଗି ବାଡିରେ ପଶି ଫସଲ ଉଜାଡିଥିଲେ। ଏହାପରେ ହାତୀପଲ ଜନୈକ ଚାଷୀଙ୍କ ପ୍ରାୟ ଅଧା ଏକର ଜମିରେ ଥିବା ପହ୍ଲାକୁ ଦଳି ମାଡି ନଷ୍ଟ କରି ଦେଇଛନ୍ତି। କ୍ଷତିଗ୍ରସ୍ତ ଚାଷୀମାନେ କ୍ଷତିପୂରଣ ପାଇଁ ବନବିଭାଗକୁ ଅନୁରୋଧ କରଛନ୍ତି। ସୋମବାର ଫରେଷ୍ଟଗାର୍ଡ କୃଷ୍ଣ ସୁନା ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି। ସରକାରୀ ନିୟମାନୁଯାୟୀ କ୍ଷତିଗ୍ରସ୍ତ ଚାଷୀଙ୍କୁ ନିଶ୍ଚିତଭାବେ ସହାୟତା ମିଳିବ ବୋଲି କହିଛନ୍ତି ।

# ଶାସ୍ତ୍ରୀୟ ସଙ୍ଗୀତ କର୍ମଶାଳା ଉଦ୍‌ଯାପିତ


କର୍ମଶାଳାରେ ଉପସ୍ଥିତ ସଙ୍ଗୀତ ଗୁର, ଗୁରୁମା ତଥା ଅନୁଷ୍ଠାନର କର୍ମକର୍ତ୍ତା।

ସମ୍ବଲପୁର,୨୮।୭(ପ୍ରମୋଦ ବହିଦାର)
ବୁର୍ଲା ଭାରତୀ କଳାବିକାଶ କେନ୍ଦ୍ରରେ ଦୁଇଦିନିଆ ଶାସ୍ତ୍ରୀୟ ସଙ୍ଗୀତ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଭାରତୀ କଳାବିକାଶ କେନ୍ଦ୍ରସ୍ଥ ସଙ୍ଗୀତ ଶିକ୍ଷାନୁଷ୍ଠାନ ପକ୍ଷରୁ ଗତ ଜୁଲାଇ ୨୬ ଓ ୨୭ ତାରିଖ ଦୁଇଦିନ ଧରି ଆୟୋଜିତ କର୍ମଶାଳାରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରକାର ଶାସ୍ତ୍ରୀୟ ସଙ୍ଗୀତ ସାଧନା ସହିତ ବାଦ୍ୟଯନ୍ତ୍ରର ପ୍ରଶିକ୍ଷଣ ଦିଆଯାଇଥିଲା। ଅତିଥି ଓ ପ୍ରଶିକ୍ଷକ ଭାବେ ଅଖିଳ ଭାରତୀୟ ଗାନ୍ଧର୍ବ ମହାବିଦ୍ୟାଳୟ ସମ୍ପାଦକ ତଥା ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ଜାମିନୀକାନ୍ତ ମିଶ୍ର, ପ୍ରଶାସନିକ ଅଧିକାରୀ ତଥା ପ୍ରଖ୍ୟାତ ତବଲା ବାଦକ ଗୁରୁ ଗଣେଶ ରାମ ବାରେଥ୍ ଓ ତାଙ୍କର ଶିଷ୍ୟମାନେ ଯୋଗ ଦେଇଥିଲେ।

**ସଙ୍ଗୀତ, ବାଦ୍ୟଯନ୍ତ୍ର ପ୍ରଶିକ୍ଷଣ ନେଲେ ଛାତ୍ରୀଛାତ୍ର**

କେନ୍ଦ୍ରର ସଙ୍ଗଠନ ସମ୍ପାଦକ ପ୍ରମୋଦ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ନରଞ୍ଜନ ପଟ୍ଟନାୟକ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କେନ୍ଦ୍ର ଅଧକ୍ଷା ଶାନ୍ତିଲତା ବେହେରାଙ୍କ ନିର୍ଦ୍ଦେଶନାରେ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ଉଦ୍‌ଘାଟନୀ ଦିବସରେ ଆଲୋଚନା ମାଧ୍ୟମରେ ଦୈନିକ ଅଭ୍ୟାସ ପାଇଁ ଶାସ୍ତ୍ରୀୟ ସଙ୍ଗୀତ ଅଧାରିତ ସପ୍ତସ୍ୱର ପ୍ରଶିକ୍ଷଣ ଦିଆଯାଇଥିଲା। ସେହିଭଳି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ତବଲା ବାଦନ ଓ ଅଙ୍ଗୁଳି ଚାଳନା ଶୈଳି ଶିକ୍ଷା ଦିଆଯାଇଥିଲା। ଦ୍ୱିତୀୟ ଦିବସର ପ୍ରଥମ ଅଧିବେଶନରେ ଶାସ୍ତ୍ରୀୟ ସଙ୍ଗୀତର ଗାୟନ ଶୈଳୀ, ଲୟ ଓ ତାଳ ଉପରେ ଧାରଣା ଦିଆଯାଇଥିଲେ। ଏହାବାଦ ତବଲା ବାଦନର ବିଭିନ୍ନ ବୋଲ ଉପରେ ମଧ୍ୟ ଅଭ୍ୟାସ କରାଯାଇଥିଲା। ଶେଷ ପର୍ଯ୍ୟାୟରେ ସନ୍ଦେହ ମୋଚନ ପାଇଁ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। କେନ୍ଦ୍ରର ପ୍ରତିଷ୍ଠାତା ଓ ଉପଦେଷ୍ଟା ରଞ୍ଜିତ କୁମାର ପଟ୍ଟନାୟକ, ବିଶିଷ୍ଟ ଆଇନଜୀବୀ ପ୍ରମୋଦ କୁମାର ଦାସ, ଉପସଭାପତି ଆଇନଜୀବୀ ଲକ୍ଷ୍ମୀଧର ମହାନ୍ତି, ଉପାଧକ୍ଷ କାଳିଚରଣ ପାଢ଼ୀ, ସହସମ୍ପାଦକ ଇଂ. ଶିବ ପ୍ରସାଦ ସ୍ୱାଇଁ, ସଂସ୍କୃତି ସମ୍ପାଦକ ରଶ୍ମିରଞ୍ଜନ ଶତପଥୀ, ସହ କୋଷାଧକ୍ଷ ରଜନୀକାନ୍ତ ଚିନହରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସଂସ୍କୃତି ସମ୍ପାଦକ ରଶ୍ମିରଞ୍ଜନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଜ୍ଞାନ ବିଜ୍ଞାନ ମେଳା

ନାକଟିଦେଉଳ, ୨୮।୭ (ବୈକୁଣ୍ଠନାଥ ସାହୁ)
ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ମନ୍ଦିର ଜଗନ୍ନାଥ ପ୍ରସାଦରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ମେଳାକୁ ପରିଚାଳନା କମିଟି ସଭାପତି ବିରଞ୍ଚି ଶଙ୍କର ସାହୁ, ଶିକ୍ଷକ ବିଶ୍ୱଜିତ ପ୍ରଧାନ, ତନ୍ମୟ ସାହୁ, ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ବିଜୟ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ପ୍ରାଥମିକ ବର୍ଗରେ ୫୪ଜଣ, ତୃତୀୟରୁ ପଞ୍ଚମ ୭୦ଜଣ, ଷଷ୍ଠରୁ ଅଷ୍ଟମ ୨୪ ଜଣ ଛାତ୍ର ଛାତ୍ରୀ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସେହିପରି ଗଣିତ ପ୍ରକଳ୍ପ ପ୍ରଦର୍ଶନ ଉପରେ ଶିଶୁବର୍ଗ ୨୮ଜଣ ଓ ବାଲବର୍ଗରେ ୨୪ଜଣ ଅଂଶଗ୍ରହଣ କରିଥିଲେ। ଜ୍ଞାନବିଜ୍ଞାନ ମେଳାରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୧୦ଜଣ ଶିଶୁ ଅଂଶଗ୍ରହଣ କରିଥିବା ବେଳେ ଶିଶୁ ବାଟିକା ବିଭାଗର ୬୦ଜଣ ଅଂଶଗ୍ରହଣ କରିଥିଲେ। ନାକଟିଦେଉଳ ସିଆରସିସି ସୌମିତ୍ରୀ ସାହୁ ମେଳା ପରିଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସରାପାଲି ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲୋକନାଥ ପ୍ରଧାନ, ପରିଚାଳନା କମିଟି ସଭାପତି ବିରଞ୍ଚି ଶଙ୍କର ସାହୁ, ସମ୍ପାଦକ ପୁରୁଷୋତ୍ତମ ବେହେରା ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଆଚାର୍ଯ୍ୟା ମମତା ଦେହୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ସମ୍ବଲପୁର,୨୮।୭(ପ୍ରମୋଦ ବହିଦାର)
ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ଦୀର୍ଘ ୯ ଦିନ ଧରି ଭିମ୍‌ସାରରେ ଚିକିତ୍ସାଧୀନ ଥିବା ନବୀନ ଦାଶ(୪୨)ଙ୍କ ସୋମବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ବୁର୍ଲାରୁ ନବୀନଙ୍କ ମର ଶରୀର କୁଲୁଥକାନୀସ୍ଥିତ ତାଙ୍କ ବାସଭବନକୁ ଅଣାଯାଇଥିଲା। ବିଭିନ୍ନ ବର୍ଗର ଲୋକେ ସେଠାରେ ପହଞ୍ଚି ତାଙ୍କର ଶେଷଦର୍ଶନ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ରାଜଘାଟରେ ଅନ୍ତିମ ସତ୍କାର କରାଯାଇଥିଲା। ପୁତ୍ର ବିକାଶ ମୁଖାଗ୍ନି ଦେଇଥିଲେ।

ଗତ ଜୁଲାଇ ୧୯ ତାରିଖରେ ନବୀନ ସ୍ତ୍ରୀଙ୍କ ସହ ଜମନକିରା ମୁକ୍ତେଶ୍ୱର ମନ୍ଦିର ଦର୍ଶନ କରି ଏକ ବାଇକରେ ଫେରୁଥିବାବେଳେ ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ ଜାତୀୟ ରାଜପଥ ୫୩ କୁଲୁଣ୍ଡି ନିକଟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲେ। ଏଥିରେ ସ୍ତ୍ରୀଙ୍କ ସହ ସେ ଗୁରୁତର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଭିମ୍‌ସାରରେ ଭର୍ତ୍ତି କରାଯାଇଥିଲା। ବ୍ରେନ୍ ହାମ୍‌ରେଜ୍ ହୋଇ ଥିବାରୁ ତାଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିଲା। ହେଲେ ସୋମବାର ତାଙ୍କର ପରଲୋକ ହୋଇ ଯାଇଛି। ନବୀନ ଦୀର୍ଘଦିନ ଧରି ବିଭିନ୍ନଗଣମାଧ୍ୟମରେ ରିପୋର୍ଟିଂ କରୁଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ନିରୂପମା ପଣ୍ଡା, ଏକମାତ୍ର ପୁତ୍ର ବିକାଶ, ପିତା ପ୍ରହ୍ଲାଦ ଦାଶ, ମାତା ସୁରେଶ୍ୱରୀ ଦାଶ ଉପସ୍ଥିତ ଥିଲେ।

ନବୀନଙ୍କ ପରଲୋକରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ପୂର୍ବତନ ମନ୍ତ୍ରୀ ଇଂ.ରୋହିତ ପୂଜାରୀ, ପୂର୍ବତନ ବିଧାୟକ ନାଉରୀ ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ, ଜିଲା ଓକିଲ ସଂଘ ପୂର୍ବତନ ସଭାପତି ଡ. ପ୍ରମୋଦ ରଥ, ଭାଜପା ଜିଲା ସଭାପତି ଗିରୀଶ ପଟେଲ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।


ନବୀନ ଦାଶ

### ସାଧୁ ପିଟର କ୍ୟାଥୋଲିକ ଚର୍ଚ୍ଚରେ ମାତୃତ୍ୱ ଦିବସ

କୁଚିଣ୍ଡା ,୨୮।୭(ବିରଞ୍ଚି ଦର୍ଶା)
ସମ୍ବଲପୁର ଜଲା କୁଚିଣ୍ଡାସ୍ଥିତ ସାଧୁ ପିଟର କାଥଲିକ ଚର୍ଚ୍ଚରେ ମାତୃତ୍ୱ ଦିବସ ପାଳିତ ହୋଇଯାଇଛି। ସୁବାସ ଖାଲକୋଙ୍କ ପରିଚାଳନାରେ ହୋଇଥିବା କାର୍ଯ୍ୟକ୍ରମରେ ଫାଦର ଅନୀଲ ନାଲକୋ, ସିଷ୍ଟର କିଶୋରୀ, ସମ୍ପାଦକ ପ୍ରଫୁଲ୍ଲ କିଣ୍ଡୋ, ଲିଲି ପୁନମ ସୋରେଙ୍ଗ, ମୁକ୍ତା ମିଞ୍ଜ ଅତିଥିଭାବେ ଯୋଗଦେଇ ମା'ଙ୍କ ଭୂମିକା, ମାତୃତ୍ୱ ଲାଭ ପରେ ସନ୍ତାନ ସନ୍ତତିଙ୍କ ଲାଳନ ପାଳନ, ସେମାନଙ୍କ ଉପଯୁକ୍ତ ସେବାଯତ୍ନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ମାତୃ ମଣ୍ଡଳୀଙ୍କୁ ସଭାସ୍ଥଳୀକୁ ପାଛୋଟି ନିଆଯାଇ ଆତିଥ୍ୟ ପ୍ରଦାନ କରାଯାଇଥିଲା। ଲୁଇସ ବାର୍ଲା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଗୋବିନ୍ଦତୋଲା ଦୁର୍ଗାପୂଜା କର୍ମକର୍ତ୍ତା ଚୟନ

**ପ୍ରଦୀପ ସଭାପତି, ଅଜୟ ସମ୍ପାଦକ**

ସମ୍ବଲପୁର,୨୮।୭(ବି.ଶଙ୍କର)
ସମ୍ବଲପୁର ସହରସ୍ଥିତ ଗୋବିନ୍ଦତୋଲା ସାର୍ବଜନୀନ ଦୁର୍ଗାପୂଜା କମିଟିର ସାଧାରଣ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ପ୍ରଦୀପ ପାଢ଼ୀଙ୍କ ସଭାପତିତ୍ୱରେ ହୋଇଥିବା ବୈଠକ ପ୍ରାରମ୍ଭରେ ଗୋବିନ୍ଦତୋଲା ଦୁର୍ଗାପୂଜା କମିଟିର ସକ୍ରିୟ ସଦସ୍ୟ ତଥା ଅନ୍ୟତମ ପୃଷ୍ଠାପୋଷକ ସୁନୀଲ ମହାପାତ୍ରଙ୍କ ଅକାଳ ବିୟୋଗରେ ଏକ ଶୋକସଭା ହେବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହାପରେ କମିଟିର ପୂର୍ବତନ କୋଷାଧକ୍ଷ ଦିଲୀପ ଠାକୁର ପୂର୍ବବର୍ଷର ଆୟବ୍ୟୟ ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ପ୍ରଦୀପ ପାଢ଼ୀଙ୍କୁ ପୁନର୍ବାର ସଭାପତି, ଅଜୟ କୁମାର ସାହୁଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା । ଏଥିସହ ସଞ୍ଜୟ ସାହୁ ଓ ଶ୍ରୀକାନ୍ତ ପଣ୍ଡା ଉପସଭାପତି, ରାଜ କିଶୋର ପୁରୋହିତ, ପ୍ରସନ୍ନ କୁମାର ପାଢ଼ୀ ଓ ଅଭିଳାଷ ସ୍ୱାଇଁ ସହସମ୍ପାଦକ, ରମାକାନ୍ତ ବେରିହା କୋଷାଧକ୍ଷ, ଦିଲୀପ କୁମାର ଠାକୁର ସହ କୋଷାଧକ୍ଷ ଭାବେ ଚୟନ ହୋଇଛନ୍ତି । ସେହିପରି ଲଟେରି କମିଟି ଅଧକ୍ଷ ସଞ୍ଜୟ ତ୍ରିପାଠୀ, ସହଅଧକ୍ଷ ଭାବେ ଶୁଭମ ମହାପାତ୍ରଙ୍କୁ ମନୋନୀତ କରାଯାଇଥିଲା । ଚଳିତବର୍ଷର ଦୁର୍ଗାପୂଜା ପାଇଁ ସର୍ବସମ୍ମତିକ୍ରମେ ଦାଶରଥି ପଣ୍ଡାଙ୍କୁ ପୂଜାକର୍ତ୍ତାଭାବେ ଚୟନ କରାଯାଇଛି ବୋଲି କମିଟିର ମିଡିଆ ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ ସୂଚିତ କରିଛନ୍ତି ।

# ଭାରତ ଗାଇଡ ରାଜ୍ୟ ପୁରସ୍କାର ଟେଷ୍ଟିଙ୍ଗ କ୍ୟାମ୍ପ

ସମ୍ବଲପୁର,୨୮।୭(ବି.ଶଙ୍କର)
କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଭୁବନେଶ୍ୱର ସମ୍ଭାଗର ପାଞ୍ଚଦିନିଆ ଭାରତ ଗାଇଡ ରାଜ୍ୟ ପୁରସ୍କାର ଟେଷ୍ଟିଙ୍ଗ କ୍ୟାମ୍ପ ସମ୍ବଲପୁର କେନ୍ଦ୍ରିୟ ବିଦ୍ୟାଳୟ-୧ରେ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଗ୍ରାଣ୍ଡ କ୍ୟାମ୍ପ ଫାୟାରରେ ବିଦ୍ୟାଳୟର ପ୍ରିନ୍ସିପାଲ ରଣରଞ୍ଜୟ ସିଂହ ସଭାପତିତ୍ୱ କରିଥିଲେ। ସହାୟକ ଆୟୁକ୍ତ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ଭୁବନେଶ୍ୱର ସମ୍ଭାଗର ଅନୀଲ କୁମାର ମୁଖ୍ୟ ଅତିଥି, ସମ୍ବଲପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଟି. ଅଶୋକ କୁମାର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ରବେକା ଥୋମାସ, ଲତା ମାଥୁରିଆ, ଅର୍ଚ୍ଚନା ପାତ୍ର, ଅନିତା ଡୁଙ୍ଗଡୁଙ୍ଗ, ଦମୟନ୍ତୀ ପାତ୍ର, ସୁଭଦ୍ରା ଦାସ ଏଥିରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ଉପାଧକ୍ଷ ବଳରାମ ମିଶ୍ର, ପ୍ରଧାନଶିକ୍ଷକ କ୍ରଧର ଦେହୁରୀ ଏବଂ ସମସ୍ତ ପ୍ରାଥମିକ ଶିକ୍ଷକ ଉପସ୍ଥିତ ଥିଲେ। ଭୁବନେଶ୍ୱର ସମ୍ଭାଗର ୪୨ କେନ୍ଦ୍ରୀୟ ବିଦ୍ୟାଳୟରୁ ୨୫୬ ଗାଇଡ ବାଳିକା ସହ ୪୩ ଜଣ ଅନୁରକ୍ଷଣ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ପ୍ରମୋଦ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସ୍ନାତକ ବିଜ୍ଞାନ ଶିକ୍ଷକ ପଦ୍ମନାଭ ମିଶ୍ର, ପ୍ରାଥମିକ ଶିକ୍ଷକ ସୁଦାମ ଚରଣ ଭୋଇ, ଦେବାଶିଷ ମହାପାତ୍ର ଅତିଥିମାନଙ୍କୁ ସ୍କାର୍ଫ ଅର୍ପଣ କରିଥିଲେ। ଏହି ଅବସରରେ ଗାଇଡମାନଙ୍କ ଓଡ଼ିଶୀ ନୃତ୍ୟ, ଗର୍ବା ନୃତ୍ୟ, ସମ୍ବଲପୁରୀ ନୃତ୍ୟପରିବେଷିତ ହୋଇଥିଲା ।


ସମ୍ବଲପୁରରେ ଆୟୋଜିତ ଭାରତ ଗାଇଡ ରାଜ୍ୟ ପୁରଷ୍କାର ଟେଷ୍ଟିଙ୍ଗ କ୍ୟାମ୍ପରେ ଛାତ୍ରୀମାନଙ୍କ ଯୋଗ ନୃତ୍ୟ।

# ଅଧିକାରକୁ ନେଇ ସଚେତନ ହେବାକୁ ଆହ୍ୱାନ

**ମହିଳା ଆଇନ ସଚେତନତା ଶିବିର**



ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

ସମ୍ବଲପୁର,୨୮।୭(ପ୍ରମୋଦ ବହିଦାର)
ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠ(ଆଇକ୍ୟୁଏସି) ପକ୍ଷରୁ ମହିଳା ଆଇନ୍ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହିଳା ଆଇନ୍ ସଚେତନତା ଶିବିରରେ ମୁଖ୍ୟଅତିଥି ଓ ମୁଖ୍ୟ ଆଲୋଚକ ଭାବେ ଜିଲା ଆଇନ୍ ସହାୟତା ପ୍ରକୋଷ୍ଠର ମୁଖ୍ୟ ଦୁଷ୍ମନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ଉପମୁଖ୍ୟ ଅଙ୍କିତା ଗୁରୁ ଯୋଗଦେଇ ଛାତ୍ରୀମାନଙ୍କୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଶାକା ନିର୍ଦ୍ଦେଶାବଳୀ-୧୯୯୭, ପୋସ ଆଇନ୍-୨୦୧୩ ଓ ୟୁଜିସି ନିର୍ଦ୍ଦେଶାବଳୀ-୨୦୧୫ର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ ଅବଗତ କରିଥିଲେ। ମୁଖ୍ୟଅତିଥି ବେହେରା ନିଜ ବକ୍ତବ୍ୟରେ ମହିଳା ସୁରକ୍ଷା ଆଇନର ଉତ୍ସ ତଥା ରାଜସ୍ଥାନର ଭଉଁରୀ ଦେବୀଙ୍କ ଉତ୍ସର୍ଗୀକୃତ ଭାବନା ଓ ବିଶାକା ଅନୁଷ୍ଠାନର ଲଢ଼େଇରେ ସୁପ୍ରିମକୋର୍ଟର ନିର୍ଦ୍ଦେଶାବଳୀ ଉପରେ ଆଲୋଚନା କରିଥିଲେ। କର୍ମକ୍ଷେତ୍ରରେ ମହିଳା କର୍ମଚାରୀ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଛାତ୍ରୀମାନଙ୍କର ସୁରକ୍ଷା ଦିଗରେ ଉକ୍ତ ନିର୍ଦ୍ଦେଶାବଳୀ ଓ ଆଇନ୍‌ର ଉପଯୋଗିତା ଉପରେ ଆଲୋକପାତ କରିଥିଲେ।

ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ମେହେର ନିଜ ବକ୍ତବ୍ୟରେ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଛାତ୍ରୀମାନଙ୍କ ସୁରକ୍ଷା ସର୍ବୋପରି। ତେବେ ମହିଳା ସଶକ୍ତିକରଣ ପାଇଁ ପ୍ରତ୍ୟେକ ମହିଳା ଓ ଛାତ୍ରୀ ନିଜର ଆଇନ୍ ସମ୍ମତ ଅଧିକାରକୁ ନେଇ ସଚେତନ ହେବା ସହ ଠିକ୍ ଭାବେ ନିଜ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ମହିଳା ମହାବିଦ୍ୟାଳୟ ଆଇକ୍ୟୁଏସିର ଅଧିକାରୀ ପ୍ରଫେସର ରବୀନ୍ଦ୍ର କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନାକ ସଂଯୋଜକ ଅଖିଳ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରୀ ଭାଗ ନେଇଥିଲେ।




# ଜମି ଦେବାକୁ କହି ମନ୍ତ୍ରୀଙ୍କୁ ୨୫ ଲକ୍ଷ ଟଙ୍କା ଠକେଇ

## ଓକିଲଙ୍କ ଜରିଆରେ ଥାନାରେ ଅଭିଯୋଗ କଲେ ଖାଦ୍ୟ ଯୋଗାଣ ମନ୍ତ୍ରୀ

ଢେଙ୍କାନାଳ,୨୮।୭(ରତନ ନାୟାର)

ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଜମି ଦେବାକୁ କହି ୨୫ଲକ୍ଷ ଟଙ୍କା ଠକେଇ କରାଯିବା ଘଟଣା ଢେଙ୍କାନାଳ ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଏ ସଂକ୍ରାନ୍ତରେ ଗତ ୨୬ ତାରିଖରେ ମନ୍ତ୍ରୀ ପାତ୍ର ତାଙ୍କ ଓକିଲଙ୍କ ଜରିଆରେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗକୁ ଭିତ୍ତିକରି ଟାଉନ ଥାନାରେ ନଂ. ୫୦୦/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଟଙ୍କା ଦେବା ବାବଦ କାଗଜପତ୍ରକୁ ପୋଲିସ ଜବତ କରି ଏ ସଂକ୍ରାନ୍ତରେ ତନାଘନା ଚଳାଇଛି।

ଅଭିଯୋଗରୁ ଜଣାପଡିଛି, ଢେଙ୍କାନାଳ ସଦର ଥାନା ବଣସିଂହ ଅଞ୍ଚଳର ନିରଞ୍ଜନ ଶତପଥୀ ୨୦୨୧ ମସିହାରେ କୃଷ୍ଣଚନ୍ଦ୍ରଙ୍କୁ ଏକ ଜମି ଦେବାକୁ କହି ତାଙ୍କଠାରୁ ଅଗ୍ରୀମ ୨୫ ଲକ୍ଷ ଟଙ୍କା ନେଇଥିଲେ। ଏହାପରେ ସେ ଜମି ଦେଲେ ନାହିଁ କି ଟଙ୍କା ମଧ୍ୟ ଫେରାଇଲେ ନାହିଁ। ଜମି ଦେବାକୁ କୃଷ୍ଣଚନ୍ଦ୍ର ବାରମ୍ବାର କହିବା ସତ୍ତ୍ୱେ ନିରଞ୍ଜନ ଜମି ଦେଇ ନ ଥିଲେ।



ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ଟଙ୍କା ମଧ୍ୟ ଫେରାଇ ନ ଥିଲେ। ଏପରି କି ନିରଞ୍ଜନ ଦେଇଥିବା ୨ଟି ଚେକ୍ ବାଉନ୍ସ ହୋଇଯାଇଥିଲା। ଫଳରେ ଚେକ୍ ବାଉନ୍ସ ନେଇ ନିରଞ୍ଜନଙ୍କ ନାମରେ ଏକ ମାମଲା ରୁଜୁ ହୋଇଥିଲା। ସେଥିରେ ସେ ଜାମିନରେ ଆସିଥିବା ନିରଞ୍ଜନଙ୍କ ସୂଚନାରୁ ଜଣାପଡିଛି। ଏହି ଘଟଣା ସୋମବାର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଏ ସଂକ୍ରାନ୍ତରେ ଟାଉନ ଥାନା ପୋଲିସ ତଦନ୍ତ ଜାରି ରଖିଛି। ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ କହିଛନ୍ତି, ଅଭିଯୋଗ ପାଇଛୁ। ଥାନାରେ ମାମଲା ରୁଜୁ ହୋଇଛି। କାଗଜପତ୍ରକୁ ଯାଞ୍ଚ କରାଯାଉଛି।


# ଖର୍ଚ୍ଚ ହୋଇପାରୁନି ଆଦିବାସୀଙ୍କ ଶିକ୍ଷା, ସଂସ୍କୃତି ଗବେଷଣା ପାଣ୍ଠି

ଭୁବନେଶ୍ୱର,୨୮।୭
(ରବିନାରାୟଣ ଜେନା)

ରାଜ୍ୟରେ ଆଦିବାସୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ସହିତ ସେମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁବିଧ ଯୋଜନା ପ୍ରଣୟନ କରାଯାଇଛି। ଏଥିପାଇଁ ରାଜ୍ୟ ବଜେଟ୍‌ରେ ବ୍ୟାପକ ଅର୍ଥର ବ୍ୟବସ୍ଥା କରାଯାଉଛି। ଏହାବାଦ୍ ଅନ୍ୟାନ୍ୟ ଉତ୍ସରୁ ମଧ୍ୟ ସରକାର ପାଣ୍ଠି ଯୋଗାଇ ଦେଉଛନ୍ତି। ହେଲେ ବାସ୍ତବ କ୍ଷେତ୍ରରେ ସେମାନଙ୍କ ପାଇଁ ବିଭିନ୍ନ ଉତ୍ସରୁ ବ୍ୟବସ୍ଥା ହେଉଥିବା ଅର୍ଥର ସୁବିନିଯୋଗ ହୋଇପାରୁନାହିଁ। ଫଳରେ ସେମାନଙ୍କ ସାଂସ୍କୃତିକ ବିକାଶ ବାଧାପ୍ରାପ୍ତ ହେବା ସହିତ ଶିକ୍ଷା ଓ ଆନୁଷଙ୍ଗିକ ଭିତ୍ତିଭୂମି ସୁଦୃଢ଼ ହୋଇପାରୁନାହିଁ। ପରିସ୍ଥିତି ଏପରି ହୋଇଛି ଯେ, ଯେଉଁ ଉତ୍ସରୁ ଟଙ୍କା ମଞ୍ଜୁର ହେଉଛି ତାହା ଠିକଣା ବାଟରେ ଖର୍ଚ୍ଚ ନ ହେବା ଯୋଗୁ ଏବେ ସୁଧ ଗଣିବାକୁ ସରକାର ଏକପ୍ରକାର ବାଧ୍ୟ ହେଉଛନ୍ତି। ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ଖବର ଓଡ଼ିଶା ଖଣିଜ ଅଞ୍ଚଳ ଉନ୍ନୟନ ନିଗମ(ଓଏମ୍‌ବିଏଡିସି) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ)ଙ୍କ ପତ୍ରରୁ ଜଣାଯାଇଛି।

ଓଏମ୍‌ବିଏଡିସି ସିଇଓ ରୋହିତ କୁମାର ଲେଙ୍କା ଚଳିତମାସ ୨୨ରେ ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ପତ୍ର ଲେଖି ବିନିଯୋଗ ହୋଇ ନ ଥିବା ଖର୍ଚ୍ଚ ସୁଧ ସମେତ ଫେରାଇବାକୁ ଦର୍ଶାଇଛନ୍ତି। ସେ ପତ୍ରରେ ଉଲ୍ଲେଖ କରିଛନ୍ତି, ଜନଜାତିଙ୍କ ସଂସ୍କୃତି ଗବେଷଣା ଲାଗି ଓଏମ୍‌ବିଏଡିସି ପକ୍ଷରୁ ପ୍ରଦାନ କରାଯାଇଥିବା ଅର୍ଥ ମଧ୍ୟରୁ ବଳକା ଥିବା ୭ଲକ୍ଷ ୭୦ହଜାର ୬୩୧ ଟଙ୍କା ଓ ଏହାର ସୁଧ ସହିତ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ ଲାଗି ପ୍ରଦାନ କରାଯାଇଥିବା ୧୦କୋଟି ୬୪ ଲକ୍ଷ ୭୦ହଜାର ୫୦୭ଟଙ୍କା ଫେରସ୍ତ କରାଯାଉ।

### ସୁଧ ସହ ୧୦.୭୫କୋଟି ମାଗିଲା 'ଓଏମ୍‌ବିଏଡିସି'



Rohita Kumar Lenka, IFS
CHIEF EXECUTIVE OFFICER

OMBADC

No.1606 /OMBADC-26/2019 (F.Y-2024-25) Dated. 22nd July 2025

To
The Principal Secretary to Govt.,
ST & SC Development, Minorities & Backward Classes Welfare Department,
Government of Odisha.

Sub: Refund of unspent funds released under compensation funds component of OMBADC for the project "Research Activities pertaining to Tribal Culture"-regarding.

Ref: This office letter No. 1153 dtd. 29.05.2025 & No. 1155 dtd. 29.05.2025.

Sir,

In inviting reference to the letters cited above on the captioned subject, this is to bring to your kind notice that it was requested by this office to refund the unutilized amount of Rs.7,70,631.00 along with interest in respect of the project "Research Activities pertaining to Tribal Culture". The said amount is yet to be refunded to OMBADC. Further, an amount of Rs.10,64,70,507.00 was also requested for refund in respect of the project "Development of Education Infrastructure for ST & SC Students of SC & ST Dept. Schools" and the said amount has also not been refunded to OMBADC.

In view of the said fact, it is once again requested to refund the unutilized balance amount of Rs.7,70,631.00 and Rs.10,64,70,507.00 along with the accrued interest and the "up-to-date interest certificate". for the year 2023-24 and 2024-25 to OMBADC in the account as provided here under. The said amount may kindly be refunded back to OMBADC on or before 31.07.2025.

Bank Name: Union Bank of India
Branch Name: Main Branch, Ashok Nagar, Bhubaneswar
A/c No.:380802050000212
IFSC: UBIN0538086

Yours faithfully
Chief Executive Officer
OMBADC

Memo No.1607 Dt. 22.07.2025
Copy forwarded to the Director, SCST Research & Training Institute / the Director ST, Odisha Tribal Development Society/ the Nodal Officer (OMBADC Project), ST & SC Development, Minorities & Backward Classes Welfare Department, Odisha for information and necessary action.

Chief Executive Officer
OMBADC

ODISHA MINERAL BEARING AREAS DEVELOPMENT CORPORATION
(A SPV of Government of Odisha), CIN-U75100OR2014NPL018478
Regd. Off: Aranya Bhawan, 1st Floor, GD-2/12, Chandrasekharpur, Bhubaneswar-23, Odisha
E-mail : ombadc@gmail.com, Phone: (0674) 2300488, Website: www.ombadc.in

ଓଏମ୍‌ବିଏଡିସି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେଇଥିବା ପତ୍ରର ନକଲ।

ରୋହିତ ପତ୍ରରେ ଦର୍ଶାଇଛନ୍ତି, ଆଦିବାସୀଙ୍କ ସଂସ୍କୃତିର ଅଧିକ ଗବେଷଣା ଓ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ ଲାଗି ଓଏମ୍‌ବିଏଡିସି ପକ୍ଷରୁ ୨୦୨୩-୨୪ ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ଯେଉଁ ଅର୍ଥ ପ୍ରଦାନ କରାଯାଇଥିଲା ତାହା ସମ୍ପୂର୍ଣ୍ଣ ଖର୍ଚ୍ଚ ହୋଇପାରି ନାହିଁ। ତେଣୁ ସଂସ୍କୃତି ଗବେଷଣା ଲାଗି ବିନିଯୋଗ ହୋଇ ନ ଥିବା ୭ଲକ୍ଷ ୭୦ହଜାର ୬୩୧ ଏବଂ ଶିକ୍ଷା ଭିତ୍ତିଭୂମି ଲାଗି ପ୍ରଦାନ କରାଯାଇଥିବା ୧୦.୬୪କୋଟି ଟଙ୍କା ସୁଧ ସହିତ ଫେରାଅ। ଚଳିତମାସ ୩୧ ତାରିଖ ସୁଦ୍ଧା ଏହାର ଅଦ୍ୟତନ ସୁଧ ସହିତ ସମସ୍ତ ଟଙ୍କା ଫେରାଇବାକୁ ସିଇଓ ରୋହିତ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହାକୁ ନେଇ ବିଭାଗୀୟ ସଚିବ ଏବେ ଅଡୁଆରେ ପଡ଼ିଥିବା ଜଣାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟର ସୁନ୍ଦରଗଡ଼, କେନ୍ଦୁଝର, ଯାଜପୁର ଭଳି ୮ଟି ଖଣିଜ ଜିଲାର ୭୬ଟି ବ୍ଲକ ଏବଂ ୭୬୨୬ ଗ୍ରାମର ବିକାଶ ଲାଗି ଓଏମ୍‌ବିଏଡିସି ପାଣ୍ଠି ଖର୍ଚ୍ଚ ହୋଇଥାଏ। ଏହି ଅର୍ଥରେ ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ, ପରିବେଶ ଓ ଗ୍ରାମ୍ୟ ଉନ୍ନୟନ ଭିତ୍ତିଭୂମି ସୁଦୃଢ଼ ଲାଗି ଅର୍ଥ ଖର୍ଚ୍ଚ କରାଯାଇଥାଏ।

# ୧୧୦୦୦ରୁ ଉର୍ଦ୍ଧ୍ୱ ଗୁହାରି ଶୁଣିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୭
(ରବିନାରାୟଣ ଜେନା)

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପ୍ରତି ଲୋକଙ୍କ ଆଶା ଓ ଭରସା ଦିନକୁ ଦିନ ବୃଦ୍ଧି ପାଉଛି। ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ୍ ଜନଶୁଣାଣି ପୋର୍ଟାଲ ଖୋଲିବା ମାତ୍ରେ ଗୋଟିଏ ଦିନରେ ୧ହଜାର ଆବେଦନକାରୀ ତାଙ୍କର ନାମ ପଞ୍ଜୀକରଣ କରିଦେଉଛନ୍ତି। ଅବଶିଷ୍ଟଙ୍କୁ ସାକ୍ଷାତରେ ହିଁ ଅଭିଯୋଗ ଶୁଣାଣି କରାଯାଉଛି ବୋଲି ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରୁ ଜଣାଯାଇଛି। ଅଭିଯୋଗ ନେଇ ଆସିଥିବା ଲୋକମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଶ୍ୱାସନାଭରା କଥା ଗଭୀର ଭାବେ ପ୍ରଭାବିତ କରୁଥିବା ଦେଖିବାକୁ ମିଳିଥିଲା।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ସିଙ୍ଗିଲ୍ ୱିଣ୍ଡୋ ଜରିଆରେ ଅସାଧ ଓ ଦୁରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଉଛି। ଏଥି ନିମନ୍ତେ ବରିଷ୍ଠ ଡାକ୍ତରୀ ଟିମ୍ ମଧ୍ୟ ଅଭିଯୋଗ ପ୍ରକୋଷ୍ଠରେ ଉପସ୍ଥିତ ରହୁଛନ୍ତି। ଆଜି ୩ଜଣଙ୍କୁ ଚିକିତ୍ସା ସହାୟତା ରାଶି ଯୋଗାଇ ଦିଆଯାଇଛି। ଚଳିତବର୍ଷ ଆରମ୍ଭରୁ ଅଦ୍ୟାବଧି ସିଙ୍ଗିଲ ୱିଣ୍ଡୋ ସିଷ୍ଟମରେ ୫୧ ଜଣଙ୍କୁ ୫୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇସାରିଲାଣି।



ବିଭିନ୍ନ ବ୍ୟକ୍ତିଙ୍କ ଅଭିଯୋଗ ଶୁଣୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଅଛନ୍ତି ବିଭିନ୍ନ ବିଭାଗର ମନ୍ତ୍ରୀ।

ସୂଚନାଯୋଗ୍ୟ, ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଦ୍ୱାଦଶ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୧,୫୧୬ଟି ଅଭିଯୋଗ ମଧ୍ୟରୁ ୧୦,୫୦୨ଟି ଅଭିଯୋଗର ସମାଧାନ କରାଯାଇଛି। ଯାହା ଶତକଡ଼ା ୯୧ ପ୍ରତିଶତ। ବକେୟା ଅଭିଯୋଗଗୁଡ଼ିକ ପ୍ରୋସେସରେ ରହିଛି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ।

# ବିଷ୍ଣୁ ସେଠୀଙ୍କ ଆଗୁଆ ଜାମିନ ଆବେଦନ ଖାରଜ

କଟକ,୨୮।୭(କାର୍ତ୍ତିକ ସାହୁ)

ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଆଗୁଆ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଯାଇଛି। ହାଇକୋର୍ଟ ବିଚାରପତି ଜଷ୍ଟିସ ଭି. ନରସିଂହ ସୋମବାର ରାୟ ପ୍ରକାଶ କରି ଆବେଦନ ଖାରଜ କରିବା ସହ ଅନ୍ତରୀଣ ରହିତାଦେଶକୁ ହଟାଇ ଦେଇଛନ୍ତି। ଫଳରେ ଏବେ ବିଷ୍ଣୁପଦଙ୍କ ଗିରଫଦାରି ଆଶଙ୍କା ବଢ଼ିଯାଇଛି।

ସୂଚନାନୁସାରେ, ଲାଞ୍ଚ କାରବାରରେ କେନ୍ଦ୍ରୀୟ ଯାଞ୍ଚ ବ୍ୟୁରୋ(ସିବିଆଇ) ବିଷ୍ଣୁପଦଙ୍କ ନାମରେ ମାମଲା ରୁଜୁ କରିଥିଲା। ଏହି ମାମଲାକୁ ଖାରଜ କରିବା ସହ ଆଗୁଆ ଜାମିନ ପାଇବା ପାଇଁ ବିଷ୍ଣୁପଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜୁଲାଇ ୩ ତାରିଖରେ ମାମଲାର ଶୁଣାଣି କରି ହାଇକୋର୍ଟ ବିଷ୍ଣୁପଦଙ୍କୁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଥିଲେ। ବ୍ରିଜ୍ ଆଣ୍ଡ ରୁଫ କର୍ପୋରେଶନ ଲିମିଟେଡ ସମ୍ପର୍କିତ ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ଅଭିଯୋଗରେ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ କରି ବିଭିନ୍ନ ରେକର୍ଡପତ୍ର ଯାଞ୍ଚ କରିଥିଲା। ବିଷ୍ଣୁପଦ ଏବଂ ତାଙ୍କ ସ୍ତ୍ରୀଙ୍କ ନାମରେ ଥିବା ଆକାଉଣ୍ଟକୁ ସିବିଆଇ ପକ୍ଷରୁ ଅଚଳ କରି ଦିଆଯାଇଥିଲା। ଏହି ଘଟଣାରେ ବିନା କାରଣରେ ତାଙ୍କୁ ଓ ତାଙ୍କ ପରିବାରକୁ ଟଣାଯାଉଛି ବୋଲି ବିଷ୍ଣୁପଦ ହାଇକୋର୍ଟରେ ଦର୍ଶାଇବା ସହ ତାଙ୍କୁ ଜାମିନ ପ୍ରଦାନ ସହ ତାଙ୍କ ବିରୋଧରେ ହୋଇଥିବା ମାମଲାକୁ ଖାରଜ କରିବାକୁ ଆବେଦନ କରିଥିଲେ। ଅଦାଲତରେ ସିବିଆଇ କେଶ୍‌ଡାଏରୀ ଓ ତଦନ୍ତର ସ୍ଥିତି ଦାଖଲ କରିଥିଲା। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଗତ ୧୮ ତାରିଖରେ ଅଦାଲତ ରାୟକୁ ସଂରକ୍ଷିତ ରଖିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଦେବାଶିଷ ପଣ୍ଡା ଓ ସିବିଆଇ ପକ୍ଷରୁ ସ୍ପେଶାଲ ପିପି ସାର୍ଥକ ନାୟକ ମାମଲା ପରିଚାଳନା କରୁଥିଲେ।

# ଆଜି ଆକାଶ ମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୭(ରବିନାରାୟଣ ଜେନା)

ଆସନ୍ତାକାଲି (ମଙ୍ଗଳବାର) ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆକାଶ ମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିବେ। ଏହି ସମୟରେ ପ୍ରପୀଡ଼ିତଙ୍କୁ କିଭଳି ଉଦ୍ଧାର କରାଯାଇଛି ତା'ର ମଧ୍ୟ ସମୀକ୍ଷା କରିବେ। ବନ୍ୟା କ୍ଷୟକ୍ଷତି ରିପୋର୍ଟ ଆସିବାର ୨୪ ଘଣ୍ଟା ଭିତରେ ସହାୟତା ଯୋଗାଇ ଦିଆଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ପ୍ରଦାନ କରିଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ରାଜ୍ୟରେ ୬ଟି ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ସେଥିମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର ପ୍ରଭୃତି ରହିଛି। ଯେତେ ଦିନ ପର୍ଯ୍ୟନ୍ତ ଲୋକେ ରିଲିଫ ସେଣ୍ଟରରେ ଅଛନ୍ତି ସେମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଆସନ୍ତାକାଲି(ମଙ୍ଗଳବାର) ପାଗ ଅନୁକୂଳ ହେଲେ ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିବେ ବୋଲି ରାଜସ୍ୱମନ୍ତ୍ରୀ ସୂଚନା ଦେଇଛନ୍ତି।

# ତୃତୀୟ ଥର ପାଇଁ ବଳଙ୍ଗା ପୀଡ଼ିତାଙ୍କ ଅସ୍ତ୍ରୋପଚାର

- ବାପା, ପିଉସୀଙ୍କୁ ପୁଣି ଜେରା କଲା ପୋଲିସ
- ଘର ଆଗରେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା

ବଳଙ୍ଗା,୨୮।୭ (କେଦାରେଶ୍ୱର ନନ୍ଦ)

ପୁରୀ ଜିଲା ବଳଙ୍ଗା ଅଞ୍ଚଳରେ ନାବାଳିକା ଛାତ୍ରୀଙ୍କୁ ଜାଳିଦେବା ଘଟଣାର ୧୦ଦିନ ପୂରିଲାଣି। ହେଲେ ଏପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିପାରିନାହିଁ। ପୋଲିସର ସ୍ୱତନ୍ତ୍ର ଟିମ୍ ଓ କ୍ରାଇମବ୍ରାଞ୍ଚ ଏହି ଘଟଣାର ତଦନ୍ତ ଜାରି ରଖିଛି। ଅନ୍ୟପଟେ ସୋମବାର ଦିଲ୍ଲୀ ଏମ୍ସରେ ତୃତୀୟ ଥର ପାଇଁ ପୀଡ଼ିତାଙ୍କ ଅସ୍ତ୍ରୋପଚାର କରାଯାଇଛି। ତାଙ୍କ ପାଇଁ ଆମେରିକାରୁ ୯ଲକ୍ଷ ଟଙ୍କାର ଔଷଧ ଅଣାଯାଇଥିବା କୁହାଯାଉଛି। ଅସ୍ତ୍ରୋପଚାର ପରେ ସେ ସୁସ୍ଥତା ଅନୁଭବ କଲେ ଦିଲ୍ଲୀ ଯାଇଥିବା ବଳଙ୍ଗା ପୋଲିସ ଓ କ୍ରାଇମ୍‌ବ୍ରାଞ୍ଚ ଟିମ୍ ତୃତୀୟ ଥର ପାଇଁ ତାଙ୍କର ବୟାନ ରେକର୍ଡ କରିବ। କାରଣ ପୀଡ଼ିତା ପୂର୍ବରୁ ଭୁବନେଶ୍ୱର ଏମ୍ସ ଏବଂ ଦିଲ୍ଲୀ ଏମ୍ସରେ ଦେଇଥିବା ବୟାନରେ ତାଳମେଳ ରହୁ ନ ଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ତେଣୁ ପୁଣି ଥରେ ତାଙ୍କ ପରିବାର ସଦସ୍ୟ, ମାଜିଷ୍ଟ୍ରେଟ୍ ଓ ଡାକ୍ତରଙ୍କ ଉପସ୍ଥିତିରେ ବୟାନ ରେକର୍ଡ କରାଯିବ। ତେବେ ସୋମବାର ଦିଲ୍ଲୀ ଏମ୍ସରେ ଥିବା ପୀଡ଼ିତାଙ୍କ ବାପା ଓ ପିଉସୀଙ୍କୁ ୩୦ ମିନିଟ୍‌ରୁ ଅଧିକ ସମୟ ଧରି ପୋଲିସ ପୁନର୍ବାର ପଚରାଉଚରା କରିଛି। ମଙ୍ଗଳବାର ପୀଡ଼ିତାଙ୍କୁ ପଚରାଉଚରା କରାଯିବା ସହ ତାଙ୍କ ବୟାନ ରେକର୍ଡ କରାଯାଇପାରେ। ସମ୍ପ୍ରତି ବଳଙ୍ଗା ଥାନା ଅନ୍ତର୍ଗତ ବାୟାବର ନୂଆଗୋପାଳପୁରସ୍ଥିତ ପୀଡ଼ିତାଙ୍କ ଘର ସମ୍ମୁଖରେ ୨୪ ଘଣ୍ଟିଆ ପୋଲିସ ମୁତୟନ କରାଯାଇ କଡ଼ା ସୁରକ୍ଷା ଯୋଗାଇ ଦିଆଯାଉଛି। ଦୁଇଟି ଶିଫ୍ଟରେ ସକାଳ ୬ରୁ ରାତି ୧୦ଟା ଏବଂ ରାତି ୧୦ରୁ ସକାଳ ୬ଟା ପର୍ଯ୍ୟନ୍ତ ପୋଲିସ କର୍ମଚାରୀ ଜଗିରହିବା ସହ ସନ୍ଦିଗ୍ଧଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିବା ଜଣାପଡ଼ିଛି।



ପୀଡ଼ିତାଙ୍କ ଘର ଆଗରେ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି।

# ସତର୍କ ସଙ୍କେତ ତଳେ ଜଳକା, ସୁବର୍ଣ୍ଣରେଖା

- ୪ ବ୍ଲକର ୧୮ହଜାର ଲୋକ ପ୍ରଭାବିତ
- ବନ୍ୟାଞ୍ଚଳ ପରିଦର୍ଶନ କଲେ ଅତିରିକ୍ତ ଏସ୍ଆର୍‌ସି, ଜିଲାପାଳ



ବନ୍ୟାଞ୍ଚଳ ବୁଲି ଦେଖିଲେ ଅତିରିକ୍ତ ଏସ୍ଆର୍‌ସି, ଜିଲାପାଳ ଓ ଏସ୍‌ପି।

ବାଲେଶ୍ୱର, ୨୮।୭
(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ଦେଇ ପ୍ରବାହିତ ଜଳକା ଓ ସୁବର୍ଣ୍ଣରେଖାରେ ବନ୍ୟା ଯୋଗୁ ବସ୍ତା, ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ବ୍ଲକରେ ପରିସ୍ଥିତି ଦୟନୀୟ ହୋଇଛି। ଏହି ୪ଟି ବ୍ଲକର ୧୬ଟି ପଞ୍ଚାୟତର ୪୫ ଗାଁ ପାଣିଘେରରେ ରହିଛି। ୧୮ହଜାରରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି।

ସୋମବାର ଜଳକା ଓ ସୁବର୍ଣ୍ଣରେଖାର ଜଳସ୍ତର ସତର୍କସଙ୍କେତ ତଳେ ପ୍ରବାହିତ ହେଉଥିଲେ ହେଁ ଜନସାଧାରଣଙ୍କ ଦୁର୍ଦ୍ଦଶା କମିନାହିଁ। ବସ୍ତା ବ୍ଲକ ମଥାନୀଠାରେ ଜଳକା ନଦୀର ବିପଦ ସଙ୍କେତ ୬.୫୦ମିଟର ଓ ସତର୍କ ସଙ୍କେତ ୬ମିଟର ରହିଥିବା ବେଳେ ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ହ୍ରାସ ପାଇ ୫.୯୬ ମିଟରରେ ପ୍ରବାହିତ ହେଉଛି। ସେହିପରି ରାଜଘାଟଠାରେ ସୁବର୍ଣ୍ଣରେଖା ନଦୀର ବିପଦସଙ୍କେତ ୧୦.୩୬ ମିଟର ଓ ସତର୍କ ସଙ୍କେତ ୯.୪୫ମିଟର ଥିବା ବେଳେ ରବିବାର ରାତି ୯ଟା ସୁଦ୍ଧା ୧୧.୨୫ ମିଟରରେ ପ୍ରବାହିତ ହେଉଥିଲା। ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ହ୍ରାସ ପାଇ ୯.୧୫ମିଟରରେ ପ୍ରବାହିତ ହେଉଛି। ସତର୍କ ସଙ୍କେତ ତଳେ ଦୁଇ ନଦୀର ଜଳସ୍ତର ପ୍ରବାହିତ ହେଉଥିଲେ ହେଁ ବନ୍ୟା ଯୋଗୁ ୪ ବ୍ଲକର ପ୍ରଭାବିତ ଗାଁରେ ଜନସାଧାରଣ ଦୁର୍ଦ୍ଦଶା ଭୋଗୁଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ଏସ୍ଆର୍‌ସି ଡିକେ ସିଂ ନିୟମିତ ବନ୍ୟା ସ୍ଥିତିର ସମୀକ୍ଷା ସହ ବାଲେଶ୍ୱର ଜିଲାକୁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେଇଛନ୍ତି। ଅତିରିକ୍ତ ଏସ୍ଆର୍‌ସି ମନୀଷ ଅଗ୍ରୱାଲ (ଆଇଏଏସ୍), ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ରାଜପ୍ରସାଦ ୪ ବ୍ଲକର ବନ୍ୟାଞ୍ଚଳ ପରିଦର୍ଶନ କରିବା ସହ କ୍ଷୟକ୍ଷତି ଆକଳନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ବନ୍ୟା ମୁକାବିଲା ନିମନ୍ତେ ସବୁ ପ୍ରକାର ପ୍ରସ୍ତୁତି କରାଯାଇଛି। ପ୍ରଭାବିତ ବ୍ଲକଗୁଡିକରେ ୪ଜଣ ବରିଷ୍ଠ ଅଧିକାରୀଙ୍କୁ ବନ୍ୟା ସ୍ଥିତି ଅନୁଧ୍ୟାନ ପାଇଁ ନିୟୋଜିତ କରାଯାଇଛି। ୪ ବ୍ଲକରେ ୫,୧୯୨ ଜଣଙ୍କୁ ଉଦ୍ଧାର କରାଯାଇ ୧୬ଟି ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀରେ ରଖାଯାଇଛି। ସମସ୍ତଙ୍କୁ ମାଗଣା ରନ୍ଧା ଖାଦ୍ୟ ସହ ୨୫୦ କୁଇଣ୍ଟାଲ ଚୁଡ଼ା, ୨୫ କୁଇଣ୍ଟାଲ ଗୁଡ଼ ଦିଆଯାଇଛି। ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ଦ୍ୱାରା ୧ଲକ୍ଷ ୩୯ହଜାର ପାଣି ବୋତଲ ପ୍ରଦାନ କରାଯାଇଛି। ଏଥିସହ ୧୨ଟି ପାଣି ଟ୍ୟାଙ୍କର ଯୋଗେ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇଛି। ୫୧ଟି ଜଳ ଉତ୍ସକୁ ବିଶୁଦ୍ଧ କରାଯାଇଛି। ସ୍ୱାସ୍ଥ୍ୟ ଟିମ୍ ପକ୍ଷରୁ ଘରେ ଘରେ ଔଷଧ, ଓଆର୍‌ଏସ୍ ବଣ୍ଟନ କରାଯାଇଛି। ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରାଯାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଶତାଧିକ ଗୃହପାଳିତ ପ୍ରାଣୀଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ସେବା ଓ ଟୀକାକରଣ ହୋଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ୨୦ତମ ଗୁରୁ ଦକ୍ଷିଣା ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ: ୪ଟା।

## ବାଲେଶ୍ୱର
- ସ୍ୱଚ୍ଛ ଭାରତ ଅଭିଯାନ, ସ୍ଥାନ: ସୁବର୍ଣ୍ଣରେଖା ମହାବିଦ୍ୟାଳୟ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ଜିଲା ରାଜସ୍ୱ ଅଧିକାରୀଙ୍କ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ମା' ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ସ୍ଥାନ: ଏଲକଣା, ଛେନାପଦି, ସମୟ: ସକାଳ ୬ ଟା ଓ ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ
- ଅମର୍ଦା ଏୟାରଷ୍ଟ୍ରିପ୍ ପୁନରୁଦ୍ଧାର ନିମନ୍ତେ ସ୍ୱତନ୍ତ୍ର ବୈଠକ,ସ୍ଥାନ:ହରେକୃଷ୍ଣପୁର, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ସୁରକ୍ଷା ଓ ଶିଶୁ ଶ୍ରମିକ ନିରୋଧ କର୍ମଶାଳା,ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ
- ସିଭିଲ ଜଜ୍(ସିନିୟର ଡିଭିଜନ)କୋର୍ଟ ଉଦଘାଟନ, ସ୍ଥାନ: ପୋଡ଼ାମାରି ରୋଡ଼,ଦିଗପହଣ୍ଡି, ସିଭିଲ କୋର୍ଟ କମ୍ପ୍ଲେକ୍ସ, ସମୟ: ସକାଳ ୯ଟା ୩୦।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଜିଲାବ୍ୟାପୀ ସେବା ଉତ୍ସବ ଅବସରରେ ବସ୍ତ୍ର ଓ ରାଶନ ଉପକରଣ ବଣ୍ଟନ, ସ୍ଥାନ: ରଣପୁର ବ୍ଲକର ବିଭିନ୍ନ ଗାଁ, ସମୟ: ପୂର୍ବାହ୍ନ ୧୧ଟା।
- ନୟାଗଡ଼ ମେଡିକାଲ କଲେଜ ସମ୍ପର୍କରେ ଆଲୋଚନା ଚକ୍ର ସ୍ଥାନ: ନୟାଗଡ଼ ପୂର୍ତ୍ତ ବିଭାଗ ବଙ୍ଗଳା, ସମୟ: ଅପରାହ୍ନ ୩ଟା।
- ପଞ୍ଚାୟତର ମାସିକ ବୈଠକ, ସ୍ଥାନ: କଣ୍ଟିଲୋ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧।

## ରାୟଗଡ଼ା
- ହଷ୍ଟେଲ ହିସାବ ରକ୍ଷକ ଏବଂ ୱାର୍ଡେନଙ୍କ ମୌଖିକ ପରୀକ୍ଷା, ସ୍ଥାନ: ଜିସିଡ଼ି ଖେଳ ପଡିଆ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ପଦ୍ମପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଆକାଂକ୍ଷା ଜିଲା ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।
- ଜିଲା ପରିଷଦର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ନେଇ ସମୀକ୍ଷା, ସ୍ଥାନ: ଓସ୍ୱାନ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୬ଟା।

## ମାଲକାନଗିରି
- ହକି ଖେଳାଳିଙ୍କ ଚୟନ ଶିବିର, ସ୍ଥାନ: ମାଲକାନଗିରି ଜିଲା କ୍ରୀଡ଼ା କମ୍ପ୍ଲେକ୍ସ, ସମୟ: ପୂର୍ବାହ୍ନ ୯ଟା ୩୦।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ସମ୍ବଲପୁରୀ ଦିନ୍ ସକାଶେ ସମ୍ବଲପୁରୀ ଏକତା ମଞ୍ଚର ବୃତାନ୍ତ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା
- ଆଦର୍ଶ ପାଠାଗାରରେ ସଦସ୍ୟ ନିର୍ବାଚନ, ସ୍ଥାନ: ସେକ୍ଟର-୫, ସମୟ: ପୂର୍ବାହ୍ନ ୧୦ଟା।
- ଆରାଧ ପକ୍ଷରୁ ବୈଠକ, ସ୍ଥାନ: ଜଗଦା, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି
- ଶିକ୍ଷା ଚେତନା ଅଭିଯାନ, ସ୍ଥାନ: ଭବାନୀପାଟଣା ବ୍ରଜମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା।
- ଜିଲାସ୍ତରୀୟ ରକ୍ଷାବନ୍ଧନ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜୁନାଗଡ଼ ବ୍ରାହ୍ମଣ ସମାଜ ଭବନ, ସମୟ: ଅପରାହ୍ନ ୫ଟା।

## ଦେବଗଡ଼
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୋନପୁର ମା' ସୁରେଶ୍ୱରୀଙ୍କ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପୌର୍ଣ୍ଣମାସୀଙ୍କ ମନ୍ଦିରରେ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୪୦।

# ବିଚ୍ଛିନ୍ନାଞ୍ଚଳ ପିଲାଙ୍କୁ ମିଳୁନି ଓଡ଼ିଆ ବହି

ଭୁବନେଶ୍ୱର,୨୮।୭(ସୁଚିସ୍ମିତା ସାହୁ)

ଓଡିଶାର ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦିଆଯାଉନାହିଁ। ସେଠାରେ ରହୁଥିବା ପିଲାମାନେ ବର୍ଷ ବର୍ଷ ଧରି ଓଡ଼ିଆ ପାଠପଢ଼ାରୁ ବଞ୍ଚିତ ହେବା ସହ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ସବୁବେଳେ ଓଡ଼ିଆ ଅସ୍ମିତାର କଥା କହୁଛନ୍ତି। ଓଡ଼ିଆ ଭାଷା ଓ କଳାସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଅଣ୍ଟା ଭିଡିଛନ୍ତି। ଏପରିକି ସମସ୍ତ ସରକାରୀ କାର୍ଯ୍ୟାଳୟରେ ମଧ ଓଡିଆ ଭାଷାକୁ ଗୁରୁତ୍ୱ ଦିଆଯାଉଛି। ହେଲେ ଝାଡ଼ଖଣ୍ଡ ଅଧୀନରେ ଥିବା ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ପରିବାର ଓ ସେମାନଙ୍କ ପିଲାମାନେ ଓଡିଆ ଅସ୍ମିତାକୁ ନେଇ ଗର୍ବ କରିବାକୁ ସୁଯୋଗ ନାହିଁ। ଓଡ଼ିଶା ସରକାର ତଥା ପ୍ରଶାସନିକ ସ୍ତରରେ ସେମାନଙ୍କୁ ଅବହେଳା କରାଯାଉଥିବା ଅଭିଯୋଗ ହେଉଛି। ବିଶେଷକରି ଓଡ଼ିଆ ପିଲା ମାତୃଭାଷାରେ ପାଠପଢ଼ିବାକୁ ବହି ପାଉନାହାନ୍ତି।

### ପଢୁଛନ୍ତି ପୁରୁଣା ପାଠ୍ୟକ୍ରମ

ସେମାନେ ପୁରୁଣା ପାଠ୍ୟକ୍ରମ ପଢୁଥିବାବେଳେ ୯ମ ଶ୍ରେଣୀରୁ ସ୍ନାତକ ଡିଗ୍ରୀ ପର୍ଯ୍ୟନ୍ତ ପିଲାମାନେ ବିନା ବହିରେ ଓଡ଼ିଆ ଭାଷା ପରୀକ୍ଷା ଦେଉଛନ୍ତି। ଏନେଇ ଝାଡ଼ଖଣ୍ଡର ବିଚ୍ଛିନ୍ନାଞ୍ଚଳରେ ରହୁଥିବା ଓଡ଼ିଆ ଅଧିବାସୀମାନେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜଣାଇବା ସହ ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

ସେମାନେ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ବିଚ୍ଛିନ୍ନାଞ୍ଚଳର ପିଲାଙ୍କ ପାଖରେ ନୂଆ ଓଡ଼ିଆ ସାହିତ୍ୟ ବହି ଉପଲବ୍ଧ ହେଉ ନାହିଁ। ବର୍ତ୍ତମାନ ଓଡ଼ିଶାରେ ପ୍ରଚଳିତ ପାଠ୍ୟକ୍ରମର ଓଡ଼ିଆ ସାହିତ୍ୟ ବହି ଯଦି ଝାଡ଼ଖଣ୍ଡ ସରକାର ଗ୍ରହଣ କରନ୍ତେ, ତେବେ ଛାତ୍ରୀଛାତ୍ର ଓଡ଼ିଆ ମାତୃଭାଷା ରଖି ପଢି ପାରନ୍ତେ। ତେଣୁ ଅନୁଗ୍ରହ କରି ଓଡ଼ିଶା ସରକାର ଝାଡ଼ଖଣ୍ଡ ସରକାରଙ୍କ ସହ ବୁଝାମଣା କରି ଓଡ଼ିଶାରେ ପ୍ରଚଳିତ ନୂତନ ପାଠ୍ୟକ୍ରମର ଓଡ଼ିଆ ସାହିତ୍ୟ ବହି ଝାଡଖଣ୍ଡରେ ପ୍ରଚଳନ କରାଯାଉ। ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ମାତୃଭାଷା ରଖି ପଢୁଥିବା ଛାତ୍ରୀଛାତ୍ର ନବମ ଶ୍ରେଣୀରୁ ସ୍ନାତକ ଡିଗ୍ରୀ ପର୍ଯ୍ୟନ୍ତ ଓଡ଼ିଆ ପୁସ୍ତକ ପାଇପାରୁ ନାହାନ୍ତି। ସେମାନେ ବିନା ଓଡ଼ିଆ ପୁସ୍ତକରେ ପରୀକ୍ଷା ଦେଉଛନ୍ତି। ଏହାଦ୍ୱାରା ଓଡ଼ିଆ ମାତୃଭାଷାଠାରୁ ପିଲାମାନେ ଦୂରେଇ ଯାଉଛନ୍ତି। ଓଡ଼ିଶା ସରକାର ଯେପରି ଆନ୍ଧ୍ରପ୍ରଦେଶରେ ସମ୍ପୂର୍ଣ୍ଣ ଓଡ଼ିଆ ବହି ଯୋଗାଇ ଦେଉଛନ୍ତି, ସେହିପରି ଝାଡ଼ଖଣ୍ଡରେ ମଧ ସମସ୍ତ ଓଡିଆ ବହି ଯୋଗାଇ ଦେଲେ ଏ ଅଞ୍ଚଳର ପିଲାମାନେ ଓଡ଼ିଆ ମାତୃଭାଷାରେ ପଢିବାରୁ ବଞ୍ଚିତ ହେବେ ନାହିଁ। ସେହିପରି ଉଚ୍ଚ ଶିକ୍ଷା ପାଇଁ ବିଚ୍ଛିନ୍ନାଞ୍ଚଳର ଓଡ଼ିଆ ପିଲାଙ୍କୁ ପୂର୍ବପରି ଓଏଲଓ କୋଟାରେ ପଢ଼ିବା ପାଇଁ ଓଡ଼ିଶାରେ ସୁଯୋଗ ଦେଲେ, ସେଠାକାର ପିଲାମାନେ ଉଚ୍ଚଶିକ୍ଷା ଗ୍ରହଣ କରି ପାରିବେ। ଝାଡ଼ଖଣ୍ଡରେ ଓଡ଼ିଆ ପଢିଥିବା ପିଲାଙ୍କୁ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗରେ ନିଯୁକ୍ତିରେ ପୂର୍ବରୁ ଯେପରି କୋଟା ବା ସଂରକ୍ଷଣ ବ୍ୟବସ୍ଥା ରଖାଯାଇଥିଲା, ପୁଣି ସେହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଉ। ସେହିପରି ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା, ସଂସ୍କୃତି ଓ କଳାର ବିକାଶ ନିମନ୍ତେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜ୍ୟ ସରକାର ସହଯୋଗ କରନ୍ତୁ ବୋଲି ସେମାନେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ହରିଡ଼ା ବାହାଡ଼ା ଅଁଳା କଷି**
**ତାକୁ ଖାଉଥାନ୍ତି ଋଷିଏ ବସି ।**

ହରିଡ଼ା, ବାହାଡ଼ା ଓ ଅଁଳାକୁ ସାଧାରଣତଃ ତ୍ରିଫଳା କୁହାଯାଇଥାଏ। ପ୍ରାଚୀନ କାଳରୁ ଏହା ମହୌଷଧି ଭାବେ ପରିଗଣିତ ହୋଇ ଆସୁଥିବାବେଳେ ଏହି ଖାଦ୍ୟ ହିଁ ଦେହକୁ ନୀରୋଗ କରି ରଖୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ହସି ହସି କରି ଖାଇବ ନାହିଁ**
**ଚାଲି ଚାଲି କରି ଖାଇବ ନାହିଁ**
**କଥା କହି କହି ଖାଇବ ନାହିଁ ।**

ହସି ହସି ଖାଦ୍ୟ ଗ୍ରହଣ କଲେ ଖାଦ୍ୟ ତଣ୍ଟିକୁ ଉଠିଯିବାର ଆଶଙ୍କା ରହିଥାଏ। ଚାଲୁଥିବା ଅବସ୍ଥାରେ ଖାଦ୍ୟ ଗ୍ରହଣ କଲେ ତାହା ହଜମ ହୁଏନି। ସେହିପରି ଖାଇବା ସମୟରେ କଥା କହିବା ଅନୁଚିତ୍ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଓଡ଼ିଶାରେ ଆରମ୍ଭ ହେବ 'ପଞ୍ଚାୟତ ପୁରସ୍କାର'

### ସରକାର ଖର୍ଚ୍ଚ କରିବେ ୪ କୋଟି ଟଙ୍କା: ମନ୍ତ୍ରୀ ରବି ନାଏକ

ଭୁବନେଶ୍ୱର,୨୮।୭(ରବିନାରାୟଣ ଜେନା)

ରାଜ୍ୟର ପ୍ରଗତିକୁ ତ୍ୱରାନ୍ୱିତ କରିବା ତଥା ତୃଣମୂଳସ୍ତରରେ ଭିତ୍ତିଭୂମି ସୁଦୃଢ଼ ଲାଗି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ପୁରସ୍କାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହାଦ୍ୱାରା ପଞ୍ଚାୟତିରାଜ ବ୍ୟବସ୍ଥାରେ ଉନ୍ନତ ପ୍ରଦର୍ଶନକୁ ଅଭିପ୍ରେରିତ କରିବା ସହ ଆହୁରି ସୁଯୋଗ ସୃଷ୍ଟି କରିବ ବୋଲି ପଞ୍ଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରକାଶ କରିଛନ୍ତି। ସୋମବାର ମନ୍ତ୍ରୀ ରବିନାରାୟଣ ଗଣମାଧ୍ୟମକୁ କହିଛନ୍ତି ଯେ, ୯ଟି ଥିମ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୧୨୯ ଗୋଟି ପୁରସ୍କାର ଦିଆଯିବ। ଏଥିପାଇଁ ସରକାରଙ୍କ ତରଫରୁ ୪ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏ, ସ୍ୱଚ୍ଛତା- ବାହ୍ୟ ମଳମୁକ୍ତ, ଜଳ ଜୀବନ ମିଶନ, ସୁଶାସନ, ଦକ୍ଷତା ବିକାଶ, ଆୟ ସ୍ରୋତ ବୃଦ୍ଧି, ଅନ୍‌ଲାଇନ ଅଡିଟ୍, ଉନ୍ନତ ଜିପିଡିପି, ଇଜିଏସ୍ ପୋର୍ଟାଲରେ ଗ୍ରାମ ପଞ୍ଚାୟତର ତଥ୍ୟ ଆଦି କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନକୁ ବିଚାରକୁ ନିଆଯିବ। ଚାରିଟି ବର୍ଗରେ ପୁରସ୍କାରଗୁଡ଼ିକ ରାଜ୍ୟସ୍ତର, ଜିଲାସ୍ତର, ବ୍ଲକସ୍ତର ଓ ସଂସ୍ଥାଗତ ସ୍ତରରେ ପ୍ରଦାନ କରାଯିବ।

ରାଜ୍ୟସ୍ତରରେ ଯୋଗ୍ୟ ବିବେଚିତ ଗ୍ରାମପଞ୍ଚାୟତଗୁଡ଼ିକୁ ପ୍ରଥମ ସ୍ଥାନ ପୁରସ୍କାର ଲାଗି ୧୫ ଲକ୍ଷ ଟଙ୍କା, ଦ୍ୱିତୀୟ ସ୍ଥାନ ପାଇଁ ୧୦ ଲକ୍ଷ, ତୃତୀୟ ସ୍ଥାନ ପାଇଁ ୫ ଲକ୍ଷର ଅର୍ଥରାଶି ପ୍ରଦାନ କରାଯିବ। ଯୋଗ୍ୟ ବିବେଚିତ ପଞ୍ଚାୟତ ସମିତିଗୁଡ଼ିକୁ ଅନୁରୂପ ଭାବେ ପ୍ରଥମ ସ୍ଥାନ ପାଇଁ ୧୫ ଲକ୍ଷ, ଦ୍ୱିତୀୟ ସ୍ଥାନ ୧୦ ଲକ୍ଷ, ତୃତୀୟ ସ୍ଥାନ ୫ ଲକ୍ଷ ଅର୍ଥରାଶି ପ୍ରଦାନ କରାଯିବ।

ଅନ୍ୟପକ୍ଷରେ ଯୋଗ୍ୟ ଜିଲା ପରିଷଦଗୁଡ଼ିକୁ ପ୍ରଥମ ସ୍ଥାନ ପାଇଁ ୨୫ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ ୨୦ ଲକ୍ଷ, ତୃତୀୟ ସ୍ଥାନ ପାଇଁ ୧୫ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ସେହିଭଳି ୯ଟି ଥିମ୍‌ରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ଯଥା କ୍ରମେ ୫ ଲକ୍ଷ, ୩ ଲକ୍ଷ ଓ ୨ ଲକ୍ଷ, ସର୍ବମୋଟ ୨୭ ଗୋଟି ପୁରସ୍କାର ପ୍ରଦାନ କରାଯିବ। ଜିଲାସ୍ତରରେ ପ୍ରଥମ ସ୍ଥାନ ପାଇଁ ୩ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ ୨ ଲକ୍ଷ, ତୃତୀୟ ସ୍ଥାନ ପାଇଁ ୧ ଲକ୍ଷ ଟଙ୍କା ଲେଖାଏ ସର୍ବମୋଟ ୯୦ ଗୋଟି ପୁରସ୍କାର ପ୍ରଦାନ କରାଯିବ। ବ୍ଲକସ୍ତରୀୟ ପୁରସ୍କାରରେ ପ୍ରଶଂସାପତ୍ର ପ୍ରଦାନ କରାଯିବ। ଏହି ଅର୍ଥରାଶି ସାମଗ୍ରିକ ଭିତ୍ତିଭୂମିର ବିକାଶ, ସ୍ୱାସ୍ଥ୍ୟ ଶିବିର ଆୟୋଜନ, ଡିଜିଟାଲ ଓ ସାର୍ବଜନୀନ ଲାଇବ୍ରେରୀ, ସ୍ୱତନ୍ତ୍ର ଦିବସ ପାଳନ, ଅଙ୍ଗନୱାଡ଼ି କେନ୍ଦ୍ରର ମରାମତି ଓ ପୁନଃନବୀକରଣ, ଶିଶୁମାନଙ୍କ ପାଇଁ ବିନୋଦନ ସୁବିଧା, ଦିବ୍ୟାଙ୍ଗଜନଙ୍କ ବିକାଶ, ସୂଚନା-ଶିକ୍ଷା -ସଞ୍ଚାର ଆଦି କ୍ଷେତ୍ରରେ ଖର୍ଚ୍ଚ ହେବ ବୋଲି ମନ୍ତ୍ରୀ କହିଛନ୍ତି।

# ଉଚ୍ଚଶିକ୍ଷା ବିଭାଗ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ ହ୍ୟାକ୍

ଭୁବନେଶ୍ୱର,୨୮।୭(ସୁଚିସ୍ମିତା ସାହୁ)

ଉଚ୍ଚଶିକ୍ଷା ବିଭାଗକୁ ଟାର୍ଗେଟ କରିଛନ୍ତି ହ୍ୟାକର। ରବିବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ହ୍ୟାକ୍ ହୋଇଥିବାବେଳେ ସୋମବାର ଉଚ୍ଚଶିକ୍ଷା ବିଭାଗର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟକୁ ହ୍ୟାକ୍ କରାଯାଇଛି। ହ୍ୟାକରମାନେ ଉକ୍ତ ଆକାଉଣ୍ଟରେ ଏକାଧିକ ଅଶ୍ଳୀଳ ଓ ବେଟିଂ ଭିଡିଓ ପୋଷ୍ଟ କରିଛନ୍ତି। ତେବେ ଏନେଇ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ପୋଷ୍ଟଗୁଡ଼ିକୁ ଡିଲିଟ୍ କରାଯାଇଛି। ବିଭିନ୍ନ ସମୟରେ ଶିକ୍ଷା ବିଭାଗ ଓ ଶିକ୍ଷାନୁଷ୍ଠାନଗୁଡିକର ୱେବ୍‌ସାଇଟ୍ ଓ ବିଭିନ୍ନ ସାମାଜିକ ଗଣମାଧ୍ୟମ ସାଇଟ୍ ହ୍ୟାକ୍ ହେଉଥିବାରୁ ଛାତ୍ରୀଛାତ୍ରଙ୍କ ତଥ୍ୟ କେତେ ସୁରକ୍ଷିତ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୋମବାର ସକାଳ ପ୍ରାୟ ୬ଟା ୩୦ରେ ବିଭାଗର ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏକ ଅଶ୍ଳୀଳ ଭିଡିଓ ସହ ବେଟିଂ ସାଇଟ୍ ଭିଡ଼ିଓ ପୋଷ୍ଟ ହୋଇଥିଲା। ଏହାର ୫ରୁ ୧୦ ମିନିଟ୍ ମଧ୍ୟରେ ମୋଟ୍ ୪ଟି ବେଟିଂ ସାଇଟ୍ ପ୍ରୋମୋଶନ୍ ଭିଡ଼ିଓ ଅପଲୋଡ୍ ହେଲା। ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ଆକାଉଣ୍ଟକୁ ନିଜ ନିୟନ୍ତ୍ରଣକୁ ଅଣାଯାଇଥିଲା। ସମସ୍ତ ଭିଡିଓକୁ ଡିଲିଟ୍ କରିବା ସହ ଶହୀଦନଗରସ୍ଥିତ ସାଇବର ସିକ୍ୟୁରିଟି ସେଲ୍‌ରେ ଅଭିଯୋଗ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରଥମ ପୃଷ୍ଠାରୁ...

## ପାର୍ଲାମେଣ୍ଟରେ ଅପରେଶନ...

ଜେଟ୍ ଦାମ୍ ବହୁ କୋଟି ଟଙ୍କା ହୋଇଥିବାବେଳେ ଭାରତର ୫ରୁ ୬ଟି ଜେଟ୍ ଖସିଥିଲା। ସତ ଶୁଣିବା ପାଇଁ ଦେଶ ପାଖରେ ସାହସ ଅଛି ଏବଂ କେତେ ସଂଖ୍ୟାରେ ଲଢୁଆ ବିମାନ ଖସିଛି ପ୍ରତିରକ୍ଷା ମନ୍ତ୍ରୀଙ୍କଠାରୁ ଆମେ ଜାଣିବାକୁ ଚାହୁଁ ବୋଲି କଂଗ୍ରେସ ନେତା କହିଛନ୍ତି। ସେ ଆହୁରି କହିଛନ୍ତି, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନିଲ ଚୌହାନ ଏକ ସାକ୍ଷାତ୍କାରରେ କହିଥିଲେ ଆମେ କ୍ଷତି ସହିବା ପରେ କୌଶଳରେ ପରିବର୍ତ୍ତନ କରି ପାକିସ୍ତାନର ଆଭ୍ୟନ୍ତରୀଣ ଅଞ୍ଚଳରେ ଆକ୍ରମଣ କରିଥିଲୁ। ଇଣ୍ଡୋନେସିଆରେ ଭାରତର ପ୍ରତିରକ୍ଷା ଅଧିକାରୀ ଗ୍ରୁପ୍ କ୍ୟାପ୍‌ଟେନ୍ ଶିବକୁମାର ଏବଂ ଡେପୁଟି ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଲ୍ୟୁଟ୍‌ନାଣ୍ଟ ଜେନେରାଲ ରାହୁଲ ଆର୍. ସିଂ ମଧ ସରକାରଙ୍କୁ ପଦାରେ ପକାଇଥିଲେ। କେତେକ ପ୍ରତିବନ୍ଧକ ଯୋଗୁ ସାମରିକ କାର୍ଯ୍ୟାନୁଷ୍ଠାନ ବାଧାପ୍ରାପ୍ତ ହୋଇଥିବା ଶିବକୁମାର କହିଥିବାବେଳେ ଅପରେଶନ ସିନ୍ଦୂର ବେଳେ ଭାରତକୁ ଚାଇନା ସହ ଲଢ଼ିବାକୁ ପଡୁଥିଲା ବୋଲି ରାହୁଲ ସିଂ କହିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ଆଲୋଚନାରେ ଚାଇନା ନାଁ ନେଉନାହାନ୍ତି କାହିଁକି ଏବଂ ଏହି ଦେଶ ପାକିସ୍ତାନକୁ କେତେ ସହାୟତା ଦେଇଥିଲା ଜଣାଉନାହାନ୍ତି କାହିଁକି ବୋଲି ଗୋଗୋଇ ପ୍ରଶ୍ନ କରିଛନ୍ତି। ତୃଣମୂଳ କଂଗ୍ରେସ ଏମ୍‌ପି କଲ୍ୟାଣ ବାନାର୍ଜୀ ଏବଂ ସମାଜବାଦୀ ପାର୍ଟିର ରାମଶଙ୍କର ରାଜଭର ପ୍ରମୁଖ ଅପରେଶନ ସିନ୍ଦୂର ଆଲୋଚନାରେ ଭାଗନେଇ ସରକାରଙ୍କୁ ଟାର୍ଗେଟ କରିଛନ୍ତି।

ବିତର୍କରେ ଭାଗନେଇ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ତଥ୍ୟପ୍ରମାଣ ଦସ୍ତାବିଜ୍ ବଦଳରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଆତଙ୍କବାଦୀଙ୍କ ମୂଳୋତ୍ପାଟନ ପାଇଁ ନୂଆ ଭାରତ ଯେକୌଣସି ସୀମା ପର୍ଯ୍ୟନ୍ତ ଯାଇପାରେ। ଅପରେଶନ ସିନ୍ଦୂରରେ ସଶସ୍ତ୍ର ବଳ ଚାହୁଁଥିବା ଲକ୍ଷ୍ୟ ହାସଲ କରିଥିବା ରାଜନାଥ କହିଛନ୍ତି। ଅସ୍ତ୍ରବିରତି କରାଇଥିବା ନେଇ ଟ୍ରମ୍ପଙ୍କ ଦାବିକୁ ଖଣ୍ଡନ କରି ରାଜନାଥ କହିଛନ୍ତି, ସଶସ୍ତ୍ର ବଳ ବାଞ୍ଛିତ ରାଜନୈତିକ-ସାମରିକ ଲକ୍ଷ୍ୟ ହାସଲ କରିବା ପରେ ଅପରେଶନ ସିନ୍ଦୂର ବନ୍ଦ କରାଯାଇଥିଲା। ପାକିସ୍ତାନ ସହ ସଂଘର୍ଷ ବନ୍ଦ କରିବା ପାଇଁ କୌଣସି ଚାପ ପଡ଼ି ନ ଥିଲା। ପାକିସ୍ତାନ ଯଦି ପୁନର୍ବାର ଦୁଃସାହସ କରେ ତେବେ ପୁଣି ଅପରେଶନ ସିନ୍ଦୂର ଆରମ୍ଭ ହେବ ବୋଲି ସେ କହିଛନ୍ତି।

ଭାରତ-ପାକିସ୍ତାନ ସଂଘର୍ଷ ରୋକିବାରେ ୱାଶିଂଟନ୍‌ର କୌଣସି ଭୂମିକା ନ ଥିଲା ଏବଂ ରାଷ୍ଟ୍ରପତି ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ମୋଦିଙ୍କ ମଧ୍ୟରେ ଫୋନ୍ କଲ୍ ହୋଇ ନ ଥିଲା ବୋଲି ଆଲୋଚନାରେ ଭାଗନେଇ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି। ସେ କହିଛନ୍ତି, ସୀମାପାର ଆତଙ୍କବାଦ ବିରୋଧରେ ଭାରତ ୫ ସୂତ୍ରୀ ଦୃଷ୍ଟିକୋଣ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଅନ୍ୟପକ୍ଷରେ ଜୟଶଙ୍କର ୨୬/୧୧ ମୁମ୍ବାଇ ଆକ୍ରମଣ ଏବଂ ଚାଇନା ଓ ପାକିସ୍ତାନ ନୀତିକୁ ନେଇ ପୂର୍ବର କଂଗ୍ରେସ ସରକାରକୁ କଡ଼ା ସମାଲୋଚନା କରିଛନ୍ତି।

## 'ମୋ ସ୍ୱାମୀଙ୍କ ଆତ୍ମାକୁ ଶାନ୍ତି ମିଳିବ'

ବାଲେଶ୍ୱର,୨୮।୭(ବାଞ୍ଛାନିଧି ଦେ)

ଅପରେଶନ୍ 'ସିନ୍ଦୂର' ମୁଁ ଏବଂ ମୋ ଭଳି ସିନ୍ଦୂର ହରାଇଥିବା ସମସ୍ତ ମହିଳାଙ୍କ ପାଇଁ ଥିଲା ଏକପ୍ରକାର ନ୍ୟାୟ। ଅପରେଶନ୍ 'ସିନ୍ଦୂର' ପରେ ଭାବିଥିଲି ଆଉ କେହି ଆତଙ୍କବାଦୀ ଧରାପଡ଼ିବେନି। କିନ୍ତୁ ସରକାର ଓ ଭାରତୀୟ ସେନା ଭିତରେ ଭିତରେ ଯେଉଁ ଅପରେଶନ୍ ଚଳାଇଥିଲେ ତାହା ସଫଳ ହୋଇଛି। ଘଟଣାର ୩ମାସ ପରେ ପହଲଗାମ୍ ଆକ୍ରମଣର ମାଷ୍ଟରମାଇଣ୍ଡ କୁହାଯାଉଥିବା ହାସିମ ମୁଷା ଓ ଅନ୍ୟ ୨ ଆତଙ୍କୀ ନିପାତ ହେବା ଘଟଣାରେ ମୁଁ ଖୁସି। ଶ୍ରାବଣ ମାସ ସୋମବାରରେ ଅପରେଶନ୍ 'ମହାଦେବ'


ପ୍ରିୟଦର୍ଶିନୀ ଶତପଥୀ

ତାଣ୍ଡବଲୀଳା ଦେଖାଇଛନ୍ତି। ୩ ଆତଙ୍କବାଦୀ ନିପାତ ହୋଇଛନ୍ତି। ସରକାର ଓ ଭାରତୀୟ ସେନାଙ୍କୁ କୃତଜ୍ଞତା ଜଣାଉଛି। ମୋ ସ୍ୱାମୀଙ୍କ ଆତ୍ମାକୁ ଆଜି ନିଶ୍ଚୟ ଶାନ୍ତି ମିଳିବ ବୋଲି ଆତଙ୍କୀ ହମଲାରେ ପ୍ରାଣ ହରାଇଥିବା ପ୍ରଶାନ୍ତ ଶତପଥୀଙ୍କ ସ୍ତ୍ରୀ ପ୍ରିୟଦର୍ଶିନୀ ସୋମବାର କୋହଭରା କଣ୍ଠରେ 'ଧରିତ୍ରୀ'କୁ ପ୍ରତିକ୍ରିୟା ଦେଇଛନ୍ତି।

ପ୍ରକାଶ ଯେ, ବାଲେଶ୍ୱର ସଦର ବ୍ଲକ ସାରଗାଁ ପଞ୍ଚାୟତ ଅନ୍ତର୍ଗତ ଇଶାଣୀ ଗ୍ରାମର ପ୍ରଶାନ୍ତ ଶତପଥୀ (୪୧) ବାଲେଶ୍ୱର ସିପେଟ୍‌ରେ ଆକାଉଣ୍ଟାଣ୍ଟ ଭାବେ ଚାକିରି କରୁଥିଲେ। ଗତ ଏପ୍ରିଲ ୧୯ରେ ସ୍ତ୍ରୀ ପ୍ରିୟଦର୍ଶିନୀ ଓ ୮ ବର୍ଷୀୟ ପୁଅ ତନୁଜକୁ ନେଇ ଜମ୍ମୁକଶ୍ମୀର ବୁଲିବାକୁ ଯାଇଥିଲେ। ୨୨ ତାରିଖରେ ପହଲଗାମ୍‌ର ବୈସରନରେ ପୁଅ ଓ ସ୍ତ୍ରୀଙ୍କ ସହିତ ପ୍ରଶାନ୍ତ ବୁଲୁଥିବା ବେଳେ ଆତଙ୍କବାଦୀମାନେ ତାଙ୍କୁ ଗୁଳିମାଡ଼ କରିଥିଲେ।

## ପହଲଗାମ୍ ଆତଙ୍କବାଦୀଙ୍କୁ...

ହୋଇଛି। ଅନ୍ୟ ୨ ମୃତ ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ପହଲଗାମ୍ ଆକ୍ରମଣର ଷଡ଼ଯନ୍ତ୍ରକାରୀ ସୁଲେଇମାନ୍ ବୋଲି ବିଶ୍ୱାସ କରାଯାଉଛି। ଏନ୍‌କାଉଣ୍ଟର ସ୍ଥଳରୁ ଗୋଟିଏ ଏମ୍୪ କାର୍ବାଇନ୍ ରାଇଫଲ, ୨ଟି ଏକେ ରାଇଫଲ୍ ଓ ଅନ୍ୟାନ୍ୟ ଅସ୍ତ୍ର ଜବତ ହୋଇଛି। ୨୪ ରାଷ୍ଟ୍ରୀୟ ରାଇଫଲ ଏବଂ ୪ ପାରା ୟୁନିଟ୍‌ର ଯବାନମାନେ ୩ ଜଣିଆ ଆତଙ୍କବାଦୀ ଗ୍ରୁପ୍‌କୁ ଠାବ କରିବା ପରେ ଗୁଳି ଚଳାଇଥିଲେ। ଅପରେଶନ ଜାରି ରହିଥିବା କଶ୍ମୀର ଜୋନ୍ ପୋଲିସ ଆଇଜି ଭି. ବିର୍ଡ଼ି କହିଛନ୍ତି।

ଅନ୍ୟ ଏକ ଘଟଣାରେ ସୁରକ୍ଷା ବଳ କୁପୱାଡ଼ା ଜିଲାରୁ ଆତଙ୍କବାଦୀଙ୍କ ଜଣେ ସହଯୋଗୀଙ୍କୁ ଗିରଫ କରିଛି। ଏଥିସହିତ ତାଙ୍କ ନିକଟରୁ ବହୁ ପରିମାଣର ଅସ୍ତ୍ର ଓ ଗୁଳିଗୋଳା ଜବତ ହୋଇଥିବା ପୋଲିସ କହିଛି। ଗୋଇନ୍ଦା ସୂଚନା ଆଧାରରେ ସୁରକ୍ଷା ବଳ କ୍ରାଲପୋରାର ଚୋକିବାଲ ଅଞ୍ଚଳ ଅନ୍ତର୍ଗତ ମଗ୍ରାରି ଗ୍ରାମରେ ତଲାସି ଅଭିଯାନ ଚଳାଇଥିବାବେଳେ ୱାଲି ମହମ୍ମଦ ମୀର୍‌ଙ୍କୁ ଗିରଫ କରାଯାଇଛି। ସେ ନିର୍ଦ୍ଦିଷ୍ଟ ଆତଙ୍କବାଦୀ ସଂଗଠନର ସହଯୋଗୀ ଭାବେ କାର୍ଯ୍ୟ କରିବା ସହ ଆତଙ୍କବାଦୀଙ୍କ ନିକଟରେ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ପହଞ୍ଚାଇବାରେ ସମ୍ପୃକ୍ତ ଥିଲେ।

## ଦିବ୍ୟା ଚେସ୍...

ମଧ୍ୟରେ ଖେଳାଯାଇଥିବା ଦୁଇଟି କ୍ଲାସିକାଲ ମ୍ୟାଚ୍ ଡ୍ର' ଭାବେ ଶେଷ ହୋଇଥିଲା। ଟାଇବ୍ରେକର୍ସର ପ୍ରଥମ ସେଟ୍ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ପ୍ରଥମ ୧୫ ମିନିଟ୍ ବିଶିଷ୍ଟ ଟାଇବ୍ରେକରରେ ଦିବ୍ୟା ପ୍ରତିପକ୍ଷ ହମ୍ପିଙ୍କ ଉପରେ ପ୍ରବଳ ଚାପ ପକାଇଥିଲେ। ହେଲେ ହମ୍ପି ଜବରଦସ୍ତ ଡିଫେନ୍ସ କରି ମ୍ୟାଚ୍‌କୁ ସହଜରେ ଡ୍ର' କରିଥିଲେ। ରିଟର୍ନ ଗେମ୍‌ରେ ହମ୍ପି କାଟଲାନ ଓପନିଂ ବ୍ୟବହାର କରିଥିଲେ। କିନ୍ତୁ ଦିବ୍ୟା ଏଥିଲାଗି ପ୍ରସ୍ତୁତ ଥିଲେ। କ୍ୱିନ ଓ ରୁକ ମାଧ୍ୟମରେ ହମ୍ପି ମୁକାବିଲାକୁ ଡ୍ର' କରିବା ଉଦ୍ଦେଶ୍ୟରେ ଥିଲେ। ୪୦ତମ ମୁଭ୍‌ରେ ହମ୍ପି ଧୈର୍ଯ୍ୟ ହରାଇଥିଲେ। ପନ୍‌କୁ ସାକ୍ରିଫାଇ୍ କରି ପ୍ରତିଦ୍ୱନ୍ଦ୍ୱୀଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ଏହା ଦେଶମୁଖଙ୍କ ଦିନ ଥିଲା। ସେ ହମ୍ପିଙ୍କ ସମସ୍ତ ଚାଲ୍‌ର ସଫଳ ମୁକାବିଲା କରି ବିଜୟ ମୁକୁଟ ପିନ୍ଧିଥିଲେ। ପୂର୍ବରୁ ଗୋଟିଏ ହେଲେ ନର୍ମ ହାସଲ କରି ନ ଥିଲେ ମଧ୍ୟ ସେ ହାସଲ କରିଥିଲେ ସମ୍ମାନଜନକ ଗ୍ରାଣ୍ଡମାଷ୍ଟର ଟାଇଟଲ। ମ୍ୟାଚ୍ ଜିତିବା ପରେ ଦିବ୍ୟା ଭେନ୍ୟୁରେ ଉପସ୍ଥିତ ଥିବା ତାଙ୍କ ମା'ଙ୍କୁ ଧରି କାନ୍ଦି ପକାଇଥିଲେ। ତାଙ୍କର ଏହି ଉଲ୍ଲେଖନୀୟ ସଫଳତା ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ୫ ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦଙ୍କ ସମେତ ଦେଶର ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟୁଛି।

## 'ଶୋଲେ' ଫିଲ୍ମର...

ସମ୍ଭାଳି ରଖିଛନ୍ତି। ପ୍ରକାଶ ଯେ, ୧୯୭୫ରେ ରିଲିଜ୍ ହୋଇଥିବା 'ଶୋଲେ' ଫିଲ୍ମ ସୁପରହିଟ ସାବ୍ୟସ୍ତ ହୋଇଥିଲା। ଫିଲ୍ମରେ ଅମିତାଭଙ୍କ ସହ ଅଭିନେତା ଧର୍ମେନ୍ଦ୍ର ଏବଂ ଅଭିନେତ୍ରୀ ହେମାମାଳିନୀ ମୁଖ୍ୟ ଭୂମିକାରେ ରହିଥିଲେ। ରମେଶ ସିପ୍ପୀ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ। ଆସନ୍ତା ଅଗଷ୍ଟ ୧୫ରେ ଏହି ଫିଲ୍ମ ନିଜର ୫୦ ବର୍ଷ ପୂରଣ କରିବ। ଫିଲ୍ମରେ ଅମିତାଭ ଜୟ ଏବଂ ଧର୍ମେନ୍ଦ୍ର ବୀରୁ ଭୂମିକାରେ ଅଭିନୟ କରିଥିଲେ। ଉଭୟଙ୍କର 'ଜୟ ଏବଂ ବୀରୁ' ଯୋଡ଼ି ଆଜିବି ଦର୍ଶକଙ୍କ ମନରେ ଉଜ୍ଜୀବିତ ହୋଇରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମାଧିପ ଦ୍ୱାଦଶସ୍ଥ ଯୋଗୁ କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟିହେବ। ଚନ୍ଦ୍ରମଙ୍ଗଳ ଯୋଗରୁ ପାରିବାରିକ କ୍ଷେତ୍ରରେ ମତାନ୍ତର ଓ ବିତର୍କର ବିଳୟ ଘଟିପାରେ। ଆର୍ଥିକ ସ୍ଥିତି, ବ୍ୟବସାୟ, ବନ୍ଧୁଙ୍କ ଆଲୋଚନା ଏବଂ ଆନୁଷ୍ଠାନିକ କାମ ପାଇଁ ବିଶେଷ ଅସୁବିଧା ହେବନାହିଁ। କୃତି ଓ କୃତିତ୍ୱ ହେତୁ ସାମାଜିକ ସ୍ତରରେ ସମ୍ମାନିତ ହେବାର ସୌଭାଗ୍ୟ ଅର୍ଜନ କରିବେ।

**ବୃଷ** ମୁଖଭାବରେ ଗୁରୁଶୁକ୍ର ଆପଣଙ୍କୁ ବାଗ୍ମୀ ଭାବରେ ପ୍ରଶଂସିତ କରାଇପାରନ୍ତି। ବୈଷୟିକ ଅଭିବୃଦ୍ଧିଜନିତ ସୁଖସମୃଦ୍ଧିରେ ହର୍ଷୋତ୍ଫୁଲ୍ଲ ରହିବେ। ପ୍ରକାଶନ, ପ୍ରଶାସନ, ଆଇନ, କ୍ରୀଡ଼ା ଓ ସାହିତ୍ୟ କ୍ଷେତ୍ର ମଧ ମନ୍ଦ ହେବନି। ସାଙ୍ଗସାଥୀ କିମ୍ବା ବନ୍ଧୁ ହୁଅନ୍ତୁ ,ସେମାନେ କହିବେ ବହୁତ କିନ୍ତୁ କାମ କଲା ବେଳକୁ କିଏ ପାଖ ମାଡ଼ିବେ ନାହିଁ।

**ମିଥୁନ** ବୁଧାଦିତ୍ୟ ଯୋଗ ଆପଣଙ୍କୁ ପ୍ରତିଭାଶାଳୀ ବ୍ୟକ୍ତିତ୍ୱ ଭାବରେ ଆଦରଣୀୟ କରାଇବ। ଆର୍ଥିକ ଉନ୍ନତି ସାଙ୍ଗକୁ ବନ୍ଧୁବର୍ଗଙ୍କ ଆଦର ସମ୍ମାନରେ ନିଜକୁ ଭାଗ୍ୟବାନ୍ ମନେକରିବେ। ଅପ୍ରିୟସତ୍ୟ କହି କଳହକୁ ନିମନ୍ତ୍ରଣ କରିପାରନ୍ତି। ପରିବାରରେ ଭୁଲ୍ ବୁଝାମଣା, ସନ୍ତାନହେତୁକ ମାନସିକ ଦ୍ୱନ୍ଦ୍ୱ ଦୁଶ୍ଚିନ୍ତାର କାରଣ ନ ହୋଇପାରେ।

**କର୍କଟ** ଆଜି ସପ୍ତମ ଭାବାଧିପତି ଭାଗ୍ୟସ୍ଥାନରେ ରହି ପ୍ରତିଦ୍ୱନ୍ଦ୍ୱିତାରେ କଡ଼ା ଟକ୍କର ସୃଷ୍ଟିକରିବେ। ରବି ଓ ବୁଧ ସଂଯୋଗ ହେତୁ ବନ୍ଧୁଙ୍କ ନିକଟରୁ ଅର୍ଥ ପାଇବେ ସତ , କିନ୍ତୁ ମାନସିକ ଶାନ୍ତି ହରାଇବେ। କେତୁଙ୍କ ପ୍ରଭାବରୁ କେତେକ କ୍ଷେତ୍ରରେ ଠିକ୍ ସିଦ୍ଧାନ୍ତ ନେଇ ପାରିବେନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ସହଯୋଗ,ସୁଖ ସମ୍ମାନ ପାଇ ଖୁସି ହେବେ।

**ସିଂହ** କେତୁଙ୍କ ପ୍ରଭାବରୁ ଦିନଟି ସଂଘର୍ଷ ଓ ବ୍ୟୟାଧିକ୍ୟଜନିତ କାରଣରୁ ମନ ଭଲ ରହି ନ ପାରେ। ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ଦୂରଯାତ୍ରା କରିବାକୁ ବାଧ୍ୟ ହେବେ। ରହୁଥିବା ପରିବେଶରେ କୌଣସି ବ୍ୟତିକ୍ରମରୁ ଆପଣଙ୍କ କାମ ଅଟକି ରହିଯାଇପାରେ। ଉପସ୍ଥିତି ବୁଦ୍ଧି ଖଟାଇ କାର୍ଯ୍ୟସାଧନ କରିପାରିବେ।

**କନ୍ୟା** ଆଜିର ଗ୍ରହ ସ୍ଥିତି ଆପଣଙ୍କ ସକାଶେ ଅନୁକୂଳ ରହିବ। ଦୀର୍ଘଦିନର ପ୍ରଚେଷ୍ଟାର ପରିଣାମ ସ୍ୱରୂପ ଋଣ ସୂତ୍ରରେ ଆଜି ହିଁ ଅର୍ଥଲାଭ କରିପାରନ୍ତି। ସ୍ତ୍ରୀଙ୍କ ବରାଦ, ପ୍ରତିଦ୍ୱନ୍ଦ୍ୱୀଙ୍କ କାର୍ଯ୍ୟ, ବାଣିଜ୍ୟରେ ପ୍ରତିବନ୍ଧକ ଓ ଯାତ୍ରା ଜନିତ ଦୁଶ୍ଚିନ୍ତା ବଢ଼ିପାରେ। କଠିନ ଶ୍ରମ ଓ ବିଶେଷ ଭ୍ରମଣଜନିତ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

**ତୁଳା** ଭାଗ୍ୟ ସ୍ଥାନରେ ଗୁରୁଶୁକ୍ର ଥିବାରୁ ନୂଆ ନୂଆ କାମ କରିବା ପାଇଁ ନିଷ୍ପତ୍ତି ନେବେ। ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ପାଇବା ସକାଶେ ବେଶି କଷ୍ଟ କରିବାକୁ ପଡ଼ିବନାହିଁ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ପାରିବାରିକ କ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ବିଛା** ଶନିଙ୍କ ଯୋଗୁ ପରିସ୍ଥିତିକୁ ଅନୁଧ୍ୟାନକରି ପୂର୍ବ ସ୍ଥିରୀକୃତ ନିଜର ମତ ଓ କାମକୁ ବଦଳାଇପାରନ୍ତି। ନବମଭାବରେ ଶୁକ୍ର ଓ ବୃହସ୍ପତି କର୍ମକ୍ଷେତ୍ରରେ ଆଶା ପୂରଣରେ ସାହାଯ୍ୟ କରିବେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆଲୋଚନା ଓ ବନ୍ଧୁସମ୍ପର୍କ ମନ୍ଦ ହେବନାହିଁ। କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତାରେ ସମସ୍ୟା ସମାଧାନ ହେବ।

**ଧନୁ** କେନ୍ଦ୍ରସ୍ଥ ଶୁଭଗ୍ରହଜନିତ ଅର୍ଥନୈତିକ ସ୍ଥିତି, ବନ୍ଧୁ ସମ୍ପର୍କ, ଚେଷ୍ଟା କରୁଥିବା କାମ କ୍ଷେତ୍ରରେ ଶୁଭଫଳ ପାଇବେ। ବିବାଦୀୟ କ୍ଷେତ୍ରରେ ଅନ୍ୟମାନଙ୍କର ସମର୍ଥନ ହାସଲରେ ଅସୁବିଧା ହେବନାହିଁ। ସୁସ୍ଥତା ଫେରିପାଇବା ସାଙ୍ଗକୁ ଶିକ୍ଷା କ୍ଷେତ୍ରରେ ଶୁଭଫଳ ମିଳିବ। ଶନିଙ୍କ ପ୍ରଭାବରୁ ସହକର୍ମୀଙ୍କ ପରୋକ୍ଷ ଶତ୍ରୁତା ମାନସିକ ଅସ୍ଥିରତା ବୃଦ୍ଧି କରିପାରେ।

**ମକର** ଶୁଭଗ୍ରହ ଦୃଷ୍ଟିରୁ କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଦୂର ହେବାରେ ବନ୍ଧୁଙ୍କ ଅବଦାନକୁ ଭୁଲିପାରିବେ ନାହିଁ। ରପ୍ତାନି ବାଣିଜ୍ୟ, ହୋଟେଲ, ରେସ୍ତୋଁରା ବ୍ୟବସାୟ ଚନ୍ଦ୍ର ଓ ଶନିଙ୍କ ପ୍ରଭାବରୁ ଭଲ ରହିବ। କେତେକ ଅଟକି ରହିଥିବା କାମକୁ ଆଜି ହିଁ ପୂର୍ଣ୍ଣାଙ୍ଗ କରିବାକୁ ତତ୍ପର ହେବେ। କାର୍ଯ୍ୟଦକ୍ଷତା ଲାଗି ପଡ଼ୋଶୀ ଭୂରି ଭୂରି ପ୍ରଶଂସା କରିପାରନ୍ତି।

**କୁମ୍ଭ** ଦ୍ୱିତୀୟସ୍ଥ ଶନିଙ୍କ ଯୋଗୁ ଆପଣଙ୍କ ସାମ୍ନାରେ କିଏ କିଛି କହିବାକୁ ସାହସ କରିପାରିବେ ନାହିଁ। ପରିସ୍ଥିତିବଶତଃ ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ସକାଳ ସମୟରେ ଦୀର୍ଘଦିନରୁ ପ୍ରତୀକ୍ଷା କରିଥିବା କୌଣସି ଶୁଭ ଖବର ପାଇପାରନ୍ତି। ସଭାସମିତିରେ, ଆନୁଷ୍ଠାନିକ କ୍ଷେତ୍ର, ବନ୍ଧୁ ଗହଣରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**ମୀନ** ରାଶ୍ୟାଧିପଙ୍କ କୃପାରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଥିବାରୁ ଆଶ୍ୱସ୍ତି ଅନୁଭବ କରିବେ। ଅଟକିଥିବା କାମ ଆଜି ଅପରାହ୍ନେ ସମ୍ପନ୍ନ ହେବ। ଅଯଥା ତର୍କ ଓ ବିବାଦରୁ ବନ୍ଧୁଙ୍କ ସହ ମନାନ୍ତର ସୃଷ୍ଟି ହୋଇପାରେ। ଅବଶ୍ୟ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବା ସାଙ୍ଗକୁ ପ୍ରଶଂସିତ ହେବେ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

ଆଜି ଜୁଲାଇ ୨୯ ତାରିଖ, ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ, ଶ୍ରାବଣ ଶୁକ୍ଳ ୫ମୀ ମଙ୍ଗଳବାର। ରାଶି ନକ୍ଷତ୍ର-ଉତ୍ତରା ଫାଲ୍‌ଗୁନୀ/କନ୍ୟା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୮।୩୯ ଗତେ, ଘ.୧୦।୩୫ ମଧ୍ୟେ, ଘ.୦୧।୧୦ ଗତେ, ଘ.୦୧।୩୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ. ୦୩।୦୭ ଗତେ, ଘ.୦୪।୪୪ ମଧ୍ୟେ ରାହୁକାଳ।

# ୪୩ ଦିନରେ ୫୭୪ ପୃଷ୍ଠାର ଚାର୍ଜଶିଟ ଦାଖଲ

## ଗୋପାଳପୁର ବେଳାଭୂମି ଗଣବଳାତ୍କାର ମାମଲା

### ୧୦ ଜଣଙ୍କ ମଧ୍ୟରୁ ୯ ଜଣଙ୍କୁ ଅଭିଯୁକ୍ତ ଦର୍ଶାଇଲା କ୍ରାଇମବ୍ରାଞ୍ଚ

ବ୍ରହ୍ମପୁର,୨୮।୭(ସୁବାସ ଚନ୍ଦ୍ର ପାଢ଼ୀ)


ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲାରେ ସୋମବାର କ୍ରାଇମବ୍ରାଞ୍ଚ ବ୍ରହ୍ମପୁରରେ ୨ଟି କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଛି। ଘଟଣା ଘଟିବାର ୪୩ ଦିନ ମଧ୍ୟରେ କ୍ରାଇମବ୍ରାଞ୍ଚ ଅଭିଯୁକ୍ତଙ୍କ ନାମରେ ୫୭୪ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଛି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଗ୍ରାମାଞ୍ଚଳ) ରିତିକା ଜେନାଙ୍କ କୋର୍ଟରେ ୫ ଅଭିଯୁକ୍ତଙ୍କ ନାମରେ ଓ ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି) ନିକଟରେ ୪ ନାବାଳକଙ୍କ ନାମରେ ଚାର୍ଜଶିଟ୍ ଦାଖଲ ହୋଇଛି। ଜଣେ ସାବାଳକଙ୍କୁ ଚାର୍ଜଶିଟ୍‌ରୁ ବାଦ ଦିଆଯାଇଛି। ତେବେ ପୋଲିସ ତାଙ୍କୁ କେଉଁ ଆଧାରରେ ଗିରଫ କରିଥିଲା ତାହା ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗଣ ବଳାତ୍କାର ମାମଲାରେ ପୋଲିସ ମୋଟ ୧୦ ଜଣଙ୍କୁ ଧରିଥିଲା। ସେଥିମଧ୍ୟରୁ ୬ ଜଣ ସାବାଳକ ରହିଥିବା ବେଳେ ୪ଜଣ ନାବାଳକ। ଏହି ସମ୍ବେଦଶୀଳ ମାମଲାରେ ପୋଲିସ ନାବାଳକଙ୍କୁ ସାବାଳକ ଭାବେ ଗ୍ରହଣ କରିବାକୁ କୋର୍ଟରେ ଆବେଦନ କରିଥିଲା। ପରବର୍ତ୍ତୀ ସମୟରେ ସରକାର ମାମଲାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରି କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। କ୍ରାଇମବ୍ରାଞ୍ଚ ଗତ ଜୁନ ୧୭ ତାରିଖରେ ମାମଲାର ତଦନ୍ତ କରିବା ସହିତ ସିନ୍ ରିକ୍ରିଏସନ କରି ବିଭିନ୍ନ ଦିଗରୁ ତଥ୍ୟ ପ୍ରମାଣ ସଂଗ୍ରହ କରି ୫ ଜଣ ସାବାଳକଙ୍କୁ ଅଭିଯୁକ୍ତ ଦର୍ଶାଇ ଚାର୍ଜଶିଟ ଦାଖଲ କରିଛି। ବର୍ତ୍ତମାନ ୬ ଅଭିଯୁକ୍ତ ଜେଲ୍‌ରେ ଥିବାବେଳେ ୪ ନାବାଳକ ବାଳ ସୁଧାର ଗୃହରେ ରହିଛନ୍ତି। ସୂଚନାଯୋଗ୍ୟ, ବେଳାଭୂମିରେ ଜୁନ ୧୫ ତାରିଖ ସନ୍ଧ୍ୟାରେ ଜଣେ ଯୁକ୍ତ ୩ ଶେଷବର୍ଷ ଛାତ୍ରୀଙ୍କୁ ତାଙ୍କ ପୁରୁଷବନ୍ଧୁଙ୍କ ଆଗରେ ଗଣବଳାତ୍କାର ହୋଇଥିଲା। ଏହି ଘଟଣାରେ ଗୋପାଳପୁର ଥାନା ପୋଲିସ ନଂ.୧୮୬/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହି ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୬ ଅଭିଯୁକ୍ତ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ହୁଣ୍ଡତ ଗ୍ରାମର ପ୍ରମୋଦ ନାୟକ, ହିଞ୍ଜିଳି ଥାନା ଅନ୍ତର୍ଗତ ବୁରୁପଡ଼ାର ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇ, ସିକିରିର ଓମ୍ ପ୍ରଧାନ, ପାଟପୁର ଥାନା ଅନ୍ତର୍ଗତ ବେଲଗାଁର କୁନାଲ ପ୍ରଧାନଙ୍କୁ କାବୁ କରିଥିଲା। ପରବର୍ତ୍ତୀ ସମୟରେ ୪ ନାବାଳକଙ୍କୁ ମଧ୍ୟ କାବୁ କରିଥିଲା। ୧୭ ତାରିଖରେ ରାଜ୍ୟ ସରକାର ଏହି ମାମଲାର ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। କ୍ରାଇମବ୍ରାଞ୍ଚ ଆଇଜି ଏସ. ସାଇନିଙ୍କ ନେତୃତ୍ୱରେ ଏକ ଟିମ୍ ଗୋପାଳପୁରରେ ରହି ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲା। ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ମାରାଥନ ଜେରା ସହିତ ଜେଲରେ ସେମାନଙ୍କ ଟିଆଇ ପରେଡ ମଧ୍ୟ କରାଯାଇଥିଲା। ପୀଡିତାଙ୍କ ବୟାନ, ମାମଲାର ତଦନ୍ତ ରିପୋର୍ଟ ଓ ସାଇଣ୍ଟିଫିକ ପ୍ରମାଣକୁ ଆଧାର କରି କ୍ରାଇମବ୍ରାଞ୍ଚ ୫ ଅଭିଯୁକ୍ତ ଓ ୪ ଜଣ ନାବାଳକଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଛି।

# ନିର୍ଯାତନା ସହି ନ ପାରି ଯୁବତୀଙ୍କ ଆତ୍ମହତ୍ୟା

## ସୁଇସାଇଡାଲ୍ ନୋଟରେ ଏରିଆ ମ୍ୟାନେଜରଙ୍କୁ ଦାୟୀ କଲେ

ସରି ସମସ୍ତଙ୍କୁ, ମୋର ଏମିତି କରିବାର ହିଁ ନ ଥିଲା। କିନ୍ତୁ କ'ଣ କରିବି ମୁଁ ଆଉ ସହି ପାରୁନି। ସବୁ କିଛି ହରେଇ ସାରିଛି ଆଉ କିଛି ବାକି ନାହିଁ ମୋ ପାଖରେ। ଅଫିସ୍‌ରେ ମୋତେ ବହୁତ ହାରାସ୍‌ମେଣ୍ଟ କରିଛନ୍ତି। ଏମିତିକି ମୋ ଏରିଆ ମ୍ୟାନେଜର ସ୍ମୃତି ରଞ୍ଜନ ଜେନା ବହୁତ ଟର୍ଚ୍ଚର(ମେଣ୍ଟାଲି ଆଉ ଫିଜିକାଲି) କରିଛି। ସରି ମୁଁ ସବୁଦିନ ପାଇଁ ଯାଉଛି। ଏମିତି ଏକ ହାତଲେଖା ଚିଠି ଲେଖି ଆତ୍ମହତ୍ୟା କରିଛନ୍ତି ଖୁସି ପାତ୍ର (୨୧)।



ଜବତ ସୁସାଇଡାଲ୍ ନୋଟ୍।

ମଙ୍ଗୁଳି-ଜଗତପୁର, ୨୮।୭ (ମାନସ ସାମଲ)



ଖୁସି ପାତ୍ର

କଟକ ଜିଲା ଚୌଦ୍ୱାର ଥାନା ଅଧୀନ ୭ନଂ. ୱାର୍ଡ ମୁଣ୍ଡମାଳ ଗ୍ରାମ ମଠସାହିରେ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଚୌଦ୍ୱାର ପୋଲିସ ଜବତ କରିଛି। ମୃତା ହେଲେ ଖୁସି ପାତ୍ର। ସୋମବାର ସକାଳେ ଖବର ପାଇ ଜୋନ୍ ୧ ଏସିପି ଅରୁଣ କୁମାର ସ୍ୱାଇଁ, ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲ ପଠାଇଥିଲା। ଫାଇନାନ୍ସ କମ୍ପାନୀ ମ୍ୟାନେଜର ମାନସିକ ଏବଂ ଶାରୀରିକ ନିର୍ଯାତନା ଦେବାରୁ ଝିଅ ସହ୍ୟ କରି ନ ପାରି ଆତ୍ମହତ୍ୟା କରିଛି ବୋଲି ମାଉସୀ ପଦ୍ମ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ବିଏନ୍‌ଏସ୍ ଦଫା.୧୦୮(ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା)ରେ ଏକ ମାମଲା(୪୫୩/୨୦୨୫) ରୁଜୁ କରିଛି। ଘଟଣାସ୍ଥଳରୁ ପୋଲିସ ଏକ ସୁଇସାଇଡାଲ୍ ନୋଟ, ଓଢ଼ଣି ଓ ମୋବାଇଲ ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

ପ୍ରାପ୍ତ ସୂଚନା ମୁତାବକ, ଖୁସିଙ୍କ ବାପା ସୁରଟରେ ଏକ କମ୍ପାନୀରେ କାମ କରୁଥିବାରୁ ସେ ପିଲାଟି ବେଳୁ ମା'ଙ୍କ ସହ ଚୌଦ୍ୱାରରେ ରହୁଥିଲେ। ପ୍ରାୟ ଏକ ବର୍ଷ ହେବ ଖୁସି ଏକ ପ୍ରାଇଭେଟ୍ ଫାଇନାନ୍ସ କମ୍ପାନୀରେ ଚାକିରି କରିବାରୁ ଭୁବନେଶ୍ୱରରେ ଘର ଭଡ଼ା ନେଇ ରହୁଥିଲେ। ଖୁସିଙ୍କ ମା' ଚୌଦ୍ୱାରରେ ମାସେ ଦୁଇ ମାସ ଏକା ରହିବା ପରେ ଭଲ ନ ଲାଗିବାରୁ ସେ ମଧ୍ୟ ସ୍ୱାମୀଙ୍କ ପାଖକୁ ସୁରଟ ଚାଲି ଯାଇଥିଲେ। ଖୁସି ପ୍ରତି ସପ୍ତାହର ରବିବାର ଘରକୁ ଆସି ଘର ଦେଖା ଚାହାଁ କରି ପୁଣି ସୋମବାର ଭୁବନେଶ୍ୱର ଚାଲି ଯାଇଥାନ୍ତି। ସେ ରବିବାର ସନ୍ଧ୍ୟାରେ ଚୌଦ୍ୱାରସ୍ଥିତ ଘରକୁ ଆସିଥିଲେ। ରାତିରେ ପଡ଼ୋଶୀଙ୍କ ଘରେ ରାତ୍ରି ଭୋଜନ କରି ରୁମ୍‌କୁ ରାତି ଦଶଟାରେ ଚାଲି ଆସିଥିଲେ। ଖୁସିଙ୍କ ମା' ରାତି ପ୍ରାୟ ୧୧ ଟାରେ ଝିଅ ସହ ଫୋନ୍‌ରେ କଥା ହୋଇଥିଲେ। ସୋମବାର ସକାଳ ପ୍ରାୟ ୬ଟାରେ ଝିଅ ଡ୍ୟୁଟି ଗଲାକି ନାହିଁ ବୁଝିବା ପାଇଁ ମା' ପୁଣିଥରେ ଫୋନ୍ କରିଥିଲେ। କିନ୍ତୁ ଝିଅ ଫୋନ ଉଠାଇ ନ ଥିଲେ। ପଡ଼ୋଶୀଙ୍କୁ ଖବର ଦେବାରୁ ସେମାନେ ଘରକୁ ଆସି ଦେଖନ୍ତି ଦାଣ୍ଡ କବାଟ ବନ୍ଦ ରହିଛି। ପଛ ପଟ କବାଟ ଯାଇ ଖୋଲି ଦେଖିବାବେଳକୁ ଖୁସି ଫ୍ୟାନରେ ନିଜ ଓଢ଼ଣିରେ ଝୁଲିଥିବା ଦେଖିବାକୁ ପାଇଥିଲେ। ଏନେଇ ଜୋନ୍ ୧ ଏସିପି ଅରୁଣ କୁମାର ସ୍ୱାଇଁ କହିଛନ୍ତି, ପ୍ରାଥମିକ ତଦନ୍ତରୁ ଏହା ଏକ ଆତ୍ମହତ୍ୟା ବୋଲି ଜଣା ପଡ଼ୁଛି। ଝିଅଟି ଏକ ସୁଇସାଇଡାଲ ନୋଟରେ ଫାଇନାନ୍ସ କମ୍ପାନୀ ମ୍ୟାନେଜରର ନିର୍ଯାତନା ଦେଉଥିବା ଉଲ୍ଲେଖ କରିଛନ୍ତି। ଅଭିଯୋଗକୁ ଆଧାର କରି ଉକ୍ତ ଯୁବକଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସ୍ୱାଇଁ କହିଛନ୍ତି।

# ସ୍ତ୍ରୀଙ୍କୁ ହତ୍ୟା ଘଟଣା: ଫେରାର ସ୍ୱାମୀ ଗିରଫ

ବାସୁଦେବପୁର,୨୮।୭ (କାଳିପଦ ରାୟ)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କଷିଆ ସାମୁଦ୍ରିକ ଥାନା ଅଧୀନ ବିଦେଇପୁର ପଞ୍ଚାୟତର ପାରାପୋଖରୀ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଥିଲା। ଟଙ୍କା ପାଇଁ ଗୁରୁବାରୀ ଜେନା ନାମ୍ନୀ ମହିଳାଙ୍କୁ ହତ୍ୟା କରି ଫେରାର ଥିବା ତାଙ୍କ ସ୍ୱାମୀ ଗୋପୀନାଥ ଜେନା(୫୮)ଙ୍କୁ ସୋମବାର ପୋଲିସ ଗିରଫ କରିଛି। ପ୍ରକାଶ ଯେ, ଗୋପୀନାଥ କୌଣସି ଧାରୁଆ ଅସ୍ତ୍ରରେ ଗୁରୁବାରୀଙ୍କୁ ହାଣି ହତ୍ୟା କରି ଫେରାର ହୋଇଯାଇଥିଲେ। ରବିବାର ସକାଳେ ଘର ଭିତରୁ ଗୁରୁବାରୀଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ମିଳିଥିଲା। ଏନେଇ ତାଙ୍କ ଝିଅ କୁନିଲତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ହତ୍ୟା ମାମଲା (ନଂ.୧୧୩/୨୫) ରୁଜୁ କରିଥିଲା। ଥାନାଧିକାରୀ ସାବିତ୍ରୀ ପଣ୍ଡା ଘଟଣାର ତଦନ୍ତ ଚଳାଇଥିଲେ। ସୋମବାର ସକାଳେ ସେ ବାସୁଦେବପୁର ବଜାରରେ ଚଢ଼ାଉ କରି ଅଭିଯୁକ୍ତ ଗୋପୀନାଥଙ୍କୁ ଧରିବା ପରେ ଥାନାକୁ ନେଇ ପଚରାଉଚରା କରାଯାଉଛି।

# ଘରେ ପଶି ସବୁଜବାହିନୀ କର୍ମଚାରୀଙ୍କୁ ଆକ୍ରମଣ

ଉଦଳା,୨୮।୭ (ସନ୍ତୋଷ କୁମାର ବାଛିନୀ)

**ଜେଲ ଫେରନ୍ତା ଶିକାରୀଙ୍କ ଆତଙ୍କରାଜ**

- ପେଟକସ ମୁନରେ ଭୁସିଦେଲେ
- ନାବାଳିକାଙ୍କୁ ଦୁର୍ବ୍ୟବହାର

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ପୋଡ଼ାଡ଼ିହା ଡାହିସାହି ଗ୍ରାମରେ ଜେଲ ଫେରନ୍ତା ଶିକାରୀଙ୍କ ଆତଙ୍କରାଜ ଦେଖିବାକୁ ମିଳିଛି। ଘରେ ପଶି ଜଣେ ସବୁଜବାହିନୀ କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ତାଙ୍କ ନାବାଳିକା ଝିଅକୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଗୁରୁତର ସବୁଜବାହିନୀ କର୍ମଚାରୀ ଭରତ ଶତ୍ରୁସାଲ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏ ସଂକ୍ରାନ୍ତରେ କପ୍ତିପଦା ପୋଲିସ ଏକ ମାମଲା (ନଂ.୧୭୩/୨୫)ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଭରତ ପୋଡ଼ାଡିହା ବନାଞ୍ଚଳ ଅଧୀନରେ ସବୁଜ ବାହିନୀ କର୍ମଚାରୀ ଭାବେ କାର୍ଯ୍ୟରତ। ୨୦୨୪ ଅକ୍ଟୋବରରେ ଶିମିଳିପାଳରେ ଶିକାର କରୁଥିବା ୪ରୁ ଅଧିକ ଶିକାରୀଙ୍କୁ ବନ ବିଭାଗ ଗିରଫ କରିଥିଲା। ଏଥିମଧ୍ୟରେ ପୋଡ଼ାଡିହା ଅଞ୍ଚଳର ୩ ଜଣ ଶିକାରୀ ରହିଥିଲେ। ଗିରଫ ପରେ ଅଭିଯୁକ୍ତ ଶିକାରୀମାନେ କୋର୍ଟଚାଲାଣ ହୋଇଥିଲେ। ଶିକାରୀମାନଙ୍କୁ ଗିରଫ କରିଥିବା ବନ ବିଭାଗ ଟିମ୍‌ରେ ଭରତ ସାମିଲ ଥିଲେ। ମାସକ ପୂର୍ବେ ପୋଡ଼ାଡିହା ଅଞ୍ଚଳର ୩ ଶିକାରୀ ଗଣ୍ଡ ସିଂ, ଗୁଡୁ ସିଂ ଏବଂ ଲାକ ସିଂ ଜାମିନରେ ଆସିବା ପରେ ସବୁଜବାହିନୀ କର୍ମଚାରୀ ଭରତଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ରବିବାର ରାତି ୮ଟା ୩୦ ସମୟରେ ସେମାନେ ଭରତଙ୍କ ଘରେ ପହଞ୍ଚି ତାଙ୍କ ୧୫ ବର୍ଷର ଝିଅଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହାକୁ ଭରତ ବିରୋଧ କରିବାରୁ ଶିକାରୀଙ୍କ ମଧ୍ୟରୁ ଜଣେ ଏକ ପେଚକସ ତାଙ୍କ ପେଟରେ ଭୁସି ଦେଇଥିଲେ। ତାଙ୍କ ଚିତ୍କାର ଶୁଣି ପରିବାର ଲୋକ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବାରୁ ଆକ୍ରମଣକାରୀମାନେ ସେଠାରୁ ଚମ୍ପଟ ମାରିଥିଲେ। ଗୁରୁତର ଭରତଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ଉଦଳା ମେଡିକାଲ ଓ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାରିପଦା ସ୍ଥାନାନ୍ତର କରାଯାଇଛି।

# ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର ୫ ଗିରଫ



ଜବତ ମୋଟରସାଇକେଲ୍, ମୋବାଇଲ୍ ଫୋନ୍, ଟଙ୍କା ଓ ଅଳଙ୍କାର।

କେନ୍ଦୁଝର,୨୮।୭ (ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

- ୮ ସୁନା ଚେନ୍, ୧୪ ବାଇକ୍, ୨୧ ମୋବାଇଲ ଜବତ
- ପୂର୍ବରୁ ୧୫ ଜଣ କୋର୍ଟଚାଲାଣ ହୋଇଛନ୍ତି

କେନ୍ଦୁଝର ପୋଲିସ ସୋମବାର ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗର ୫ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଯାଜପୁର ଜିଲାର ଚିନ୍ମୟ ପ୍ରଧାନ, ବିଜୟ ପ୍ରଧାନ, ଗଞ୍ଜାମ ଜିଲାର ଏମ୍. ଆଶୁ, ଏମ୍ ଅନିଲ ଓ ସୁନୀଲ ଦାସ। ସେମାନଙ୍କ ନିକଟରୁ ଚୋରି ସୁନାଚେନ, ବାଇକ୍ ଓ ମୋବାଇଲ ଜବତ ହୋଇଛି। ଘଟଣାରେ ପୂର୍ବରୁ ୧୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏ ନେଇ ଏସ୍‌ପି ନୀତିନ କୁଶଲକର ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ସୋମବାର ପୂର୍ବାହ୍ନରେ ପୋଲିସ ଅଭିଯୁକ୍ତଙ୍କୁ ନେଇ ସିନ୍ ରିକ୍ରିଏଶନ କରିଥିବା ବେଳେ ଏହା ଦେଖିବା ପାଇଁ ସହରରେ ପ୍ରବଳ ଭିଡ଼ ହୋଇଥିଲା।

ସୂଚନା ଅନୁଯାୟୀ, ଜୁଲାଇ ୧୬ ସନ୍ଧ୍ୟାରେ କେନ୍ଦୁଝର ସହରରେ ୮ ଟି ସ୍ଥାନରେ ମହିଳାଙ୍କ ବେକରୁ ସୁନା ଚେନ ଲୁଟ ହୋଇଥିଲା। ଘଟଣା ସହରରେ ଆଲୋଡନ ଓ ଭୟର ବାତାବରଣ ସୃଷ୍ଟି କରିଥିଲା। ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିବା ବେଳେ ସହରରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଘଟଣାକୁ ନେଇ ଏସ୍‌ପି ନୀତିନ କୁଶଲକର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଟିମ୍‌ରେ ଜଣେ ଅତିରିକ୍ତ ଏସ୍‌ପି, ଡିଏସ୍‌ପିଙ୍କ ସହ ଟାଉନ ଥାନା, ବଡ଼ବିଲ, ଚମ୍ପୁଆ ଥାନା ଆଇଆଇସି, ଜିଲା ସାଇବର ପୋଲିସ ଓ ଯାଜପୁର ପୋଲିସର ସହାୟତା ସହ ବିଭିନ୍ନ ଥାନାର ସବଇନ୍ସପେକ୍ଟର ଓ ସହକାରୀ ସବ୍ ଇନ୍ସପେକ୍ଟର ପ୍ରଭୃତି ରହିଥିଲେ। ଟିମ୍ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗତ ୨୧ ତାରିଖରେ ଦୁଇଜଣ, ଗତ ୨୪ରେ ୧୩ ଜଣଙ୍କୁ ଗିରଫ କରିଥିଲା। ସୋମବାର ଆଉ ପାଞ୍ଚ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଅଭିଯୁକ୍ତମାନେ ଯାଜପୁରର ଦସମାନିଆ, ମୁଣ୍ଡମାଳ ଓ ପୂର୍ବାକୋଟ ଅଞ୍ଚଳର ହୋଇଥିବା ବେଳେ ଯୋଜନା ମୁତାବକ ଲୁଟ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ୮ଟି ସୁନା ଚେନ୍, ୧୪ ବାଇକ୍, ୨୧ଟି ମୋବାଇଲ ଓ ନଗଦ ୧୧ ହଜାର ଟଙ୍କା ଜବତ କରାଯାଇଛି। ଗ୍ୟାଙ୍ଗ ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ , ବିହାର , ଓଡ଼ିଶା ସମେତ ଅନ୍ୟ ରାଜ୍ୟରେ ପ୍ରାୟ ୧୦୦୦ ପାଖାପାଖି ଛିନ୍ତାଇ ଅପରାଧରେ ଲିପ୍ତ ଥିବା ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି। ଟାଉନ ଥାନାରେ ୮ ମାମଲା(ନଂ.୪୯୧/୨୫, ୪୯୨/୨୫, ୫୧୫/୨୫, ୫୧୬/୨୫, ୫୧୭/୨୫, ୫୧୮/୨୫, ୫୧୯/୨୫, ୫୨୦/୨୫) ରୁଜୁ ହୋଇଛି। ସୋମବାର ଅପରାହ୍ନରେ ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁଙ୍କ ନେତୃତ୍ୱରେ ପୋଲିସ ଅଭିଯୁକ୍ତଙ୍କୁ ନେଇ ସହରର ଡିଏନ୍ ହାଇସ୍କୁଲ ଅଞ୍ଚଳ, ମାଇନିଂ ରୋଡ୍ ଓ ସରକାରୀ ମହିଳା ହାଇସ୍କୁଲ ନିକଟରେ ସିନ୍ ରିକ୍ରିଏଶନ କରିଥିଲା। ଏହିସମୟରେ ଭିଡ଼ ପରିଲକ୍ଷିତ ହୋଇଥିଲା।

# ପୂର୍ବତନ ଆଇଟିଆଇ ଅଧ୍ୟକ୍ଷଙ୍କୁ ୩ ବର୍ଷ ଜେଲ

ଫୁଲବାଣୀ,୨୮।୭ (ରାକେଶ କୁମାର ରାଉତ)

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ସୋମବାର ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ରାଜେଶ ଦାସ ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୪ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଫୁଲବାଣୀ ସରକାରୀ ଆଇଟିଆଇର ପୂର୍ବତନ ଅଧ୍ୟକ୍ଷ ସରୋଜ କାନ୍ତ ରାୟ। ସେ ଏବେ ଢେଙ୍କାନାଳ ସରକାରୀ ପଲିଟେକନିକରେ କାର୍ଯ୍ୟରତ ଅଛନ୍ତି। ପ୍ରମାଣ ଅଭାବରୁ ବିଚାରପତି ସରୋଜଙ୍କ ସ୍ତ୍ରୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭିଜିଲାନ୍ସ ପିପି ଭି. ଭି. ରାମଦାସ ମାମଲା ପରିଚାଳନା କରୁଥିଲେ।

# ଡିପ୍ଲୋମା ଅଧ୍ୟକ୍ଷଙ୍କୁ ଆକ୍ରମଣ

**ପୁଣି ବରପଦା ଇଞ୍ଜିନିୟରିଂ କଲେଜରେ ଅଶାନ୍ତି**

ଭଦ୍ରକ,୨୮।୭ (ସନାତନ ରାଉତ)



ଆହତ ଅଧ୍ୟକ୍ଷ ଗଙ୍ଗାଧର ଧଳଙ୍କୁ ଡାକ୍ତରଖାନା ନିଆଯାଉଛି।

ଦୀର୍ଘଦିନ ଧରି ବିବାଦରେ ଛନ୍ଦି ହୋଇଥିବା ଭଦ୍ରକର ବରପଦା ଇଞ୍ଜିନିୟରିଂ କଲେଜରେ କିଛିଦିନର ବ୍ୟବଧାନ ପରେ ପୁଣି ଥରେ ଅଶାନ୍ତି ସୃଷ୍ଟି ହୋଇଛି। କିଛିଦିନ ତଳେ କଲେଜରୁ ନିଲମ୍ବିତ ହୋଇଥିବା କର୍ମଚାରୀମାନେ ଡିପ୍ଲୋମା ଅଧ୍ୟକ୍ଷ ଗଙ୍ଗାଧର ଧଳଙ୍କୁ ସୋମବାର ଆକ୍ରମଣ କରିଛନ୍ତି। ଆକ୍ରମଣରେ ଆହତ ଅଧ୍ୟକ୍ଷ ଧଳଙ୍କୁ ପ୍ରଥମେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଅପରାହ୍ନରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ମଧ୍ୟାହ୍ନ ୧୨ଟା ବେଳେ କେତେଜଣ ନିଲମ୍ବିତ କର୍ମଚାରୀ ଓ ତାଙ୍କ ସହଯୋଗୀ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଭିତରକୁ ପଶି କାହିଁକି ସେମାନଙ୍କୁ ନିଲମ୍ବନ କରିଛନ୍ତି କହି ହଟ୍ଟଗୋଳ କରିଥିଲେ। ଏଥିସହ ତାଙ୍କୁ ଟାଣି ଆଣି ତଳେ ପକାଇ ବିଧା, ଗୋଇଠା ମାରିଛନ୍ତି। ଅନ୍ୟ କର୍ମଚାରୀମାନେ ଅଧ୍ୟକ୍ଷଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତାଙ୍କ ଛାତି ଓ ଗୋଡ଼ରେ ଯନ୍ତ୍ରଣା ହେଉଥିବା ସେ କହିଛନ୍ତି। ଖବର ପାଇ ଗ୍ରାମାଞ୍ଚଳ ଥାନା ପୋଲିସ କଲେଜରେ ପହଞ୍ଚି ଘଟଣାର ତଦନ୍ତ କରିଛି। ଟାଉନ ପୋଲିସ ଡାକ୍ତରଖାନାରେ ପହଞ୍ଚି ଅଧ୍ୟକ୍ଷ ଧଳଙ୍କୁ ଘଟଣା ବିଷୟରେ ପଚରାଉଚରା କରିଛି। ଖବର ଲେଖାହେବା ସୁଦ୍ଧା ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ କରାଯାଇ ନ ଥିବା ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାଶ କହିଛନ୍ତି।

# ଆଜି ଅନ୍ତର୍ଜାତୀୟ ବ୍ୟାଘ୍ର ସଂରକ୍ଷଣ ଦିବସ

ଭୁବନେଶ୍ୱର, ୨୮।୭ (ବନ୍ଦନା ସେଠୀ)



ବାଘ ଦୁନିଆର ସବୁଠାରୁ ପରିଚିତ ପ୍ରାଣୀ। ଏମାନଙ୍କ ସଂରକ୍ଷଣ ଜୈବ ବିବିଧତା ତଥା ପରିବେଶର ସନ୍ତୁଳନ ବଜାୟ ରଖିବାରେ ସହାୟକ ହୋଇଥାଏ। ତେଣୁ ବାଘ ବଂଶବୃଦ୍ଧି ସହ ଏମାନଙ୍କ ସଂରକ୍ଷଣ ନିତାନ୍ତ ଆବଶ୍ୟକ। ଏନେଇ ଲୋକଙ୍କ ମନରେ ସଚେତନତା ତଥା ଜାଗ୍ରତ ବୃଦ୍ଧି କରିବା ପାଇଁ ପ୍ରତିବର୍ଷ ଜୁଲାଇ ୨୯କୁ 'ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ' ଭାବେ ପାଳନ କରାଯାଉଛି। ଚଳିତ ବର୍ଷର ଥିମ୍ ରହିଛି 'ବାଘମାନଙ୍କ ପାଇଁ ଗର୍ଜନ'। ଦେଶ ତଥା ବିଶ୍ୱରେ ଦିନକୁ ଦିନ ବାଘଙ୍କ ସଂଖ୍ୟା କମିବାରେ ଲାଗିଛି। ଅବୈଧ ଶିକାର ଏହାର ଏକ ପ୍ରମୁଖ କାରଣ ସାଜିଥିବାବେଳେ ଆଧୁନିକତା ନାମରେ ଜଙ୍ଗଲ ନଷ୍ଟ ଏବଂ ଜଳବାୟୁ ପରିବର୍ତ୍ତନ ଭଳି କେତେକ ଆହ୍ୱାନର ସମ୍ମୁଖୀନ ହେବାକୁ ପଡୁଛି। ତେବେ ଓଡ଼ିଶାର ଶିମିଳିପାଳରେ ପୂର୍ବାପେକ୍ଷା ବାଘ ସଂଖ୍ୟା ବଢ଼ିଥିବାରୁ ଏହାକୁ ନେଇ ବନ୍ୟପ୍ରାଣୀ ପ୍ରେମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ୨୦୩୬ସୁଦ୍ଧା ଶିମିଳିପାଳରେ ବାଘ ସଂଖ୍ୟା ୧୦୦କୁ ପହଞ୍ଚାଇବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଚେଷ୍ଟା ଜାରି ରହିଛି। ଏହା ଭାରତର ବ୍ୟାଘ୍ର ସଂରକ୍ଷଣ ରୋଡ୍‌ମ୍ୟାପ୍‌ରେ ଶିମିଳିପାଳର ଭୂମିକାକୁ ଆହୁରି ସୁଦୃଢ଼ କରିବ ବୋଲି ବନ ବିଭାଗର ଆଶା ଉଜ୍ଜୀବିତ ହୋଇଛି।

ଏନେଇ ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ୍ କୁମାର ଝା କହିଛନ୍ତି, ଶିମିଳିପାଳରେ ବାଘଙ୍କ ସଂଖ୍ୟା ଆଶାନୁରୂପ ବୃଦ୍ଧି ପାଇଛି। ମହାରାଷ୍ଟ୍ରରୁ ଆସିଥିବା 'ଜିନତ୍' ଓ 'ଯମୁନା' ମଧ୍ୟ ସୁସ୍ଥ ଅଛନ୍ତି। ସେହିପରି ବାଘଙ୍କ ସଂଖ୍ୟା ବୃଦ୍ଧି ସହିତ ସେମାନଙ୍କ ପାଇଁ ନୂତନ ସ୍ଥାନ ଲାଗି ଡେବ୍ରିଗଡଠାରେ ଟାଇଗର ରିଜର୍ଭ କରିବା ନେଇ ଯୋଜନା କରାଯାଉଛି। ଏଥିପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଛି। କମିଟିରେ ଅବସରପ୍ରାପ୍ତ ଆଇଏଫ୍‌ଏସ୍ ଅଧିକାରୀ ଡ. ଅନୁପ କୁମାର ନାୟକ ଅଧ୍ୟକ୍ଷ ରହିଛନ୍ତି। ସେହିପରି ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଶନ୍ ଅଫ୍ ଇଣ୍ଡିଆ ଡେରାଡୁନ୍‌ର ସଦସ୍ୟ ଡ. ବିଭାସ ପାଣ୍ଡବ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ବଲପୁରର ଅତିଥି ଅଧ୍ୟାପକ ଡ. ହେମା କୁମାର ନାୟକ ସଦସ୍ୟ ରହିଛନ୍ତି। ଏହି କମିଟି ଟାଇଗର ରିଜର୍ଭ ପାଇଁ ବଫର ଜୋନ୍‌ଗୁଡିକର ସୀମା ନିର୍ଣ୍ଣୟ ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର ନିରୀକ୍ଷଣ କରିବେ ବୋଲି ପିସିସିଏଫ୍ ସୂଚନା ଦେଇଛନ୍ତି।

# ମହାବଳ ବାଘ: ୨୦୩୦ ସୁଦ୍ଧା ୧୦୦ ଟପିବ

ବାରିପଦା,୨୮।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମହାବଳ ବାଘ ପାଇଁ ଶିମିଳିପାଳ ଅଭୟାରଣ୍ୟ ଉପଯୁକ୍ତ ବାସସ୍ଥାନ ଭାବେ ନ୍ୟାଶନାଲ ଟାଇଗର କଞ୍ଜରଭେଶନ ଅଥରିଟି(ଏନ୍‌ଟିସିଏ)ପକ୍ଷରୁ ସବୁଜ ସଙ୍କେତ ପ୍ରଦାନ କରାଯାଇଛି। ଏଠାରେ ମହାବଳ ବାଘ ସଂଖ୍ୟା ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି। ୨୦୩୦ ସୁଦ୍ଧା ଶିମିଳିପାଳରେ ମହାବଳ ବାଘ ସଂଖ୍ୟା ୧୦୦ ଟପିବ ବୋଲି ଆଶା କରାଯାଇଛି। ବର୍ତ୍ତମାନ ଶିମିଳିପାଳରେ ମହାବଳ ବାଘ ୪୦ ଥିବାବେଳେ ଦୁଇ ଅତିଥି ଯମୁନା ଓ ଜିନ୍ନତକୁ ମିଶାଇ ଏମାନଙ୍କ ସଂଖ୍ୟା ୪୨ରେ ପହଞ୍ଚିଛି। ଏଥିମଧ୍ୟରେ ୩୪ଟି ମହାବଳ ଓ ୮ଟି ଶାବକ ରହିଛନ୍ତି। ବାଘ ଗଣନା ପରିସଂଖ୍ୟାନ ଅନୁଯାୟୀ, ପ୍ରତି ୪ବର୍ଷରେ ବାଘ ସଂଖ୍ୟା ଦୁଇଗୁଣ ବୃଦ୍ଧି ପାଉଛି। ଏହାକୁ ଲକ୍ଷ୍ୟରେ ରଖି ୨୦୨୬ ଗଣନାରେ ଏହା ୬୦ ପାର୍ ହେବା ଆଶା ରହିଛି। ଶିକାରୀଙ୍କ କବଳରୁ ରକ୍ଷା କରିବା ଏବଂ ମହାବଳର ଗତିବିଧି ଉପରେ ନଜର ରଖିବା ପାଇଁ ବିଭାଗ ପକ୍ଷରୁ ଟ୍ରାପ୍ ଓ ଏଆଇ କ୍ୟାମେରା ଖଞ୍ଜାଯାଇଛି। ବନ କର୍ମଚାରୀଙ୍କ ସହ ଡାକ୍ତରୀ ଟିମ୍ ପାଟ୍ରୋଲିଂରେ ଯାଇ ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟ ଚିକିତ୍ସା କରୁଛନ୍ତି। ଏପରି ସ୍ଥଳେ ମହାରାଷ୍ଟ୍ର ତଡବା ଅନ୍ଧାରୀ ଜଙ୍ଗଲରୁ ଅଣାଯାଇଥିବା ମହାବଳ ବାଘୁଣୀ ଜିନ୍ନତ ସେପ୍ଟେମ୍ବର ଶେଷ ସୁଦ୍ଧା ମା' ହେବାକୁ ଯାଉଛି। କଳାବାଘ ଜେନେଟିକ୍‌ରେ ପରିବର୍ତ୍ତନ ଆଣିବା ଯୋଜନା ସଫଳ ହେଲେ ଆଗାମୀ ଦିନରେ ଶିମିଳିପାଳକୁ ମହାବଳ ବାଘୁଣୀ ଆଣିବାର ଯୋଜନା ଜାରି ରହିବ ବୋଲି ବନବିଭାଗ ସୂତ୍ରରୁ ଜଣାପଡ଼ିଛି। ଏନେଇ ପୂର୍ବତନ ବନ୍ୟପାଣୀ ତତ୍ତ୍ୱାବଧାରକ ତଥା ଓଡ଼ିଶା ରାଜ୍ୟ ବନ ଉନ୍ନୟନ ୨ନଂ. ନିଗମର ସ୍ୱାଧୀନ ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି, ବାଘ ପାଇଁ ନିର୍ଭୟ ନିଶ୍ଚଳ ବାସସ୍ଥଳୀ, ସହଜ ଖାଦ୍ୟ ସଂଗ୍ରହ, ଶିକାରୀମୁକ୍ତ ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଲେ ବାଘ ସଂଖ୍ୟା ବୃଦ୍ଧିରେ ଦ୍ରୁତ ଅଗ୍ରଗତି ସମ୍ଭବ ହୋଇପାରିବ ବୋଲି ମତ ରଖିଛନ୍ତି।

# ଏସ୍‌ସିବିରୁ ଡିସ୍‌ଚାର୍ଜ ହେଲେ ଏଫ୍‌ଏମ୍ କଲେଜ ଛାତ୍ର ଜ୍ୟୋତିପ୍ରକାଶ

କଟକ,୨୮।୭(ଶିଳ୍ପା ପ୍ରିୟଦର୍ଶିନୀ)



ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ଆତ୍ମାହୁତି ସମୟରେ ରକ୍ଷା କରିବାକୁ ଯାଇ ଆହତ ହୋଇଥିବା ଜ୍ୟୋତିପ୍ରକାଶ ବିଶ୍ୱାଳ ସୋମବାର ଏସ୍‌ସିବି ମେଡିକାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଜ୍ୟୋତିଙ୍କ ପରୀକ୍ଷା ନିରୀକ୍ଷା କରାଯିବା ସହ ଉଚ୍ଚସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା ପରେ ଅପରାହ୍ନ ସମୟରେ ଡିସ୍‌ଚାର୍ଜ କରାଯାଇଛି। ପ୍ଲାଷ୍ଟିକ ସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ବିଭୂତି ଭୂଷଣ ନାୟକଙ୍କ ସୂଚନାନୁଯାୟୀ, ଜ୍ୟୋତିପ୍ରକାଶ ଏବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଫେରିଛନ୍ତି। ଏହାସହ ଆସନ୍ତା ୧୫ଦିନ ପରେ ସେ ମେଡିକାଲ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରାଇବେ ଏବଂ ତାଙ୍କୁ ସମସ୍ତ ଔଷଧ ଓ ଖାଦ୍ୟପେୟ ସମ୍ପର୍କରେ କୁହାଯାଇଥିବା ନାୟକ କହିଛନ୍ତି। ଅନ୍ୟପଟେ ଜ୍ୟୋତି ଏସ୍‌ସିବିରୁ ଡିସ୍‌ଚାର୍ଜ ହେବା ପରେ କହିଛନ୍ତି, ବାଲେଶ୍ୱର ଘଟଣା ସମ୍ପର୍କରେ କିଛି କହିବାକୁ ଚାହୁଁନି, କିନ୍ତୁ ଏସ୍‌ସିବିରେ ସମସ୍ତ ଚିକିତ୍ସା ମିଳିଛି ଏବଂ ସମସ୍ତେ ସହଯୋଗ କରିଛନ୍ତି।



# ପୁରୁଷ ହେଲେ ମହିଳା

ଦେଶର ବିଭିନ୍ନ ରାଜ୍ୟରେ କଲ୍ୟାଣକାରୀ ଯୋଜନାଗୁଡ଼ିକରେ ହିତାଧିକାରୀ ହେବା ପାଇଁ ଜୀବିତ ବ୍ୟକ୍ତି ମୃତ ହେବା, ବିଧବା ମହିଳା ସଧବା ହେବା ବା ସଧବା ବିଧବା ହେବା କିମ୍ବା ପୁରୁଷ ନିଜକୁ ମହିଳା ଦର୍ଶାଇବା ଭଳି କୌତୁହଳ ଘଟଣା ବାରମ୍ବାର ସାମ୍ନାକୁ ଆସୁଛି। ଉଦାହରଣ ସ୍ୱରୂପ, ନିକଟରେ ମହାରାଷ୍ଟ୍ରରେ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଲଡ଼କୀ ବହିନ୍ ଯୋଜନାରେ ୧୪, ୦୦୦ରୁ ଊର୍ଦ୍ଧ୍ୱ ପୁରୁଷ ହିତାଧିକାରୀ ଚିହ୍ନଟ ହୋଇଛନ୍ତି। କେବଳ ଏତିକି ନୁହେଁ ଏମାନଙ୍କ ସମେତ ମୋଟ ୨୬ ଲକ୍ଷ ୩୪ ହଜାର ଅଯୋଗ୍ୟ ହିତାଧିକାରୀଙ୍କର ପ୍ରାପ୍ୟ ଜୁନ୍ ୨୦୨୫ରୁ ସାମୟିକ ଭାବେ ବନ୍ଦ କରାଯାଇଥିବା ମହାରାଷ୍ଟ୍ର ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କୁହାଯାଇଛି। ଲଡ଼କୀ ବହିନ୍ ଯୋଜନା ବିଶେଷକରି ଆର୍ଥିକ କ୍ଷେତ୍ରରେ ଦୁର୍ବଳ ୨୧ରୁ ୬୫ ବର୍ଷର ମହିଳାଙ୍କୁ ମାସିକ ୧,୫୦୦ ଟଙ୍କା ଆର୍ଥିକ ସହାୟତା ଦିଆଯାଉଛି। ଉଲ୍ଲେଖନୀୟ ଯେ,୧୭ ଅଗଷ୍ଟ ୨୦୨୪ ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ଶିବସେନା(ଶିନ୍ଦେ)ର ନେତା ଏକନାଥ ଶିନ୍ଦେ ଲଡ଼କୀ ବହିନ୍ ଯୋଜନା ଆରମ୍ଭ କରିଥିଲେ ଏବଂ ଏହା ପାଇଁ ବଜେଟରେ ୪୬,୦୦୦ କୋଟି ଟଙ୍କା ବରାଦ ହୋଇଥିଲା। ୨୦୨୪ ନଭେମ୍ବର ବିଧାନସଭା ନିର୍ବାଚନକୁ ଲକ୍ଷ୍ୟକରି ପୂର୍ବରୁ ମଧ୍ୟପ୍ରଦେଶରେ ଲାଗୁ କରାଯାଇଥିବା ଲାଡ଼ଲୀ ବହେନ ଯୋଜନାକୁ ଅନୁସରଣ କରି ଏହା କରାଯାଇଥିଲା। ଭାଜପା, ଶିବସେନା(ଶିନ୍ଦେ) ଓ ଏନ୍‌ସିପି (ଅଜିତ୍ ପାୱାର)ମେଣ୍ଟ ମହାଯୁତି କ୍ଷମତାକୁ ଫେରି ଏକନାଥ ଶିନ୍ଦେଙ୍କ ବଦଳରେ ଦେବେନ୍ଦ୍ର ଫଡ଼ନବିସ୍ ମୁଖ୍ୟମନ୍ତ୍ରୀ ଭାବେ ୫ ଡିସେମ୍ବର ୨୦୨୪ରେ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ୨ କୋଟି ୨୫ଲକ୍ଷ ହିତାଧିକାରୀ ଥିବା ଲଡ଼କୀ ବହିନ୍ ଯୋଜନାରେ ବର୍ଷେ ନ ପୁରୁଣୁ ଏବେ ସେଥିରେ ୧୪,୦୦୦ ପୁରୁଷ ସାମିଲ ହୋଇ ଟଙ୍କା ନେଇଯାଇଛନ୍ତି, ଯାହା ପ୍ରଶାସନିକ ଦୁର୍ବଳତାକୁ ସୂଚିତ କରିଛି। ସେହିଭଳି ଓଡ଼ିଶାରେ ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା ଲାଗୁ କରାଯାଇଛି। ପ୍ରତ୍ୟେକ ହିତାଧିକାରୀଙ୍କୁ ବର୍ଷକୁ ୧୦, ୦୦୦ ଟଙ୍କା ହିସାବରେ ୫ ବର୍ଷରେ ୫୦ ହଜାର ଟଙ୍କା ଦେବା ଲାଗି ଯୋଜନା କରାଯାଇ ଟଙ୍କା ବଣ୍ଟାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ନିକଟରେ ଏହି ଯୋଜନାରେ ୧୫୬ ପୁରୁଷ ଆବେଦନ କରିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଥିଲା। ଏହା ବ୍ୟତୀତ ଚଳିତ ବର୍ଷ ପ୍ରାରମ୍ଭରେ ଖାଦ୍ୟ ସୁରକ୍ଷା ଯୋଜନାରେ ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକରେ ଶିକ୍ଷକ, ଇଞ୍ଜିନିୟର, ଅଧ୍ୟାପକ, ପୋଲିସ, ଜିଏସ୍‌ଟି ଅଧିକାରୀ, ଡାଟା ଏଣ୍ଟ୍ରି ଅପରେଟର, ପିଅନ ସମେତ ମୋଟ ୧୬୫ ସରକାରୀ ଚାକିରିଆ ରାଶନ କାର୍ଡ ହାସଲ କରିଥିବା ରାଜ୍ୟ ଖାଉଟି ବିଭାଗ ସୂତ୍ରରୁ ଜଣାପଡ଼ିଥିଲା। ଦୁଇ ରାଜ୍ୟର ଏହିସବୁ ଉଦାହରଣକୁ ଦେଖିଲେ ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ହିତାଧିକାରୀ ଚୟନରେ ଘୋର ତ୍ରୁଟି ବା ଜାଣିଶୁଣି ବଦମାସି କରୁଛନ୍ତି। ଫଳରେ ମହିଳାଙ୍କ ଅର୍ଥକୁ ପୁରୁଷ ନେଇଯାଉଛନ୍ତି କିମ୍ବା ନେବାକୁ ଚେଷ୍ଟା କରୁଛନ୍ତି। ଅପରପଟେ ଗରିବଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ କିମ୍ବା ଗହମକୁ ବାଡ଼ ଫସଲ ଖାଇଲା ଭଳି ସରକାରୀ ଚାକିରିଆ, ଧନୀମାନେ ଖାଇଯାଉଛନ୍ତି। ବିଶେଷକରି ଅମଲାତାନ୍ତ୍ରିକ ବିଫଳତା ଓ ଦୁର୍ନୀତି ଯୋଗୁ ମହିଳା ସଶକ୍ତୀକରଣ ଓ ଗରିବ ଦୂରୀକରଣ ଭଳି ଅନେକ ଯୋଜନାରେ ସଫଳତା ମିଳିବା କଷ୍ଟକର ହୋଇଯାଉଛି। ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରି ଦଣ୍ଡ ଦେବା କିମ୍ବା ସେମାନଙ୍କଠାରୁ ଅର୍ଥ ଫେରାଇଆଣିଲେ ସମସ୍ୟା ସମାଧାନ ହୋଇପାରିବ ନାହିଁ। ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ଜଡ଼ିତ ପ୍ରଶାସନିକ ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାର ଆବଶ୍ୟକତା ରହିଛି। ବୃନ୍ଦାନ୍ତ ପର୍ଯ୍ୟାୟରେ ତୃଣମୂଳ ସ୍ତରରେ ହିତାଧିକାରୀଙ୍କ ସ୍ଥିତି ପ୍ରଶାସନିକ କ୍ଷେତ୍ରରେ ଯାଞ୍ଚ ହେଉ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଛି।

ହିତାଧିକାରୀ ହେବା ପାଇଁ ଜଣେ ବ୍ୟକ୍ତିଙ୍କ ଆବେଦନ ପତ୍ର ପଞ୍ଚାୟତ ସ୍ତରରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କ ପାଖକୁ ଆସୁଛି। ସେଥିରେ ପଞ୍ଚାୟତ ସଚିବ, ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀଙ୍କ ସମ୍ମତି ଓ ବଡ଼ବାବୁଙ୍କ ଦସ୍ତଖତ ରହୁଛି। ବିଡିଓଙ୍କର ମଧ୍ୟ ଦସ୍ତଖତ ରହୁଛି। ତା'ପରେ ତାକୁ ଉପ ଜିଲାପାଳ ସ୍ୱୀକୃତି ଦେବା ପରେ ତାହା ଜିଲାପାଳଙ୍କ ବାଟ ଦେଇ ରାଜ୍ୟ ସରକାରଙ୍କ ସ୍ତରରେ ହିତାଧିକାରୀ ହେବା ଲାଗି ଆବେଦନ କରିଥିବା ବ୍ୟକ୍ତିଙ୍କ ଆବେଦନ ପତ୍ର ଓ ସେଥିରେ ସଂଯୋଗ ହୋଇଥିବା ଦଲିଲ ଯାଞ୍ଚ କରାଯାଏ। ଏହା ପରେ ସରକାର ବିଭିନ୍ନ ବିଭାଗ ମାଧ୍ୟମ ଦେଇ ଆସିଥିବା ଆବେଦନଗୁଡ଼ିକୁ ମଞ୍ଜୁରୀ ଦିଅନ୍ତି ଓ ସେହି ଯୋଜନା ପାଇଁ ବଜେଟରେ କରାଯାଇଥିବା ବ୍ୟୟ ବରାଦରୁ ହିତାଧିକାରୀଙ୍କ ପାଖକୁ ସାହାଯ୍ୟ ପଠାଯାଇଥାଏ। ଅର୍ଥାତ୍ ହିତାଧିକାରୀଙ୍କ ଆବେଦନକୁ ବିଭିନ୍ନ ସ୍ତରରେ ଯାଞ୍ଚ କରାଯାଇଥାଏ। ଏହା ସତ୍ତ୍ୱେ ମହାରାଷ୍ଟ୍ରଠାରୁ ଆରମ୍ଭ କରି ଓଡ଼ିଶା ପର୍ଯ୍ୟନ୍ତ ପ୍ରବଳ ମାତ୍ରାରେ ତ୍ରୁଟି ଦେଖାଯାଉଛି। ଏହା ପ୍ରମାଣ କରୁଛି ଯେ, କଶ୍ମୀରରୁ କନ୍ୟାକୁମାରୀ, ଗୁଜରାଟରୁ ମିଜୋରାମ ଭାରତ ନା ଯେ କେବଳ ମହାନ, ତାହା ଦୁର୍ନୀତି ମାଧ୍ୟମରେ ସଂଗଠିତ। ଏଭଳି ଦୁର୍ନୀତିର ପ୍ରତିକାର ପାଇଁ ସରକାର ନୂଆ ଆଇନ ଆଣିପାରନ୍ତେ, ଯେଉଁଥିରେ ଅସତ୍ୟ ଉପରେ ଆଧାରିତ ତଥ୍ୟ ଦେଉଥିବା ଏବଂ ହିତାଧିକାରୀ ହେବା ପାଇଁ ଆବେଦନ କରୁଥିବା ବ୍ୟକ୍ତିଙ୍କୁ ଦଣ୍ଡିତ କରିବାର ବ୍ୟବସ୍ଥା ରହନ୍ତା। ଯଥା ଲିଙ୍ଗ ବଦଳାଇ କାଗଜରେ ଦସ୍ତଖତ କରି ଜଣେ ପୁରୁଷ ଯଦି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାରୁ ଅର୍ଥ ଲାଭ କରିବାକୁ ଚେଷ୍ଟା କରୁଛନ୍ତି, ତେବେ ସେହି ବ୍ୟକ୍ତିଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରିବା ସହିତ ବାସଗୃହ କୋରକ କରିବାର ଆଇନ ପ୍ରଣୀତ ହୋଇପାରନ୍ତା। ଏଥିସହିତ ତୃଣମୂଳ ସ୍ତରରେ ପ୍ରଥମ ସରକାରୀ କର୍ମଚାରୀ ଏଭଳି ତ୍ରୁଟିପୂର୍ଣ୍ଣ ଆବେଦନକୁ ସ୍ୱୀକାର କରି ଦ୍ୱିତୀୟ ସ୍ତରକୁ ପଠାଉଛନ୍ତି , ସେଭଳି ଜାଗାରେ ପ୍ରଥମ ସ୍ତରର ସରକାରୀ ଅଧିକାରୀଙ୍କ ଉପରେ ସେହିଭଳି ଫୌଜଦାରୀ ମକଦ୍ଦମା ରୁଜୁ କରିବା ସହ ଲକ୍ଷେ ଟଙ୍କା ଜରିମାନା କରାଯାଇପାରନ୍ତା, ତାହା ହେଲେ ଲଡ଼କୀ ବହିନ୍‌ରୁ ସୁଭଦ୍ରା ପର୍ଯ୍ୟନ୍ତ କୌଣସି ପୁରୁଷ ଆବେଦନ କରିବା ପୂର୍ବରୁ ଅନେକ ଥର ଚିନ୍ତା କରିବାକୁ ଭାବିବେ।

# ଜାତିସଂଘରେ ଭାରତ, ପାକିସ୍ତାନ



ଜ୍ୟୋତିପ୍ରକାଶ କର

ଆଧୁନିକ ଯୁଗର ଭୟଙ୍କର ପରିସ୍ଥିତିକୁ ସମଗ୍ର ମାନବ ସମାଜ ପ୍ରତ୍ୟକ୍ଷ କରିଛି ଦୁଇଟି ବିଶ୍ୱଯୁଦ୍ଧ। ପ୍ରଥମ ବିଶ୍ୱଯୁଦ୍ଧ ମିତ୍ରଶକ୍ତି (ଆଲାଏଡ୍ ପାୱାର) ଓ କେନ୍ଦ୍ର ଶକ୍ତି (ସେଣ୍ଟ୍ରାଲ୍ ପାୱାର) ମଧ୍ୟରେ ହୋଇଥିଲା। ମିତ୍ରଶକ୍ତି ଯେଉଁଥିରେ ମୁଖ୍ୟତଃ ଫ୍ରାନ୍ସ, ଗ୍ରେଟ୍ ବ୍ରିଟେନ୍, ରୁଷିଆ, ଜାପାନ୍ ରହିଥିଲେ ଓ ପରେ ଇଟାଲୀ, ୟୁନାଇଟେଡ୍ ଷ୍ଟେଟ୍ସ ଯୋଗ ଦେଇଥିଲେ। କେନ୍ଦ୍ରଶକ୍ତି ଯେଉଁଥିରେ ଜର୍ମାନୀ, ଅଷ୍ଟ୍ରିଆ-ହଙ୍ଗେରୀ, ତୁର୍କୀ, ଗ୍ରୀସ୍, ଲେବାନନ୍, ୟେମେନ୍, ଇଜିପ୍ଟ, ଇରାକ୍, ସିରିଆ ପ୍ରଭୃତି ରହିଥିଲେ ଓ ମିତ୍ରଶକ୍ତିର ବିଜୟ ହୋଇଥିଲା ଏବଂ ୨୮ ଜୁନ୍ ୧୯୧୯ରେ ୩୨ଟି ଦେଶର ଦସ୍ତଖତରେ ଏକ ଶାନ୍ତି ଚୁକ୍ତିନାମା ଫ୍ରାନ୍ସର ଭର୍ସାଲିଜ୍ ପ୍ରାସାଦର ମିର୍‌ରସ୍ ହଲ୍‌ରେ ସ୍ୱାକ୍ଷରିତ ହୋଇ ପରିସମାପ୍ତି ଘଟିଥିଲା।

ଦ୍ୱିତୀୟ ବିଶ୍ୱଯୁଦ୍ଧର ଲୋମହର୍ଷଣକାରୀ ଭୟାବହତା ଏବେ ବି ସମାଜର ସ୍ଥିତିକୁ ଦୋହଲାଇଦିଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ମୁଖ୍ୟତଃ ଅକ୍ଷଶକ୍ତି (ଆକ୍ସିସ୍ ପାୱାର୍) ଓ ମିତ୍ରଶକ୍ତି (ଆଲାଏଡ୍ ପାୱାର) ମଧ୍ୟରେ ହୋଇଥିଲା। ଅକ୍ଷଶକ୍ତି, ଜର୍ମାନୀର ଆଡ୍‌ଲଫ୍ ହିଟ୍‌ଲରଙ୍କ ନେତୃତ୍ୱରେ ଇଟାଲୀ, ଜାପାନ, ହଙ୍ଗେରୀ, ରୋମାନିଆ, ବୁଲ୍‌ଗେରିଆ ଓ ସ୍ଲୋଭାକିଆ ପ୍ରଭୃତି ରହିଥିଲେ। ମିତ୍ରଶକ୍ତିରେ ଗ୍ରେଟ୍ ବ୍ରିଟେନ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା ; ଯେଉଁଥିରେ ଫ୍ରାନ୍ସ, ସୋଭିଏତ୍ ୟୁନିୟନ୍, ୟୁନାଇଟେଡ୍ ଷ୍ଟେଟ୍ସ ଓ ଚାଇନା ପ୍ରମୁଖ ରହିଥିଲେ। ୮ ମେ ୧୯୪୫ରେ ଜର୍ମାନୀର ନିଃସର୍ତ୍ତ ଆତ୍ମସମର୍ପଣ, ୬ ଓ ୯ ଅଗଷ୍ଟରେ ୟୁନାଇଟେଡ୍ ଷ୍ଟେଟ୍ସ ଜାପାନର ହିରୋସୀମା ଓ ନାଗାସାକି ଉପରେ ପରମାଣୁ ବୋମା ନିକ୍ଷେପଣ ପରେ ୧୫ ଅଗଷ୍ଟ ୧୯୪୫ରେ ଜାପାନ୍ ନିଃସର୍ତ୍ତ ଆତ୍ମସମର୍ପଣ କରି ୨ ସେପ୍ଟେମ୍ବର ୧୯୪୫ରେ ଆତ୍ମସମର୍ପଣର ଦସ୍ତାବିଜ୍‌ରେ ସ୍ୱାକ୍ଷର ପରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି ଘଟିଥିଲା।

ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କା କରି ଏହାର ଭୟାବହତା ଓ ବିଧ୍ୱଂସତାର ସୁଦୂର ପରିଣାମକୁ ଚିନ୍ତା କରି ବିଶ୍ୱ ଶାନ୍ତି ବିଷୟରେ ପ୍ରାୟ ୫୦ଟି ଦେଶର ପ୍ରତିନିଧିମାନେ କାଲିଫର୍ନିଆରେ ମିଳିତ ବୈଠକରେ ଆନ୍ତର୍ଜାତିକ ସଂଗଠନ ବିଷୟରେ ଆଲୋଚନା କଲେ, ଯାହା ୨୫ ଏପ୍ରିଲ୍‌ରୁ ୨୬ ଜୁନ୍ ୧୯୪୫ ମସିହା ପର୍ଯ୍ୟନ୍ତ ଚାଲିଲା। ପରବର୍ତ୍ତୀ ୨ ମାସରେ ଚିଠା ପ୍ରସ୍ତୁତ କରି ମିଳିତ ରାଷ୍ଟ୍ରର ଲିଖିତ ସମ୍ବିଧାନରେ ସ୍ୱାକ୍ଷର କଲେ, ଯାହା ଏକ ନୂତନ ଆନ୍ତର୍ଜାତିକ ସଂଗଠନ 'ଜାତିସଂଘ'ର ରୂପ ନେଲା। ଆଶା କରାଗଲା ଏହି ସଂସ୍ଥା ଅନ୍ୟ ଏକ ବିଶ୍ୱଯୁଦ୍ଧକୁ ପ୍ରତିହତ କରିପାରିବ। ଆମେରିକା, ସୋଭିଏତ୍ ୟୁନିୟନ୍, ଫ୍ରାନ୍ସ, ବ୍ରିଟେନ୍, ଚାଇନା ଓ ଅନ୍ୟାନ୍ୟ ପ୍ରଭାବଶାଳୀ ରାଷ୍ଟ୍ରମୁଖ୍ୟଙ୍କ ଦ୍ୱାରା ସନନ୍ଦ ଅନୁମୋଦିତ ହୋଇ କାଲିଫର୍ନିଆ ବୈଠକର ୪ ମାସ ପରେ ୨୪ ଅକ୍ଟୋବର ୧୯୪୫ରେ ଔପଚାରିକ ଭାବରେ ମିଳିତ ଜାତିସଂଘ ଆରମ୍ଭ ହେଲା। ବାସ୍ତବରେ ଚାଇନା ପ୍ରଭାବଶାଳୀ ନ ଥିଲା, ତା' ଅପେକ୍ଷା ଜାପାନ ବେଶ୍ ପ୍ରଭାବଶାଳୀ ଥିଲା ; କିନ୍ତୁ ହୀରୋସିମା ଓ ନାଗାସାକି ଉପରେ ପଡ଼ିଥିବା ପରମାଣୁ ବୋମାର ଭୟାବହତା ଓ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏସିଆ ମହାଦେଶରେ ଚାଇନାକୁ ମନୋନୀତ କରାଗଲା। ଏମାନେ ଏକୁ ଆରେକ ବଳିଆର ଓ ପରସ୍ପରର ଶତ୍ରୁ ହେଲେ ବି ଏହି ୫ଟି ଦେଶକୁ ଭିଟୋ (ପ୍ରସ୍ତାବିତ ବିଷୟରେ ନିଷେଧ ଅଧିକାର) ଭଳି ସ୍ୱତନ୍ତ୍ର ଶକ୍ତି ଦିଆଯାଇ ସମ୍ବିଧାନ ଅନୁମୋଦିତ ହେଲା। ସଦସ୍ୟଙ୍କ ସଂଖ୍ୟାଗରିଷ୍ଠତାରେ ପ୍ରସ୍ତାବ ଅନୁମୋଦିତ ହେଲେ ମଧ୍ୟ ଏହି ପି-୫ (ପର୍ମାନେଣ୍ଟ-୫) ଦେଶ ମଧ୍ୟରୁ କେହି ଜଣେ ବି ଭିଟୋ ଶକ୍ତି ବଳରେ ପ୍ରତିକୂଳ ମତପୋଷଣ କରି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇ ପାରିବ। ଉଦାହରଣ ସ୍ୱରୂପ ଭିଟୋ କ୍ଷମତା ବଳରେ ଚାଇନା ଚାରିଥର ପାକିସ୍ତାନର ଆତଙ୍କବାଦୀ ସଂଗଠନ ଜୈସ୍-ଇ-ମହମ୍ମଦର ପ୍ରତିଷ୍ଠାତା ମସୁର୍ ଅଜହର୍‌ଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା ପ୍ରସ୍ତାବକୁ ରଦ୍ଦ କରିପାରିଛି।



ଭବିଷ୍ୟତରେ ଜାତିସଂଘର ସଭ୍ୟ ଥିବା ଦେଶଗୁଡ଼ିକ କାଳେ ଏହି ୫ ଜଣଙ୍କୁ ନ ମାନିବେ, ତେଣୁ ଆଉ ୧୦ ଜଣଙ୍କୁ ଅସ୍ଥାୟୀ ସଦସ୍ୟ ଭାବେ ୨ ବର୍ଷର ଅବଧି ପାଇଁ ମନୋନୀତ କରିବାକୁ ସ୍ଥିର କଲେ, ଯଦ୍ୱାରା ସେମାନେ ମିଳିତ ଭାବେ ସମ୍ପର୍କରେ ରହି ପାରସ୍ପରିକ ଚିନ୍ତାଧାରାକୁ ଆଦାନପ୍ରଦାନ କରିପାରିବେ। ଆଫ୍ରିକା ମହାଦେଶରୁ ୩ ଜଣ, ଏସିଆ-ପାସିଫିକ୍‌ରୁ ୨ ଜଣ, ଲାଟିନ୍ ଆମେରିକାରୁ ଜଣେ, କାରବିୟାନ୍‌ରୁ ଜଣେ, ପଶ୍ଚିମ ୟୁରୋପ୍‌ରୁ ୨ ଜଣ ଓ ପୂର୍ବ ୟୁରୋପ୍‌ରୁ ଜଣେ ଏପରି ମୋଟ ୧୦ ଜଣ ଅସ୍ଥାୟୀ ସଦସ୍ୟ ନିର୍ବାଚିତ ହୁଅନ୍ତି।

୧୯୪୫ରେ ନୋବେଲ୍ କମିଟି ମଧ୍ୟ ବିଶ୍ୱର ଏକ ମିଳିତ ପ୍ରତିଷ୍ଠାନ ଗଠନ ବିଷୟରେ ଚିନ୍ତା କରିଥିଲା ଏବଂ ଶାନ୍ତି ପାଇଁ କର୍ଡେଲ୍ ହଲ୍‌ଙ୍କୁ ପୁରସ୍କୃତ କରାଗଲା, ଯିଏକି ମିଳିତ ଜାତିସଂଘର ପିତା ଭାବରେ ପରିଚିତ ହେଲେ। ଏହାର ପୂର୍ବ ନାମ ଲିଗ୍ ଅଫ୍ ନେଶନ୍ସ ଥିଲା। ଆମେରିକାର ପ୍ରେସିଡେଣ୍ଟ ଫ୍ରାଙ୍କଲିନ୍ ଡି. ରୁଜ୍‌ଭେଲ୍‌ଟ ପ୍ରଥମେ ଏହି 'ୟୁନାଇଟେଡ୍ ନେଶନ୍ସ' ନାମକୁ ଔପଚାରିକ ଭାବେ ଅଭିହିତ କଲେ। ଜାତିସଂଘରେ ବିଭିନ୍ନ ଆନ୍ତର୍ଜାତିକ ପ୍ରସଙ୍ଗ ଆଲୋଚନା ପାଇଁ ପ୍ରମୁଖ ସଂସ୍ଥାଗୁଡ଼ିକ ହେଲା ସାଧାରଣ ପରିଷଦ, ସୁରକ୍ଷା ପରିଷଦ, ଆର୍ଥିକ ଓ ସାମାଜିକ ପରିଷଦ, ଆନ୍ତର୍ଜାତିକ ବିଚାରାଳୟ, ସ୍ୱାସ୍ଥ୍ୟ ସଂଗଠନ, ବିଶ୍ୱ ବାଣିଜ୍ୟ ସଙ୍ଗଠନ, ମାନବାଧିକାର, ଜଙ୍ଗଲ-ଜଳବାୟୁ ଓ ମହାକାଶ ସମ୍ବନ୍ଧୀୟ ଅନେକ ଆଲୋଚ୍ୟ ପ୍ରସଙ୍ଗକୁ ନେଇ ଫୋରମ୍ ମାନ ଗଢ଼ାଯାଇଅଛି।

ସ୍ୱାଧୀନତା ପ୍ରାପ୍ତିର ୨ ବର୍ଷ ପୂର୍ବରୁ ଅର୍ଥାତ୍ ୩୦ ଅକ୍ଟୋବର ୧୯୪୫ରେ ଭାରତ ଜାତିସଂଘରେ ଯୋଗ ଦେଇଛି ଏବଂ ଭାରତ ମଧ୍ୟ ସେହି ୫୦ଟି ଦେଶ ଭିତରେ ଥିଲା, ଯେଉଁମାନେ ୨୬ ଜୁନ୍ ୧୯୪୫ରେ ସନନ୍ଦକୁ ଅନୁମୋଦନ କରି ସ୍ୱାକ୍ଷର କରିଥିଲେ। ପାକିସ୍ତାନ ମଧ୍ୟ ସ୍ୱାଧୀନତା ପ୍ରାପ୍ତିର ୧ ମାସ ପରେ, ୩୦ ସେପ୍ଟେମ୍ବର ୧୯୪୭ରେ ଜାତିସଂଘର ସଦସ୍ୟତା ଲାଭ କଲା। ଭାରତ ୧୯୫୦-୫୧ ରୁ ୨୦୨୧-୨୨ ଭିତରେ ୮ଥର ଅସ୍ଥାୟୀ ସଦସ୍ୟର ମାନ୍ୟତା ଲାଭ କରି ନିର୍ବାଚିତ ହୋଇ ୪ର୍ଥ ସ୍ଥାନରେ ରହିଛି। ପାକିସ୍ତାନ ମଧ୍ୟ ଭାରତ ପଛେ ପଛେ ୧୯୪୭ରୁ ୧୯୫୬ ଯାଏଁ 'ଡୋମିନିୟନ୍ ଅଫ୍ ପାକିସ୍ତାନ' ଏବଂ ୧୯୫୬ ପରଠାରୁ 'ଇସ୍‌ଲାମିକ୍ ରିପବ୍ଲିକ୍ ଅଫ୍ ପାକିସ୍ତାନ' ଭାବରେ ରହିଛି। ବର୍ତ୍ତମାନ ୨୦୨୫-୨୬ରେ ୮ମ ଥର ପାଇଁ ନିର୍ବାଚିତ ହୋଇ ଏସିଆ ମହାଦେଶର ଅବଧି ପୂରିଥିବା ଜାପାନର ସ୍ଥାନକୁ ପୂରଣ କରିଛି। ୧୯୩ ସଦସ୍ୟଙ୍କ ମଧ୍ୟରୁ ୧୨୪ଟି ମତ ଆବଶ୍ୟକ ଥିବାବେଳେ ୧୮୨ଟି ଦେଶ ପାକିସ୍ତାନ ସପକ୍ଷରେ ମତଦାନ ଦେଇଥିବାରୁ ଜାତିସଂଘରେ ପାକିସ୍ତାନର ପୂର୍ବତନ ସ୍ଥାୟୀ ପ୍ରତିନିଧି ମୁନିର୍ ଆକ୍ରମ୍‌ଙ୍କର ଆସ୍ଫାଳନ ଥିଲା ଯେ, ଆମେ ଗର୍ବର ସହିତ ଏ ଆସନ ଅଧିକାର କରିଛୁ। ପାକିସ୍ତାନ ଅସ୍ଥାୟୀ ସଦସ୍ୟ ଭାବରେ ଜାତିସଂଘର ଆତଙ୍କବାଦ ପ୍ରତିରୋଧ କମିଟିର ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛି। ନିଜକୁ ସୁହାଇଲା ଭଳି ଆପଣା ହିତରେ ଜମ୍ମୁ-କଶ୍ମୀର ପ୍ରସଙ୍ଗ ସହ ଧାରା-୩୭୦ ଉଚ୍ଛେଦ ପ୍ରସଙ୍ଗ ବାରମ୍ବାର ଉଠାଇ ବିଶ୍ୱ ନେତାଙ୍କ ଦୃଷ୍ଟି ଆକର୍ଷଣ କରିବ। ପାକିସ୍ତାନ ଜୁଲାଇ ୨୦୨୫ରୁ ଗୋଟିଏ ମାସ ପାଇଁ ଜାତିସଂଘ ନିରାପତ୍ତା ପରିଷଦର ସଭାପତି ପଦରେ ରହିଛି। ଏତଦ୍‌ବ୍ୟତୀତ ଜାତିସଂଘରେ ୨୦୨୫ ପାଇଁ ତାଲିବାନ୍ ସ୍ୱୀକୃତି କମିଟିର ଅଧ୍ୟକ୍ଷ ପଦରେ ଅବସ୍ଥାପିତ ହୋଇଛି। ଦୁଃଖର କଥା, ଯେଉଁ ଦେଶ ଆତଙ୍କବାଦୀଙ୍କୁ ପାଳିପୋଷି ତା'ର କଳେବର ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି, ସେହି ଦେଶ ଆତଙ୍କବାଦ ବିରୋଧୀ କମିଟିର ଉପାଧ୍ୟକ୍ଷ। ଏହା ଚୋର ହାତରେ ଚାବିକାଠି ସମର୍ପି ଦେବା ସଦୃଶ।

ଅପରପକ୍ଷରେ ଭାରତ ସବୁବେଳେ କିପରି ଜାତିସଂଘରେ ସଂସ୍କାର ଆସିବ, ସ୍ଥାୟୀ ସଦସ୍ୟତା ସଂଖ୍ୟା ବୃଦ୍ଧି ପାଇବ, କିପରି ଆତଙ୍କବାଦ ସମୂଳେ ଉତ୍ପାଟନ ହେବ, ଜଳବାୟୁ ପରିବର୍ତ୍ତନରେ ବିଶ୍ୱର ଉଷ୍ମତା ବୃଦ୍ଧି, ବିଶ୍ୱରେ ଶାନ୍ତି ଓ ସଂହତି ପ୍ରତିଷ୍ଠା ପାଇଁ ଜାତିସଂଘର ନିରପେକ୍ଷ ଭୂମିକାକୁ ଗୁରୁତ୍ୱ ଦେବା ଭଳି ସକାରାତ୍ମକ ଓ ଗଠନମୂଳକ ପ୍ରସଙ୍ଗକୁ ଉତ୍ଥାପନ କରି ଚର୍ଚ୍ଚା କରିଥାଏ। ବୈଶ୍ୱିକ ମଞ୍ଚରେ ହୀନ ସ୍ୱାର୍ଥକୁ ଦୂରେଇ ଦେଇ ମାନବ ସମାଜର ସମୂହ ଉନ୍ନତି କଳ୍ପେ ସର୍ବଦା ଚିନ୍ତା କରିଆସିଛି ଭାରତ। ବିଶ୍ୱ ସ୍ୱାର୍ଥକୁ ନେଇ ସତତ ଅଙ୍ଗୀକାରବଦ୍ଧ ଓ ଅନ୍ୟାୟ ବିରୁଦ୍ଧ ଶୂନ୍ୟ ସହିଷ୍ଣୁତା ନୀତିକୁ ପ୍ରାଧାନ୍ୟ ଦିଏ। ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ର ଏହି ବୈଶ୍ୱିକ ସଂଗଠନ ଉପରେ ବିଶ୍ୱସନୀୟତା ବଜାୟ ରଖନ୍ତୁ।

**ମୋ:୯୪୩୮୫୩୨୪୫୭**

# ସମନ୍ୱୟର ଅଭାବ



ଯଦୁମଣି ପାଣିଗ୍ରାହୀ

ଆଜିକାଲି ପାରିବାରିକ ଜୀବନଠାରୁ ଆରମ୍ଭ କରି ସାମାଜିକ ଜୀବନ ଯାଏ ସବୁଠି ପରସ୍ପର ମଧ୍ୟରେ ସମନ୍ୱୟର ଅଭାବ ରହୁଥିବା ପରିଲକ୍ଷିତ ହେଉଛି। ପରିଣାମ ସ୍ୱରୂପ ସର୍ବତ୍ର ଅଶାନ୍ତି ଓ ବିଶୃଙ୍ଖଳା ଦେଖାଦେବା ସହ ନାନା ପ୍ରକାର ବିଭ୍ରାଟ ମଧ୍ୟ ସୃଷ୍ଟି ହେଉଛି। ପରିବାର ଭିତରେ କାହା ସହିତ କାହାର ସମନ୍ୱୟ ରହୁନାହିଁ। ଯାହା ଫଳରେ ଅଧିକାଂଶ ପରିବାର ଭିତରେ ଆଜି ଅଶାନ୍ତି ଓ ବିଶୃଙ୍ଖଳା। କାହା ମନ କାହାକୁ ପାଉନି। ପାରସ୍ପରିକ ମାନ ମନାନ୍ତର ଘଟି ପାରିବାରିକ ଜୀବନ ଧୀରେ ଧୀରେ ନଷ୍ଟ ହେବାକୁ ବସିଲାଣି। ସ୍ୱାମୀ ସ୍ତ୍ରୀଙ୍କ ଭିତରେ ସମନ୍ୱୟ କି ସହମତି ନାହିଁ। ଯେଉଁଥିଲାଗି ଆଜି ସ୍ୱାମୀ ସ୍ତ୍ରୀଙ୍କ କଳି ଘରର ଚାରିକାନ୍ଥ ଡେଇଁ ଥାନା କୋର୍ଟ କଚେରି ଯାଏ ଗଲାଣି। ସେ ପ୍ରେମ ବିବାହ ହେଉ କି ପ୍ରସ୍ତାବ ପଡ଼ି ହେଉ ଆଜିକାଲି ହେଉଥିବା ଅଧିକାଂଶ ବାହାଘର ପ୍ରାୟତଃ ଅସଫଳ ହେଉଥିବା ଦେଖାଯାଉଛି। ବାହାଘରର କିଛି ମାସ କି ବର୍ଷ ଭିତରେ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ମାନ ମନାନ୍ତର ଘଟି କଥା ଛାଡ଼ପତ୍ର ଯାଏ ଯାଉଛି। ପରସ୍ପରକୁ ଭଲଭାବେ ବୁଝିବା ଓ ଗ୍ରହଣ କରିନେବାରେ ସମ୍ପର୍କ ଯେ ଦୃଢ଼ ହୋଇଥାଏ ଏକଥା ବୁଝିବାକୁ ସେମାନେ ନାରାଜ। ସମନ୍ୱୟ ଅଭାବରୁ ଆଜି ପଡ଼ୋଶୀ ଓ ବନ୍ଧୁବାନ୍ଧବଙ୍କ ମଧ୍ୟରେ ରହିଥିବା ମଧୁର ସମ୍ପର୍କରେ ତିକ୍ତତା ସୃଷ୍ଟି ହେଉଛି। ଅତି ଛୋଟ ଛୋଟ କଥା ଉଗ୍ରରୂପ ଧାରଣ କରୁଛି। ଅନେକ ସମୟରେ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଉଛି। ସେହିପରି ଅନେକ ପରିବାର ଭିତରେ ବାପ-ପୁଅ, ଭାଇ-ଭାଇ ଓ ଶାଶୁ- ବୋହୂଙ୍କ ଭିତରେ ସମନ୍ୱୟ ନ ରହିବା କାରଣରୁ ପରିବାର ଭିତରେ ନାନାଦି ବିଭ୍ରାଟ ଓ ବିଶୃଙ୍ଖଳା ଦେଖାଦେଉଛି। ଏହା ପାରିବାରିକ ଜୀବନକୁ କଳୁଷିତ କରିଦେଉଛି। ଗାଁ ଲୋକଙ୍କ ଭିତରେ ପୂର୍ବରୁ ଯେପରି ପାରସ୍ପରିକ ମଧୁର ସମ୍ପର୍କ ଓ ଏକତା ମନୋଭାବ ରହୁଥିଲା ଆଜି ତାହା ଆଉ ଦେଖିବାକୁ ମିଳୁନି। ଗାଁ ଭିତରେ କାହାରି ମନ କାହାକୁ ପାଉନି। ଦିନେ ଅନେକ ବଡ଼ ବଡ଼ ବାଦବିବାଦକୁ ଯେଉଁ ଗାଁର ଭଦ୍ରଲୋକ ବସି ଆପୋସ ସମାଧାନ କରି ଦେଉଥିଲେ ଏବେ ସେହି ଗାଁର ଛୋଟିଆ କଳି ଝଗଡ଼ାର ସମାଧାନ ଲାଗି ଥାନା କିମ୍ବା କଚେରିକୁ ଯିବାକୁ ପଡୁଛି। ସମସ୍ତଙ୍କ ସହଯୋଗ ଓ ସହଭାଗିତାରେ ଦିନେ ଗାଁର ଭୋଜିଭାତ ଠୁଁ ଆରମ୍ଭ କରି ପୁଣି ଉତ୍ସବ ଅନୁଷ୍ଠାନ ଯାଏ ସବୁକିଛି ସୁରୁଖୁରୁରେ ସମାହିତ ହେଉଥିଲା। ଏବେ କିନ୍ତୁ ଏସବୁ ପାଳନକୁ ନେଇ ବାଦବିବାଦ ଓ ଗଣ୍ଡଗୋଳ ସୃଷ୍ଟି ହେଉଛି। କେବଳ ପାରସ୍ପରିକ ସମନ୍ୱୟର ଅଭାବ ଏହାର ଏକମାତ୍ର କାରଣ ବୋଲି କୁହାଯାଇପାରେ। ଆଜିକାଲି ବିଭିନ୍ନ ସଂଘ ସମିତି, ସାହିତ୍ୟ-ସାଂସ୍କୃତିକ ଅନୁଷ୍ଠାନ, ଧର୍ମାନୁଷ୍ଠାନ ଅଥବା କ୍ରୀଡ଼ାନୁଷ୍ଠାନଗୁଡିକ ଭିତରେ ବେଶି ବିଶୃଙ୍ଖଳା ଓ ବାଦବିବାଦ ଦେଖାଦେଉଛି। ସମନ୍ୱୟର ଅଭାବ ଯୋଗୁ ସେମାନଙ୍କ ଭିତରେ ମାନ ମନାନ୍ତର ଓ ମତାନ୍ତର ଘଟୁଥିବା ପରିଲକ୍ଷିତ ହେଉଛି। ଯାହା ଫଳରେ ଏସବୁ ବସ୍ତୁତଃ ଯେଉଁ ଉଦ୍ଦେଶ୍ୟରେ ପ୍ରତିଷ୍ଠିତ



ହୋଇଛି ସେସବୁ ଲକ୍ଷ୍ୟପଥରୁ ଦୂରେଇ ଯାଉଛି।

ବର୍ତ୍ତମାନ ସମୟରେ ଶିକ୍ଷାନୁଷ୍ଠାନଗୁଡ଼ିକର ପରିବେଶ ଅଧିକ ମାତ୍ରାରେ ବିଶୃଙ୍ଖଳିତ ହୋଇପଡୁଥିବା ଦେଖିବାକୁ ମିଳୁଛି। ଶିକ୍ଷକ-ଶିକ୍ଷକଙ୍କ ମନୋମାଳିନ୍ୟ ରହୁଥିବା ବେଳେ ଶିକ୍ଷକ-ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭଲ ସମ୍ପର୍କ ରହୁନାହିଁ। ପ୍ରଧାନଶିକ୍ଷକଙ୍କ ସହିତ ଅନ୍ୟ ସହକାରୀ ଶିକ୍ଷକଙ୍କର ସମନ୍ୱୟ ରହୁ ନ ଥିବାରୁ ଶିକ୍ଷାନୁଷ୍ଠାନଗୁଡିକରେ ଶୈକ୍ଷିକ କାର୍ଯ୍ୟକ୍ରମ ଫଳପ୍ରସୂ ହୋଇପାରୁନି। ଫଳରେ ଛାତ୍ରୀଛାତ୍ରମାନେ ଉପକୃତ ହୋଇପାରୁ ନାହାନ୍ତି। ସେହିପରି ବିଦ୍ୟାଳୟର ପରିଚାଳନା କମିଟି ଓ ପ୍ରଧାନଶିକ୍ଷକଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ବିଦ୍ୟାଳୟରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ବେଳେ ଅନ୍ୟାନ୍ୟ ସରକାରୀ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନି। କେବଳ ଶିକ୍ଷାନୁଷ୍ଠାନ ନୁହେଁ ବରଂ ବ୍ଲକ, ଥାନା ଓ ତହସିଲ ଆଦି ସରକାରୀ ଦପ୍ତରଗୁଡ଼ିକରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ଭିତରେ ସମନ୍ୱୟର ଅଭାବ ଯୋଗୁ ସାଧାରଣ ଲୋକଙ୍କୁ ସୁଫଳ ମିଳିପାରୁନି। ଏହିସବୁ ଦପ୍ତରର ମୁଖିଆଙ୍କ କଥା ବା ନିର୍ଦ୍ଦେଶକୁ ଅନ୍ୟମାନେ ଠିକ୍ ଢଙ୍ଗରେ ପାଳନ କରୁ ନ ଥିବା କାରଣରୁ ଦପ୍ତର ଭିତରେ ପରିଚାଳନାଗତ ତ୍ରୁଟି ଦେଖିବାକୁ ମିଳୁଛି।

କେବଳ ସେତିକି ନୁହେଁ ପ୍ରଶାସନ ଓ ପୋଲିସ ମଧ୍ୟରେ ସମନ୍ୱୟ ଅଭାବରୁ ବିଭିନ୍ନ ସଭାସମିତି, ଉତ୍ସବ ଅନୁଷ୍ଠାନ ଓ ସଚେତନତା କାର୍ଯ୍ୟକ୍ରମ ପାଳନ ବେଳେ ଶାନ୍ତିଶୃଙ୍ଖଳା ବଜାୟ ରଖିବାରେ ଚରମ ବିଫଳତା ନଜରକୁ ଆସୁଛି। ଠିକ୍ ସେମିତି ତୃଣମୂଳଠାରୁ ଆରମ୍ଭ କରି ଉପରସ୍ତର ଯାଏ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ/କର୍ମଚାରୀଙ୍କ ଭିତରେ ସମନ୍ୱୟ ରକ୍ଷା ହୋଇ ନ ପାରିବା କାରଣରୁ ଅନେକ ସମୟରେ ବିଶୃଙ୍ଖଳା ଓ ବାଦବିବାଦ ସୃଷ୍ଟି ହେଉଛି। ସରକାର ପ୍ରଣୟନ କରିଥିବା ଅନେକ ଜନହିତକର ଯୋଜନାକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ପ୍ରଶାସନ ହାତରେ ରହିଛି। ହେଲେ ସରକାର ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ହିତାଧିକାରୀମାନେ ଯୋଜନାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ରାଜନୈତିକ ଦଳଗୁଡ଼ିକର ନେତାମାନଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଅନେକ ସମୟରେ ମତ ମତାନ୍ତର ସୃଷ୍ଟି ହୋଇଥାଏ। ସେହିପରି ଦଳର ମୁଖିଆଙ୍କ ସହିତ ଅନ୍ୟ ନେତାଙ୍କ ସମନ୍ୱୟ ରକ୍ଷା ହୋଇ ନ ପାରିବା ଯୋଗୁ ମନ ଫଟାଫଟି ଭଳି ପରିସ୍ଥିତି ସୃଷ୍ଟି ହୋଇଥାଏ। ସମନ୍ୱୟ ଅଭାବରୁ ଶାସନରେ ଥିବା ଦଳୀୟ ନେତାଙ୍କ ଭିତରେ ବି ଅନେକ ସମୟରେ ମାନ ମନାନ୍ତର ଓ ବାଦ ବିବାଦ ଦେଖାଦେଇଥାଏ। କେତେବେଳେ ଦଳ ମୁଖିଆଙ୍କ ହସ୍ତକ୍ଷେପ ପରେ ଏହା ପ୍ରଶମିତ ହୋଇଥାଏ ତ ଆଉ କେତେବେଳେ ଏହା ଆୟତ୍ତ ବାହାରକୁ ଚାଲି ଯାଇଥାଏ। ଅନ୍ୟପକ୍ଷେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ସମନ୍ୱୟ ରହୁ ନ ଥିବା କାରଣରୁ ଅନେକ ସମୟରେ ବିବଦମାନ ପରିସ୍ଥିତ ଉପୁଜିଥାଏ। ଅନେକ ପ୍ରସଙ୍ଗ/ଅପ୍ରସଙ୍ଗକୁ ନେଇ ବିଧାନସଭା ଭିତରେ ଓ ବାହାରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଆକ୍ଷେପ-ପ୍ରତି ଆକ୍ଷେପ, ଆବଶ୍ୟକ ସ୍ଥଳେ ମାଡ଼ଗୋଳ ଭଳି ସ୍ଥିତି ଉପୁଜିଥାଏ। ତେଣୁ ସବୁଠି ଓ ସବୁକ୍ଷେତ୍ରରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯାଇ ପାରିଲେ ସାଧାରଣ ଲୋକେ ଏହାର ସୁଫଳ ଭୋଗ କରିବେ ଏଥିରେ ସନ୍ଦେହ ନାହିଁ।

**ଶର୍ଙ୍ଖିଡ଼ା, ତିହିଡ଼ି, ଭଦ୍ରକ**
**ମୋ:୯୯୩୭୫୬୫୫୨୭**

## ଏଇ ଭାରତରେ

ସକାଳ ହେଲେ ଚା' ନ ହେଲେ ନ ଚଳେ। ରାସ୍ତାକଡ଼ ଚା' ଦୋକାନ ଖୋଲିଗଲେ ସବୁଠି ଭିଡ଼ ଲାଗେ। ଚା' ଦୋକାନୀ ଲୋକଙ୍କୁ ଚା' ଦେଇଚାଲନ୍ତି। କିନ୍ତୁ ପଶ୍ଚିମବଙ୍ଗ ସାମପୁରରେ ଭିନ୍ନ ଧରଣର ଚା' ଦୋକାନ ଅଛି, ଯେଉଁଠି କୌଣସି କର୍ମଚାରୀ ନାହାନ୍ତି । ଏହାର ମାଲିକ ଅଶୋକ ଚକ୍ରବର୍ତ୍ତୀ ନାମକୁମାତ୍ର। ସ୍ଥାନୀୟ ଲୋକମାନେ ପ୍ରତିଦିନ ଏହି ଦୋକାନକୁ ଆସନ୍ତି ଓ ସେମାନେ ନିଜେ ସବୁ କାମ କରି ଚା' ପିଇ ଚାଲିଯାଆନ୍ତି। ଏହି ଦୋକାନ ୧୦୦ ବର୍ଷର ପୁରୁଣା । ଲୋକଙ୍କ ବିଶ୍ୱାସକୁ ନେଇ ଏହା ଚାଲିଛି। ଅଶୋକଙ୍କ ଚା' ଦୋକାନ ସକାଳେ ଖୋଲେ ଓ ସନ୍ଧ୍ୟା ୭ଟା ଯାଏ ଚାଲେ। ଯେଉଁମାନେ ସେଠାକୁ ଚା' ପିଇବାକୁ ଆସନ୍ତି, ସେମାନେ ପ୍ରାୟତଃ ଅଧିକାଂଶ ଅବସରପ୍ରାପ୍ତ ବ୍ୟକ୍ତି । ସେମାନେ ନିଜେ ଚା' କରି ପିଇବା ସହ ସେଠାକୁ ଆସୁଥିବା ଅନ୍ୟମାନଙ୍କୁ ମଧ୍ୟ ଚା' ଦିଅନ୍ତି ଓ ଟଙ୍କା ରଖନ୍ତି। ସେମାନେ ଦୋକାନର ବାସନ ମଧ୍ୟ ସଫା କରନ୍ତି। ବଡ଼ କଥା ହେଉଛି ଏହି ଦୋକାନରେ କେବେ ବି ବାକି ରହିବା କିମ୍ବା ବାକି ଦେବା ଦେଖିବାକୁ ମିଳିନାହିଁ ।

## ୫୦ ବର୍ଷ ତଳର ଧରିତ୍ରୀ

**୨୯ ଜୁଲାଇ ୧୯୭୬**

- ରାଜଘାଟ ସମାଧିସ୍ଥଳୀର ବିଭିନ୍ନ ଖର୍ଚ୍ଚ ତୁଲାଇବା ବାବଦରେ କେନ୍ଦ୍ର ସରକାର ରାଜଘାଟ ସମାଧି କମିଟିକୁ ୩ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।
- ହାଇକୋର୍ଟଗୁଡ଼ିକ ମଧ୍ୟରେ ମୋକଦ୍ଦମା ବଦଳି ପାଇଁ ସୁପ୍ରିମ୍‌କୋର୍ଟକୁ କ୍ଷମତା ଦେବା ନିମନ୍ତେ ସମ୍ବିଧାନରେ ବ୍ୟବସ୍ଥା ରଖିବା ଲାଗି ସ୍ୱରଣ ସିଂହ କମିଟିର ସୁପାରିଶ।
- ଆନ୍ତର୍ଜାତିକ ଅର୍ଥନୈତିକ ମାନ୍ଦାବସ୍ଥା ଭିତରେ ପ୍ରଥମ ଥର ପାଇଁ ପ୍ରାୟ ୭୦ ଲକ୍ଷ ମହିଳାଙ୍କୁ କାର୍ଯ୍ୟରୁ ବରଖାସ୍ତ କରାଯାଇଥିବା ଅନ୍ତର୍ଜାତିକ ଶ୍ରମିକ ସଂସ୍ଥାର ଏକ ସର୍ଭେରୁ ଜଣାପଡ଼ିଛି।

## ଚିରନ୍ତନୀ

ସହସ୍ର ଅଭାବ ମୋର ଶତ ଅପରାଧ
ଅପମାନ ସଂଖ୍ୟାହୀନ କୋଟି ଅପବାଦ
ତବ ଆଲିଙ୍ଗନ ତଳେ ଶୁଭ୍ର ପୂତ ଏ ଅଞ୍ଚଳେ
ପୋଛିଦିଅ ଜୀବନର ସବୁ ପରମାଦ
ନିଭୃକ୍ଷଣେ ବିଶ୍ୱର ଅସୀମ ଅବସାଦ ।
-(ଆଶ୍ଲେଷ ସ୍ୱର୍ଗ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su do ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 4 | | |
| | 2 | | 4 | | | 9 | 8 | 7 |
| | 9 | | 8 | | | 3 | | |
| 6 | | | | | | | 7 | |
| | | 1 | 3 | 9 | | | | |
| | | | | 5 | | | | |
| 8 | | | | 2 | 3 | | 9 | |
| | | | | | 8 | | | 5 |
| 2 | 7 | | 9 | | | | 1 | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 9 | 7 | 4 | 5 | 2 | 1 | 6 | 8 |
| 5 | 2 | 6 | 9 | 8 | 1 | 3 | 7 | 4 |
| 1 | 8 | 4 | 3 | 7 | 6 | 5 | 2 | 9 |
| 8 | 7 | 9 | 2 | 1 | 4 | 6 | 5 | 3 |
| 6 | 3 | 2 | 8 | 9 | 5 | 7 | 4 | 1 |
| 4 | 5 | 1 | 7 | 6 | 3 | 8 | 9 | 2 |
| 9 | 4 | 8 | 5 | 3 | 7 | 2 | 1 | 6 |
| 7 | 6 | 3 | 1 | 2 | 9 | 4 | 8 | 5 |
| 2 | 1 | 5 | 6 | 4 | 8 | 9 | 3 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସମ୍ବଲପୁର ଅନୁଭୂତି

ମହାଶୟ,

ଏକ ନିର୍ବନ୍ଧ ଉତ୍ସବ (ଆଜିକାର ରିଂ ସେରିମନି)ରେ ଯୋଗଦେବାକୁ ସମ୍ବଲପୁର ଯାଇଥିଲି। ସମ୍ବଲପୁରର ପୂର୍ବନାମ ହୀରାଖଣ୍ଡ, ସମ୍ବଲପୁରୀ ବସ୍ତ୍ର, ମା' ଘଣ୍ଟେଶ୍ୱରୀ, ହୀରାକୁଦ ବନ୍ଧ, ମା' ସମଲେଶ୍ୱରୀଙ୍କ ନିମନ୍ତେ ପ୍ରସିଦ୍ଧ ଏହି ଜିଲାର ବିଜୁ ଏକ୍ସପ୍ରେସ, ହାଇୱେ ନିକଟସ୍ଥ ଏକ ରିସର୍ଟରେ ଅବସ୍ଥାନ କଲା ବେଳେ ଦେଖିଲି ରାସ୍ତା ଦୁଇପାର୍ଶ୍ୱରେ ଅନେକ ଅନୁଷ୍ଠାନ କାର୍ଯ୍ୟାଳୟ ଥିଲେ ମଧ୍ୟ କାଦୁଅରେ ଲଟପଟ ହୋଇଥିଲା। ମା' ଘଣ୍ଟେଶ୍ୱରୀଙ୍କ ମନ୍ଦିରକୁ ଯାଉଥିବା ଚିପିଲିମାର ସଂକୀର୍ଣ୍ଣ ଲୁହାସେତୁରେ ଯିବା ବେଳେ ପାର୍ଶ୍ୱ ନଈର ପ୍ରଚୁର କଟକୀ ଦଳରେ ପରିପୂର୍ଣ୍ଣ। ଦର୍ଶନୀୟ ସ୍ଥାନ ଏବଂ ଏନ୍‌ଟିପିସିର ପ୍ରକଳ୍ପ ଥାଇ ମଧ୍ୟ ଦଳ ସଫା ନ ହେବା ଦୁଃଖ ଲାଗିଲା। ପ୍ରଖ୍ୟାତ ହୀରାକୁଦ ବନ୍ଧ ଦେଖିବାକୁ ଗଲୁ। ଏକ ପାର୍ଶ୍ୱରେ ଜବାହର ମୀନାର ଉପରେ ଚଢି ହୀରାକୁଦ ବନ୍ଧ ଓ ଜଳ ବିଦ୍ୟୁତ କେନ୍ଦ୍ର ଆଦି ଦେଖି ଖୁସି ହେଲି। ହେଲେ ମୋର ମନେହେଲା ସାଂପ୍ରତିକ ସମୟରେ ଦୁଷ୍ଟ ବୁଦ୍ଧି ଆଗନ୍ତୁକ ମଣିଷମାନଙ୍କ ନିମନ୍ତେ କୌଣସି ସୁରକ୍ଷା କର୍ମୀ କିମ୍ବା ଆରକ୍ଷୀ ମୁତୟନ ନାହାନ୍ତି। ଯଦି ମୋର ମନ୍ତବ୍ୟ ସତ୍ୟ ହୋଇଥାଏ, ତାହା ହେଲେ ସେ ନେଇ ବ୍ୟବସ୍ଥା କରାଯିବା ଉଚିତ ନୁହେଁକି ?

**-ଶ୍ରୀରାମଚନ୍ଦ୍ର ଦାଶ, ସମାଜସେବୀ, ବିଦ୍ୟାଧରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ବଲାଙ୍ଗୀର ଶିଶୁ ବିକ୍ରି ନେଇ ପିସିସିର ତଥ୍ୟ ଅନୁଧ୍ୟାନ କମିଟି**

ଭୁବନେଶ୍ୱର (ରବିନାରାୟଣ ଜେନା): ବଲାଙ୍ଗୀର ଟିଟିଲାଗଡ଼ଠାରେ ଶିଶୁକନ୍ୟା ବିକ୍ରି ଘଟଣାର ତଥ୍ୟ ଅନୁଧାନ କରିବା ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ସୋମବାର ଏକ ତଥ୍ୟ କମିଟି ଗଠନ କରିଛନ୍ତି। ପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସଙ୍କ ନେତୃତ୍ୱରେ ଗଠିତ ଉକ୍ତ କମିଟିରେ ବୀରେନ୍ଦ୍ର ବାଗ, ଘାସିରାମ ମାଝୀ, ଭାରତ ଭୂଷଣ ବେମାଲ(ପୂର୍ବତନ ବିଧାୟକ), ଗଣେଶ ସାହୁ ଓ ଦ୍ରୌପଦୀ ମାଝୀ ପ୍ରମୁଖ ସଦସ୍ୟ ରହିଛନ୍ତି। ଉକ୍ତ କମିଟି ଖୁବଶୀଘ୍ର ଘଟଣାସ୍ଥଳକୁ ଯାଇ ତୁରିତ ରିପୋର୍ଟ ଦାଖଲ କରିବା ପାଇଁ ପିସିସି ସଭାପତି ନିର୍ଦ୍ଦେଶ ଦେଇଛନ୍ତି।



# ଏସ୍‌ଡିପିଓଙ୍କୁ ଭେଟିଲା ଏଓଏସ୍‌ସିଏଫ୍

## ଦଳିତ ମହିଳାଙ୍କୁ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି

ଧର୍ମଗଡ଼,୨୮।୭ (ଘାସିରାମ ଜଗତ)


ଏସ୍‌ଡିପିଓଙ୍କୁ ଭେଟିବାକୁ ଆସିଥିବା ପରିବାର ଲୋକଙ୍କ ସହ ସଂଗଠନ କର୍ମକର୍ତ୍ତା।

କଳାହାଣ୍ଡି ଜିଲା କୋକସରା ଥାନା ବେହେରା ପଞ୍ଚାୟତ ଅନ୍ତର୍ଗତ ଦଳସର୍ଗି ଗ୍ରାମରେ ଚାଷ ଜମିକୁ କେନ୍ଦ୍ର କରି କେତେଜଣ ଦଳିତ ମହିଳାଙ୍କୁ ଗ୍ରାମର କିଛି ଲୋକ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ କୋକସରା ପୋଲିସରେ ଅଭିଯୋଗ ହୋଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ମହିଳାଙ୍କ ପରିବାର ଲୋକେ ସୋମବାର ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ (ଏଓଏସ୍‌ସିଏଫ୍) କାର୍ଯ୍ୟକର୍ତ୍ତାଙ୍କ ସହ ମିଶି ଅତିରିକ୍ତ ଜିଲାପାଳ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଓ ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀଙ୍କ ଦ୍ୱାରସ୍ତ ହୋଇଛନ୍ତି।

ଅଭିଯୋଗରୁ ଜଣାଯାଏ ଯେ, ଧର୍ମଗଡ ବ୍ଲକ ଦଳସର୍ଗି ଗ୍ରାମର ଧନମତି ଭରତିଆଙ୍କ ପରିବାର ଦଳସର୍ଗୀ ନଦୀ କୂଳରେ ଥିବା ସରକାରୀ ଜମିରେ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ରହି ଆସୁଛନ୍ତି। ନିଜ ଗୁଜରାଣ ମେଣ୍ଟାଇବା ପାଇଁ ସେହି ସରକାରୀ ଜମିରେ ଧାନ ସମେତ ଡାଲି ଜାତୀୟ ଶସ୍ୟ ଚାଷ କରି ପରିବାର ପ୍ରତିପୋଷଣ କରିଆନ୍ତି। ଏ ବର୍ଷ ମଧ ସେହି ଜାଗାରେ ଧାନ ଓ ଡାଲିଜାତୀୟ ଚାଷ କରିଥିଲେ। ପ୍ରାୟ ୪ଦିନ ପୂର୍ବେ ପରିବାରର ଧନମତି ଭର୍ତ୍ତିଆ, ପ୍ରତିମା ଭର୍ତ୍ତିଆ, ଜୟନ୍ତୀ ଭର୍ତ୍ତିଆ, ସୋନିଆ ଭର୍ତ୍ତିଆ, ଧ୍ରୁବ ଚରଣ ଭର୍ତ୍ତିଆ ପ୍ରମୁଖ ଚାଷ କରିଥିବା ଜମିରେ କେତେଜଣ ଗ୍ରାମବାସୀ ଗୋରୁ ଛାଡି ଦେଇଥିଲେ। ଗୋରୁ ତଡିବା ପାଇଁ ଏହି ମହିଳାମାନେ ଯିବା ସମୟରେ ଗ୍ରାମର କିଛି ବ୍ୟକ୍ତି ସେମାନଙ୍କୁ ଗାଳିଗୁଲଜ କରିବା ସହ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ସମସ୍ତେ ଗୁରୁତର ଅବସ୍ଥାରେ କୋକସରା ଥାନାରେ ଅଭିଯୋଗ କରିଛନ୍ତି। ଏକ ମାମଲା ରୁଜୁ କରି ଥାନା ଅଧିକାରୀଣି ସ୍ନିଗ୍ଧା ରାଣୀ ସୁନା ଘଟଣାସ୍ଥଳରେ ଆସି ତଦନ୍ତ କରି ଗ୍ରାମର ୩୧ ଜଣଙ୍କ ନାମରେ ମାମଲା ରୁଜୁ କରିଥିଲେ। ଧର୍ମଗଡ ଏସ୍‌ଡିପିଓ ଡୋଲାମଣି ଭୋଇ, ଧର୍ମଗଡ଼ ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ ପହଞ୍ଚି ଘଟଣାର ତଦନ୍ତ କରିଥିଲେ।

କିନ୍ତୁ ଘଟଣାର ୩ ଦିନ ପରେ ମଧ ଦୋଷୀମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଶେଷରେ ପରିବାର ଲୋକେ ଜିଲାର ସାମାଜିକ ସଂଗଠନ ଏଓଏସ୍‌ସିଏଫ୍ ଧର୍ମଗଡ଼ ଉପଖଣ୍ଡ ସଭାପତି ବିରଞ୍ଚି ନାରାୟଣ ଜାଲଙ୍କ ନେତୃତ୍ୱରେ ଜିଲାପରିଷଦ ସଦସ୍ୟ ଗୋପୀନାଥ ମହାନନ୍ଦ, ସଂଗଠନର ଉପଦେଷ୍ଟା ଲକ୍ଷ୍ମୀକାନ୍ତ ବାଗ, ଆଇନ ପରାମର୍ଶଦାତା ଦିଗମ୍ବର ଦୁରିଆ, ସଂଘର ଜିଲା ମହାସଚିବ ଯତୀନ୍ଦ୍ର କର, କାର୍ଯ୍ୟକାରୀ ସଭାପତି ଅଜୟ ଦୀପ, କୋଷାଧ୍ୟକ୍ଷ କୌଶିକ ଦୁରିଆ ପ୍ରମୁଖ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଶୁଭ୍ରାଂଶୁ ଶେଖର ମିଶ୍ର ଓ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଡୋଲାମଣି ଭୋଇଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଉଭୟ ପକ୍ଷ ଗ୍ରାମରେ ଶାନ୍ତି ବଜାୟ ରଖିବା ପାଇଁ ଅଧିକାରୀମାନେ କହିଥିଲେ।

# ଯୁବତୀଙ୍କୁ ପ୍ରତାରଣା, ମୁମ୍ବାଇରୁ ଅଭିଯୁକ୍ତ ଗିରଫ

ଖଡ଼ିଆଳ,୨୮।୭ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ ପ୍ରତାରଣା ନେଇ ଗତ ଜୁନ ୧୭ ତାରିଖରେ ଖଡ଼ିଆଳ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ କରି ଅଭିଯୁକ୍ତ ଶଶି ଭୋଇ (୨୮)ଙ୍କୁ ମୁମ୍ବାଇରୁ ଗିରଫ କରିଥିବା ବେଳେ ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନାଧିକାରୀ ବିଲାପ କୁମାର ସାହୁ ସୂଚନା ଦେଇଛନ୍ତି। ଶଶି ଜଣେ ୨୫ ବର୍ଷୀୟ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ସମ୍ପର୍କ ରଖିଥିଲେ। ଫଳେ ଯୁବତୀ ଜଣକ ୨ ମାସର ଗର୍ଭବତୀ ହେବା ପରେ ଯୁବକ ଜଣକ ବିବାହ କରିବାକୁ ମନା କରିଥିଲେ। ଏହାକୁ ନେଇ ଯୁବତୀ ଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ।

# କୋଶଲି ସାହିତ୍ୟ ସଂସ୍କୃତି ବିକାଶ ପରିଷଦର ସମୀକ୍ଷା ବୈଠକ


ସମୀକ୍ଷା ବୈଠକରେ ଉପସ୍ଥିତ ସଦସ୍ୟ।

ବଲାଙ୍ଗୀର,୨୮।୭(ବୀରେନ୍ଦ୍ର କୁମାର ଝାଙ୍କର): ସ୍ଥାନୀୟ ଗନ୍ଧରେଲସ୍ଥିତ ରାଧାରମଣ ମନ୍ଦିର ପରିସରରେ କୋଶଲି ସାହିତ୍ୟ ସଂସ୍କୃତି ବିକାଶ ପରିଷଦ ବଲାଙ୍ଗୀର ପକ୍ଷରୁ ଶନିବାର ପ୍ରଥମ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କୋଶଲି ସଙ୍ଗଠକ ଶରତ ଚନ୍ଦ୍ର ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଟ୍ରଷ୍ଟ ମୁଖପତ୍ର 'ମୁହୁରି' ସଂଖ୍ୟା ଉପରେ ଆଲୋଚନା ହୋଇଥିଲାଳ। ସଙ୍ଗଠନ ସଚିବ ମଧୁସୂଦନ ଦାସ ଓ କବି ସୁଶାନ୍ତ ବାଗଙ୍କ ପରିଶ୍ରମ ତଥା ଟ୍ରଷ୍ଟି ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁଙ୍କ ମାର୍ଗଦର୍ଶନ ପାଇଁ ସାଧୁବାଦ ଦିଆଯାଇଥିଲା। କାର୍ଯ୍ୟକାରୀ କମିଟିରେ କବି ସୁଜିତ୍ କୁମାର ଶତପଥୀ, ତପସ୍ୱିନୀ ପଶାୟତ, ନିର୍ମାଲ୍ୟ ସ୍ୱାଇଁ ଓ ଅଭିଜିତ ଫରିକାର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗକୁ କୋଶଲି ଭାଷାର ପ୍ରଚାର ପ୍ରସାର, ନୂଆଁଖାଇ ଓ ପୁସପୁନି ପର୍ବ ଅବସରରେ କିପରି କୋଶଲି ଭାଷାରେ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକ ଆୟୋଜନ କରାଯିବ ସେନେଇ ଆଲୋଚନା ହୋଇଥିଲା। ସରକାରୀ ସ୍ତରରେ କିଭଳି ଆମ ଭାଷାକୁ ମାନ୍ୟତା ମିଳିବ ସେ ବିଷୟରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଟ୍ରଷ୍ଟ ସଦସ୍ୟ କିଶୋର ଚନ୍ଦ୍ର ପୁରୋହିତ, ରଘୁନାଥ ବାବୁ, ବୀରେନ୍ଦ୍ର କୁମାର ବନଛୋର, ମଧୁସୂଦନ ଦାଶ, ଆଶୁତୋଷ ମିଶ୍ର, କବି ସୁଶାନ୍ତ ବାଗ, ପୁସ୍ତମ ଜୁଆଡ଼ି, ଶ୍ରୀପାଳ ପଣ୍ଡା ଯୋଗଦେଇ ତୃଣମୂଳ ସ୍ତରରୁ କୋଶଲି ଭାଷାର ବିକାଶ ତଥା ପରିଷଦର ମୁଖପତ୍ର 'ମୁହୁରି'କୁ କୋଶଲାଞ୍ଚଳର ସବୁ ଅଞ୍ଚଳରେ ପହଞ୍ଚାଇବାର ପ୍ରୟାସ କରାଯିବ ବୋଲି ଗୁରୁତ୍ୱାରୋପ କରାଯାଇଥିଲା।

# ଡାକ୍ତର ନ ଆସିବାରୁ ରୋଗୀ ଅସନ୍ତୁଷ୍ଟ

ନୂଆପଡ଼ା,୨୮।୭ (ମକାରୁ ବେମାଲ)

ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟରେ ବହିଃ ଚିକିତ୍ସା ବିଭାଗକୁ ଶୁକ୍ରବାର ଅସ୍ଥିଶଲ୍ୟ ବିଭାଗ ଡାକ୍ତର ନ ଆସିବାରୁ ରୋଗୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସୂଚନା ଅନୁଯାୟୀ ସପ୍ତାହର ୩ ଦିନ ସୋମବାର, ବୁଧବାର ଓ ଶୁକ୍ରବାର ବହିଃ ଚିକିତ୍ସା ବିଭାଗରେ ଡାକ୍ତର ଅସ୍ଥିଶଲ୍ୟ ରୋଗୀ ଦେଖିଥାନ୍ତି। ଶୁକ୍ରବାର ସକାଳୁ ଶତାଧିକ ଅସ୍ଥିଶଲ୍ୟ ରୋଗୀ ନାମ ପଞ୍ଜି କରଣ କରି ପ୍ରତୀକ୍ଷା ସ୍ଥଳରେ ଅପେକ୍ଷା କରିରହିଥିଲେ। ମଧାହ୍ନ ୧୨ଟା ପର୍ଯ୍ୟନ୍ତ ଡାକ୍ତର ନ ଆସିବାରୁ ରୋଗୀମାନେ ପାଟିତୁଣ୍ଡ କରିଥିଲେ। ଏହା ପରେ ଫିଜିଓଥେରାପି ଡାକ୍ତର ଆସି ରୋଗୀ ସେବା କରିଥିଲେ ମଧ ରୋଗୀମାନେ ଏଥିରେ ସନ୍ତୁଷ୍ଟ ନ ହୋଇ ଯଦି ଅସ୍ଥିଶଲ୍ୟ ଡାକ୍ତର ଆସିବାର ନ ଥିଲା ସେ ବିଷୟରେ କାହିଁକି ସୂଚନା ଦିଆଗଲା ନାହିଁ କହି ପାଟିତୁଣ୍ଡ କରିଥିଲେ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ନିୟମିତ ଭାବରେ ରୋଗୀ ସେବା ଦେଉ ନ ଥିବା ଡାକ୍ତର ଉପରେ ଦୃଢ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି । ଏ ସଂକ୍ରାନ୍ତରେ ଡିପିଏମ୍ ସତ୍ୟ ନାରାୟଣ ତ୍ରିପାଠୀଙ୍କୁ ପଚାରିବାରୁ ମୁଁ ନୂତନ ଭାବରେ ଯୋଗଦାନ କରିଛି। ଉତ୍ତମ ରୋଗୀ ସେବା ଦେବା ପାଇଁ ଉଦ୍ୟମ ଚାଲିଛି । କୌଣସି କାରଣରୁ ଡାକ୍ତର ଆସିଲେ ନାହିଁ, ସେ ଉପରେ ତଦନ୍ତ କରାଯିବ ବୋଲି କହିଥିଲେ ।

# ବିଜ୍ଞାନ ମେଳାରେ ୮୦ ପ୍ରକଳ୍ପ ପ୍ରଦର୍ଶିତ

ରୁପ୍ରାରୋଡ୍,୨୮।୭ (ସଞ୍ଜୀବ ଦାସ): ନର୍ଲା ବ୍ଲକ୍ ରୁପ୍ରାରୋଡ୍ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ସୋମବାର ବିଜ୍ଞାନ ମେଳା ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଦୀପ କୁମାର ଅଗ୍ରୱାଲ ଯୋଗଦେଇଥିଲେ। ବିଜ୍ଞାନ ମେଳାରେ ଶିଶୁମନ୍ଦିର ଛାତ୍ରୀଛାତ୍ର ୮୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନ ଉତ୍ସବରେ ହରିଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଜ୍ଞାନ ଶିକ୍ଷକ ରାଜୀବ ଲୋଚନ ଦାଶ ସମ୍ମାନିତ ଅତିଥି ଓ ସନ୍ନ୍ୟାସୀ ଉଚ୍ଚ ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ନରେନ୍ଦ୍ର କୁମାର ଖିଲାର ମୁଖ୍ୟବକ୍ତା ଭାବେ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ହେମନ୍ତ କୁମାର ଭୋଇ ଅତିଥି ପରିଚୟ ଦେଇଥିବା ବେଳେ ସମସ୍ତ ଗୁରୁଜୀ ଗୁରୁମା, ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ।


**GOVERNMENT OF ODISHA** No.C-751

**OFFICE OF THE ADDITIONAL CHIEF ENGINEER, P.H. CIRCLE, NAYABAZAR, CUTTACK-753004**

Ph. : 0671-2440841, E-mail : sephctc@gmail.com

**NATIONAL COMPETITIVE BIDDING THROUGH e-PROCUREMENT**

Invitation For Bids (IFB) No.ACEPHCTC-03/2025-26 Dtd.24.07.2025

| Sl. No. | Name of the work | Estimated cost (Approx) |
|---|---|---|
| 1. | Augmentation of distribution system including laying of clear main from CWR to different OGRs & introduction of Zonal system, Hindol under State Plan Basudha 2024-25 | Rs.731.79 lakh |

1. Date & time of availability of bid document in the portal : 11.00 Hrs. of dt.01.08.2025 to 17.30 Hrs. of dt.18.08.2025
2. Last date/time of receipt of bids in the portal : 18.08.2025 upto 17.30 Hrs.
3. Date & time of opening of bids : 19.08.2025 at 12.30 Hrs.
4. Name and address of the Officer Inviting Bid : The Additional Chief Engineer, P.H. Circle, Nayabazar, Cuttack - 753004, Odisha, Ph. (0671)2440841, email : sephctc@gmail.com

Further details can be seen from the website www.tendersorissa.gov.in

Sd./- Addl. Chief Engineer, P.H. Circle, Cuttack

OIPR-13029/11/0011/2526

**ଚକ୍ରଧରପୁର ମଣ୍ଡଳରେ ପାର୍ସଲ ଏସ୍‌ଏଲ୍‌ଆର୍ ପରିସମ୍ପତ୍ତିଗୁଡ଼ିକ ପାଇଁ ଇ-ନିଲାମ ବିଜ୍ଞପ୍ତି**

ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ, ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ମଣ୍ଡଳରେ ପାର୍ସଲ ଏସ୍‌ଏଲ୍‌ଆର୍ ପରିସମ୍ପତ୍ତିଗୁଡ଼ିକ ପାଇଁ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ବନ୍ଦ ସମୟ |
|---|---|---|---|---|
| ପାର୍ସଲ ଏସ୍‌ଏଲ୍‌ଆର୍ | ପାର୍ସଲ-ଏସ୍‌ଏଲ୍‌ଆର୍-ଏୟୁଜି | ୦୨.୦୮.୨୦୨୫ | ୧୧.୩୦ ଘଟିକା | ୧୭.୨୦ ଘଟିକା |

ଆଗ୍ରହୀ ପକ୍ଷମାନେ ଏହାକୁ ଧ୍ୟାନରେ ରଖନ୍ତୁ ଏବଂ ସାଇଟ୍ ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧିତ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖନ୍ତୁ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-448) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**NCC GROUP HEADQUARTERS, CUTTACK**

1. Applications are invited from retd. offrs. of the Armed Forces for the post of Manager for CSD of NCC Gp. HQs, Cuttack.
2. **Qualifications & Terms of Employment.**
(a) Rk - Retd. Lt. Col. / Col.
(b) Age - Max 60 yrs.
(c) Min. 5 yrs experience in handling Type 'F' Cat | CSD.
(d) Knowledge of IT & Accts.
(e) Experience in HR mgt.
(f) Residing within 30 kms around Cuttack.
(g) Well versed with labour laws and policies/guidelines on CSD & QD Fund.
(h) Consolidated monthly pay of Rupees Sixty Thousand only (Rs 60,000/-) (Negotiable)
(j) Not emp. in any Govt/ Semi Govt/Pvt Org.
(k) 11 months on contractual basis (Max four tenures can be given)
3. Interested retd. offrs. to send their resume along with copy of PPO, Discharge Book & self certificate (No recordable discp award in career) to the address below:-
OIC CSD
NCC Gp HQs, Cuttack
SO-15, Cantonment Road
Near Senior Police Officers' Mess
Cuttack-753001
**e mail : gphqcuttack@nccorissa.org**
**Mob :7893123452**
4. Last date for submission of applications is **25 Aug. 2025**.

**SUBSIDIARY INTELLIGENCE BUREAU**
**(Ministry of Home Affairs)**
**Government of India**
Unit-5, Biudyut Marg, Bhubaneswar

**AUCTION NOTICE**

Sealed quotations are invited from interested bidders for the public auction of the following vehicle of Subsidiary Intelligence Bureau, Ministry of Home Affairs, Govt. of India, Bidyut Marg (Near Special Circuit House), Unit-V, Bhubaneswar-751001.

| Model/Type of Vehicle | Year of Manufacturing | Total Kms. run |
|---|---|---|
| Tata Sumo | 08/2016 | 1,44,170 |

Interested parties may inspect during office hours from **1000 hrs to 1300 hrs & 1500 hrs to 1700 hrs** on any working day on or before **12/08/2025** and submit the sealed quotations by **15:30 hrs on 12/08/2025** along with a Demand Draft (NOT A/c Payee) of **Rs. 10000/-** (Rupees ten thousand only) as Earnest Money Deposit (EMD) in favour of **"DDO, SIB Bhubaneswar"** payable at SBI Bhubaneswar Main Branch. Quotations shall be submitted either by hand or by 'dak' in sealed covers superscribed as "Quotation for office vehicle to be auctioned" and addressed to Assistant Director/E, SIB (MHA), Bidyut Marg, Unit-V, Bhubaneswar-751001, Telephone No. 0674-2396440. Quotations will be opened in presence of members of the Auction Committee and bidders present on **12/08/2025 at 1600 hrs**. Quotation of the highest bidder will be accepted to the best advantage of Govt. and decision of the Auction Committee shall be final. The highest bidder has to deposit 25% of the bid value on the spot and the remaining 75% of the total bid value will be paid within seven days before lifting of auctioned vehicle, failing which the offer will be rejected and the amount deposited by the bidder forfeited. GST of 18% is to be deposited in Government account by the successful bidder. The GST deposit receipt has to be submitted at this office before lifting of the vehicle. The Head of the Office reserves the right to cancel any bid without assigning any reason thereof.

**Sd./- Assistant Director/E**

**OFFICE OF THE EXECUTIVE ENGINEER ROAD CONSTRUCTION DEPARTMENT ROAD DIVISION, DUMKA**

CORRIGENDUM
TENDER REFERENCE No.- RCD/DUMKA/975
PR 354584 Road(25-26):D and PR 355582 Road (25-26)_D

NAME OF THE WORK - Widening, Strengthening & Reconstruction work of Kothiya (NH 133) – Dighi-Gadi Jhopa-Parariya-Champagarh Road (Total Length-17.2015 Km) for the year 2025-26.
Job No. CRF-JHR-2025-26-73

CORRIGENDUM DETAIL OF NIT

| | | |
|---|---|---|
| 4 | Last date/Time for receipt of bids | 08.09.2025 at 10.30 A.M in place of 26.08.2025 Up to 12.00 Noon. |
| 5 | Date of Publication of Tender on website | 12.08.2025 at 10.30 A.M in place of 28.07.2025 |
| 6 | Pre Bid Meeting | 18.08.2025 at 10.30 A.M in place of 04.08.2025 at 11.00 A.M |

Other terms and conditions shall remain unchanged.

Executive Engineer
Road Construction Department,
Road Division, Dumka

PR 358355 Road(25-26)D

No.gg-18

**Government of Odisha**
**Department of Social Security & Empowerment of Persons with Disabilities**

ଯୁକ୍ତ ଦୁଇ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଏବଂ ଉଚ୍ଚଶିକ୍ଷା ଅଧ୍ୟୟନରତ ଦୃଷ୍ଟିବାଧିତ ଛାତ୍ର/ଛାତ୍ରୀମାନଙ୍କୁ ପ୍ରୋତ୍ସାହନ ନିମନ୍ତେ ବିଭାଗ ତରଫରୁ ନିଃଶୁଳ୍କ ଲ୍ୟାପଟପ ଯୋଗାଇଦେବାର ବ୍ୟବସ୍ଥା କରାଯାଇଅଛି।

ଆଗ୍ରହୀ ଛାତ୍ର/ଛାତ୍ରୀମାନେ ନିମ୍ନଲିଖିତ ବିଭାଗୀୟ ୱେବ୍‌ସାଇଟ୍ https://ssepd.odisha.gov.in/ ରେ ଆବେଦନ କରିପାରିବେ।

Sd./- Director, SS&EPD Department

OIPR-46001/11/0058/2526

See Career Appointment on every **Wednesday & Saturday**

केन्द्रीय विद्यालय कामाख्यानगर
मुंडीदेउली, कामाख्यानगर,
वार्ड नंबर 9, डाकघर - कामाख्यानगर,
जिला - ढेंकानाल,
ओडिशा - 759018
ई-मेल - kvkamakhyanagar@gmail.com
वेबसाइट - https://kamakshyanagar.kvs.ac.in

केन्द्रीय विद्यालय संगठन

**KENDRIYA VIDYALAYA KAMAKHYANAGAR**
Mundideuli, Kamakhyanagar,
Ward No. 9, P.O -Kamakhyanagar,
Distt. Dhenkanal, Odisha - 759018
E-mail:-kvkamakhyanagar@gmail.com
Website- https://kamakshyanagar.kvs.ac.in

**WALK-IN-INTERVIEW**

**Date-26/07/2025**

A Walk-in-Interview will be conducted in the Vidyalaya premises of **KENDRIYA VIDYALAYA KAMAKHYANAGAR** on **2nd August 2025** to prepare a panel to engage teachers on part-time contractual basis for the academic session **2025-26** as and when required basis. Interested candidates fulfilling the qualification for the posts given below may appear for interview along with their original Mark Sheets / Certificates (for verification only), Bio-data, a recent passport size photograph and a set of self-attested photocopies of all testimonials/mark sheets. For more details i.e. Bio-data/Registration form, Qualifications, Term and conditions etc. click on the link :- https://shorturl.at/yjwWR

OR scan the QR

Post required : 1) Primary Teachers, 2) Music Coach
Date : 02/08/2025, Saturday
(Registration time : 9:00 A.M. - 10 A.M.)

**Sd./- प्राचार्य / PRINCIPAL**

**यूनियन बैंक ऑफ इंडिया Union Bank of India**
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ବଳରେ ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନମତେ ଦର୍ଶାଯାଇଥିବା ଅର୍ଥ ସହିତ ସେବାବଦ ସୁଧ ନୋଟିସ୍ ପାଇବାର **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମ ର ଧାରା ୧୩(୪) ଏବଂ କଥିତ ନିୟମର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ପାଇଁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସମ୍ପୃକ୍ତ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା /ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ତୁବୁରୀ-୨ ଶାଖା** / ଋଣଗ୍ରହୀତାମାନେ: ୧) ମେସର୍ସ ବଣ୍ଟି ଫ୍ଲାଏ ଆସ୍ ବ୍ରିକ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ସ୍ୱର୍ଣ୍ଣଲତା ମୁଦୁଲି, ସ୍ୱାମୀ: ହେମନ୍ତ କୁମାର ମୁଦୁଲି, ୨) ଶ୍ରୀମତୀ ସ୍ୱର୍ଣ୍ଣଲତା ମୁଦୁଲି, ସ୍ୱାମୀ: ହେମନ୍ତ କୁମାର ମୁଦୁଲି / ଜାମିନ୍‌ଦାରମାନେ: ୧) ଶ୍ରୀ ହେମନ୍ତ କୁମାର ମୁଦୁଲି, ପିତା: ଶରତ କୁମାର ମୁଦୁଲି, ୨) ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲି, ପିତା: ଶରତ କୁମାର ମୁଦୁଲି, ସମସ୍ତଙ୍କ ଠିକଣା- ସା: ନିମାପଲ୍ଲି, ପୋ: ପିଙ୍ଗଳ, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୨୬ | ୨୪.୦୪.୨୦୨୫ ସୁଦ୍ଧା ଟ.୧୦,୫୨,୭୦୬.୫୪ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୯.୦୫.୨୦୨୫ / ୨୩.୦୭.୨୦୨୫ | ଶ୍ରୀ ହେମନ୍ତ କୁମାର ମୁଦୁଲି ଏବଂ ଶ୍ରୀ ପ୍ରଶାନ୍ତ କୁମାର ମୁଦୁଲିଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୫୩, ପ୍ଲଟ୍ ନଂ.: ୯୭, କ୍ଷେତ୍ର: ଏକର୍ ୧.୨୯ ଡିସିମିଲି, କିସମ: ଘରବାରି, ମୌଜା: ଗୋଲଗାଁ, ଏସ୍‌ଆରଓ: ସୁକିନ୍ଦା, ଥାନା: କଳିଙ୍ଗନଗର (ଥାନା ନଂ. ୧୭୪), ଏହାର ଚାରିପାର୍ଶ୍ୱରେ- ଉତ୍ତର: ହେମନ୍ତ ମୁଦୁଲି, ଦକ୍ଷିଣ: ରାସ୍ତା, ପୂର୍ବ: ଅଇଁଠୁ ମୁଦୁଲି, ପଶ୍ଚିମ: ଶରତ ଚନ୍ଦ୍ର ମୁଦୁଲି |
| **ଭଦ୍ରକ-୩ ଶାଖା** / ଋଣଗ୍ରହୀତା: ମେସର୍ସ ଓମ୍ ସାଇ ଫ୍ଲାଏ ଆସ୍ ବ୍ରିକ୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ଗ୍ଲୋରିଆ ରାଣୀ ରାଉତ, ସ୍ୱାମୀ: ଆଶିଷ କୁମାର ରାଉତ, ସା/ପୋ: ଜଳଙ୍ଗା, ଭାୟା: ମାଧବନଗର, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୮୧/ କୋ-ଓବ୍ଲିଗାଣ୍ଟମାନେ: ୧) ଶ୍ରୀମତୀ ଗ୍ଲୋରିଆ ରାଣୀ ରାଉତ, ସ୍ୱାମୀ: ଆଶିଷ କୁମାର ରାଉତ, ୨) ଶ୍ରୀ ଶୁଭାଶିଷ ରାଉତ, ପିତା: କମଳାକାନ୍ତ ରାଉତ, ଉଭୟଙ୍କ ଠିକଣା- ୟୁ.ପି ସ୍କୁଲ ନିକଟ, କୁଆଁସ, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୦୦, ୩) ଶ୍ରୀମତୀ ଭକ୍ତିସୁଧା ରାଉତ, ସ୍ୱାମୀ: ଦେବାଶିଷ ରାଉତ, ୟୁ.ପି ସ୍କୁଲ ସମ୍ମୁଖ, କୁଆଁସ, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୦୦ | ୨୦.୦୫.୨୦୨୫ ସୁଦ୍ଧା ଟ.୨୦,୩୧,୯୭୧.୧୧ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୩.୦୫.୨୦୨୫ / ୨୫.୦୭.୨୦୨୫ | ଶ୍ରୀ ଶୁଭାଶିଷ ରାଉତ, ପିତା: କମଳାକାନ୍ତ ରାଉତ, ଶ୍ରୀମତୀ ଭକ୍ତିସୁଧା ରାଉତ, ସ୍ୱାମୀ: ଦେବାଶିଷ ରାଉତ ଏବଂ ଶ୍ରୀମତୀ ଗ୍ଲୋରିଆ ରାଣୀ ରାଉତ, ସ୍ୱାମୀ: ଆଶିଷ କୁମାର ରାଉତଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୧୦୬/୧୯୩, ପ୍ଲଟ୍ ନଂ.: ୬୯୬, କ୍ଷେତ୍ର: ଏକର୍ ୧.୨୦ ଡିସିମିଲି, ମୌଜା: ଜଳଙ୍ଗା, ଥାନା: ଭଦ୍ରକ ଏବଂ ନଂ. ୧୧୯, ତହସିଲ: ଭଦ୍ରକ ଏବଂ ନଂ. ୧୧୯, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଗୋଚର, ଦକ୍ଷିଣ: ଅନାବାଦୀ ଜମି, ପୂର୍ବ: ଭାବନା ମହାରାଣା, ପଶ୍ଚିମ: ନାଳ ଏବଂ ଅନାବାଦୀ ଜମି |

ତାରିଖ: ୨୮.୦୭.୨୦୨୫
ସ୍ଥାନ: ବାଲେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**कार्यपालक अभियंता का कार्यालय ग्रामीण विकास विशेष प्रमंडल, गुमला।**
mail-rdsdgumla123@gmail.com

**अति अल्पकालीन ई–निविदा आमंत्रण सूचना**
ई– निविदा सूचना संख्या – RDD/SD/GUMLA/08/2025-26

1. कार्य की विस्तृत विवरणी:

| ग्रुप०सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | Comprehensive renovation including toilet, floor, window, kitchen, door, roof, dilapidated classroom fan etc and Electrification work in Hostel of ST Residential School, Dokapath, Block-Chainpur. Dist- Gumla | 1,99,63,300.00 | 3,99,300.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि –05.08.2025
3. ई–निविदा प्राप्ति की तिथि एवं समय – दिनांक 05.08.2025 से दिनांक 20.08.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, गुमला।
5. ई–निविदा खोलने की तिथि एवं समय – 22.08.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, गुमला।
7. ई–निविदा प्रकोष्ठ का दूरभाष सं० – 06524223013 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाइट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल, गुमला।

PR 358384 (Rural Development) 25-26 (D)

**Information & Public Relations Department.**
**Government of Jharkhand, Suchana Bhawan, Ranchi.**
**Annexure – I**

**Request For Proposal (RFP)**

Request for Proposal (RFP) are invited for selection of eligible reputed qualified firms/companies with sound Technical and Financial capabilities for **Selection of Event Management Agency to organize Jharkhand Tribal Festival in various states.**

1. The following table provides a quick overview of the key activities and some important information about this RFP:

| Sl. No. | Particulars | Details |
|---|---|---|
| 1.1 | RFP Reference No. | 1064 |
| 1.2 | RFP issuing Authority | Information & Public RelationDepartment (IPRD). Government of Jharkhand, Suchana Bhawan, Ranchi. |
| 1.3 | Name of the Project | Request for Proposal (RFP) are invited for **Selection of Event Management Agency to organise Jharkhand Tribal Festival in various states on turnkey basis.** |
| 1.4 | Bid submission end date and time | 02-08-2025; 03:30 PM |
| 1.05 | Date of opening of Technical Bids / RFP | 04-08-2025; 03:30 PM |
| 1.06 | Date of Presentation | On the date of opening of the technical bid. |
| 1.07 | Validation of RFP | Proposal must remain valid for 90 days after the submission Date. |
| 1.08 | EMD | INR 5,00,000/- (Five Lakh Only). To be paid online as per instructions on https://jharkhandtenders.gov.in/nicgep/app. EMD fee will be received through online mode only. Bidders can use internet banking facility. Refund will only be issued to the originated bank account used for the online payment of EMD Fee for the bidders which are not selected. Relaxation will be granted as per the Jharkhand Govt. norms. |
| 1.13 | Address of Communication | Director, Information and Public Relations Department, Government of Jharkhand, Suchana Bhawan, Ranchi. Tel: 0651-2281522, 0651-2282458 Email ID : iprd123@gmail.com |
| 1.14 | Details of Appellate Authority | Special Secretary, Information and Public Relations Department, Government of Jharkhand, Suchana Bhawan, Ranchi. Tel: 0651-2281522, 0651-2282458 Email ID : iprd123@gmail.com |

The Terms & Conditions and detailed copy of the RFP document should be downloaded from our website http://prdjharkhand.in/ iprd/and https://jharkhandtenders.gov.in

Sd/-
Director
Information & Public Relations Department
Government of Jharkhand

PR 358420 IPRD (25-26)D

ଫ୍ୟାଶନ

# ନେଲ୍ ଆର୍ଟ



ମହିଳାମାନେ ସୁନ୍ଦର ଦେଖାଯିବାକୁ ଛୋଟ ଛୋଟ ଜିନିଷକୁ ଧ୍ୟାନ ରଖିଥାନ୍ତି। ହାତ ସୁନ୍ଦର ଦେଖାଯିବାକୁ ହେଲେ ନଖରେ ନେଲ୍ ଆର୍ଟ କରିବାକୁ ଅନେକେ ପସନ୍ଦ କରୁଛନ୍ତି। ଏହା ମଧ୍ୟ ଆଜିକାଲିକା ଫ୍ୟାଶନ ପାଲଟିଗଲାଣି। ନେଲ୍ ଆର୍ଟ କରିବାକୁ ହେଲେ ଆପଣ କୌଣସି ପାର୍ଲର ନ ଯାଇ ଘରେ ବସି ମଧ୍ୟ କରିପାରିବେ। ଆସନ୍ତୁ, ଜାଣିବା ନେଲ୍ ଆର୍ଟର କିଛି ଡିଜାଇନ ଏବଂ ଏହାକୁ କିପରି ସହଜରେ ଘରେ କରିପାରିବେ ସେ ସମ୍ପର୍କରେ ସୂଚନା...

**ଟୁଥ୍‌ପିକ୍ ସାହାଯ୍ୟରେ ନେଲ୍ ଆର୍ଟ:** ଟୁଥ୍ ପିକ୍‌ରେ ନେଲ୍ ଆର୍ଟ କରିବାକୁ ହେଲେ ପ୍ରଥମେ ନଖର ଅଧାଭାଗରେ ନେଲ୍ ପେଣ୍ଟ ଲଗାଇ ଦିଅନ୍ତୁ। ପୁଣି ସେଥିରେ ସ୍ମାଇଲିଂ ଫେସ୍ କିମ୍ବା ନିଜ ପସନ୍ଦର ଯାହା ବି କିଛି ଡିଜାଇନ କରିବାକୁ ହେଲେ ଟୁଥ୍‌ପିକ୍‌ର ପଛଭାଗକୁ ନେଲ ପଲିସ୍‌ରେ ବୁଡ଼ାଇ ଡିଜାଇନ୍‌ରେ ହାଲ୍‌କା ଡଟ୍ କରିପାରିବେ। ଏହାପରେ ଟୁଥ୍‌ପିକ୍‌ର ଅଗ୍ରଭାଗରେ ଡିଜାଇନକୁ ସମ୍ପୂର୍ଣ୍ଣ କରିପାରିବେ।

**ବ୍ୟୁଟି ବ୍ଲେଣ୍ଡର:** ଆପଣମାନେ ଭାବୁଥିବେ, ସତରେ କ'ଣ ବ୍ୟୁଟି ବ୍ଲେଣ୍ଡର ସାହାଯ୍ୟରେ ଡିଜାଇନ୍ କରାଯାଇପାରେ। ହଁ, ଏହା ସାହାଯ୍ୟରେ ଆକର୍ଷଣୀୟ ଡିଜାଇନ କରିପାରିବେ। ଏଥିପାଇଁ ପ୍ରଥମେ ନଖରେ ନେଲ୍‌ପେଣ୍ଟ ଲଗାନ୍ତୁ। ଏହାପରେ ବ୍ଲେଣ୍ଡର ନେଲ୍‌ପେଣ୍ଟରେ କଲର କମ୍ବିନେଶନ ଥିବା ଅନ୍ୟ ନେଲ୍‌ପେଣ୍ଟକୁ ବ୍ଲେଣ୍ଡର ଟିପ୍‌ରେ ଲଗାଇ ନଖ ଉପରେ ଟ୍ୟାପ୍ କରି ଗୋଲ ଗୋଲ କରନ୍ତୁ। ଏଥିରେ ଆପଣ ଅଲଗା ଅଲଗା କଲରକୁ ମଧ୍ୟ ଚୟନକରି ଲଗାଇପାରନ୍ତି।

**ଇୟରବଡ୍ସ:** କାନ ସଫା କରିବାକୁ ଥିବା ଇୟରବଡ୍ସ ସାହାଯ୍ୟରେ ଆପଣ ଟ୍ରେଣ୍ଡି ନେଲ୍‌ଆର୍ଟ କରିପାରିବେ। ଏଥିପାଇଁ ପ୍ରଥମେ ନଖରେ ନେଲ୍‌ପେଣ୍ଟ ଲଗାନ୍ତୁ। ଏହାପରେ ଇୟରବଡ୍ସରେ ଅନ୍ୟ କୌଣସି ନେଲ୍ ଆର୍ଟ ଲଗାଇ ନଖ ଉପରେ ବଙ୍କା ଟେଢ଼ା କିଛି ବି ଲାଇନ୍ ପକାନ୍ତୁ। ପରେ ଏହାକୁ ନିଜ ପସନ୍ଦ ଅନୁସାରେ କିଛି ବି ଡିଜାଇନ କରନ୍ତୁ। ଦେଖିବେ ଆପଣଙ୍କ ହାତ କେତେ ସୁନ୍ଦର ଦେଖାଯାଉଛି।

# ଲେଦର ବ୍ୟାଗ୍ ସଫା କରୁଥିଲେ...

**ଲେଦର ଜିନିଷ ସମସ୍ତଙ୍କୁ ପସନ୍ଦ । କିଏ ଅଫିସ୍‌କୁ ନେଇ କି ଯାଆନ୍ତି ତ ଆଉ କିଏ କୌଣସି ପାର୍ଟିରେ ହ୍ୟାଣ୍ଡ ବ୍ୟାଗ୍ କ୍ୟାରି କରିଥାନ୍ତି। ଏହାର ଚାହିଦା ଏବେ ବି ରହିଛି। ଏହାକୁ ସଫା କରିବାକୁ ହେଲେ କେତୋଟି ଟିପ୍ସ...**

ଏମିତିରେ ସମସ୍ତେ ଚାହାନ୍ତି ତାଙ୍କ ବ୍ୟାଗ୍ ସବୁବେଳେ ସଫା ଏବଂ ସୁନ୍ଦର ଦେଖାଯାଉଥାଉ। ବେଳେବେଳେ ଏହି ଲାଇଟ୍ କଲରର ବ୍ୟାଗ୍ ଅସୁନ୍ଦର ଦେଖାଯାଏ। ଏହାକୁ ସଫା କରିବାକୁ ହେଲେ ପ୍ରଥମେ ଲେଦର ବ୍ୟାଗ୍ କ୍ଲିନର ବ୍ୟବହାର କରନ୍ତୁ। ଯାହା ସାହାଯ୍ୟରେ ଆପଣଙ୍କ ବ୍ୟାଗ୍ ପୂରା ନୂଆ ଦେଖାଯିବ। ଯଦି ଏହା ଆପଣଙ୍କ



ପାଖରେ ନାହିଁ ତେବେ ବେବି ସୋପ୍, କୌଣସି ଲାଇଟ୍ ସୋପ୍ ନେଇ ଏଥିରେ ଟିକେ ପାଣି ମିଶାଇ ଏହାର ଏକ ଘୋଳ ପ୍ରସ୍ତୁତ କରନ୍ତୁ। ଏହି ଘୋଳରୁ କିଛି ନେଇ ଯେଉଁଠି ଦାଗ ଲାଗିଛି ସେଇ ସ୍ଥାନରେ ଲଗାନ୍ତୁ।

❖ଏହାପରେ ବ୍ୟାଗ୍‌କୁ ସଫା ନରମ କପଡ଼ା ସାହାଯ୍ୟରେ ପୋଛନ୍ତୁ। ଯେତେବେଳେ ବ୍ୟାଗ୍‌କୁ ପୋଛୁଚନ୍ତି ସେତେବେଳେ ଚମଡ଼ା ବ୍ୟାଗ୍‌ର ଅପୋଜିଟ୍ ଡିରେକ୍ସନ୍‌ରେ ହେବ। ଏହାଦ୍ୱାରା ବ୍ୟାଗ୍ ଖରାପ ହେବନାହିଁ। ଯଦି ଆଉ ଟିକେ ଓଦାପଣ ବ୍ୟାଗ୍‌ରେ ଅନୁଭବ କରୁଛନ୍ତି ତେବେ ଶୁଖିଲା କପଡ଼ାରେ ବ୍ୟାଗ୍ ଭଲ ଭାବେ ପୋଛି ସଫା କରିଦିଅନ୍ତୁ।

❖ବ୍ୟାଗ୍‌କୁ ଶୁଖାଇବା ଲାଗି ୩୦ ମିନିଟ୍ ସମୟ ଦିଅନ୍ତୁ। ଏହାକୁ ଶୁଖାଇବା ପାଇଁ କେବେ ବି ହେୟାର ଡ୍ରାୟର ବ୍ୟବହାର କରନ୍ତୁ ନାହିଁ। ଏହା ବଦଳରେ ଆପଣ ବ୍ୟାଗ୍‌କୁ ପଙ୍ଖା ପବନରେ ଶୁଖାଇପାରିବେ।

❖ବ୍ୟାଗ୍ ଶୁଖିଯିବା ପରେ ଏଥିରେ ଲେଦର ମଶ୍ଚରାଇଜର ଲଗାନ୍ତୁ। ମଶ୍ଚରାଇଜର ଲଗାଇବାକୁ ହେଲେ ଏକ ନରମ କପଡ଼ା ସାହାଯ୍ୟରେ ଲଗାନ୍ତୁ। ଶୁଖିଯିବା ପରେ କପଡ଼ା ସାହାଯ୍ୟରେ ପଲିସ୍ କରନ୍ତୁ। ଏହାଦ୍ୱାରା ବ୍ୟାଗ୍ ଯେମିତି ନୂଆ ଦେଖାଯିବ।

**ପ୍ରାୟ ସମସ୍ତଙ୍କର କିଛି ନା କିଛି ଅଭ୍ୟାସ ରହିଛି। ମହିଳାମାନେ ବା ସେଥିରୁ ବାଦ୍ ପଡ଼ିବେ କିପରି ? ତେବେ ଏପରି କେତେକ ଅଭ୍ୟାସ ଅଛି ଯାହାର ଖରାପ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିବା ଆଶଙ୍କା ରହିଛି। ଜାଣନ୍ତୁ ସେ ସମ୍ପର୍କରେ..**

# ଏପରି ଅଭ୍ୟାସ ଥିଲେ...





କଥାରେ ଅଛି–ଅଭ୍ୟାସ ମଲେ ତୁଟେ। କାରଣ ଏହା ସହ ଆମେ ଏପରି ଯୋଡ଼ିହୋଇ ଯାଇଥାଉ, ତାହାକୁ ଯେତେ ବଦଳାଇବାକୁ ଚାହିଁଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥାଏ। ବିଶେଷଭାବରେ ଜଣେ ଯୁବତୀ ହୁଅନ୍ତୁ ଅବା ଗୃହିଣୀ–ସେମାନଙ୍କର କିଛି ଅଭ୍ୟାସ ରହିଛି। କେତେକ ଏହାର ଖରାପ ଗୁଣ ବିଷୟରେ କେତେକାଂଶରେ ଅବଗତ ହେଲେ ମଧ୍ୟ ସେଭଳି ଅଭ୍ୟାସଠାରୁ ନିଜକୁ ଦୂରେଇ ରଖିପାରନ୍ତି ନାହିଁ। ହେଲେ ନିଜ ବ୍ୟକ୍ତିତ୍ୱ ଏବଂ ଶରୀରକୁ ପ୍ରଭାବିତ କରିବା ଭଳି ଅଭ୍ୟାସ ବିଷୟରେ ମହିଳାମାନେ ସତର୍କତା ଅବଲମ୍ବନ କରିବା ଦରକାର। ନ ହେଲେ ତାହା ପରବର୍ତ୍ତୀ ସମୟରେ ବିଶାଳ ସମସ୍ୟା ଆକାରରେ ଉଭା ହୋଇଥାଏ।



**ମିଛ କହିବା:** ବେଳେବେଳେ ନିଜକୁ ବଞ୍ଚାଇବାକୁ ହେଉ ଅବା କୌଣସି ପରିସ୍ଥିତିରେ ପଡ଼ି କେତେଜଣ ମହିଳା ମିଛ କହିଥାଆନ୍ତି। ହେଲେ ପରେ ଏହା ଏକ ଅଭ୍ୟାସରେ ପରିଣତ ହୋଇଯାଇଥାଏ। ମିଛ କହିବାର ମଧ୍ୟ ସ୍ୱାସ୍ଥ୍ୟ ସହ କି ସମ୍ପର୍କ ରହିଛି। ୟୁନିଭର୍ସିଟି ଅଫ୍ ନୋଟରଡେମ୍‌ର ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାପଡ଼ିଛି, ମିଛ କହିବା ଦ୍ୱାରା ଏହାର ନକାରାତ୍ମକ ପ୍ରଭାବ ଆମ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। କେବେ ହୁଏତ ଏହା ବିଷୟରେ ଭାବି ନ ଥିବେ। କିନ୍ତୁ ମିଛ କହିବା ଏହା ସ୍ୱାସ୍ଥ୍ୟ ଲାଗି ଭଲ ନୁହେଁ। ମିଛ ଯେକୌଣସି ରୂପରେ ହେଉ ଏହା ଆପଣଙ୍କୁ ହାନି ପହଞ୍ଚାଇପାରେ। ସେହି ମିଛଟା ଆପଣ ଅଫିସ୍‌ରେ କହିଥାନ୍ତୁ କି ସ୍ୱାମୀଙ୍କୁ, ନିଜ ବସ୍‌ଙ୍କୁ କହୁଛନ୍ତି କି ନିଜ ପିଲାଙ୍କୁ। ଗବେଷଣାରେ ଦେଖାଯାଇଛି, ମିଛ କହିବା ଦ୍ୱାରା ମନ ଚିନ୍ତାଗ୍ରସ୍ତ ରହେ। ଏହା ସ୍ୱାସ୍ଥ୍ୟ ପାଇଁ ଖରାପ ହୋଇଥାଏ। ଯଦି ଆପଣ ମୁଣ୍ଡବିନ୍ଧା, ଚିନ୍ତା, ଗଳାରେ ଯନ୍ତ୍ରଣା ଆଦି ସମସ୍ୟାରୁ ଦୂରେଇରହିବାକୁ ଚାହୁଁଛନ୍ତି , ତେବେ ମିଛ କହିବାର ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ।

**ଆବଶ୍ୟକତାଠାରୁ ଅଧିକ ସମୟ ବ୍ରଶ୍ କରିବା:** ପ୍ରତିଦିନ ସକାଳେ, ରାତିରେ ବ୍ରଶ୍ କରିବା ଭଲ ଅଭ୍ୟାସ। କିନ୍ତୁ ପ୍ରତି ଥର ଖାଇସାରି ବ୍ରଶ୍ କରିବା ଭଲ ନୁହେଁ। ନ୍ୟୁୟର୍କ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଅଧ୍ୟୟନରୁ ଜାଣିପାରିଛନ୍ତି, କିଛି ଖାଦ୍ୟ ଦାନ୍ତରେ ଏନାମେଲ୍‌ରେ ଏସିଡ୍ ଛାଡ଼ି ଦେଇଥାଏ। ଯେତେବେଳେ ସେହି ଏନାମେଲ୍ ଦୁର୍ବଳ ହୋଇଯାଏ ସେହି ସମୟରେ ଅଧିକ ସମୟ ବ୍ରଶ୍ କରିବା ଦ୍ୱାରା ଏନାମେଲ୍‌କୁ ଆହୁରି ଅଧିକ କ୍ଷତି ପହଞ୍ଚାଇଥାଏ। ଏଥିରୁ ରକ୍ଷା ପାଇବାକୁ ହେଲେ ପ୍ରତିଥର ଖାଦ୍ୟ ଖାଇବା ପରେ କୁଳିକରିବା ଆବଶ୍ୟକ। ସକାଳେ ଉଠିବା ପରେ ଏବଂ ରାତ୍ରିଭୋଜନ ପରେ ବ୍ରଶ୍ କରିବା ଆବଶ୍ୟକ।

**ଅଧିକ ସମୟ କମ୍ପ୍ୟୁଟର ନିକଟରେ ବସି କାମ କରିବା:** ନିକଟରେ ୟୁନିଭର୍ସିଟି ଅଫ୍ ଆରିଜୋନାର ବିଶେଷଜ୍ଞମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି, ବିନା ବ୍ରେକ୍‌ରେ ଲଗାତର କମ୍ପ୍ୟୁଟର ସାମ୍ନାରେ କାମ କରିବା ଦ୍ୱାରା ଷ୍ଟ୍ରେସ୍ ଲେବଲ ବଢ଼ିଯାଇଥାଏ। ଏହାସହ ଯଦି ଲଞ୍ଚ ଟାଇମ୍‌ରେ ନିଜ ଡେସ୍କରେ ବସି ଖାଦ୍ୟ ଖାଆନ୍ତି ତେବେ ଏହି ଅଭ୍ୟାସ ଆପଣଙ୍କ ସ୍ୱାସ୍ଥ୍ୟକୁ ବିଗାଡ଼ି ବି ଦେଇପାରେ। ଏକ ଗବେଷଣା ଅନୁଯାୟୀ ଅଫିସ୍‌ରେ ଡେସ୍କରେ ବସି ଖାଦ୍ୟ ଖାଇବା ଦ୍ୱାରା ଅଦୃଶ୍ୟ ବ୍ୟାକ୍ଟେରିଆ ଆପଣଙ୍କ ଶରୀରକୁ ଯାଇ ଅସୁସ୍ଥ କରିପାରେ। ଏହାଛଡ଼ା ଡେସ୍କରେ ବସି ଖାଦ୍ୟ ଖାଇବା ଦ୍ୱାରା ଆବଶ୍ୟକତା ଠାରୁ ଅଧିକ ଖାଇ ଦେଇପାରନ୍ତି।

**କେବଳ ବୋତଲ ପାଣି ପିଇବା:** ଯଦି ଆପଣ ଆବଶ୍ୟକତାଠାରୁ ଅଧିକ ହାଇଜିନ୍ ଚକ୍କରରେ ବୋତଲ ବନ୍ଦ ପାଣି ପିଇଥାନ୍ତି, ତେବେ ଆପଣଙ୍କ ଏହି ଅଭ୍ୟାସ ସ୍ୱାସ୍ଥ୍ୟ ଲାଗି ଭଲ ନୁହେଁ। ବୋତଲ ବନ୍ଦ ପାଣି ବଦଳରେ ନଳପାଣିକୁ ଭଲ ୱାଟରପ୍ୟୁରିଫାୟର ସାହାଯ୍ୟରେ ସଫାକରି ବ୍ୟବହାର କରନ୍ତୁ। ଏହାଦ୍ୱାରା କୀଟାଣୁ ମରିଯିବେ। ଫଳରେ ଆପଣଙ୍କୁ ମିଳିବ ଶୁଦ୍ଧପାଣି।

**ଏଟିଏମ୍‌ରୁ ଟଙ୍କା କାଢ଼ିବା:** ଏବେ ଡିଜିଟାଲ ଦୁନିଆ। ଟଙ୍କା ନେଣଦେଣ ପାଇଁ ପ୍ରାୟ ବ୍ୟାଙ୍କକୁ ଯିବାକୁ ପଡୁନାହିଁ। ଏଟିଏମ୍ ମାଧ୍ୟମରେ ଟଙ୍କା ଉଠାଇବା ଏବଂ ପଠାଇବା ପ୍ରଣାଳୀ ପ୍ରାୟ ଚାରିଆଡ଼େ ଉପଲବ୍ଧ। ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ କହିଛନ୍ତି, ବାରମ୍ବାର ଏଟିଏମ୍ ବ୍ୟବହାର କରିବା ପରେ ଅନେକ ହାତ ସଫାକରି ନ ଥାନ୍ତି। ତେଣୁ ଏଟିଏମ୍ ମେଶିନରୁ ଆପଣଙ୍କ ହାତକୁ ବ୍ୟାକ୍ଟେରିଆ ପ୍ରବେଶ କରିଥାଆନ୍ତି। ହାତ ନ ଧୋଇ ଖାଇଲେ ତାହା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ଆଶଙ୍କା ରହିଛି। ଯେତେବେଳେ ଏଟିଏମ୍‌କୁ ଯିବେ ହାତରେ ସାନିଟାଇଜର କିମ୍ବା ଆଣ୍ଟିବାକ୍ଟେରିଆଲ ହ୍ୟାଣ୍ଡ ସାନିଟାଇଜର ସାହାଯ୍ୟରେ ନିଜ ହାତକୁ ସଫାକରନ୍ତୁ। ଏହାଦ୍ୱାରା ଆପଣ ହାନିକାରକ ବ୍ୟାକ୍ଟେରିଆରୁ ହେଉଥିବା ରୋଗର ଆଶଙ୍କାକୁ କିଛି ମାତ୍ରାରେ କମାଇପାରିବେ।



**ଜଲ୍‌ଦି ଖାଦ୍ୟ ଖାଇବା:** ଆଜିର ପ୍ରାୟ ମହିଳା ନିଜ କାମକୁ ନେଇ ବ୍ୟସ୍ତ। ତେଣୁ ଠିକ୍ ସମୟରେ ଖାଇବା ଏବଂ ଖାଇବା ବେଳେ ତରତର ହୋଇ ନ ଖାଇବା ଦରକାର। ଯଦି ମହିଳା ଜଣକ କର୍ମଜୀବୀ ହୋଇଥାଆନ୍ତି ତେବେ ସେ ଏକାଧାରରେ ନିଜ ପରିବାର ଏବଂ କର୍ମକ୍ଷେତ୍ର ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। କାମ ବ୍ୟସ୍ତ ଭିତରେ ତରବର ହୋଇ କିଛି ଖାଇଦେଇ ଅଫିସ ଚାଲିଯାଆନ୍ତି। ତେଣୁ ଖାଇବା ସମୟରେ ଧୀରେ ସୁସ୍ଥେ ଖାଆନ୍ତୁ। କିନ୍ତୁ ଆପଣ ଜାଣିଛନ୍ତି ଏହି ଜଲ୍‌ଦି ଖାଇବା ଅଭ୍ୟାସ ଆପଣଙ୍କୁ ଅସୁସ୍ଥ କରିପାରେ। ଏହାଦ୍ୱାରା ବେଳେବେଳେ ଏଥିପାଇଁ ଆମେ ଅଧିକ ଖାଇଦେଇଥାଉ। ଏଥିପାଇଁ ଖାଦ୍ୟକୁ ଆମେ ଧୀରେ ଧୀରେ ଚୋବାଇ ଖାଇବା ଆବଶ୍ୟକ। ଆପଣ ଯେତେ ବି ବ୍ୟସ୍ତ ରୁହନ୍ତୁ, କିନ୍ତୁ ଆରାମରେ ଖାଦ୍ୟ ଖାଆନ୍ତୁ।

**ଷ୍ଟ୍ର ସାହାଯ୍ୟରେ ପିଇବା:** ଆପଣ ବେଳେବେଳେ ଜୁସ୍, କୋଲ୍ଡ ଡ୍ରିଙ୍କ୍‌ସ ଆଦିକୁ ଷ୍ଟ୍ର ସାହାଯ୍ୟରେ ପିଇଥାନ୍ତି। ଷ୍ଟ୍ର ସାହାଯ୍ୟରେ ପିଇବା ବହୁତ ସାଧାରଣ କଥା, କାରଣ ଏହା ସୁବିଧାଜନକ ହୋଇଥାଏ। କିନ୍ତୁ ସ୍ୱାସ୍ଥ୍ୟ ପାଇଁ ଏହା ଆଦୌ ଭଲ ନୁହେଁ। ଷ୍ଟ୍ର ମାଧ୍ୟମରେ କିଛି ପିଇବା ଦ୍ୱାରା ଏହା ଅତିରିକ୍ତ ପବନ ଆମ ଶରୀର ମଧ୍ୟକୁ ଆଣିବାରେ ସାହାଯ୍ୟ କରିଥାଏ। ଏହାଦ୍ୱାରା ଆପଣଙ୍କ ପେଟ ଫୁଲିଲା ପରି ଲାଗିବା ସହ ଗ୍ୟାସ୍‌ର କାରଣ ମଧ୍ୟ ହୋଇପାରେ। ଏହି ସମସ୍ୟାରୁ ରକ୍ଷା ପାଇବାକୁ ହେଲେ ଷ୍ଟ୍ର ମାଧ୍ୟମରେ ପିଇବା ବନ୍ଦ କରନ୍ତୁ ଏବଂ ଗ୍ଲାସ୍ ବ୍ୟବହାର କରନ୍ତୁ।

ସୌନ୍ଦର୍ଯ୍ୟ

# ବର୍ଷାଦିନରେ ସ୍କିନ୍‌ର ଯତ୍ନ

**ସାଧାରଣତଃ ବର୍ଷାଦିନେ ସ୍କିନ୍ ଜନିତ ଅନେକ ସମସ୍ୟା ଦେଖିବାକୁ ମିଳିଥାଏ। ମହିଳାଙ୍କ ସବୁଠାରୁ ବଡ଼ ଚିନ୍ତା ସ୍କିନ୍‌କୁ ନେଇ ହୋଇଥାଏ। କାହିଁକି ନା ଏହିଦିନରେ ଫଙ୍ଗାଲ ଇନ୍‌ଫେକ୍‌ସନ ଏବଂ ଅଏଲୀ ସ୍କିନ୍‌ର ସମସ୍ୟା ବଢ଼ିଯାଏ। ଏମିତିରେ ଜରୁରୀ ହେଉଛି ସ୍କିନ୍ କେୟାର ରୁଟିନ୍‌ରେ ଅଳ୍ପ ଟିକେ ବଦଳାଇବାକୁ ପଡ଼ିବ। ଏହାଦ୍ୱାରା ସ୍କିନ୍ ଗ୍ଲୋ କରିବ ଏବଂ ହେଲ୍‌ଦୀ ବି ରହିବ....**



**ଦିନରେ ୨ଥର ଫେସ୍ କ୍ଲିନ୍ କରନ୍ତୁ**
ବର୍ଷାଦିନରେ ଅଧିକ ଝାଳ, ଧୂଳି ଏବଂ ତେଲ ଜମାହୋଇ ରୁହେ। ଫଳରେ ପୋର୍ସ ବନ୍ଦ ହୋଇଯାଏ। ଏଥିପାଇଁ ଦିନରେ ଦୁଇଥର ମୁହଁକୁ ସଫା କରିବା ଆବଶ୍ୟକ। ଏପରି ଫେସ୍‌ୱାଶ ଚୟନ କର ଯାହା ଜେଲ୍ ବେସ୍‌ଡ ହେବା ସହ ଏବଂ ସ୍କିନ୍ ପାଇଁ ଭଲ ହୋଇଥିବ। ଏହାଦ୍ୱାରା ମୁହଁ ସଫା ଦେଖାଯିବା ସହ ହାଲ୍‌କା, ଫ୍ରେଶ୍ ଲାଗିବ।

**ହାଲ୍‌କା ମଶ୍ଚରାଇଜର ଲଗାନ୍ତୁ**
ବର୍ଷାଦିନରେ ଅଧିକ କ୍ରିମ୍ ଲଗାଇବା ଦ୍ୱାରା ସ୍କିନ୍ ଚିପ୍‌ଚିପ୍ ଲାଗିଥାଏ। ଏଥିପାଇଁ ହାଲ୍‌କା ୱାଟର ବେସ୍‌ଡ୍ ମଶ୍ଚରାଇଜରର ବ୍ୟବହାର କରନ୍ତୁ। ଯାହା ସ୍କିନ୍‌କୁ ହାଇଡ୍ରେଟ୍ ରଖିବ ଏବଂ ଅଏଲୀ ହେବାକୁ ଦେବନାହିଁ।

**ମେକ୍‌ଅପ୍ ହାଲ୍‌କା ରଖନ୍ତୁ**
ମନ୍‌ସୁନ୍‌ରେ ମେକ୍‌ଅପ୍ ଧୋଇ ହୋଇଯାଇଥାଏ। ଏମିତିରେ ହାଲ୍‌କା ମେକ୍‌ଅପ୍ ଯେପରିକି ଟିଣ୍ଟେଡ୍ ମଶ୍ଚରାଇଜର କିମ୍ବା ବେବି କ୍ରିମ୍ ବ୍ୟବହାର କରନ୍ତୁ। ଫଳରେ ତ୍ୱଚା ନାଚୁରାଲ ଲାଗିବା ସହ ସୁନ୍ଦର ମଧ୍ୟ ଦେଖାଯିବେ।



**ସନ୍‌ସ୍କ୍ରିନ୍ ଲୋଶନ ଭୁଲନ୍ତୁ ନାହିଁ**
ବର୍ଷାଦିନରେ ସୂର୍ଯ୍ୟକିରଣ ସ୍କିନ୍‌କୁ କ୍ଷତି ପହଞ୍ଚାଇପାରେ। ଏଥିପାଇଁ ବାହାରକୁ ବାହାରିବା ସମୟରେ ସନ୍‌ସ୍କ୍ରିନ୍ ନିଶ୍ଚିତ ଲଗାନ୍ତୁ। ଏସ୍‌ପିଏଫ୍ ୩୦ ୱାଟର ପ୍ରୁଫ୍ ସନ୍‌ସ୍କ୍ରିନ୍ ଭଲ ରହିବ।


**ଖାଦ୍ୟପେୟ**
ସ୍କିନ୍ ଭଲ ରହିବାପାଇଁ କେବଳ ବାହାରୁ ନୁହେଁ, ଭିତରୁ ମଧ୍ୟ ଯତ୍ନ ନେବା ଜରୁରୀ। ଅଧିକ ତେଲଛଣା ମସଲା ଖାଦ୍ୟ ଖାଇବା ଦ୍ୱାରା ଏହା ବ୍ରେକ୍‌ଆଉଟ୍ ହୋଇପାରେ। ଆପଣ ନିଜ ଖାଦ୍ୟରେ ଆଣ୍ଟି ଅକ୍ସିଡାଣ୍ଟଯୁକ୍ତ ଫଳ ,ପନିପରିବା ଆଦି ସାମିଲ କରିବା ଆବଶ୍ୟକ। ପ୍ରତିଦିନ ଦିନକୁ ଅତିକମ୍‌ରେ ୨–୩ ଲିଟର ପାଣି ପିଇବା ଦରକାର ।

ଖାଦ୍ୟରୁଚି

# ପୋହା କଟ୍‌ଲେଟ୍

**ଆବଶ୍ୟକ ସାମଗ୍ରୀ:** ୨କପ୍ ଚୁଡ଼ା, ୨ଟି ସିଝା ଆଳୁ , ୨ ଚାମଚ ମଇଦା, ୨ ଚାମଚ କର୍ନ ଫ୍ଲୋର, ୨କପ୍ ବ୍ରେଡ୍ ଗୁଣ୍ଡ, ୧ଚାମଚ ଅଦା ରସୁଣ ପେଷ୍ଟ, ଅଧାଚାମଚ ଗୋଲମରିଚ ପାଉଡର, ଅଧା ଚାମଚ ହଳଦୀ ପାଉଡର, ଅଧା ଚାମଚ କଶ୍ମୀରୀ ଚିଲି ପାଉଡର , ଅଧା ଚାମଚ ଚାଟ୍ ମସଲା,ଅଧା ଚାମଚ ଗରମ ମସଲା, ଅଧା ଚାମଚ ଆମଚୁର ପାଉଡର, ୨ ଚାମଚ କଟା ହୋଇଥିବା ଧନିଆପତ୍ର, ସ୍ୱାଦ ଅନୁସାରେ ଲୁଣ ଏବଂ ଛାଣିବା ଲାଗି ଆବଶ୍ୟକ ତେଲ।

**ପ୍ରସ୍ତୁତି ପ୍ରଣାଳୀ**
ପୋହା କଟ୍‌ଲେଟ୍ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ଚୁଡ଼ାକୁ ଭଲଭାବେ ସଫାକରି ଦିଅନ୍ତୁ। ଏହାକୁ କିଛି ସମୟ ପାଣିରେ ଭିଜାଇ ରଖନ୍ତୁ। ପାଣିରୁ ଛାଣି ଜାଲିରେ ରଖନ୍ତୁ। ଏଥିରୁ ସମ୍ପୂର୍ଣ୍ଣ ପାଣି ବାହାରିଗଲା ପରେ ଆଉ ଗୋଟେ ପାତ୍ରରେ ରଖନ୍ତୁ। ଏବେ ସିଝା ହୋଇଥିବା ଆଳୁରୁ ଚୋପା ଛଡ଼ାଇ ଚୁଡ଼ା ସହ ପକାଇ ଭଲଭାବେ ଚକଟି ଦିଅନ୍ତୁ। ହଳଦୀଗୁଣ୍ଡ,ଆମଚୁର ପାଉଡର,ଗରମ ମସଲା, ଲୁଣ, ଚାଟ ମସଲା, ଅଦା ରସୁଣ ପେଷ୍ଟ ପକାଇ ଭଲଭାବେ ଏହାକୁ ମିକ୍ସ କରିଦିଅନ୍ତୁ। ବର୍ତ୍ତମାନ ଗୋଲମରିଚ ପାଉଡର, ଅଳ୍ପ କର୍ନଫ୍ଲୋର ପାଉଡର, କଟାହୋଇଥିବା ଧନିଆପତ୍ର, କଟା ପିଆଜ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଅଳ୍ପ କର୍ନଫ୍ଲୋର ଏବଂ ମଇଦାରେ କିଛି ପାଣି ପକାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ। ବର୍ତ୍ତମାନ ଆଳୁ ଏବଂ ପୋହା କଟ୍‌ଲେଟ୍‌କୁ ଗୋଲ ଗୋଲ କରି ରଖି ଚାଲନ୍ତୁ। ପୁଣି ଏକ କଡ଼େଇରେ ତେଲ ପକାଇ ଗରମ



କରନ୍ତୁ। ଏବେ ଗୋଲ ଗୋଲ ହୋଇଥିବା କଟ୍‌ଲେଟ୍‌କୁ ମଇଦା ଏବଂ କର୍ନଫ୍ଲୋର ବେଟରରେ ପକାଇ କାଢ଼ିବା ପରେ ବ୍ରେଡ୍ ଗୁଣ୍ଡରେ ପକାଇ ତାକୁ ଛାଣନ୍ତୁ। ଏହା ଟିକେ ଗୋଲ୍‌ଡେନ୍ କଲର ହେଲା ପର୍ଯ୍ୟନ୍ତ ରଖିବା ପରେ ଏହାକୁ କାଢ଼ି ଟମାଟୋ ସସ୍ କିମ୍ବା ଗ୍ରୀନ୍ ଚଟଣି ଲଗାଇ ଖାଇ ପାରିବେ।

## ସଂକ୍ଷେପରେ

### ସୀମିତ ଅସ୍ତ୍ରବିରତି ଘୋଷଣା ସତ୍ତ୍ୱେ ଇସ୍ରାଏଲ୍‌ର ଆକ୍ରମଣ: ୩୬ ମୃତ

ଡେଇର୍ ଅଲ୍-ବଲାହ୍, ୨୮।୭

ଯୁଦ୍ଧ କ୍ଷତିଗ୍ରସ୍ତ ଗାଜାରେ ଅନେକ ଲକ୍ଷ ଲୋକ କ୍ଷୁଧାରେ ରହିଥିବାରୁ ଏହାକୁ ଦୃଷ୍ଟିରେ ରଖି ୩ଟି ଜନବହୁଳ ଅଞ୍ଚଳରେ ଦୈନିକ ୧୦ ଘଣ୍ଟା ଯୁଦ୍ଧ ବନ୍ଦ ରଖିବାକୁ ଇସ୍ରାଏଲୀ ସେନା ରବିବାର ଘୋଷଣା କରିଥିଲା। ଫଳରେ ସେଠାରେ ଥିବା କ୍ଷିଧାର୍ତ୍ତଙ୍କ ନିକଟରେ ମାନବୀୟ ସହାୟତା ପହଞ୍ଚିପାରିବ। ଏହା ସତ୍ତ୍ୱେ ସୋମବାର ଇସ୍ରାଏଲୀ ସେନା ଆକ୍ରମଣରେ ଅନ୍ୟୁନ ୩୬ ଜଣ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ନବଜାତକ ଅଛନ୍ତି। ତାଙ୍କ ମାଆ ମଧ୍ୟ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ମାନବୀୟ ସହାୟତା ପଦକ୍ଷେପ ସହ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଇସ୍ରାଏଲ୍ କହିଛି। ସକାଳ ୧୦ରୁ ରାତି ୮ ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ ନିଷ୍ପତ୍ତି ହୋଇଥିବାବେଳେ ଏହି ସମୟ ବାହାରେ ଆକ୍ରମଣ ହୋଇଛି। ମାନବୀୟ ସହାୟତା ପହଞ୍ଚାଇବା ଓ ଆକାଶ ମାର୍ଗରୁ କ୍ଷୁଧାର୍ତ୍ତଙ୍କ ନିକଟରେ ଖାଦ୍ୟ ପକାଇବା ପାଇଁ ସାମୟିକ ଅସ୍ତ୍ରବିରତିକୁ ସହାୟତାକାରୀ ସଂସ୍ଥା ସ୍ୱାଗତ କରିଥିଲେ ମଧ୍ୟ କ୍ଷିଧାର୍ଥଙ୍କ ସଂଖ୍ୟା ବହୁତ ଥିବାରୁ ଏତିକି ପଦକ୍ଷେପ ଯଥେଷ୍ଟ ନୁହେଁ ବୋଲି କହିଛନ୍ତି।

### ବ୍ୟାଙ୍କକ୍‌ରେ ଗୁଳିକାଣ୍ଡ: ୬ ମୃତ

ବ୍ୟାଙ୍କକ୍, ୨୮।୭

ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରେ ସୋମବାର ଜଣେ ବ୍ୟକ୍ତି ଆତ୍ମହତ୍ୟା କରିବା ପୂର୍ବରୁ ଏକ ଫୁଡ୍ ମାର୍କେଟରେ ଆଖିବୁଜା ଗୁଳି ଚଳାଇବାରୁ ୬ ଜଣଙ୍କ ମୃତ୍ୟୁ ଘଟିଛି। ଉନ୍ନତ ମାନର ତଟକା ଫଳ ଓ ସାମୁଦ୍ରିକ ଖାଦ୍ୟ ପାଇଁ ଜଣାଶୁଣା ଅର୍ ଟୋର କୋର ମାର୍କେଟରେ ଏହି ଗୁଳିକାଣ୍ଡ ଘଟିଛି। ମୃତକଙ୍କ ମଧ୍ୟରେ ୪ ଜଣ ସୁରକ୍ଷା କର୍ମୀ ଅଛନ୍ତି। ୨ ଜଣ ମହିଳା ଆହତ ହୋଇଛନ୍ତି। ମୃତ ବନ୍ଧୁକଧାରୀଙ୍କ ପାଖରୁ ମିଳିଥିବା ପରିଚୟ ପତ୍ର ଓ ଡ୍ରାଇଭିଂ ଲାଇସେନ୍ସରୁ ସେ ଖୋଙ୍ଗ୍ ଜିଲାର ନୋଇ ପ୍ରଇଡାଇନ(୬୧) ବୋଲି ଜଣାପଡ଼ିଛି। ତେବେ ସେ କ'ଣ ପାଇଁ ଗୁଳି ଚଳାଇଲେ, ତାହା ସ୍ପଷ୍ଟ ହୋଇନାହିଁ।

### ମନ୍ଦିରରେ ଦଳାଚକଟା: ୨ ମୃତ, ୩୮ ଆହତ

ବାରାବଙ୍କୀ, ୨୮।୭

ଉତ୍ତରପ୍ରଦେଶର ବାରାବଙ୍କୀସ୍ଥିତ ହଇଦରଗଡ଼ ଅଞ୍ଚଳରେ ଥିବା ଅଭ୍‌ସାନେଶ୍ୱର ମନ୍ଦିରରେ ରବିବାର ବିଳମ୍ବିତ ରାତିରେ ଦଳାଚକଟା ଘଟି ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୮ ଜଣ ଆହତ ହୋଇଛନ୍ତି। ଏକ ବିଦ୍ୟୁତ ତାର ମନ୍ଦିରର ଟିଣ ଶେଡ୍ ଉପରେ ପଡ଼ିଯିବାରୁ ଉକ୍ତ ଟିଣ ଶେଡ୍ ଦେଇ ବିଦ୍ୟୁତ ପ୍ରବାହ ବ୍ୟାପିଥିଲା, ଯାହାଫଳରେ ମନ୍ଦିର ପରିସରରେ ଆତଙ୍କ ଖେଳିଯାଇଥିଲା ଏବଂ ଦଳାଚକଟା ଘଟିଥିଲା। ସମସ୍ତ ଆହତଙ୍କୁ ନିକଟସ୍ଥ ତ୍ରିବେଦିଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରୁ ୮ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବାରାବଙ୍କୀ ଜିଲା ଚିକିତ୍ସାଳୟକୁ ରେଫର କରାଯାଇଛି। ଶ୍ରାବଣ ମାସର ତୃତୀୟ ସୋମବାର ଉପଲକ୍ଷେ ଭଗବାନ ଭୋଲେନାଥଙ୍କୁ ଦର୍ଶନ କରିବା ସହ ଜଳାଭିଷେକ ପାଇଁ ରବିବାର ମଧ୍ୟରାତ୍ରିରେ ଅଭ୍‌ସାନେଶ୍ୱର ମନ୍ଦିରରେ ଅନେକ ହଜାର ଭକ୍ତଙ୍କ ଭିଡ଼ ଜମିଥିଲା।

### 'ଉଦୟପୁର ଫାଇଲ୍ସ' ନିର୍ମାତାଙ୍କୁ ୱାଇ ଶ୍ରେଣୀ ସୁରକ୍ଷା

ନୂଆଦିଲ୍ଲୀ, ୨୮।୭

କେନ୍ଦ୍ର ସରକାର ରବିବାର 'ଉଦୟପୁର ଫାଇଲ୍ସ' ଫିଲ୍ମର ନିର୍ମାତା ଅମିତ ଜାନୀଙ୍କୁ ୱାଇ ଶ୍ରେଣୀ ସୁରକ୍ଷା ପ୍ରଦାନ କରିଛନ୍ତି। ଅମିତଙ୍କ ଜୀବନକୁ ବିପଦ ଥିବା ନେଇ ଗୋଇନ୍ଦା ସୂଚନା ଆଧାରରେ ତାଙ୍କୁ ଏହି ସୁରକ୍ଷା ଯୋଗାଇ ଦିଆଯାଇଛି। ଏନେଇ ଅମିତ ସାମାଜିକ ଗଣମାଧ୍ୟମ 'X'ରେ ସୂଚନା ଦେଇଛନ୍ତି। 'ଉଦୟପୁର ଫାଇଲ୍ସ' ଫିଲ୍ମ ରିଲିଜ୍‌କୁ ନେଇ କିଛିଦିନ ହେବ ତାଙ୍କୁ ସୋସିଆଲ ମିଡିଆରେ ଧମକ ମିଳିଆସୁଥିଲା। ଅଗଷ୍ଟ ୮ରେ ଏହି ଫିଲ୍ମ ରିଲିଜ୍ ହେବ।



ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍‌ଆଇଆର୍)କୁ ବିରୋଧ କରି ସୋମବାର ନୂଆଦିଲ୍ଲୀରେ ଯୁବ କଂଗ୍ରେସ ସଦସ୍ୟମାନେ ପୋଲିସ ବାରିକେଡ୍ ଉପରେ ଛିଡ଼ାହୋଇ ବିକ୍ଷୋଭ କରୁଛନ୍ତି।


# ବିହାର ଚିଠା ଭୋଟର ତାଲିକାରେ ରୋକ୍ ଲଗାଇଲେନି ସୁପ୍ରିମକୋର୍ଟ

## ଆଧାର, ଭୋଟର ପରିଚୟପତ୍ର ଗ୍ରହଣ କରିବାକୁ ଇସିଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୮।୭(ପି.ଟି.)

ବିଧାନସଭା ନିର୍ବାଚନ ହେବାକୁ ଥିବା ବିହାରରେ ଚିଠା ଭୋଟର ତାଲିକା ପ୍ରକାଶନ ଉପରେ ରୋକ୍ ଲଗାଇବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ତେବେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ବେଳେ ଆଧାର ଏବଂ ଭୋଟର ପରିଚୟପତ୍ରକୁ ଗ୍ରହଣୀୟ ଦସ୍ତାବିଜ୍ ଭାବେ ନେବାକୁ ସର୍ବୋଚ୍ଚ ଅଦାଲତ ନିର୍ବାଚନ କମିଶନଙ୍କୁ କହିଛନ୍ତି। ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ବିହାର ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର୍) ବିରୋଧରେ ଦାଏର ପିଟିଶନଗୁଡ଼ିକ ଉପରେ ସର୍ବୋଚ୍ଚ ଅଦାଲତ ଏକସଙ୍ଗେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଏନେଇ ମଙ୍ଗଳବାର ଚୂଡ଼ାନ୍ତ ଶୁଣାଣି ତାରିଖ ଘୋଷଣା କରାଯିବ ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି।

ଆବେଦନକାରୀ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ତରଫରୁ ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ ହାଜର ହୋଇ କହିଥିଲେ, ଅନ୍ତରୀଣ ପର୍ଯ୍ୟାୟରେ ଭୋଟର ତାଲିକା ଚୂଡ଼ାନ୍ତ ହେବା ଉଚିତ ନୁହେଁ। ଅଗଷ୍ଟ ୧ରେ ପ୍ରକାଶିତ ହେବାକୁ ଥିବା ଚିଠା ଭୋଟର ତାଲିକା ପ୍ରକାଶନ ଉପରେ ଅନ୍ତରୀଣ ସ୍ଥଗିତାଦେଶ ଲଗାଇବା ପାଇଁ ସେ ନିବେଦନ କରିଥିଲେ। ତେବେ ଅଗଷ୍ଟ ୧ ପୂର୍ବରୁ ସୁପ୍ରିମକୋର୍ଟ ଯଦି ପିଟିଶନ୍‌କୁ ଶୁଣାଣି ପାଇଁ ତାଲିକାଭୁକ୍ତ କରନ୍ତି, ତେବେ ପ୍ରକାଶନ ଉପରେ ଅନ୍ତରୀଣ ସ୍ଥଗିତାଦେଶ ଲଗାଇବାକୁ ଚାପ ପକାଇବେନି ବୋଲି ଶଙ୍କରନାରାୟଣନ କହିଥିଲେ। ନିର୍ବାଚନ କମିଶନଙ୍କ ବିବୃତି ନୋଟ୍ କରିବା ପରେ ଖଣ୍ଡପୀଠ କହିଛନ୍ତି, ଆମ ଉପରେ ବିଶ୍ୱାସ ରଖନ୍ତୁ। ଯଦି ଆପଣମାନଙ୍କ ଜବାବରେ କୋର୍ଟ ସହମତ ହୁଅନ୍ତି ଏବଂ ଯଦି କୌଣସି ଅବୈଧ ଜଣାପଡ଼େ, ତେବେ କୋର୍ଟ ତାହାକୁ ଖାରଜ କରିଦେବ। ସୂଚନାଯୋଗ୍ୟ, ଗତ ୧୦ ତାରିଖରେ ଜଷ୍ଟିସ୍ ସୁଧାଂଶୁ ଧୁଲିଆଙ୍କ ନେତୃତ୍ୱରେ ଖଣ୍ଡପୀଠ ଏସ୍‌ଆଇଆର୍ ପାଇଁ ଆଧାର, ଭୋଟର ପରିଚୟପତ୍ର ଓ ରାଶନ କାର୍ଡକୁ ବୈଧ ଦସ୍ତାବିଜ୍ ଭାବେ ଗ୍ରହଣ କରିବା ନିମନ୍ତେ ବିଚାର କରିବାକୁ ନିର୍ବାଚନ କମିଶନଙ୍କୁ କହିଥିଲେ।



### ତଦନ୍ତରେ ସାମିଲ ପରେ ରିପୋର୍ଟ ଉପରେ ପ୍ରଶ୍ନ କରୁଛ କିପରି

ନୂଆଦିଲ୍ଲୀ,୨୮।୭(ପି.ଟି.)

**ଟଙ୍କା ଜବତ ଘଟଣାରେ ଜଷ୍ଟିସ୍ ବର୍ମାଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ**

ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଯଶୱନ୍ତ ବର୍ମାଙ୍କ ସରକାରୀ ବାସଭବନ ପରିସରରୁ ବିପୁଳ ଟଙ୍କା ମିଳିବା ଘଟଣାରେ ଇନ୍‌ହାଉସ୍ ତଦନ୍ତ କମିଟିର ରିପୋର୍ଟକୁ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତଦନ୍ତ ପ୍ରକ୍ରିୟାରେ ଆପଣ ସାମିଲ ହେବା ପରେ ଏହାର ରିପୋର୍ଟ ଉପରେ ପ୍ରଶ୍ନ ଉଠାଇପାରୁଛ କିପରି ବୋଲି ସୋମବାର ସର୍ବୋଚ୍ଚ ଅଦାଲତ ତାଙ୍କୁ ପ୍ରଶ୍ନ କରିଛନ୍ତି। ଜଷ୍ଟିସ୍ ବର୍ମା ଦିଲ୍ଲୀ ହାଇକୋର୍ଟ ବିଚାରପତି ଥିବାବେଳେ ତାଙ୍କ ବାସଭବନ ପରିସରରୁ ବିପୁଳ ଅର୍ଥ ବାହାରିବା ଘଟଣାରେ ଇନ୍‌ହାଉସ୍ ତଦନ୍ତ କମିଟି ରିପୋର୍ଟରେ ତାଙ୍କୁ ଅଭିଯୁକ୍ତ କରାଯାଇଛି। ତେବେ ତଦନ୍ତ ଶେଷ ହେବା ଏବଂ ରିପୋର୍ଟ ବାହାରିବା ପର୍ଯ୍ୟନ୍ତ ସେ ଅପେକ୍ଷା କରିଥିଲେ କାହିଁକି ବୋଲି ଜଷ୍ଟିସ୍ ଦୀପଙ୍କର ଦତ୍ତା ଏବଂ ଏ.ଜି. ମସିହଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ତଦନ୍ତ କମିଟି ଆଗରେ କାହିଁକି ହାଜର ହେଉଥିଲ ? ଉକ୍ତ ଭିଡିଓକୁ ଡିଲିଟ୍ କରିବାକୁ କୋର୍ଟକୁ ଆସିଛ କି? ତଦନ୍ତରୁ ଆପଣଙ୍କ ସପକ୍ଷରେ ରିପୋର୍ଟ ବାହାରିବା ସୁଯୋଗକୁ ଅପେକ୍ଷା କରିଥିଲ କି ବୋଲି ଖଣ୍ଡପୀଠ ଜଷ୍ଟିସ୍ ବର୍ମାଙ୍କ ତରଫରୁ ଉପସ୍ଥିତ ବରିଷ୍ଠ ଆଇନଜୀବୀ କପିଲ ସିବଲଙ୍କୁ ପ୍ରଶ୍ନ କରିଛନ୍ତି। ଏଭଳି ଆବେଦନ କରାଯିବା ଉଚିତ ନ ଥିଲା ବୋଲି ଖଣ୍ଡପୀଠ କହିଛନ୍ତି।


ଜଷ୍ଟିସ୍ ଯଶୱନ୍ତ ବର୍ମା

### ମଧ୍ୟପ୍ରଦେଶ ମନ୍ତ୍ରୀଙ୍କୁ ପୁଣି ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**କଲୋନେଲ ସୋଫିଆ କୁରେଶୀଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ମାମଲା**

ନୂଆଦିଲ୍ଲୀ, ୨୮।୭

ସୁପ୍ରିମକୋର୍ଟ ସୋମବାର ମଧ୍ୟପ୍ରଦେଶର ମନ୍ତ୍ରୀ କୁନ୍‌ୱର ବିଜୟ ଶାହଙ୍କୁ ପୁଣିଥରେ ଭର୍ତ୍ସନା କରିଛନ୍ତି। ବର୍ତ୍ତମାନ ସୁଦ୍ଧା କୁନ୍‌ୱର ସାର୍ବଜନୀନ ଭାବେ କଲୋନେଲ ସୋଫିଆ କୁରେଶୀଙ୍କୁ କ୍ଷମା ନ ମାଗି ସର୍ବୋଚ୍ଚ ଅଦାଲତଙ୍କ ଧୈର୍ଯ୍ୟର ପରୀକ୍ଷା ନେଉଛନ୍ତି ବୋଲି ସୁପ୍ରିମକୋର୍ଟ ଟିପ୍ପଣୀ କରିଛେନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କୁ ନେଇ ଖଣ୍ଡପୀଠ ମନ୍ତ୍ରୀ କୁନ୍‌ୱରଙ୍କ ଆଚରଣ, ଉଦ୍ଦେଶ୍ୟ ଏବଂ ସଙ୍କୋଚତା ଉପରେ ପ୍ରଶ୍ନ ଉଠାଇଛନ୍ତି। ପ୍ରକାଶ ଯେ, କେନ୍ଦ୍ର ସରକାରଙ୍କ ଅପରେଶନ ସିନ୍ଦୂରକୁ ନେଇ କୁନ୍‌ୱର କଲୋନେଲ ସୋଫିଆଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ଦେଇଥିଲେ।

### ୧୨ ହଜାର କର୍ମଚାରୀଙ୍କୁ ଛଟେଇ କରିବ ଟିସିଏସ୍

ନୂଆଦିଲ୍ଲୀ, ୨୮।୭

ଭାରତର ସବୁଠାରୁ ବଡ଼ ଆଇଟି କମ୍ପାନୀ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ଆର୍ଥିକ ବର୍ଷ ୨୦୨୬ରେ ନିଜର ୨% କର୍ମଚାରୀଙ୍କୁ ଛଟେଇ କରିବାକୁ ଯାଉଛି। ଟିସିଏସ୍ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ) କେ. କ୍ରିତିବାସନ୍ ନିକଟରେ ଦେଇଥିବା ଏକ ସାକ୍ଷାତ୍‌କାରରୁ ଏହି ସଙ୍କେତ ମିଳିଛି। ଏପରି ହେଲେ ଟିସିଏସ୍‌ର ପ୍ରାୟ ୧୨,୨୦୦ କର୍ମଚାରୀ ଚାକିରି ହରାଇବେ। କମ୍ପାନୀର ମିଡିଲ ଏବଂ ସିନିୟର ଲେଭଲ ମ୍ୟାନେଜମେଣ୍ଟ ଏହି ଛଟେଇ ପ୍ରକ୍ରିୟାରେ ସର୍ବାଧିକ ପ୍ରଭାବିତ ହେବେ।


କ୍ରିତିବାସନ୍ କହିଛନ୍ତି, ସମ୍ପ୍ରତି ଟିସିଏସ୍ ନୂତନ ପ୍ରଯୁକ୍ତିବିଦ୍ୟା ବିଶେଷକରି ଏଆଇକୁ ଆପଣାଇବା ସହ ଅପରେଟିଂ ମଡେଲରେ ପରିବର୍ତ୍ତନ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ଧୀରେ ଧୀରେ କାମ କରିବାର ଶୈଳୀ ବଦଳୁଛି। ତେଣୁ ଭବିଷ୍ୟତ ପାଇଁ ପ୍ରସ୍ତୁତିକୁ ଦୃଷ୍ଟିରେ ରଖି ସମ୍ପ୍ରତି କମ୍ପାନୀ ପକ୍ଷରୁ ଏଆଇର ବ୍ୟାପକ ବ୍ୟବହାର କରାଯାଉଛି ଏବଂ ଭବିଷ୍ୟତ ପାଇଁ ଜରୁରୀ ଦକ୍ଷତାର ମୂଲ୍ୟାଙ୍କନ କରାଯାଉଛି। ଟିସିଏସ୍ ନୂତନ ବଜାରରେ ପ୍ରବେଶ କରିଛି। ଫଳରେ ଟିସିଏସ୍ ନୂତନ ପ୍ରଯୁକ୍ତିବିଦ୍ୟାରେ ନିବେଶ କରୁଛି ଏବଂ କୃତ୍ରିମ ବୁଦ୍ଧିମତା ଏଆଇକୁ ବଡ଼ ସ୍ତରରେ କାର୍ଯ୍ୟକାରୀ କରୁଛି। ଫଳରେ କମ୍ପାନୀ ପକ୍ଷରୁ କର୍ମଚାରୀମାନଙ୍କୁ ପୁନଃ ପ୍ରଶିକ୍ଷଣ ଦିଆଯିବା ସହ ସେମାନଙ୍କୁ ପୁନଃ ନିୟୋଜିତ କରାଯାଉଛି। ତେବେ କିଛି କ୍ଷେତ୍ରରେ ପୁନଃ ନିୟୋଜନ ପ୍ରକ୍ରିୟା ସଫଳ ହୋଇପାରୁନାହିଁ। ତେଣୁ ଆଗାମୀ ଦିନରେ ଟିସିଏସ୍ ଏକ କଷ୍ଟକର ନିଷ୍ପତ୍ତି ନେବାକୁ ପ୍ରସ୍ତୁତ ହେଉଛି, ଯାହା କମ୍ପାନୀର ୨% ଗ୍ଲୋବାଲ ୱାର୍କଫୋର୍ସକୁ ପ୍ରଭାବିତ କରିବ।

### 'ଚର୍ମ ଦେଇ ୮ ମାସର ଶିଶୁକୁ ବଞ୍ଚାଇଲେ ମା'

**ଅହମଦାବାଦ ବିମାନ ଦୁର୍ଘଟଣାରେ ୩୬% ଜଳି ଯାଇଥିଲା ଶିଶୁ**

ଅହମଦାବାଦ, ୨୮।୭

ଗତ ଜୁନ୍ ୧୨ରେ ଗୁଜରାଟର ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ସହରର ମେଘାଣୀନଗରସ୍ଥିତ ବି.ଜେ. ମେଡିକାଲ କଲେଜର ବିଲ୍ଡିଂ ବ୍ୟାପକ କ୍ଷତିଗ୍ରସ୍ତ ହେବା ସହ ସେଠାରେ ଥିବା ଅନେକ ଲୋକ ମୃତାହତ ହୋଇଥିଲେ। ଦୁର୍ଘଟଣା ସମୟରେ ବି.ଜେ. ମେଡିକାଲ କଲେଜର ଏକ ଆବାସିକ କୋଠାରେ ମନୀଷା କଚ୍ଛାଡ଼ିଆ ନାମ୍ନୀ ଜଣେ ମହିଳା ନିଜ ୮ ମାସର ଶିଶୁପୁତ୍ର ଧ୍ୟାନ୍ସଙ୍କ ସହ ଥିଲେ। ଦୁର୍ଘଟଣାରେ ନିଆଁ ଏବଂ ଘନ ଧୂଆଁ ମଧ୍ୟରେ ମନୀଷା ନିଜ ଶରୀରରେ ଶିଶୁପୁତ୍ରଙ୍କୁ ଘୋଡ଼ାଇ ଏକ ଢାଲ ସ୍ୱରୂପ ସୁରକ୍ଷା ଯୋଗାଇଥିଲେ ଏବଂ ସୌଭାଗ୍ୟକ୍ରମେ ଉଭୟ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ। ଏହି ଦୁର୍ଘଟଣାରେ ମନୀଷାଙ୍କର ମୁହଁ ଏବଂ ହାତର ୨୫% ଜଳିଯାଇଥିବା ବେଳେ ଧ୍ୟାନ୍ସଙ୍କର ମୁହଁ, ୨ ହାତ, ଛାତି, ପେଟର ୩୬% ଅଂଶ ଜଳିଯାଇଥିଲା। ସ୍ଥାନୀୟ କେଡି ହସ୍ପିଟାଲରେ ଉଭୟଙ୍କୁ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲରେ ଧ୍ୟାନ୍ସଙ୍କ ଶରୀରର ପୋଡ଼ି ଯାଇଥିବା ଅଂଶର ଚର୍ମ ପ୍ରତିରୋପଣ ପାଇଁ ମନୀଷା ନିଜ ଚର୍ମ ଦାନ କରିଥିଲେ। ୫ ସପ୍ତାହ ଧରି କେଡି ହସ୍ପିଟାଲରେ ଚିକିତ୍ସିତ ହେବା ପରେ ଗତ ସପ୍ତାହରେ ଉଭୟଙ୍କୁ ଡିସ୍‌ଚାର୍ଜ କରାଯାଇଛି। ଏହାସହ ଧ୍ୟାନ୍ସ ସବୁଠାରୁ କମ୍ ବୟସ୍କ ଭାବେ ଅହମଦାବାଦ ବିମାନ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ପ୍ରକାଶ ଯେ, ମନୀଷା ନିଜ ସ୍ୱାମୀ କପିଲ କଚ୍ଛାଡ଼ିଆ ଏବଂ ୮ ମାସର ଶିଶୁପୁତ୍ର ଧ୍ୟାନ୍ସଙ୍କ ସହ ବିଜେ ମେଡିକାଲ କଲେଜର ଏକ ଆବାସିକ ବିଲ୍ଡିଂରେ ରହୁଥିଲେ। କପିଲ ଉକ୍ତ ମେଡିକାଲ କଲେଜରେ ୟୁରୋଲୋଜିର ଜଣେ ଏମ୍‌ସିଏଚ୍ ଛାତ୍ର ହୋଇଥିବା ବେଳେ ଦୁର୍ଘଟଣା ସମୟରେ ସେ ଡ୍ୟୁଟିରେ ଥିଲେ।


୮ ମାସର ଶିଶୁପୁତ୍ର ଧ୍ୟାନ୍ସ ସହ ମନୀଷା କଚ୍ଛାଡ଼ିଆ ଓ ତାଙ୍କ ପରିବାର।

## ଫୁର୍‌ସତ୍


ମେଧା ରାଣା

### 'ବର୍ଡର ୨': ବରୁଣଙ୍କ ବିପକ୍ଷରେ ମେଧା

ମୁମ୍ବାଇ

ବହୁ ପ୍ରତୀକ୍ଷିତ 'ବର୍ଡର ୨' ଫିଲ୍ମର ଷ୍ଟାର୍‌କାଷ୍ଟରେ ଅଭିନେତ୍ରୀ ମେଧା ରାଣା ଯୋଡ଼ି ହୋଇଛନ୍ତି। ଫିଲ୍ମରେ ସେ ଅଭିନେତା ବରୁଣ ଧାୱନଙ୍କ ବିପକ୍ଷରେ ନଜରକୁ ଆସିବେ। ପ୍ରଡକ୍ସନ ହାଉସ୍ ଟି-ସିରିଜ୍ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଏହି ସୂଚନା ଦିଆଯାଇଛି। କ୍ୟାପ୍‌ଶନ୍‌ରେ ଲେଖା ହୋଇଛି, 'ବର୍ଡର ୨' ପରିବାରକୁ ଅଭିନେତ୍ରୀ ମେଧା ରାଣାଙ୍କୁ ସ୍ୱାଗତ। ସେ ଫିଲ୍ମରେ ଅଭିନେତା ବରୁଣ ଧାୱନଙ୍କ ବିପକ୍ଷରେ ନଜରକୁ ଆସିବେ। 'ଲଣ୍ଡନ ଫାଇଲ୍ସ' ୱେବ୍ ସିରିଜ୍ ମାଧ୍ୟମରେ ମେଧା ଅଭିନୟରେ ଡେବ୍ୟୁ କରିଥିଲେ। ୨୦୨୨ରେ ରିଲିଜ୍ ହୋଇଥିବା ଏହି ଫିଲ୍ମରେ ମେଧାଙ୍କର ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ସେହିପରି ୨୦୨୩ରେ ରିଲିଜ୍ ହୋଇଥିବା 'ଫ୍ରାଇଡେ ନାଇଟ୍ ପ୍ଲାନ୍' ଫିଲ୍ମରେ ମଧ୍ୟ ନିଜ ଦମ୍‌ଦାର ଅଭିନୟ ଦ୍ୱାରା ମେଧା ବହୁ ପ୍ରଶଂସା ସାଉଣ୍ଟିଥିଲେ। ୧୯୯୭ରେ ରିଲିଜ୍ ହୋଇଥିବା ସୁପରହିଟ୍ ଚଳଚ୍ଚିତ୍ର 'ବର୍ଡର'ର ସିକ୍ୱେଲ 'ବର୍ଡର ୨' ଆସନ୍ତା ବର୍ଷ ଜାନୁଆରୀ ୨୩ରେ ମୁକ୍ତିଲାଭ କରିବ। ଫିଲ୍ମର ଷ୍ଟାର୍‌କାଷ୍ଟରେ ଅଭିନେତା ସନ୍ନି ଦେଓଲ, ଦିଲଜିତ୍ ଦୋସାଞ୍ଜ ଏବଂ ଅହାନ ପାଣ୍ଡେ ପ୍ରମୁଖ ରହିଛନ୍ତି। ଟି-ସିରିଜ୍‌ର ବ୍ୟାନରରେ ଏବଂ ଅନୁରାଗ ସିଂଙ୍କ ନିର୍ଦ୍ଦେଶନାରେ ଏହି ଫିଲ୍ମର ଶୁଟିଂ ଜାରି ରହିଛି।

### ସବୁଠୁ ମହଙ୍ଗା ପନିର

**୩୬ ଲକ୍ଷରେ ନିଲାମ ହେଲା**

ମାଡ୍ରିଡ୍

ସ୍ପେନ୍‌ରେ ଏକ ପନିର ଖଣ୍ଡ ୩୬ ହଜାର ୟୁରୋ (ପ୍ରାୟ ୩୬ ଲକ୍ଷ ଟଙ୍କା)ରେ ନିଲାମ ହୋଇଛି। ଏହାସହ ଉକ୍ତ ପନିର ଖଣ୍ଡ ବିଶ୍ୱର ସବୁଠାରୁ ମହଙ୍ଗା ଛେନା ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)ରେ ସ୍ଥାନ ପାଇଛି। ଜିଡବ୍ଲ୍ୟୁଆର୍ ଅନୁଯାୟୀ, ଏହି ପନିର ଖଣ୍ଡର ଓଜନ ପ୍ରାୟ ୨.୩ କେ.ଜି. ହୋଇଥିବା ବେଳେ ଏହା ଗାଈ କ୍ଷୀରରୁ ତିଆରି। ସମୁଦ୍ର ପତ୍ତନଠାରୁ ପ୍ରାୟ ୧,୫୦୦ ମିଟର ଉଚ୍ଚରେ ଅବସ୍ଥିତ ସ୍ପେନ୍‌ର ଲସ୍ ମାଜୋସ୍ ଗୁମ୍ଫାରେ ପ୍ରାୟ ୧୦ ମାସ ଧରି ଏହି ଛେନାକୁ ପରିପକ୍ୱ କରାଯାଇଥିଲା। ଅନେକ ବର୍ଷ ଧରି ଲସ୍ ମାଜୋସ୍ ଗୁମ୍ଫାକୁ ପାରମ୍ପରିକ ଭାବରେ କାବ୍ରାଲେସ୍ ଚିଜ୍‌କୁ ପରିପକ୍ୱ କରିବା ପାଇଁ ବ୍ୟବହାର କରାଯାଇ ଆସୁଛି। ଏହି ଗୁମ୍ଫାରେ ପରିପକ୍ୱ ହେବାର ପ୍ରକ୍ରିୟା ଦ୍ୱାରା ପନିରଗୁଡ଼ିକ ସବୁଜ-ନୀଳ ରଙ୍ଗର ହେବା ସହ ଏହାର ସ୍ୱାଦ ତୀକ୍ଷ୍ଣ ଏବଂ ସାମାନ୍ୟ ଲୁଣିଆ ରହିଥାଏ, ଯାହା ଗ୍ରାହକଙ୍କୁ ଆକୃଷ୍ଟ କରିଥାଏ। ଏହି ଅନନ୍ୟ ପନିରକୁ ସ୍ପେନ୍‌ର ଆସ୍ତୁରିଆସ୍‌ଠାରେ ରେଗୁଲେଟୋରି କାଉନ୍‌ସିଲ ଡିଓପି କାବ୍ରାଲେସ୍ (ସ୍ପେନ୍) ଦ୍ୱାରା ଆୟୋଜିତ ଏକ ନିଲାମ ପ୍ରକ୍ରିୟାରେ ବିକ୍ରି କରାଯାଇଥିଲା। ଆଞ୍ଜେଲ ଡିଆଜ୍ ହେରେରୋ ଚିଜ୍ ଫ୍ୟାକ୍ଟ୍ରି ଦ୍ୱାରା ଏହି ପନିର ପ୍ରସ୍ତୁତ କରାଯାଇଥିଲା। ମେଜୋର କ୍ୱାର୍ସୋ ଡେଲ୍ ସର୍ଟାମେନ ପ୍ରତିଯୋଗିତାରେ ଏହି ପନିର ଶ୍ରେଷ୍ଠ ପନିର ଭାବେ ପୁରସ୍କାର ଜିତିଥିବାରୁ ଏହାର ନିଲାମ କରାଯାଇଥିଲା। ପ୍ରତିବର୍ଷ ଉକ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପନିରକୁ ନିଲାମ କରାଯାଇ ସର୍ବାଧିକ ନିଲାମଦାତାଙ୍କୁ ବିକ୍ରି କରାଯାଇଥାଏ।

ଚଳିତ ଥର ଏହି ନିଲାମ ପ୍ରକ୍ରିୟା ୩ ହଜାର ୟୁରୋରୁ ଆରମ୍ଭ ହୋଇଥିଲା। ନିଜର ତୀବ୍ର ସୁଗନ୍ଧ ଏବଂ ତୀକ୍ଷ୍ଣ ସ୍ୱାଦ ପାଇଁ ଏହି ପନିରକୁ ଶେଷରେ ଆସ୍ତୁରିଆସ୍ଥିତ ଏଲ୍ ଲାଗାର ଡେ କୋଲୋଟୋ ରେଷ୍ଟୁରାଣ୍ଟର ମାଲିକ ଇଭାନ ସୁଆର୍‌ଜେ ପ୍ରାୟ ୩୬ ଲକ୍ଷ ଟଙ୍କାରେ କିଣିଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ 'ଚରକାୟତନ' ଉଦ୍‌ଘାଟିତ

ଭୁବନେଶ୍ୱର,୨୮।୭

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କଟକର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକ ୬ ଦିନିଆ ଆୟୁର୍ବେଦ ସମ୍ମିଳନୀ 'ଚରକାୟତନ'ର ଶୁଭାରମ୍ଭ ସୋମବାରଠାରୁ ହୋଇଯାଇଛି। ଏହି ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର କହିଥିଲେ, ଆୟୁର୍ବେଦ ହେଉଛି ଭାରତର ଗର୍ବ ଓ ପରିଚୟ। ତେବେ ଯୋଗ ପରି ଏହାର ସମ୍ପୂର୍ଣ୍ଣ ସ୍ୱୀକୃତି ଆବଶ୍ୟକ ରହିଛି। ଏଥିସହ କୃତ୍ରିମ ବୁଦ୍ଧିମତ୍ତା ସାହାଯ୍ୟରେ ବିଶ୍ୱବିଖ୍ୟାତ ଚରକ ସଂହିତାର ପ୍ରଚାର ପ୍ରସାର ସମ୍ଭବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ୬ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ଚରକ ସଂହିତା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ସେହିପରି ସର୍ବଭାରତୀୟ ଆୟୁର୍ବେଦ କଂଗ୍ରେସର ସଭାପତି ପଦ୍ମଭୂଷଣ ଦେବେନ୍ଦ୍ର ତ୍ରିଗୁଣା ମୁଖ୍ୟ





ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସମେତ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଅତିଥି ଭାବେ ଯୋଗଦେଇ ସାରା ଦୁନିଆ କିଭଳି ଆୟୁର୍ବେଦ ପ୍ରତି ଆକୃଷ୍ଟ ହେଉଛି, ସେ ବିଷୟରେ ବିସ୍ତୃତ ଭାବେ ଆଲୋପାକପାତ କରିଥିଲେ। ଏଥିସହ ଭାରତୀୟ ଛାତ୍ରୀଛାତ୍ର ବିଶେଷକରି ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ମେଧାବୀ ବିଦ୍ୟାର୍ଥୀମାନେ କିଭଳି ସାରା ବିଶ୍ୱର ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ଆୟୁର୍ବେଦର ପ୍ରସାର ପାଇଁ ଚୁକ୍ତିନାମା ସ୍ୱାକ୍ଷର (ଏମ୍‌ଓୟୁ) କରୁଛନ୍ତି, ତାହା ସେ ବର୍ଣ୍ଣନା କରିଥିଲେ। ଉଦଘାଟନୀ ଉତ୍ସବରେ ଶ୍ରୀ ଶ୍ରୀ କଲେଜ ଅଫ୍ ଆୟୁର୍ବେଦିକ ସାଇନ୍ସ ଆଣ୍ଡ ରିସର୍ଚ୍ଚ ହସ୍ପିଟାଲ କର୍ତ୍ତୃପକ୍ଷଙ୍କର ତିନୋଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ସମ୍ମିଳନୀରେ ପ୍ରାୟ ଦେଢ଼ଶହରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ୨୦୨୫ ଅଗଷ୍ଟ ୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ଆୟୁର୍ବେଦ ଛାତ୍ରୀଛାତ୍ର ଓ ଏ ଦିଗରେ ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ପାଇଁ ଗୁରୁତ୍ୱ ସହକାରେ ଚରକ ସଂହିତାର ତଥ୍ୟ ସମ୍ବଳିତ ଅଧ୍ୟୟନ ଓ ପର୍ଯ୍ୟବେକ୍ଷଣ କରାଯିବାର କାର୍ଯ୍ୟକ୍ରମ ରହିଛି। ଅପରପକ୍ଷରେ କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ ଦ୍ୱାରା 'ଚରକାୟତନ' ଆୟୋଜିତ ହେଉଥିବାବେଳେ ଏଥିରେ ସର୍ବଭାରତୀୟ ଆୟୁର୍ବେଦ କଂଗ୍ରେସର ସଭାପତି ପଦ୍ମଭୂଷଣ ଦେବେନ୍ଦ୍ର ତ୍ରିଗୁଣାଙ୍କ ସହ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ନିର୍ଦ୍ଦେଶିକା ଡ. ବନ୍ଦନା ସିରୋହା, କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଉପନିର୍ଦ୍ଦେଶକ ସତ୍ୟଜିତ ପାଲ୍, ନ୍ୟାଶନାଲ କମିଶନ ଫର୍ ଇଣ୍ଡିଆନ୍ ସିଷ୍ଟମ୍ ଅଫ୍ ମେଡିସିନ୍ସ (ଏନ୍‌ସିଆଇଏସ୍‌ଏମ୍)ର ଅଧ୍ୟକ୍ଷ ଡ. ବି. ଏଲ୍. ମେହରା, ସେଣ୍ଟ୍ରାଲ କାଉନସିଲ୍ ଫର୍ ରିସର୍ଚ୍ଚ ଇନ୍ ଆୟୁର୍ବେଦିକ୍ ସାଇନ୍ସେସ୍ (ସିସିଆରଏସ୍)ର ଡାଇରେକ୍ଟର ଜେନେରାଲ୍ ରବିନାରାୟଣ ଆଚାର୍ଯ୍ୟ, ଶ୍ରୀ ଶ୍ରୀ ତତ୍ତ୍ୱର ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ବର୍ଚ୍ଚସ୍ୱୀ, ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ଗଭର୍ଣ୍ଣିଂ ବଡି ସଦସ୍ୟ ଡ. ମନୋଜ ନେସାରୀ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସଭାପତି ଡ. ରଜିତା କୁଲକର୍ଣ୍ଣୀ ପ୍ରମୁଖ ଯୋଗ ଦେଇଛନ୍ତି। ସମ୍ମିଳନୀର ସମାପନ ନିମନ୍ତେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ରୀ ଓ ଅଧ୍ୟାପକ-ଅଧ୍ୟାପିକାମାନଙ୍କର ନିରବଚ୍ଛିନ୍ନ ପ୍ରୟାସକୁ କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ, ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ବିଭାଗୀୟ ଡିନ୍ ଡ. ପ୍ରଦୀପ ପଣ୍ଡା, ଡେପୁଟି ଡିନ୍ ଡ. ଦୁର୍ଗାପ୍ରସାଦ ଦାଶ ପ୍ରମୁଖ ସାଧୁବାଦ ଦେଇଛନ୍ତି।

# ୱଣ୍ଡର୍ଲାରେ ଆକର୍ଷଣୀୟ ଅଫର






ଭୁବନେଶ୍ୱର,୨୮।୭ (ଅଭୟ ଦାଶ)

ୱଣ୍ଡର୍ଲା ହଲିଡେଜ୍ ଲିମିଟେଡର ବହୁ ପ୍ରତୀକ୍ଷିତ ତଥା ଚଳିତ ବର୍ଷର ଫ୍ରେଣ୍ଡଶିପ୍ ଡେ ଉତ୍ସବରେ ଆକର୍ଷଣୀୟ ଅଫର ପ୍ରଦାନ କରୁଛି। ଏହି ଅଫର ୨୦୨୫ ଅଗଷ୍ଟ ୨ ଓ ୩ରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବ ପାଇଁ ପ୍ରଯୁଜ୍ୟ ରହିଛି। ସେହିଭଳି ଏହି ବିଶେଷ ଅଫର ୱଣ୍ଡର୍ଲାର ୪ଟି ପାର୍କ ବେଙ୍ଗାଲୁରୁ, ହାଇଦ୍ରାବାଦ, କୋଚି ଏବଂ ଭୁବନେଶ୍ୱରରେ ଉପଲବ୍ଧ ହେବ। ଏଥିରେ ଅନେକ ପ୍ରକାରର କାର୍ଯ୍ୟକ୍ରମ ସାମିଲ ରହିଛି। ଏହି ଅବସରରେ ୱଣ୍ଡର୍ଲାର ଉଭୟ ପ୍ରବେଶ ଟିକେଟ୍ ଏବଂ ଟିକେଟ୍ + ଖାଦ୍ୟ କମ୍ବୋରେ 'ବାଏ ୧, ଗେଟ ୧'ର ଅଫର ରହିଛି। ଏହି ସୀମିତ-ସମୟର ଅଫର ସ୍ୱତନ୍ତ୍ର ଭାବେ ଅନଲାଇନରେ ଉପଲବ୍ଧ। ଏହି ଅଫର୍‌ର ବୁକିଂ ୨୦୨୫ ଅଗଷ୍ଟ ୩ ସକାଳ ୯ଟା ପର୍ଯ୍ୟନ୍ତ ଖୋଲା ଅଛି। ଏ ସମ୍ପର୍କରେ ୱଣ୍ଡର୍ଲା ହଲିଡେଜ୍ ଲିମିଟେଡର ମୁଖ୍ୟ ପରିଚାଳନା ଅଧିକାରୀ ଧୀରେନ ଚୌଧୁରୀ କହିଛନ୍ତି, ଏକ ବିଶ୍ୱରେ ଯେଉଁଠାରେ ଅଧିକାଂଶ କଥାବାର୍ତ୍ତା ସ୍କ୍ରିନ୍ ମାଧ୍ୟମରେ ହୋଇଥାଏ, ଆମେ ବିଶ୍ୱାସ କରୁ ଯେ ସବୁଠାରୁ ଅର୍ଥପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକ ବାସ୍ତବ ଜୀବନରେ ଏକାଠି ଅନୁଭବ କରନ୍ତି। ୨୫ବର୍ଷରୁ ଅଧିକ ସମୟ ଧରି ୱଣ୍ଡର୍ଲା ଖେଳ, ରୋମାଞ୍ଚ ଏବଂ ଉପସ୍ଥିତି ମାଧ୍ୟମରେ ଲୋକଙ୍କୁ ପୁନର୍ବାର ସଂଯୋଗ କରିବା ପାଇଁ ଏକ ନିରାପଦ, ଉଚ୍ଚ-ଗୁଣବତ୍ତାଯୁକ୍ତ ପରିବେଶ ପ୍ରଦାନ କରିଛି।

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୨୮।୭

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୫୭୨ (୫୭୨.୦୭) ପଏଣ୍ଟ ହ୍ରାସ ଘଟି ୮୦,୮୯୧(୮୦,୮୯୧.୦୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ ରେ ମଧ୍ୟ ୧୫୬ (୧୫୬.୧୦) ପଏଣ୍ଟ କମି ୨୪,୬୮୧ (୨୪,୬୮୦.୯୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।





# ୟୁଏଆଇଏଲ୍ ପକ୍ଷରୁ 'ନୀରୋଗଶାଳା'ର ଶୁଭାରମ୍ଭ

ଭୁବନେଶ୍ୱର,୨୮।୭

ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ (ୟୁଏଆଇଏଲ୍)ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମ 'ନୀରୋଗଶାଳା'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି କମ୍ପାନୀର ଏହି ସିଏସଆର ପ୍ରୟାସ ଓଡ଼ିଶାର ରାୟଗଡ଼ା ଜିଲାର ଦୁର୍ଗମ ଗ୍ରାମଗୁଡ଼ିକରେ ଜନସାଧାରଣଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସହ ସେମାନଙ୍କୁ ସେମାନଙ୍କ ଦ୍ୱାରଦେଶରେ ଉଭୟ ପ୍ରତିଷେଧକ ଏବଂ ଆରୋଗ୍ୟକାରୀ ସ୍ୱାସ୍ଥ୍ୟଯତ୍ନ ସେବା ଯୋଗାଇ ଦେଉଛି। ନୀରୋଗଶାଳା ସ୍ୱାସ୍ଥ୍ୟଯତ୍ନ ପ୍ରକଳ୍ପ ହେଉଛି, ନୀରବରେ ତୃଣମୂଳ ସ୍ତରରେ ଜୀବନଗୁଡ଼ିକରେ ରୂପାନ୍ତରଣ ଆଣିଛି। ଏହା କାଶୀପୁର ବ୍ଲକର ପାଇକକୁପଖାଲ, ଅଣ୍ଡିରାକାଞ୍ଚ ଏବଂ ଗୋପୀନାଥପୁର ଆଦି ଦୂରଦୂରାନ୍ତ ଗ୍ରାମରେ ସ୍ୱାସ୍ଥ୍ୟ ଡିସପେନସାରୀ ସ୍ଥାପନ କରିଛି। ପ୍ରାୟ ୨୦,୦୦୦ ଗ୍ରାମବାସୀ ଏହି ସେବାର ସୁଯୋଗ ନେଉଛନ୍ତି। ଏ ନେଇ ୟୁଏଆଇଏଲର ୟୁନିଟ ହେଡ ରବି ମିଶ୍ର କହିଛନ୍ତି, ନୀରୋଗଶାଳା ଏକ ଅତ୍ୟନ୍ତ ବାସ୍ତବ ଏବଂ ଜରୁରୀ ଆବଶ୍ୟକତାରୁ ସୃଷ୍ଟି ହୋଇଥିଲା। ଏହି ସମସ୍ତ ଦୁର୍ଗମ ସ୍ଥାନରେ ଚିକିତ୍ସାଗତ ଜରୁରୀ ସ୍ଥିତି ସୃଷ୍ଟିହେଲେ ବିନା ସହାୟତାରେ ମାଇଲ ମାଇଲ ଚାଲିଚାଲି ଯିବାକୁ ହୁଏ। ଆମେ ଏକ ସୁସଂଗଠିତ, ମାଗଣା ସ୍ୱାସ୍ଥ୍ୟଯତ୍ନ ସେବା ଜନସାଧାରଣଙ୍କ ଦ୍ୱାରଦେଶକୁ ଆଣି ସମୟୋଚିତ ସହାୟତା ଆଉ ଏକ ବିଳାସର ବିଷୟ ହୋଇ ରହିନାହିଁ ବରଂ ଏକ ଅଧିକାର ବୋଲି ସୁନିଶ୍ଚିତ କରୁଛୁ। ସୁବିଧା ଅଭାବରୁ କୌଣସି ଜୀବନ ହାନି ଯେଭଳି ନହୁଏ ତାହା ସୁନିଶ୍ଚିତ କରିବା ଆମର ଲକ୍ଷ୍ୟ। ପ୍ରତ୍ୟେକ ନୀରୋଗଶାଳାରେ ରୋଗ ନିରୂପଣକାରୀ ସମର୍ଥନ ବ୍ୟବସ୍ଥା ଏବଂ ଆମ୍ବୁଲାନ୍ସ ସୁବିଧା ସହିତ ଓପିଡି ସୁବିଧା ରହିଛି। ଏଠାରେ ମଧ୍ୟ ମୌଳିକ ଚିକିତ୍ସା ଭିତ୍ତିଭୂମି ରହିଛି। ଆଭ୍ୟନ୍ତରୀଣ ବ୍ୟବସ୍ଥାରେ ପୂର୍ଣ୍ଣକାଳୀନ ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟ ସହାୟକ ଏବଂ ପ୍ରତି ତିନି ଦିନ ଅଦଳବଦଳ ଭିତ୍ତିରେ ଏମବିବିଏସ ଡାକ୍ତରମାନଙ୍କର ଉପସ୍ଥିତି ଏହି ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟ ଯତ୍ନ ବ୍ୟବସ୍ଥାକୁ ଉକ୍ତ ଅଞ୍ଚଳର ଜନସାଧାରଣଙ୍କ ନିକଟରେ ଉପଲବ୍ଧ କରାଉଛି। ପ୍ରତ୍ୟେକ କେନ୍ଦ୍ର ମାସିକ ହାରାହାରି ୭୦୦ରୁ ୮୦୦ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛି ବୋଲି ମିଶ୍ର ମତପ୍ରକାଶ କରିଛନ୍ତି।ମାଇକଞ୍ଚ ପଞ୍ଚାୟତର ସରପଞ୍ଚ ମସ୍ତରାମ ମାଝୀ କହିଥିଲେ, ନୀରୋଗଶାଳା ସମସ୍ତ ନିକଟବର୍ତ୍ତୀ ଗ୍ରାମକୁ ମାଗଣାରେ ସ୍ୱାସ୍ଥ୍ୟଯତ୍ନ ସେବା ଯୋଗାଇ ଦେଉଛି। ମାଇକଞ୍ଚ ଗ୍ରାମ ପଞ୍ଚାୟତର ଜନସାଧାରଣ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏବଂ ସେମାନେ ଡାକ୍ତରୀ ଚିକିତ୍ସା କରାଇବାକୁ ଅସମର୍ଥ। ୟୁଏଆଇଏଲକୁ ଧନ୍ୟବାଦ, ସେମାନେ ଆବଶ୍ୟକ କରୁଥିବା ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟଯତ୍ନ ସେବା ଏବଂ ଜୀବନ ରକ୍ଷାକାରୀ ଔଷଧଗୁଡ଼ିକ ଆବଶ୍ୟକ ସମୟରେ ବିନା ମୂଲ୍ୟରେ ଯୋଗାଇ ଦେଉଛନ୍ତି।

# ଜେଏସ୍‌ଏଲ୍ ସହ ଜିଏସ୍‌ଭିର ବୁଝାମଣା

ଭୁବନେଶ୍ୱର,୨୮।୭

ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ (ଜେଏସ୍‌ଏଲ୍) ଏବଂ ଗତି ଶକ୍ତି ବିଶ୍ୱବିଦ୍ୟାଳୟ (ଜିଏସ୍‌ଭି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଉଭୟ ପ୍ରତିଷ୍ଠାନର ଆବଶ୍ୟକତା ଓ ଶିଳ୍ପର ବିକାଶ ପାଇଁ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଏହି ଏମ୍‌ଓୟୁ ଜିଏସ୍‌ଭିର ତୃତୀୟ ସମାବର୍ତ୍ତନ ଉତ୍ସବ ଅବସରରେ ହୋଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟେନ୍‌ଲେସର ନିର୍ଦ୍ଦେଶକ ବିଜୟ ଶର୍ମା ଏବଂ ଜିଏସ୍‌ଭିର କୁଳପତି ପ୍ରଫେସର ମନୋଜ ଚୌଧୁରୀଙ୍କ ଦ୍ୱାରା ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି।ଏହି ପରିପ୍ରେକ୍ଷୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପସ୍ଥିତ ଥିଲେ।

ସେହିଭଳି ଏହି ଏମ୍‌ଓୟୁ ଅନୁଯାୟୀ ଜିନ୍ଦଲ ଷ୍ଟେନ୍‌ଲେସ ଏବଂ ଜିଏସ୍‌ଭି ପରିବହନ, ଅବସରଞ୍ଜନା ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ଷ୍ଟେନ୍‌ଲେସ ଷ୍ଟିଲର ବ୍ୟବହାର ସମ୍ବନ୍ଧୀୟ ଗବେଷଣା, ଶିକ୍ଷାଦାନ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସହଯୋଗ କରିବେ। ଏପରିକି ଉଭୟ ସଂସ୍ଥା ମିଳିତ ଭାବେ ଶିକ୍ଷାଗତ ପାଠ୍ୟକ୍ରମ ଏବଂ କ୍ଷେତ୍ର ସହ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ପ୍ରୋଗ୍ରାମର ବିକାଶକୁ ସମର୍ଥନ କରିବେ। ଏହା ସହିତ ସେମାନେ ମିଳିତ ଗବେଷଣା, ଅନ୍ତର୍ଜାତୀୟ ସଂସ୍ଥାନମାନଙ୍କ ସହ ଭାଗୀଦାରି ଏବଂ ଜିଏସଭି ଛାତ୍ରମାନଙ୍କ ପାଇଁ ଇଣ୍ଟର୍ନଶିପ ଏବଂ ନିଯୁକ୍ତି ସୁଯୋଗ ପାଇଁ ସମ୍ଭାବନା ଅନୁସନ୍ଧାନ କରିବେ।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଜିନ୍ଦଲ ଷ୍ଟେନ୍‌ଲେସରେ ଆମେ ବିଶ୍ୱାସ କରୁ ଯେ ଶିକ୍ଷା ଏବଂ ଶିଳ୍ପ ମିଳିତ ଭାବେ ଆଗାମୀ ଭାରତକୁ ଗଢ଼ିବା ପାଇଁ କାର୍ଯ୍ୟ କରିବା ଆବଶ୍ୟକ। ଏହି ସହଯୋଗ ଷ୍ଟେନ୍‌ଲେସ ଷ୍ଟିଲକୁ ରାଷ୍ଟ୍ର ନିର୍ମାଣ ପାଇଁ ସବୁଠାରୁ ସ୍ଥାୟୀ ସମାଧାନ ଭାବେ ମୁଖ୍ୟଧାରାରେ ପରିଣତ କରିବା ପାଇଁ ଆମର ଦୃଷ୍ଟିକୋଣରେ ଏକ ନୂତନ ମାଇଲଖୁଣ୍ଟ ଭାବେ ଚିହ୍ନିତ କରୁଛି। ଗତି ଶକ୍ତି ବିଶ୍ୱବିଦ୍ୟାଳୟ ସହ ଆମର ଭାଗୀଦାରି ଦେଶର ଶିଳ୍ପ ଆଭିମୁଖ୍ୟ ସହ ସମନ୍ୱିତ ଏକ ଦକ୍ଷ ଏବଂ ଭବିଷ୍ୟତ-ପ୍ରସ୍ତୁତ ପ୍ରତିଭା ଗଢ଼ିବା ପାଇଁ ଆମର ସାଧାରଣ ମିଶନକୁ ଶକ୍ତିଶାଳୀ କରୁଛି।


# Classified Everyday

0674-2580101, 9692975378



REAL ESTATE
SALE

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ 2/3BHK flat, duplex ବିକ୍ରିହେବ। Diptimayee Pati- 8763740343. D-76296

BDA approval plot available at very reasonable price. Location: Palaspur sasan, BBSR for more contact: 9040062053, 8093224227. D- 46563

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

A Commercial Plot 10000sqft. Facing to NH (Nakhara to Niali) 10KM from Nakhara 60x166, 3sides Road Personal plot Contact only owners- 7809525452 D-76477

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286





Positively health benefits SPA expert female therapist homely atmosphere. 9114559830. D-76295

Newly open health benefits SPA special Offer @ 799 Bapujinagar. 7327058897. D-76931

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit before Notary Public, Kantabanji on 25.07.2025 that before marriage I known as Mukta Ketaki, D/o- Rama Ketaki which is mentioned in my Aadhaar Card and S.B. Account and after marriage to Dillip Kharsel of Village/P.O./P.S.- Kantabanji Ward No.-16, Dist.- Bolangir I updated my Aadhaar Card and known as Mukta Kharsel, W/o- Dillip Kharsel whereas Mukta Ketaki and Mukta Kharsel, W/o- Dillip Kharsel is same and one person. D-1457

By virtue of an affidavit sworn before the Executive Magistrate, Belpada, No.-148, date 28.07.2025, I, Dhubale Tandi, R/o- At./P.O.- Bagder, P.S.- Belpada, Dist.- Balangir, Odisha, PIN- 767026 declare that I have changed my daughter's name from Priya Tandi to Priyanka Tandi. Henceforth, she shall be known as Priyanka Tandi for all purposes.
Dhubale Tandi
D-1456

I, Shantilata Padhi, C/o- Dilip Kumar Padhi, resident of ward Gopinathpur, P.O./P.S.- Balugaon, Dist.- Khurda, PIN- 752030, Odisha declare by this affidavit No.- 1392, dtd. 11.07.25. That now onwards I shall be known as Santilata Padhi for all future purposes. D-1445

By virtue of an affidavit sworn before the Executive Magistrate, Boudh, No.-1053, date 22.07.25, I Sanat Loi, R/o. Village/P.O.- Devgarh, P.S./Dist.- Boudh, Odisha, PIN- 762024 declare that I have changed my name from Sana Lae to Sanat Loi. Henceforth, I shall be known as Sanat Loi for all purposes.
Sanat Loi
D-1449

I, Chitaranjan Panigrahi, S/o- Anandachandra Panigrahi, resident of Nayagarh, Odisha- 752069 declare by this affidavit No.- 2789, dated 25.07.2025. That now onwards I shall be known as Chittaranjan Panigrahi for all future purposes. D-1454

By virtue of an affidavit sworn before the Executive Magistrate, Bhubaneswar, dated-24.07.2025, I, Sukanti Mahananda, W/o- Arun Mishra, Address- B/503, Snehalata Apartment, Vivekananda Marg, Bhubaneswar, Khordha, Odisha-751002 declare that I have changed my name from Sukanti Mahananda to Priyanshi Mishra. Henceforth, I shall be known as Priyanshi Mishra for all purposes. D-1455

By virtue of an affidavit sworn before Executive Magistrate, Bhubaneswar, dated 28.07.2025, Subash Chandra Khillo, At- Padua, Kulabiri, Padwa, Dist.- Koraput, Odisha- 764038 declare that I have changed the name of my son from Kamesh Khilla to Kabir Khillo. Henceforth, he shall be known as Kabir Khillo for all purposes.
Subash Chandra Khillo
D-1450

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Padma Agrawal, age about 64 years, W/o- Kesharam Agrawal, resident of Gudvela, P.S.- Tushra, Dist.- Balangir, PIN-767046, Odisha declared by this affidavit No.- 647, dated 28.07.2025. That now onwards I shall be known as Padma Devi Agrawal for all future purposes. D-1453

By virtue of an affidavit sworn before Executive Magistrate, Bhubaneswar, dated 15.07.2025, I, Mustara Bibi, At- Sikharchandi Nagar, VTC-Kalarahanga, P.O.-KIIT, P.S.-Infocity, Bhubaneswar, Khordha, Odisha, PIN-751024 declare that I have changed my minor son's name from Sekh Misbah to Sekh Sarfaraz Ibrahim. Henceforth, my son shall be known as Sekh Sarfaraz Ibrahim for all purposes. D-1452

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସୁମନ୍ତ ନାରାୟଣ ଆଚାର୍ଯ୍ୟ
ଆବିର୍ଭାବ: ୦୬।୦୬।୧୯୬୨
ତିରୋଧାନ: ୦୯।୦୮।୨୦୨୪
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ- ରାଜା, ଝିଅ- ମାମୁନି, ଟୁମୁନି, ନାତି- ଈଶାନ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
ଧ-୧୪୬୦

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ରୀନା ଦାଶ
ଆବିର୍ଭାବ: ୧୧।୦୭।୧୯୭୩
ତିରୋଧାନ: ୨୫।୦୧।୨୦୨୪
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥
ଚାହୁଁ ଚାହୁଁ ବର୍ଷେ ବିତିଗଲା । ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁଅ- ରାଜା, ଝିଅ- ମାମୁନି, ଟୁମୁନି, ନାତି- ଈଶାନ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
ଧ-୧୪୬୧

## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ଯବାନଙ୍କ ମୃତ୍ୟୁ



**ନୂଆପଡ଼ା,୨୮।୭ (ମକାରୁ ବେମାଲ):** ପୁରୀ ରଥଯାତ୍ରା ଡ୍ୟୁଟିରେ ଯାଇଥିବା ଆଇଆର୍‌ବି ଯବାନଙ୍କ ରବିବାର ରାତିରେ କଟକ ବଡ ମେଡିକାଲରେ ମୃତ୍ୟୁ ଘଟିଛି। ସେ ହେଲେ କୋମନା ଥାନା ଜଟଗଡ ପଞ୍ଚାୟତ ଭରୁଆମୁଣ୍ଡା ଗ୍ରାମର ଲକ୍ଷ୍ମଣ ମାଝି । ସୂଚନା ମୁତାବକ ଲକ୍ଷ୍ମଣ ୨୦୦୮ ମସିହାରେ ଚାକିରିରେ ଯୋଗ ଦେଇ ବିଭିନ୍ନ ଥାନା ଓ କ୍ୟାମ୍ପରେ ଡ୍ୟୁଟି କରିଥିଲେ। ଚଳିତବର୍ଷ ପୁରୀ ରଥଯାତ୍ରାରେ ତାଙ୍କ ଡ୍ୟୁଟି ପଡିଥିଲା । ସେଠାରେ ଡ୍ୟୁଟି ସାରି କ୍ୟାମ୍ପକୁ ଫେରିବା ସମୟରେ ବାଟରେ ଏକ ଚାରିଚକିଆ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ରବିବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେଠାରେ ବ୍ୟବଚ୍ଛେଦ ପରେ ଏକ ଆମ୍ବୁଲାନ୍ସ ଯୋଗେ ମରଶରୀର ନୂଆପଡା ଅଣାଯାଉଛି। ମଙ୍ଗଳବାର ଜନ୍ମ ମାଟିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ। ଲକ୍ଷ୍ମଣଙ୍କ ସ୍ତ୍ରୀ ଓ ୪ ଝିଅ ଅଛନ୍ତି। ତାଙ୍କ ମୃତ୍ୟୁ ପରେ ପରିବାର ବେସାହାରା ହୋଇ ପଡିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଭାଜପା ନଗର ସଭାନେତ୍ରୀଙ୍କ ପରଲୋକ

**ଭବାନୀପାଟଣା,୨୮।୭(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା ଭାଜପା ନଗର ମହିଳା ମୋର୍ଚ୍ଚା ସଭାନେତ୍ରୀ ଗୀତାଞ୍ଜଳି ସାହୁ(୪୮)ଙ୍କ ରବିବାର ବିଳମ୍ବିତ ରାତ୍ରିରେ ପରଲୋକ ହୋଇଯାଇଛି। ଗତ କିଛି ମାସ ହେଲା



ସେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ରବିବାର ବିଳମ୍ବିତ ରାତ୍ରିରେ ଚିକିତ୍ସାଧୀନ ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି। ତାଙ୍କ ପରଲୋକ ଖବର ଶୁଣି ଭାଜପା କାର୍ଯ୍ୟକର୍ତ୍ତା ତଥା ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଗୀତାଞ୍ଜଳିଙ୍କ ମୃତ୍ୟୁ ଦଳ ପାଇଁ ଅପୂରଣୀୟ କ୍ଷତି ଓ ଜଣେ ନିଷ୍ଠାବାନ ମହିଳା ନେତ୍ରୀଙ୍କୁ ହରେଇ ଆମେ ଦୁଃଖିତ ବୋଲି ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ଜିଲା ସଭାପତି ଯୁଗଳ କିଶୋର ପୋଢ଼ ସମେତ ଅନେକ କାର୍ଯ୍ୟକର୍ତ୍ତା ନିଜ ଫେସବୁକ ପେଜ୍‌ରେ ପୋଷ୍ଟ କରି ଦୁଃଖ ପ୍ରକାଶ କରିଛନ୍ତି।

# ଇନ୍‌ପୁଟ ସହାୟତା ପରେ ବଢୁଛି ଧାନ ବିକ୍ରି ପଞ୍ଜୀକରଣ

- ଆରମ୍ଭ ହେଲାଣି ଖରିଫ ଧାନ ଚାଷ ବେଉଷଣ
- ୧୦ ଦିନରେ ପଞ୍ଜୀକରଣ କଲେଣି ୧୯,୯୩୧ ଚାଷୀ

**ଭବାନୀପାଟଣା,୨୮।୭(ଉତ୍ତମ କୁମାର ଦାଶ)**



ଜୁନାଗଡ଼ ବ୍ଲକର ନୂଆଗୁଡା ଗ୍ରାମରେ ଖରିଫ ଧାନ ଚାଷ ପାଇଁ ତଳି ଉପାଡିବାରେ ବ୍ୟସ୍ତ ଚାଷୀ।

କଳାହାଣ୍ଡି ଜିଲାରେ ଗତ ୧୯ ତାରିଖରୁ ଖରିଫ ଚାଷ ୨୦୨୫-୨୬ ଧାନ ବିକ୍ରି ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଛି। ବର୍ତ୍ତମାନ ଜିଲାରେ ଖରିଫ ଧାନ ଚାଷ ବେଉଷଣ ଆରମ୍ଭ ହୋଇଥିବାବେଳେ ଏହାରି ଭିତରେ ଚାଷୀମାନେ ନିଜ ପାକ୍ସ (ପ୍ରାଥମିକ କୃଷି ସମବାୟ ସମିତି) ଓ ଧାନ କ୍ରୟ ଦାୟିତ୍ୱରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଖକୁ ଯାଇ ପଞ୍ଜୀକରଣ କରୁଥିବା ଦେଖିବାକୁ ମିଳିଛି। ଜିଲାରେ ୭୪ ପାକ୍ସ ଓ ୨୮ ଧାନ କ୍ରୟ କରୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ରହିଛି। ରବିବାର ସୁଦ୍ଧା ଜିଲାରେ ଖରିଫ ଧାନ ବିକ୍ରି କରିବା ପାଇଁ ୧୯,୯୩୧ ଚାଷୀ ପଞ୍ଜୀକରଣ କରିଥିବା ଜିଲା ଯୋଗାଣ ବିଭାଗ ପକ୍ଷରୁ ଜଣାପଡିଛି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏହି ପଞ୍ଜିକରଣ ଚାଲିବ। ଗତବର୍ଷ ଖରିଫରେ ଜିଲାର ୧ ଲକ୍ଷ ୧୪ ହଜାର ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିଲେ। ଏହି ସମୟରେ ୧ ଲକ୍ଷ ୯ ହଜାର ୧୪୨ ଚାଷୀ ୬୦ ଲକ୍ଷ ୯୬ ହଜାର ୮୦୭.୮୩ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ରାଜ୍ୟ ସରକାରଙ୍କ ଇନ୍‌ପୁଟ ସହାୟତା ମିଶି ଚାଷୀ ଗତ ଖରିଫ ଓ ରବି ଋତୁରେ ଧାନ କୁଇଣ୍ଟାଲ ପ୍ରତି ୩୧୦୦ଟଙ୍କା ପାଉଥିବାରୁ ଧାନ ବିକ୍ରି ପଞ୍ଜୀକରଣ ପ୍ରତି ଚାଷୀଙ୍କ ଆଗ୍ରହ ବଢୁଛି। ଖରିଫ ଓ ରବିରେ ଜିଲାରେ ଧାନ ଉତ୍ପାଦନ ଓ ଧାନକିଣା ପୂର୍ବବର୍ଷ ଅପେକ୍ଷା ବଢିଛି।

ଚଳିତଥର ଚାଷୀଙ୍କ ପଞ୍ଜୀକରଣ ନୂତନ ଆକାରରେ ହେଉଛି। ନକଲି ଚାଷୀ ଗଳାବାଟ ଦେଇ ଧାନ ବିକ୍ରି କରୁଥିବାରୁ ସରକାର ଏଥିରେ ରୋକ ଲଗାଇବା ପାଇଁ ଉଦ୍ୟମ କରିଛନ୍ତି। ସବୁ ଚାଷୀ, ଭାଗଚାଷୀଙ୍କ ଇ- କେୱାଇସି କରାଯାଉଛି। ଆଧାର ଇ- କେୱାଇସି ସଂଲଗ୍ନ ବ୍ୟାଙ୍କ ଖାତା ଜରିଆରେ ଧାନ ବିକ୍ରୟର ପ୍ରାପ୍ୟ ପ୍ରଦାନ ବ୍ୟବସ୍ଥା କରାଯାଇଛି। ଜମି ମାଲିକଙ୍କ ସମ୍ମତିରେ ଠିକା ଆକାରରେ ଚାଷ କରୁଥିବା ଭାଗଚାଷୀଙ୍କ ପାଇଁ ଜମି ମାଲିକଙ୍କ ସହମତି ପତ୍ର ଓ ଖାତାଦାରଙ୍କ ସହମତି ପତ୍ରକୁ ପି- ପାସ୍‌ରେ ଅପଲୋଡ଼ କରାଯାଉଛି। ପଞ୍ଜୀକୃତ ଚାଷୀଙ୍କୁ ପଞ୍ଜୀକରଣର ପ୍ରମାଣ ସ୍ୱରୂପ ସ୍ଲିପ ଦିଆଯିବାର ନୂତନ ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ପ୍ରକୃତ ଚାଷୀ ସରକାରଙ୍କ ସୁବିଧା ପାଇପାରିବେ। ତେବେ ନୂଆ ନିୟମରେ ଚାଷୀ କାଗଜପତ୍ର ପ୍ରସ୍ତୁତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପଞ୍ଜୀକରଣରେ ସରଳୀକରଣ କରିଛନ୍ତି। ବାପା କି ଜେଜେ ବାପାଙ୍କ ନାମରେ ଜମି ଥିଲେ ବି ପୁଅମାନେ ଏଣିକି ପଞ୍ଜୀକରଣ କରିପାରିବେ। ଯେଉଁ ପୁଅ ଯେତେ ଜମି ଚାଷ କରୁଥିବେ ସେତିକି ଜମିର ପଞ୍ଜୀକରଣ କରିପାରିବେ। ଯଦି ଜଣେ ଭାଇ ସବୁ ଜମି ଚାଷ କରୁଛି ତେବେ ତାଙ୍କୁ ଅନ୍ୟ ଭାଇମାନଙ୍କର ଲିଖିତ ସ୍ୱୀକୃତିନାମା ଦାଖଲ କରିବାକୁ ହେବ ବୋଲି ସରକାରଙ୍କ ପକ୍ଷରୁ ନୂତନ ନିର୍ଦ୍ଦେଶନାମା ଆସିଛି। ଏହି ପ୍ରକ୍ରିୟା ଆସନ୍ତା ଅଗଷ୍ଟ ୨୦ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ କେଉଁ ଜମିରେ ଚାଷ ହୋଇଛି, ତାହା ଜଳସେଚିତ କିମ୍ବା ଅଣଜଳସେଚିତ ତାହା ପଞ୍ଜୀକରଣ ଦାୟିତ୍ୱରେ ଥିବା ପାକ୍ସ ସମ୍ପାଦକ ଅନୁମୋଦନ କରୁଛନ୍ତି। କ୍ଷେତ୍ରୀୟ ତଦନ୍ତ ପରେ ସମ୍ପୃକ୍ତ ଜମିରେ ଚାଷ ହୋଇ ନ ଥିବା ସ୍ପଷ୍ଟ ହେଲେ ସେଗୁଡିକୁ ବାଦ୍ ଦିଆଯାଉଛି। ପ୍ରତିବର୍ଷ ମିଛ ଚାଷ ପଞ୍ଜୀକରଣ ସଂଖ୍ୟା ବଢୁଛି। ଫଳରେ ଚାଷୀ ପଞ୍ଜୀକରଣର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠୁଛି। ପ୍ରକୃତ ଚାଷୀ ପଞ୍ଜୀକରଣରୁ ବାଦ ପଡୁଥିବା ବେଳେ କମ ଚାଷ କରି କିମ୍ବା କପା ଚାଷ କରି ଧାନ ଚାଷ ଦର୍ଶାଇ ପଞ୍ଜୀକରଣ କରିବାରେ ସକ୍ଷମ ହେଉଛନ୍ତି। ସେହିପରି ଅଧିକାଂଶ ଜମି ମାଲିକ ଚାଷ କରୁ ନ ଥିବା ବେଳେ ଭାଗଚାଷୀ ହିଁ ଚାଷ କରୁଛନ୍ତି। କିନ୍ତୁ ଭାଗଚାଷୀଙ୍କୁ ଜମି ମାଲିକ୍‌ମାନେ ନିଜର ସହମତି ପତ୍ର ଦେଉନାହାନ୍ତି। ଜମି ମାଲିକ ଚାଷ ନ କରି ନିଜ ନାମରେ ପଞ୍ଜୀକରଣ କରୁଛି। ଫଳରେ ଭାଗଚାଷୀର ଧାନ ବିକ୍ରି ଟଙ୍କା ଜମି ମାଲିକଙ୍କ ବ୍ୟାଙ୍କ ଖାତାରେ ଜମା ହେଉଛି। ଜମି ମାଲିକ ଟଙ୍କା କାଟି ରଖି ନିଜ ଇଚ୍ଛା ଅନୁସାରେ ଭାଗଚାଷୀଙ୍କୁ ଦେଉଥିବା ଅଭିଯୋଗ ହେଉଛି। ସରକାର ଏ ଦିଗରେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

## କଳାହାଣ୍ଡି ଜିଲାର ୬୦ ଆର୍‌ଆଇଙ୍କ ବଦଳି

**ଭବାନୀପାଟଣା,୨୮।୭ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାରେ ଗତ ଜୁନ ୧୩ରେ ବିଭିନ୍ନ ପଦବୀରେ କାର୍ଯ୍ୟରତ ରାଜସ୍ୱ କର୍ମଚାରୀଙ୍କ ବଦଳି ହୋଇଛି। ଏଥିରେ ଜିଲାର ୧୩ ତହସିଲର ୬୦ଜଣ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କୁ ବଦଳି କରାଯାଇଛି। ଏକସଙ୍ଗେ ଏତେ ସଂଖ୍ୟକ ଆର୍‌ଆଇଙ୍କ ବଦଳି କେତେକଙ୍କୁ ବିସ୍ମିତ କରିଛି। ଜମିଜମା ବାବଦ ସମସ୍ତ କାର୍ଯ୍ୟ ତଥା ରେକର୍ଡ ପ୍ରସ୍ତୁତି ଓ ପରିଚାଳନା କ୍ଷେତ୍ରରେ ଆର୍‌ଆଇଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କୁହାଯାଏ ଜମିଜମା ରେକର୍ଡର ପବିତ୍ରତା ହେଉଛି ଅଲଂଘନୀୟ ଓ ତାହା ରାଜସ୍ୱ ଅଧିକାରୀଙ୍କ ହାତରେ ସୁରକ୍ଷିତ। ଏପରିସ୍ଥଳେ ଜିଲାରେ ୬୦ ଆର୍‌ଆଇଙ୍କ ବଦଳି ହୋଇଥିବାବେଳେ ଏବେ ବି ୩୦ପଦବୀ ଖାଲି ପଡ଼ିଛି। ସେହିଭଳି

**ଖାଲିପଡ଼ିଛି ୩୦ ପଦବୀ**

ଅତିରିକ୍ତ ରାଜସ୍ୱ ନିରୀକ୍ଷକ ୩୫ଜଣ ଥିବାବେଳେ ୭୬ ପଦବୀ ଖାଲି ପଡିଛି। ଅମିନ ସଂଖ୍ୟା ୮୧ରୁ ଅଛନ୍ତି ୨୩ଜଣ। ସେହିପରି କନିଷ୍ଠ ରାଜସ୍ୱ ସହ କର୍ମଚାରୀ ପଦବୀ ୧୬୬ରୁ ୬୨ଟିରେ କେହି ନାହାନ୍ତି। ଦୀର୍ଘବର୍ଷ ହେବ ଜିଲା ମୁଖ୍ୟାଳୟରେ ଯେଉଁମାନେ ରହିଛନ୍ତି ସେମାନଙ୍କ ବଦଳି ହେଉନାହିଁ। ୧୦ରୁ ୧୫ବର୍ଷ ହେବ କେତେକ କର୍ମଚାରୀ ଜିଲାର ଭିନ୍ନ ଭିନ୍ନ ବିଭାଗରେ କାର୍ଯ୍ୟ କରିଆସୁଛନ୍ତି। ବଦଳି ନୀତି କେଉଁ ଆଧାରରେ ଗତି କରୁଛି ତାହା ଜଣାପଡୁନାହିଁ। ନୂଆ ସରକାରଙ୍କ ରାଜସ୍ୱ ବିଭାଗ ନୂଆ ନୀତି ଆପଣେଇ ସଂସ୍କାର କଥା କହୁଥିବା ସମୟରେ ବାସ୍ତବ ଚିତ୍ର ପ୍ରତି ଧ୍ୟାନ ଦେବା ଉଚିତ ବୋଲି ଅନେକେ ମତ ଦେଇଛନ୍ତି।

## ପ୍ରଧାନ ଶିକ୍ଷକଙ୍କ ବଦଳି ବିରୋଧରେ ସ୍କୁଲ ଗେଟ୍‌ରେ ତାଲା



ସ୍କୁଲ ଗେଟ୍‌ରେ ତାଲା ପକାଇ ବିକ୍ଷୋଭ କରୁଛନ୍ତି ଛାତ୍ରୀଛାତ୍ର।

**ରୁପ୍ରାରୋଡ,୨୮।୭(ସଞ୍ଜୀବ ଦାସ)**

କଳହାଣ୍ଡି ଜିଲା ନର୍ଲା ବ୍ଲକ୍ ରୁପ୍ରାରୋଡ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକଙ୍କ ଅନ୍ୟତ୍ର ବଦଳିକୁ ବିରୋଧକରି ସୋମବାର ଛାତ୍ରୀଛାତ୍ର ଓ ଅଭିଭାବକ ସ୍କୁଲ ଗେଟ୍‌ରେ ତାଲା ପକାଇଛନ୍ତି। ସୂଚନାକ୍ରମେ ରାଜ୍ୟ ଶିକ୍ଷା ବିଭାଗ ପତ୍ର ସଂଖ୍ୟା ୧୬୬୭୩/ତା୦୧।୦୭।୨୫ ଅନୁଯାୟୀ ବ୍ଲକ୍‌ର ବିଭିନ୍ନ ସ୍କୁଲରେ କାର୍ଯ୍ୟରତ ୮ଜଣ ଶିକ୍ଷକଙ୍କ ଜିଲା ଶିକ୍ଷା ବିଭାଗ ଅନୁମୋଦନକ୍ରମେ ବଦଳି ତାଲିକା ପ୍ରକାଶ ପାଇଥିଲା। ଏଥିରେ ରୁପ୍ରାରୋଡ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ତ୍ରିପାଠୀଙ୍କ ନାମ ରହିଥିଲା। ଏହା ଜାଣିବା ପରେ ଅଭିଭାବକ ଓ ଛାତ୍ରୀଛାତ୍ର ଆକ୍ରୋଶମୂଳକ ଭାବେ ଏପରି କରାଯାଇଥିବା ଅଭିଯୋଗ ଆଣି ଗତ ଶୁକ୍ରବାର ଓ ଶନିବାର ସ୍କୁଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାସହ ଜିଲାପାଳଙ୍କୁ ସାକ୍ଷାତକରି ଦାବିପତ୍ର ପ୍ରଦାନ କରିଥିଲେ। କିନ୍ତୁ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସୋମବାର ପୂର୍ବାହ୍ନ ୧୦ଟା ସମୟରେ ସ୍କୁଲ କମିଟି କର୍ମକର୍ତ୍ତାଙ୍କ ସହ ଅଭିଭାବକ ଓ ଛାତ୍ରୀଛାତ୍ର ଏକତ୍ରିତ ହୋଇ ପ୍ରଧାନ ଶିକ୍ଷକଙ୍କୁ ପୁନର୍ବାର ସ୍କୁଲକୁ ଫେରାଇଆଣିବାକୁ ଦାବିକରି ସ୍କୁଲ ଗେଟ୍‌ରେ ତାଲା ଦେଇ ଧାରଣାରେ ବସିଛନ୍ତି। ଏ ନେଇ ବ୍ଲକ୍ ଶିକ୍ଷା ବିଭାଗ ଅଧିକାରୀଙ୍କୁ ପଚାରିବାରୁ ପ୍ରଧାନ ଶିକ୍ଷକଙ୍କ ବଦଳି ଆମ ହାତରେ ନାହିଁ ବୋଲି ସୂଚନା ଦେଇଥିଲେ।

# ଧର୍ମଗଡ଼ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି

**ଧର୍ମଗଡ଼, ୨୮।୭ (ଘାସିରାମ ଜଗତ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏସ୍. ମିଶ୍ର ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୭୦ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା। ସେଥିରୁ ୫୩ ବ୍ୟକ୍ତିଗତ ଓ ୧୭ ସାମୂହିକ ରହିଥିବା ବେଳେ ୧୧ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଶିବିରରେ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ପାନୀୟଜଳ, ଜମି ବିବାଦ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲାପରିଷଦ ଦୟାମୟ ପାଢ଼ୀ, ଭାରପ୍ରାପ୍ତ ଉପଜିଲାପାଳ ଧର୍ମଗଡ଼ ଅଜୟ ପ୍ରକାଶ ତିର୍କୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ବବିତା ପାଟଯୋଷୀ, ଏନ୍‌ଏସି ଅଧ୍ୟକ୍ଷ ଅଶୋକ ମହାନ୍ତି, ବିଡିଓ ସଦାଶିବ ନାୟକ, ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. କିଶୋର କୁମାର ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ।

## ୧୭୮ ଅଭିଯୋଗରୁ ୩୨ ତୁରନ୍ତ ସମାଧାନ

**ଗୋଲାମୁଣ୍ଡା,୨୮।୭(ବଟକୃଷ୍ଣ ପଣ୍ଡା)**




ଶିବିରରେ ଉପସ୍ଥିତ ଲୋକପ୍ରତିନିଧି ଓ ଅଧିକାରୀ।

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ସୋମବାର ରେଙ୍ଗସାପାଲି ଗ୍ରାମ ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୭୮ ଅଭିଯୋଗ ମଧ୍ୟରୁ ୩୨ ସମସ୍ୟାର ତୁରନ୍ତ ସମାଧାନ ହୋଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଓ ତ୍ରିପୁରା ମହାନନ୍ଦ, ବିଇଓ ରାଜେଶ ନାଏକ, ସରପଞ୍ଚ ରଜନୀ ବୁଦ୍ଧିଆ, ସମିତି ସଭ୍ୟା ସଂଗୀତା ଜାନୀ, ସହକାରୀ ଯନ୍ତ୍ରୀ ଚିତ୍ତ ରଞ୍ଜନ ଜେନା, ସାମାଜିକ ସୁରକ୍ଷା ବିଭାଗ ପିତାମ୍ବର ନାଏକ, ରାଜସ୍ୱ ନିରୀକ୍ଷକ କ୍ଷମା ନିଧି ନାଏକ, ବ୍ଲକ କୃଷି ଅଧିକାରୀ ନାଉକେଶ୍ୱର ନାଗ, ପିଇଓ ଅଲେଖ ସା, ଏଡିଇଓ ଦିନବନ୍ଧୁ ନାଗଙ୍କ ସମେତ ପଞ୍ଚାୟତର ବହୁ ଜନସାଧାରଣ ଉପସ୍ଥିତ ଥିଲେ।

## ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ୨ ଗିରଫ

**ଖଡ଼ିଆଳ,୨୮।୭ (ସୁଜିତ କୁମାର ପ୍ରଧାନ)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରର ଏକ ବୈଦ୍ୟୁତିକ ଗଣମାଧ୍ୟମରେ ଖବରଦାତା ଭାବେ କାମ କରୁଥିବା ସତ୍ୟବ୍ରତ ଷଡଙ୍ଗୀଙ୍କୁ ଗତ ଜୁନ ୨୯ ତାରିଖରେ ଆକ୍ରମଣ ହୋଇଥିଲା। ଖଡ଼ିଆଳ ସହରର ଶ୍ୟାମକୁଞ୍ଜ ଲଜ୍ ନିକଟରେ ଥିବା ତାଙ୍କ ଦୋକାନ ଭିତରେ ପଶି ୩ଜଣ ଯୁବକ ସତ୍ୟବ୍ରତଙ୍କୁ ପୂର୍ବ ଶତ୍ରୁତାରୁ ଲୁହାରଡ୍‌ରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସେହିଦିନ ସତ୍ୟବ୍ରତ ଏ ନେଇ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏହାର ତଦନ୍ତ ଚଳାଇଥିବାବେଳେ ରବିବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଖଡ଼ିଆଳ ସହରର ଆଲୋକ ସାହୁ (୩୮) ଓ ସୁମନ୍ତ ସଗରିଆ (୩୪)। ଏ ନେଇ ପୋଲିସ ଏକ ମାମଲା (ନଂ.୧୯୬/୨୫) ରୁଜୁ କରି ସୋମବାର ୨ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଧରାଯିବ ବୋଲି ଖଡ଼ିଆଳ ଥାନା ଅଧିକାରୀ ଦିଲିପ କୁମାର ସାହୁ ପ୍ରକାଶ କରିଛନ୍ତି।

## ରଶି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

**ନୂଆପଡ଼ା,୨୮।୭ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ଥାନା ସିଆଲଲଟି ପଞ୍ଚାୟତ ଭାଲୁକୋନା ଗାଁରେ ରବିବାର ରାତିରେ ଜଣେ ଯୁବତୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ କୁମୁଦିନୀ ମାଝି (୨୦)। ସୂଚନା ଅନୁଯାୟୀ କୁମୁଦିନୀ ରବିବାର ସନ୍ଧ୍ୟାରେ ଘରୁ ବାହାରି ରାତି ପର୍ଯ୍ୟନ୍ତ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ଖବର ପାଇ ନ ଥିଲେ। ସୋମବାର ସକାଳେ ଗାଁ ଲୋକ ଶୌଚ ପାଇଁ ଯାଉଥିବା ସମୟରେ ଘର ପଛ ପଟେ ଏକ ଆମ୍ବ ଗଛ ତଳେ ବେକରେ ରଶି ଲାଗିଥିବା ଅବସ୍ଥାରେ ମୃତଦେହ ପଡିଥିବା ଦେଖିଥିଲେ। ଖବର ପାଇ କୋମନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ରହିଥିବାରୁ ପରସ୍ପର ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ପରେ ଯୁବତୀ ଜଣଙ୍କ ଏଭଳି କରିଥାଇପାରନ୍ତି ବୋଲି ପରିବାର ଓ ଗ୍ରାମବାସୀ ସନ୍ଦେହ କରିଛନ୍ତି। ଏ ନେଇ କୋମନା ଥନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ୩କି.ମି. ରାସ୍ତାରେ ଗଡି ଗଡି ଶିବ ମନ୍ଦିରରେ ଜଳ ଲାଗି

**ଧର୍ମଗଡ଼, ୨୮।୭ (ଘାସିରାମ ଜଗତ)**

ପବିତ୍ର ଶ୍ରାବଣ ମାସ ସୋମବାର ସବୁ ଶିବ ମନ୍ଦିରରେ ବୋଲବମ୍ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥାଏ। ମାନସିକ କରିଥିବା ଭକ୍ତମାନେ ବିଭିନ୍ନ ମୁଦ୍ରାରେ ମନ୍ଦିର ଯାଇ ଶିବଙ୍କ ମସ୍ତକରେ ଜଳ ଲାଗି କରିଥାନ୍ତି। କିଏ ଧାଇଁ ଧାଇଁ ତ ଆଉ କିଏ ଦଣ୍ଡ ମୁଦ୍ରାରେ ଯାଇଥାନ୍ତି। ବିଗତ କିଛି ବର୍ଷ ହେଲା ଧର୍ମଗଡ ଅଞ୍ଚଳରେ ବୋଲବମ୍ ଭକ୍ତମାନେ ରାସ୍ତାରେ ଗଡି ଗଡି ଯାଇ ଜଳ ଲାଗି କରିବା ନିଆରା ଦୃଶ୍ୟ ଦେଖିବାକୁ ମିଳୁଛି। ଶ୍ରାବଣ ମାସର ତୃତୀୟ ସୋମବାରରେ ଧର୍ମଗଡ ବସ୍ତିପଡ଼ାର ରାଧାକୃଷ୍ଣ ବୋଲବମ କମିଟି ଭକ୍ତମାନେ ସାଲେକେଲା ପଡ଼ା ଛକଠାରୁ ବ୍ରଜମୋହନ ପଞ୍ଚଦେବ ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିସରରେ ଥିବା ରୁଦ୍ରେଶ୍ୱର ଶିବ ମନ୍ଦିରକୁ ପ୍ରାୟ ତିନି କିଲୋମିଟର ରାସ୍ତା ଗଡି ଗଡି ଯାଇ ଜଳଲାଗି କରିଥିଲେ। ଏହି ଦୃଶ୍ୟ ସ୍ଥାନୀୟ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ଜାତୀୟ ରାଜପଥରେ ପ୍ରାୟ ୪୦ଜଣ ଏହି ଭକ୍ତ ଯାଉଥିବା ସମୟରେ କିଏ କ୍ଷୀର, ପାଣି, ଫୁଲ ପକାଉଥିଲା ତ କିଏ



ରାସ୍ତାରେ ଗଡି ଗଡି ଯାଉଥିବା ଶିବ ଭକ୍ତ।

ନିମ୍ବପତ୍ର ରାସ୍ତାରେ ପକାଇ ସେମାନଙ୍କ କଷ୍ଟ ଲାଘବ ପାଇଁ ଚେଷ୍ଟା କରୁଥିଲେ। ହରିବୋଲ ଓ ହୁଳହୁଳି ଧ୍ୱନିରେ ଧର୍ମଗଡ ସହର ପ୍ରକମ୍ପିତ ହୋଇଉଠିଥିଲା।

# ଲାଞ୍ଜିଗଡ଼ର ବିଭିନ୍ନ ସମସ୍ୟା ସମାଧାନ ଚିନ୍ତା

- ନାଗରିକ କମିଟି ବୈଠକରେ ଅସ୍ଥାୟୀ କମିଟି ଗଠନ
- ସରକାର, ପ୍ରଶାସନର ଦୃଷ୍ଟି ଆକର୍ଷଣ ପାଇଁ ନିଷ୍ପତ୍ତି

**ଲାଞ୍ଜିଗଡ଼, ୨୮।୭(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ୍‌ର ବିଭିନ୍ନ ସମସ୍ୟା ସମାଧାନ ନେଇ ସୋମବାର ସାପ୍ତାହିକ ବଜାର ପ୍ରାଙ୍ଗଣ ମିଶନ ଶକ୍ତି କାଫେ ପରିସରରେ ନାଗରିକ କମିଟି ପକ୍ଷରୁ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରସ୍ତାବିତ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ, ଆଇଟିଆଇ ସ୍ଥାପନ, ସବ୍‌ରେଜିଷ୍ଟ୍ରାର ଅଫିସ ଓ ଡିଗ୍ରୀ ମହାବିଦ୍ୟାଳୟ ସ୍ଥାପନ ସହ ମୁଖ୍ୟ ରାସ୍ତାର ସମ୍ପ୍ରସାରଣ ଭଳି ମୌଳିକ ସମସ୍ୟା କିଭଳି ସମାଧାନ ହେବ ସେ ଉପରେ ଆଲୋଚନା ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ଆର୍ଥିକ ଅନୁଦାନ ସତ୍ତ୍ୱେ ଲାଞ୍ଜିଗଡ଼ ଅଞ୍ଚଳରେ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଲାଞ୍ଜିଗଡ଼ଠାରେ



ବୈଠକରେ ଯୋଗଦେଇଥିବା କାର୍ଯ୍ୟକର୍ତ୍ତାମାନେ।

ଡିଗ୍ରୀ ମହାବିଦ୍ୟାଳୟ ଓ ଆଇଟିଆଇ ସ୍ଥାପନ ପାଇଁ ଜମି ଅଧିଗ୍ରହଣ ସରିଥିଲେ ବି କାମ ଆଗକୁ ବଢ଼ିପାରୁନାହିଁ। ଅଞ୍ଚଳର ଯୁବତୀଯୁବକ ଉଚ୍ଚ ଶିକ୍ଷା ତଥା ବୈଷୟିକ ଶିକ୍ଷାରୁ ବଞ୍ଚିତ ହୋଇ କେରଳ, କର୍ଣାଟକ, ତାମିଲନାଡୁ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଛତିଶଗଡ଼, ଗୁଜରାଟ ଆଦି ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି। ଲାଞ୍ଜିଗଡ଼ ସହର ମୁଖ୍ୟ ରାସ୍ତା ଅଣଓସାରିଆ ରହିଥିବାରୁ ବାରମ୍ବାର ଟ୍ରାଫିକ ସମସ୍ୟା ଦେଖାଦେଉଛି। ଟେଣ୍ଡର ପାଇ ମଧ୍ୟ ଠିକାଦାର ୨ବର୍ଷ ହେଲା ରାସ୍ତା କାମ ବନ୍ଦ ରଖିଛନ୍ତି। ଏହାକୁ ନେଇ ଗତ ଫେବୃଆରୀ ୨୦ରେ ଅଞ୍ଚଳବାସୀ ଜିଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ସେହିପରି ପ୍ରସ୍ତାବିତ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇଥିବା ବେଳେ ସବ୍‌ରେଜିଷ୍ଟ୍ରାର ଅଫିସ ସ୍ଥାପନ ପାଇଁ ୧ବର୍ଷ ହେଲା ନୋଟିଫିକେଶନ ବାହାରିଛି। କିନ୍ତୁ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏହିସବୁ ସମସ୍ୟା ସମାଧାନ ପାଇଁ ଏକ ଅସ୍ଥାୟୀ କମିଟି ଗଠିତ ହୋଇଛି। ଏଥିରେ ସଭାପତି ଭାବେ ଲିଙ୍ଗା ମାଝୀ, ଉପସଭାପତି ସୁରେଶ ଚନ୍ଦ୍ର ଅଗ୍ରୱାଲ, ସାଧାରଣ ସମ୍ପାଦକ ପରମାନନ୍ଦ ନାଏକ, ସହ ସମ୍ପାଦକ ହରିହର ରଣା, କୋଷାଧ୍ୟକ୍ଷ ଭାବେ ଏମ୍. ଚନ୍ଦ୍ରଶେଖର ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଉପଦେଷ୍ଟା କମିଟିରେ ଅବସରପ୍ରାପ୍ତ ଶିକ୍ଷକ ଉଦୟ କୁମାର, ନିରଞ୍ଜନ ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ନାଏକ, ସରସ୍ୱତୀ ମୁଣ୍ଡା, ମନୋଜ ମହାପାତ୍ର, ଯୋଜନା କମିଟି ସଭାପତି ଭାବେ ବିନୋଦ ଗଉଡ଼, ମାନବେନ୍ଦ୍ର ଜେନା, ମହିଳା କମିଟିର ସଭାନେତ୍ରୀ ଭାବେ ସରସ୍ୱତୀ ମୁଣ୍ଡା ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ଆଗାମୀ ଦିନରେ ଅଞ୍ଚଳର ସମସ୍ୟା ସମାଧାନ ପାଇଁ ସରକାର ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ସଂକ୍ଷେପରେ

### ବିଦ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ମାମଲା ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

ବରଗଡ଼,୨୮।୭(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲାର ଜଣେ ବିଦ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ବରଗଡ଼ ପକ୍ସୋ ଜଜ୍ ଏହି ମାମଲାର ବିଚାର କରି ଅଭିଯୁକ୍ତ କୁନୁ ଓରଫ୍ ସମୀର ସେଠଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ପୁନର୍ବାସ ସକାଶେ କ୍ଷତିପୂରଣ ବାବଦକୁ ୧୦ଲକ୍ଷ ଟଙ୍କା ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶଥାଉକି, ୨୦୧୫ ଅଗଷ୍ଟ ୪ତାରିଖରେ ଜଣେ ବିଦ୍ୟାଙ୍ଗ (ମୂକ, ବଧିର) ନାବାଳିକା ଗ୍ରାମର ଏକ ଜଳାଶୟକୁ ଗାଧୋଇବା ପାଇଁ ଯାଇଥିବାବେଳେ ଅଭିଯୁକ୍ତ ଜଣକ ତାଙ୍କୁ ଏକ ପରିତ୍ୟକ୍ତ ଘରକୁ ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ପୀଡ଼ିତାଙ୍କ ମା' ଏ ନେଇ ଅଭିଯୋଗ କରିବା ପରେ ସେତେବେଳେ ଏକ ମାମଲା ରୁଜୁ ହୋଇଥିଲା ଏବଂ ସେହି ମାମଲା ପକ୍ସୋ କୋର୍ଟରେ ବିଚାରାଧିନ ଥିଲା। ପକ୍ସୋ ଜଜ୍ ମାମଲାର ବିଚାର ସମୟରେ ପୀଡ଼ିତାଙ୍କ ପକ୍ଷରୁ ୧୪ଜଣଙ୍କ ସାକ୍ଷ୍ୟ ପ୍ରଦାନ ସହିତ ୧୯ପ୍ରସ୍ତାବିଜ କୋର୍ଟରେ ଦାଖଲ କରାଯାଇଥିଲା। ଅତିରିକ୍ତ ସରକାରୀ ଓକିଲ ଦୁତିଶ ଆଗାର୍ଯ୍ୟ ଏହି ମାମଲା ପରିଚାଳନା କରୁଥିଲେ।

### ଗ୍ରାମପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ବୀରମହାରାଜପୁର,୨୮।୭(ଯୁଗଳ କିଶୋର ମିଶ୍ର): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହରେ ଚମ୍ପାମାଳ ପଞ୍ଚାୟତର ଅଭିଯୋଗ ଶୁଣାଣି ସୋମବାର ପୂର୍ବାହ୍ନ ୧୦ଟାଠାରେ ଅନୁଷ୍ଠିତ ହୋଇଯାଇଛି। ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ୬ଟି ବ୍ୟକ୍ତି ଗତ ଅଭିଯୋଗର ଶୁଣାଣୀ କରିଥିଲେ ଅଧିକାରୀମାନେ। ଏହି କାର୍ଯ୍ୟକ୍ରମରେ ପିଇଓ ଅକ୍ଷୟ କୁମାର ଭୋଇ, ସାମାଜାଣୀ ପଣ୍ଡା, ଏପିଓ ଅମୃତାଂଶୁ ପାତ୍ର, କୃଷି ଅଧିକାରୀ ସନ୍ଧ୍ୟାଶ୍ରୀ ଭୁଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ଶିକ୍ଷକ ହାରାଧନଙ୍କ ବିୟୋଗରେ ଶୋକସଭା

ଗୋଡ଼ଭଗା/ଅତାବିରା ୨୮।୭

(ସୁରେଶ ଦାଶ / ଯୁଧିଷ୍ଠିର ମହାପାତ୍ର): ଅତାବିରା ବ୍ଲକ ଗୋଡ଼ଭଗାର ଅବସରପ୍ରାପ୍ତ ଶିକ୍ଷକ ତଥା ସାମାଜିକ କର୍ମୀ ଗୋଡ଼ଭଗା ନାଗରିକ କମିଟିର ସଭାପତି ହାରାଧନ ବାରିକଙ୍କ ସୋମବାର ୭୧ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସକାଳେ ଅସୁସ୍ଥତା ଅନୁଭବ କରିବା ପରେ ପରିବାର ଲୋକେ ତାଙ୍କୁ ବୁର୍ଲା ବଡ ମେଡ଼ିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୋକାକୁଳ ପରିବେଶରେ ତାଙ୍କର ଅନ୍ତିମ ସଂସ୍କାର ଜୋଙ୍କ ଧାର୍ମିକ ସ୍ଥିତ ସତୀଜୋର ଶ୍ମଶାନରେ କରାଯାଇଥିଲା। ତାଙ୍କ ପୁତ୍ର ଗେଟମ ବାରିକ ମୁଖାଗ୍ନି ଦେଇଥିଲେ। ଅନ୍ତିମ ସଂସ୍କାର ସମୟରେ ଗୋଡ଼ଭଗା ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସନ୍ଧ୍ୟାରେ ହାରାଧନଙ୍କ ବିୟୋଗରେ ଦୁର୍ଗା ମଣ୍ଡପଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସଭାପତି ରାମକିସନ ଅଗ୍ରୱାଲ, ସମ୍ପାଦକ ଦେବେନ୍ଦ୍ର ରଥ, କୁଳମଣି ପ୍ରଧାନ, ସୁରେଶ ଦାଶ, ମଧୁସୂଦନ ଶର୍ମା, ବିଜୁ ମହାନ୍ତି, ସତିଶ ଦାଶ, ପୁରନ ସେଠ, ପ୍ରେମରାଜ ପ୍ରଧାନ, ଅନିରୁଦ୍ଧ ଖମାରୀ, ଅଶ୍ୱିନୀ ପ୍ରଧାନ, ପ୍ରଦୀପ ପ୍ରଧାନ ଉପସ୍ଥିତ ଥିଲେ।

# ଧାନବିକ୍ରି ପଞ୍ଜୀକରଣରେ ନୂଆନୀତି, ମୁହଁ ଫେରାଉଛନ୍ତି ଚାଷୀ

- ପ୍ରତ୍ୟାହାର ଦାବିରେ ୪୧ପାକ୍ସରେ ଦାବିପତ୍ର
- ଦାବି ପୂରଣ ନ ହେଲେ ଦୁର୍ବାର ଆନ୍ଦୋଳନ


ରୁଷୁଡ଼ା ପାକ୍ସରେ ଚାଷୀଙ୍କ ଦାବିପତ୍ର ପ୍ରଦାନ।

ବରଗଡ଼,୨୮।୭(ପ୍ରେମାନନ୍ଦ ଖମାରୀ)

ରାଜ୍ୟରେ ଭାଜପା ସରକାର ଶାସନକୁ ଆସିବା ପରେ ନିର୍ବାଚନୀ ପ୍ରତିଶ୍ରୁତି ଅନୁଯାୟୀ, ଧାନ କୁଇଣ୍ଟାଲ ପ୍ରତି ୮୦୦ଟଙ୍କା ଇନପୁଟ୍ ଆସିଷ୍ଟାଣ୍ଟ ପ୍ରଦାନ କରୁଛି। ଏଥିରେ ଚାଷୀମାନେ ଖୁସି ପ୍ରକଟ କରିଥିଲେ। କିନ୍ତୁ ଧାନବିକ୍ରିରେ ସେଭଳି ଗୋଟିଏ ପରେ ଗୋଟିଏ କଟକଣା ଲାଗୁ ହେଉଛି, ତାହା ଚାଷୀଙ୍କ ଦୁଃଖ ବଢ଼ାଇ ଦେଇଛି। ଶାସନକୁ ଆସିବା ପରେ ସରକାର ପ୍ରଥମେ ଧାନ ଗୁଣମାପ ପରୀକ୍ଷା ପାଇଁ ମଣ୍ଡିରେ ଆନାଲାଇଜର ମେସିନ ସ୍ଥାପନ କଲେ। ତାକୁ ନେଇ ଅସନ୍ତୋଷ ଥମି ନଥିବାବେଳେ ଏବେ ଚାଷୀ ପଞ୍ଜୀକରଣରେ ନୂଆନୀତି ଅଡୁଆ ସ୍ଥିତି ସୃଷ୍ଟି କରିଛି। ସରକାରଙ୍କ ଏଭଳି ନୀତି ନିୟମରୁ ସରକାରଙ୍କ ଉପରୁ ଭରସା ତୁଟିବ ସହିତ ସେଥିପ୍ରତି ଚାଷୀମାନେ ମୁହଁ ଫେରାଉଥିବା ପରିଲକ୍ଷିତ ହୋଇଛି। ବର୍ତ୍ତମାନ ନୂଆ ନୀତି, ନିୟମରେ ଚାଲିଥିବା ଚାଷୀ ପଞ୍ଜୀକରଣରୁ ଏହା ସ୍ପଷ୍ଟ ହେଉଛି।

ସାଧାରଣତଃ ରବି ତୁଳନାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଅଧିକ ଚାଷୀ ପଞ୍ଜୀକୃତ ହୋଇଥାନ୍ତି। ଗତବର୍ଷ ଖରିଫରେ ବରଗଡ଼ ଜିଲାରେ ୧ଲକ୍ଷ ୫୨ହଜାର ଚାଷୀ ପଞ୍ଜୀକୃତ ହୋଇଥିଲେ। ତେବେ ଏଥର ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଗତ ଜୁଲାଇ ମାସ ୧୯ତାରିଖରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସୁଖା ଗତ ୨୭ତାରିଖ ପର୍ଯ୍ୟନ୍ତ ଜିଲାର ୫୮ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ମାତ୍ର ୪୭୨୦ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ସେଥିମଧ୍ୟରୁ ଅଡ଼ୱାଁ ପ୍ରାଥମିକ କୃଷି ସମବାୟ ସମିତିରେ ୬୩, ଆଗଲପୁରରେ ୧୪, ଅତାବିରାରେ ୧୬୧, ବଡ଼ବାଉଁଶେନରେ ୪, ବରିକେଳରେ ୧୭, ବରପାଲିରେ ୯୭, ଭଟଲିରେ ୧୨୨, ଭେଡ଼େନରେ ୨୫୯, ଭୁଖାରେ ୨୭, ବିଜେପୁରରେ ୫୦, ବୁଡ଼େନରେ ୭, ଚଢ଼େଇଗାଁରେ ୭୨, ଦହିଗାଁରେ ୮୫, ଡାଙ୍ଗବାହାଲରେ ଜଣେ, ଡଭାରେ ୧୯୪, ଗାଇସିଲେଟରେ ଜଣେ, ଘେଁସରେ ୧୪୩, ଗୋବିନ୍ଦପୁରରେ ୬୨ଜଣ ଚାଷୀ ରହିଛନ୍ତି। ସେହିପରି ଜମଲାରେ ୮, ଜାମସେଠରେ ୨୨, ଝରବନ୍ଧରେ ୨୪୦, ଝିଲିମିଣ୍ଡାରେ ୧୮୦, କଣ୍ଡପାଲାରେ ୨୧, କନସିଂହାରେ ୪୭, କଟାବାହାଲରେ ୨, କଟାପାଲି(ବରପାଲି)ରେ ୪୩, କଟାପାଲି(ବରଗଡ଼)ରେ ୬୮, କଠଉମାଲରେ ୨, କେଶେଇପାଲିରେ ୧୦୫, କୁମ୍ଭାରୀରେ ୧୩୪, କୁଣ୍ଡାଖାଇରେ ୩୧, ଲହଣ୍ଡାରେ ୨୧୫, ଲଖନପୁରରେ ୯, ଲଖମରାରେ ୧୬, ଲଦରାରେ ୧୯୧, ଲଉଡ଼ିଦର୍ହାରେ ୧୦୦, ଲାଉମୁଣ୍ଡାରେ ୩୮, ମେଲଛାମୁଣ୍ଡାରେ ୩୫, ଏମ. ଶ୍ରୀଗିଡ଼ାରେ ୧୯, ନାରାୟଣ ଏସ୍‌ପିଏସରେ ୨୮, ପଦ୍ମପୁରରେ ୩୮, ପାହାଡ଼ଶ୍ରୀଗିଡ଼ାରେ ୮୯, ପାଇକମାଲରେ ୧୦୭, ପଲସପଦାରେ ୬୨, ପାଣିମୋରାରେ ୧୧୮ ଚାଷୀ ରହିଛନ୍ତି। ସେହିପରି ରେମଣ୍ଡାରେ ୩୭, ରୁଷୁଡ଼ାରେ ୬୬, ସାଇପାଲିରେ ୪୫, ସମଲେ ସମିତିରେ ୨, ଶନିମାଲରେ ୭୫, ସଂକ୍ରାଡ଼ାରେ ୧୪୧, ସରକଣ୍ଡାରେ ୧୯୧, ସରସରାରେ ୧୬୭, ସିଆଲଖଣ୍ଡହଥାରେ ୬୫, ସୋହେଲାରେ ୧୨୦, ଟାମ୍ପରସାରେ ୨୩୩, ତୋରାରେ ୧୧୭ ଏବଂ ଉର୍ଦ୍ଦୁନାରେ ପ୍ରାଥମିକ କୃଷି ସମବାୟ ସମିତିରେ ୮୭ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ତେବେ ଏହା କେବଳ ବରଗଡ଼ ଜିଲାର ଚିତ୍ର ଅଟେ। ସାରାରାଜ୍ୟରେ ଏଭଳି ସମସ୍ୟା ଉପୁଜିଛି। ଗତବର୍ଷ ଖରିଫରେ ରାଜ୍ୟରେ ୧୯ଲକ୍ଷ ଚାଷୀ ପଞ୍ଜୀକୃତ ହୋଇଥିଲେ। କିନ୍ତୁ ଏଥର ଗତ ୨୭ତାରିଖ ସୁଖା ରାଜ୍ୟରେ ୧ଲକ୍ଷ ୪୯ହଜାର ୫୫୬ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ସୂଚନା ମିଳିଛି।

ପଞ୍ଜୀକରଣରେ ରାଜ୍ୟ ସରକାର ଏଥର ଧାନବିକ୍ରି ପାଇଁ ଆଣିଥିବା କଟକଣା ଏହାର କାରଣ ସାଜିଛି। ଏଥର ପଞ୍ଜୀକରଣରେ ବଂଶାୟ ସହମତି, ପଞ୍ଜୀକୃତ କେନ୍ଦ୍ରରେ ଅଂଶୀଦାରଙ୍କ ଉପସ୍ଥିତି, ଚକ୍ଷୁଷ୍ମାନ, ସହମତି ପ୍ରଦାନ ଆଦିକୁ ବାଧ୍ୟତାମୂଳକ କରାଯାଇଛି। ଏଭଳି ନିୟମ ପ୍ରଣୟନ ଦ୍ୱାରା ଜିଲାର ୭୦ପ୍ରତିଶତ ଚାଷୀ ବଞ୍ଚିତ ହେବେ ବୋଲି ଚାଷୀ ସଙ୍ଗଠନ ଗୁଡ଼ିକ ଅଭିଯୋଗ କରିଥିବାବେଳେ ବିରୋଧୀ ବିଜେଡି ଏବଂ କଂଗ୍ରେସ ମଧ୍ୟ ଚାଷୀଙ୍କ ସହିତ ସ୍ୱର ମିଳାଇଛି ଏବଂ ନୂତନ ନିୟମ ପ୍ରତ୍ୟାହାର କରିବା ସହିତ ପୁରୁଣା ପଦ୍ଧତିରେ ଧାନ କିଣିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ସୋମବାର ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ପଞ୍ଜୀକରଣ ନୂଆନୀତିକୁ ବିରୋଧ କରି ଜିଲାର ୪୧ ପ୍ରାଥମିକ କୃଷି ସମବାୟ ସମିତିରେ ସ୍ଥାନୀୟ ସମିତି ସମ୍ପାଦକମାନଙ୍କୁ ଦାବିପତ୍ର ପ୍ରଦାନ କରି ନୂଆନୀତିକୁ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। ଝରବନ୍ଧ ଲଉଡ଼ିଦର୍ହା, ଲଖମରା, ପଲସପଦା, ପଦ୍ମପୁର, ବରିକେଳ, ବୁଡ଼େନ, ଦହିଗାଁ, ଜମଲା, କନସିହା, ଗାଇସିଲେଟ, କୁଣ୍ଡାଖାଇ, ଡାଙ୍ଗବାହାଲ, ବିଜେପୁର, ଏମ. ଶ୍ରୀଗିଡ଼ା, ମେଲଛାମୁଣ୍ଡା, ଶନିମାଲ, ଘେଁସ, ସରକଣ୍ଡା, ବରପାଲି, ଆଗଲପୁର, ସହେଲା, କୁମ୍ଭାରୀ, କଟାପାଲି(ବରଗଡ଼), ଚଢ଼େଇଗାଁ, ଉର୍ଦ୍ଦୁନା, କେଶେଇପାଲି, ଭଟଲି, ଭୁଖା, କଣ୍ଡପାଲା, ଲଖନପୁର, ଅଡ଼ୱାଁ, କଟାପାଲି(ବରପାଲି), ଗୋବିନ୍ଦପୁର, ସରସରା, ତୋରା, ସିଆଲଖଣ୍ଡହଥା, ରେମଣ୍ଡା, ରୁଷୁଡ଼ା, ସଂକ୍ରାଡ଼ା ଏବଂ ଭେଡ଼େନ ପ୍ରାଥମିକ କୃଷି ସମବାୟ ସମିତିରେ ସଂଗଠନର ପ୍ରତିନିଧିମାନେ ଏଭଳି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ଚାଷୀମାନେ ଦୁର୍ବାର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଦାବିପତ୍ରରେ ଚେତାବନୀ ଦିଆଯାଇଛି।

### ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟରେ ପ୍ରବଚନ କାର୍ଯ୍ୟକ୍ରମ

ବୀରମହାରାଜପୁର, ୨୮।୭ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଦର ମହକୁମାସ୍ଥିତ ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନ ୧୧ଟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ନିର୍ଦ୍ଧାରିତ ସୂଚୀ ମତେ ପବିତ୍ର ଶ୍ରାବଣ ମାସର ତୃତୀୟ ସୋମବାର ଅବସରରେ ଭଗବାନ ଶିବ ଶଙ୍କରଙ୍କ ଉପରେ ଆଧାରିତ ପ୍ରବଚନ ରଖିଥିଲେ ଭୂଷଣ କୁମାର ପାତ୍ର। ନନ୍ଦିଘୋଷ ଆଧ୍ୟାତ୍ମିକ ପରିଷଦ ସଭାପତି ଯୁଗଳ କିଶୋର ମିଶ୍ର, ବ୍ୟାସ ଗାୟକ ସତ୍ୟ ନାରାୟଣ ଚାନ୍ଦ, ଦ୍ୱିତୀକୃଷ୍ଣ ପଣ୍ଡା, ଶଙ୍କର ମେହେର, ଦିଲୀପ ତ୍ରିପାଠୀ, ମାନକେତନ ମେହେର ସହଯୋଗ କରିଥିଲେ। ଅନୁଷ୍ଠାନ ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ପ୍ରବକ୍ତା କୃଷ୍ଣଚନ୍ଦ୍ର ପାଢ଼ୀ, ସମ୍ପାଦକ ସନ୍ତୋଷ କୁମାର ଷଡଙ୍ଗୀ, ପାରାୟଣ ଗାୟକ ଶ୍ରୀନିବାସ ନାୟକ, ପୀତବାସ ପଣ୍ଡା, ପୂର୍ବତନ ସଭାପତି ଭଗବାନ ମିଶ୍ର, ସୁଦାମ ଚରଣ ସେଠୀ, ଚମରା ମହାକୁର, କିଶୋର ତ୍ରିପାଠୀ, ପ୍ରଭାକର ମିଶ୍ର, ନିତ୍ୟାନନ୍ଦ ତ୍ରିପାଠୀ, ବଳରାମ କାଣ୍ଡ, ରାଧେଶ୍ୟାମ ରାଏ, ଶ୍ୟାମସୁନ୍ଦର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ କୋଷାଧ୍ୟକ୍ଷ ଦୟାନିଧି ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ବଲପୁରୀ ଦିନ୍ ପାଳନ ପାଇଁ ଖବରଦାତା ସମ୍ମିଳନୀ

ପଦ୍ମପୁର,୨୮।୭(ପ୍ରଦୀପ୍ତ ଦାଶ)

ପଦ୍ମପୁର ବୁଡ଼ସମ୍ବର ଅଞ୍ଚଳ ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ 'ସିରଜନା' ତରଫରୁ ଆଗାମୀ ଅଗଷ୍ଟ ୧ ତାରିଖ ତଥା ଗୁରୁ ଶ୍ରୀ ସତ୍ୟନାରାୟଣ ବହିଦାର ଓ ଶ୍ରୀଧର ପ୍ରଧାନଙ୍କ ଜନ୍ମ ଜୟନ୍ତୀକୁ 'ସମ୍ବଲପୁରୀ ଦିନ୍' ଭାବରେ ପାଳନ କରାଯିବ। ଏ ନେଇ ଅନୁଷ୍ଠାନ ଆଜୀବନ ସଦସ୍ୟ ଆଦିତ୍ୟ ରଥଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଏଥିରେ ସମ୍ପାଦକ ନାଟ୍ୟକାର ରାଜେନ୍ଦ୍ର କୁମାର ମହାନ୍ତି ଚଳିତ ବର୍ଷ ପାଳନ ହେବାକୁ ଯାଉଥିବା 'ସମ୍ବଲପୁରୀ' ଦିନର ରୂପରେଖ ଉପରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ। ସମ୍ପାଦକଙ୍କ ସୂଚନାନୁସାରେ, ଚଳିତ ବର୍ଷ


ଖବରଦାତା ସମ୍ମିଳନୀରେ ଉଦ୍ୟୋକ୍ତାମାନେ ସୂଚନା ଦେଉଛନ୍ତି।

ସ୍ଥାନୀୟ କବି, କଳାକାରଙ୍କ ପ୍ରତିଭାକୁ ଉପସ୍ଥାପିତ କରିବା ପାଇଁ ସୁଯୋଗ ଦିଆଯିବ। ଚଳିତ ବର୍ଷ ପ୍ରଥମକରି ସମ୍ବଲପୁରୀ ଫ୍ୟାଶନ ଶୋ 'ସମ୍ବଲପୁରୀ ବାନ୍ଧ, ନମ୍ବ' କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଉପସ୍ଥିତ ପୂର୍ବତନ ସଭାପତି ସଞ୍ଜୟ ବହିଦାର ସମ୍ବଲପୁରୀ ଭାଷାର ବୈଶିଷ୍ଟ୍ୟକୁ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ପ୍ରତାପ ନାଥ,ଡାକ୍ତର ଅଜିତ କୁମାର ମେହେର, କିଶୋର ପାତ୍ର, ଭୋଜରାଜ ବୁଡେକ, କୁଞ୍ଜବିହାରୀ ସରାଫ, ଅଧ୍ୟାପକ ଗୌରାହ୍ୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପ ସଭାପତି ଆନନ୍ଦ କୁମାର ବେହେରା ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

### ଘେଁସରେ କଥା ସମ୍ରାଟ ମନୋହର ଜୟନ୍ତୀ

ସୋହେଲା,୨୮।୭ (ଅଶ୍ୱିନୀ କୁମାର ପାତ୍ର): ବରଗଡ଼ ଜିଲା ଘେଁସଠାରେ ରବିବାର ସମ୍ବଲପୁରୀ କୋଶଲି ଭାଷାର ଦିବଂଗତ କଥାକାର ମନୋହର ସାହୁଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଅଭିମନ୍ୟୁ ସାହିତ୍ୟ ସଂସଦର ସଭାପତି ସୁଶାନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱ ଓ ବରିଷ୍ଠ ସଦସ୍ୟ ସାହିତ୍ୟିକ ଅଶୋକ କୁମାର ପୁଜାହାରୀଙ୍କ ପରିଚାଳନାରେ ଅନୁଷ୍ଠିତ ଉକ୍ତ ସଭାରେ ପ୍ରଫେସର ନାଟ୍ୟକାର କେଶରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି, ଗବେଷକ ଡ଼ ସୁବାସ ମେହେର ମୁଖ୍ୟ ବକ୍ତା ଏବଂ ପଦ୍ମଶ୍ରୀ ହଲଧର ନାଗ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ କଥାକାର ମନୋହର ସାହୁଙ୍କ ବହୁମୁଖୀ ପ୍ରତିଭା ସମ୍ବନ୍ଧରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀପ କୁମାର ଦେବତା, ଗୌରାଙ୍ଗ ପାଣ୍ଡେ, ନରେନ୍ଦ୍ର ମହାନ୍ତି ପ୍ରମୁଖ କଥାକାରଙ୍କ ଜୀବନାଦର୍ଶ ଓ ସାହିତ୍ୟକୃତି ବିଷୟରେ ଆଲୋକପାତ କରିଥିଲେ। ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ କଥାକାର ମନୋହର ସାହୁ ସମ୍ମାନ-୨୦୨୫ ବିଶିଷ୍ଟ ଔପନ୍ୟାସିକ ତେଜରୁ ବାରିକଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ସଭା ସହିତ କବିଅଧିକାରୀ ସାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ନତିଶ ଆଚାର୍ଯ୍ୟ, ହରିଲାଲ ସାହୁ, ରାମପ୍ରସାଦ ବାଗ, ଗୁଣସାଗର ସାହୁ, ସାଧନ ଭୋଇ, ଆକାଶ ସାହୁ, ସଦାନନ୍ଦ ମେହେର ପ୍ରମୁଖ ପ୍ରତିଭାଙ୍କ ଗୁଣାବଳୀ ବର୍ଣ୍ଣନାପୂର୍ବକ ନିଜ ନିଜ କବିତା ଆବୃତ୍ତି କରିଥିଲେ। କାର୍ଯ୍ୟକ୍ରମରେ କବି ସୁକୁମାର ଭୋଇଙ୍କ ଦୁଇଗୋଟି କବିତା ପୁସ୍ତକ ଲୋକାର୍ପିତ ହୋଇଥିଲା। ଉକ୍ତ ସାହିତ୍ୟ ସଂସଦର ସଙ୍ଗୀତ ବିଭାଗ ପକ୍ଷରୁ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରାଯାଇଥିଲା ଏବଂ ସମ୍ପାଦକ ଶୋଭାକର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁକନ୍ୟା ବିକ୍ରିକୁ ଖଣ୍ଡନ କଲେ ପାଇକମାଳ ଦମ୍ପତି

ପାଇକମାଳ, ୨୮।୭(ବଚ୍ଚ ଶତପଥୀ)

ଟିଟିଲାଗଡ ଅଞ୍ଚଳରେ ଶିଶୁ କନ୍ୟାକୁ ୨୦ ହଜାର ଟଙ୍କାରେ ବିକ୍ରି କରାଯାଇଥିବା ରବିବାର ଅଭିଯୋଗ ହୋଇଥିଲା। ଏହି ଶିଶୁ କନ୍ୟାକୁ ପାଇକମାଳରୁ ଉଦ୍ଧାର କରାଯାଇଥିବା ବେଳେ ୨୦ହଜାର ଟଙ୍କା ଦେଇ କ୍ରୟ କିଣିଥିବା ଅଭିଯୋଗକୁ ସ୍ଥାନୀୟ ଅଞ୍ଚଳର ଗୁର୍ଲା ଦମ୍ପତି ଖଣ୍ଡନ କରିଛନ୍ତି। ବରଗଡ଼ ଜିଲା ପାଇକମାଳ ବସୁଣ୍ଡ ପଡ଼ାରେ ରୁହନ୍ତି ସଞ୍ଜୟ ଗୁର୍ଲା ଓ ତାଙ୍କ ସ୍ତ୍ରୀ। ଭଗବାନ ତାଙ୍କ କୋଳକୁ ସନ୍ତାନଟିଏ ଦେଇ ନାହାନ୍ତି। ଏଥିପାଇଁ ସେମାନେ ବହୁ କଷ୍ଟରେ ଟିଟିଲାଗଡ଼ ନିକଟସ୍ଥ ଭାଲେଗାଁ ପଞ୍ଚାୟତ ବାଗଡେରା ଗ୍ରାମର ନୀଳ ରଣାଙ୍କର ସାତ ଦିନର ଜନ୍ମିତ ଶିଶୁ କନ୍ୟାକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ। ଏହି ଶିଶୁ କନ୍ୟାକୁ ଟିଟିଲାଗଡ଼ରୁ ରବି ମାଝିଙ୍କ ଜରିଆରେ ଏକ ମାସ ତଳେ ଘରକୁ ଆଣିଥିଲେ। ମାସେ ଧରି ଶିଶୁଙ୍କୁ ବହୁତ ସ୍ନେହ ମମତା ଦେଇ ଲାଳନ ପାଳନ କରିଥିଲେ। କିନ୍ତୁ ରବିବାର ରାତି ଅଧରେ ଟିଟିଲାଗଡ଼ ପୋଲିସ ସହ ସିଡବ୍ଲୁସି ଅଫିସରମାନେ ଘରୁ ଶିଶୁକନ୍ୟାକୁ ଉଠାଇ ନେଇଲେ ବୋଲି ସଞ୍ଜୟ ଗୁର୍ଲା କହିଛନ୍ତି। ଏ ନେଇ ପାଇକମାଳ ପୋଲିସକୁ ପଚାରିବାରୁ ଟିଟିଲାଗଡ଼ ପୋଲିସ ଆସି ଶିଶୁ କନ୍ୟାକୁ ଉଦ୍ଧାର କରିଥିବା ଜାଣିଛି ବୋଲି ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ କହିଛନ୍ତି।

## ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଶ୍ୱ ହେପାଟାଇଟିସ ଦିବସ

ବରଗଡ଼,୨୮।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୋମବାର ଜିଲା ସ୍ୱାସ୍ଥ୍ୟ ସମିତି ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆନୁକୂଲ୍ୟରେ ବିଶ୍ୱ ହେପାଟାଇଟିସ ଦିବସ ପାଳିତ ହୋଇଯାଇଛି। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଶ୍ୱଜିତ୍ ଯୋଶୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡା. ଶ୍ରୀକୃଷ୍ଣ ବଲ୍ଲଭ ମହାନ୍ତି, ଡା. ବିନୟ ବେହେରା, ଡା. ସୁବାସ ଅଗ୍ରୱାଲ, ଡା. ସତିଶ କୁମାର ନାଏକ, ଡା. ଅଲିଶା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ହେପାଟାଇଟିସ ଓ ତାର ନିରାକରଣ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଜିଲା ତଥ୍ୟ ପ୍ରବନ୍ଧକ ଅଜିତ ମେହେର, ସ୍ୱାଗତିକା



ବିଶ୍ୱ ହେପାଟାଇଟିସ ଦିବସରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ମିଶ୍ର, ପ୍ରକାଶ ମହାପାତ୍ର, ଭାନୁପ୍ରିୟା ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ରାଣୀ ପ୍ରତାପ ସ୍କୁଲ ଛାତ୍ରୀ ଶାଳିନି ସା, ଧରିତ୍ରୀ ରାଉତ, ପ୍ରାଚୀ ଭୋସାଗରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସ୍ୱାସ୍ଥ୍ୟ ସଚେତନତା ସମ୍ବନ୍ଧୀୟ ପ୍ରଶ୍ନ, ଉତ୍ତର କାର୍ଯ୍ୟକ୍ରମରେ ବିଭିନ୍ନ ନର୍ସିଂ ମହାବିଦ୍ୟାଳୟର ୬ଜଣ ଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

## ସ୍ନାତକରେ ସର୍ବୋଚ୍ଚ ନମ୍ବର ରଖି ଅର୍ଚ୍ଚନା ପୁରସ୍କୃତ


ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ବରପାଲି ୨୮।୭(ଚିତ୍ତରଞ୍ଜନ ସାହୁ)

ଜଗବନ୍ଧୁ ଦାଶ ସ୍ୱାତକ ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଛାତ୍ରୀ ଅର୍ଚ୍ଚନା ସାହୁ (୨୦୨୨-୨୦୨୫ ଶିକ୍ଷା ବର୍ଷ) ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ତରୀୟ ଓଡ଼ିଆ ସମ୍ମାନ ସ୍ନାତକରେ ସର୍ବୋଚ୍ଚ ନମ୍ବର (୯.୦୮) ରଖିଛନ୍ତି। ଏଥିପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀର ୬୮ ସ୍ଥାପନା ଦିବସ ପାଳନ ଅବସରରେ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ସେ ଶନିବାର ପୁରସ୍କୃତ ହୋଇଛନ୍ତି। ପୁରସ୍କାର ସ୍ୱରୂପ ୧୦ ହଜାର ଟଙ୍କାର ଚେକ, ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ଏ ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପଦ୍ମିନୀ ଦାଶ ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡାଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକଗୁଣ୍ଡିଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ।

# ବୋଲବମ୍ ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ

### ଚଳଚଞ୍ଚଳ ଅକ୍ଷଶମ୍ଭୁ ପୀଠ

ଅତାବିରା,୨୮।୭ (ଯୁଧିଷ୍ଠିର ମହାପାତ୍ର)

ଶ୍ରାବଣ ମାସ ତୃତୀୟ ସୋମବାର ଅବସରରେ ଅତାବିରା ଅଞ୍ଚଳର ସମସ୍ତ ଶୈବପୀଠ ଭକ୍ତିମୟ ପରିବେଶରେ ଚଳଚଞ୍ଚଳ ହୋଇଉଠିଛି। ମାନସିକ ପୂରଣ ପାଇଁ ପ୍ରଭୁ ହରହର ମହାଦେବଙ୍କ ନିକଟରେ ନିବେଦନ କରିବାକୁ ପ୍ରତ୍ୟୁଷରୁ ଶ୍ରଦ୍ଧାଳୁଙ୍କ ଆଗମନ ଆରମ୍ଭ ହେବାର ଲକ୍ଷ୍ୟ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡା ସ୍ଥିତ ଅନ୍ୟତମ ପ୍ରସିଦ୍ଧ ଅକ୍ଷଶମ୍ଭୁ ବିଶ୍ୱେଶ୍ୱର ବାବାଙ୍କ ଶୈବ ପୀଠକୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ବିଗତ ରାତିପ୍ରାୟ ୨ଟାରୁ ଭକ୍ତଙ୍କ ସୁଅ ଆରମ୍ଭ ହୋଇଥିଲା। ରାଜ୍ୟ ତଥା ରାଜ୍ୟ ବାହାରୁ ମଧ୍ୟ ବୋଲବମ୍ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଭକ୍ତଙ୍କ ବୋଲବମ୍ ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଉଠିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଅତାବିରା ପୋଲିସ ଆଇଆଇସି ପ୍ରକାଶ କର୍ଣ୍ଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।


ଭକ୍ତିମୟ ପରିବେଶରେ ଚଳଚଞ୍ଚଳ ଅକ୍ଷଶମ୍ଭୁ ପୀଠ।

# ସାମୂହିକ ସ୍ୱାଧୀନତା ଦିବସ ପାଳନ ପାଇଁ ଦାବି

ଅତାବିରା/ ଗୋଡ଼ଭଗା ୨୮/୭

(ଯୁଧିଷ୍ଠିର ମହାପାତ୍ର/ ସୁରେଶ ଦାଶ)

ଅତାବିରାରେ ବହୁ ବର୍ଷ ହେଲା ବ୍ଲକସ୍ତରୀୟ ସାମୂହିକ ଭାବେ ସ୍ୱାଧୀନତା ଦିବସ ପାଳନ ହେଉନାହିଁ। ଏହାକୁ ନେଇ କୋଶଳ ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ସଂଘର ଆହ୍ୱାନକ୍ରମେ ରବିବାର ଅତାବିରା ଓକିଲ ସଂଘ ପରିସରରେ ସ୍ଥାନୀୟ ସମସ୍ତ ଅନୁଷ୍ଠାନକୁ ନେଇ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ଅନୁଯାୟୀ ସୋମବାର ମଧ୍ୟାହ୍ନରେ କିଭଳି ସାମୂହିକ ଭାବେ ସ୍ୱାଧୀନତା ଦିବସ ପାଳନର ଆୟୋଜନ ହୋଇପାରିବ ସେନେଇ ଅତାବିରା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିପୁନାଥ ସୁନାଙ୍କ ଅନୁପସ୍ଥିତିରେ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଜିପିଓ ମହମ୍ମଦ ଆକବର ସ୍ମାରକ ପତ୍ର ଗ୍ରହଣ କରିଥିଲେ। ସୋମବାର ଅତାବିରା ପ୍ରଶାସନ ପାଖରେ ସ୍ମାରକ ପତ୍ର ପ୍ରଦାନ ସମୟରେ କୋଶଳ ଅବସରପ୍ରାପ୍ତ ସୈନିକ ସଂଘ ସମେତ ଓକିଲ ସଂଘ, ଅଖିଳ ଭାରତୀୟ ହିନ୍ଦୁ ମହିଳା ମଞ୍ଚ, ଭି.ଏସ.ଏସ. କ୍ଲବ, ବଣିକ ସଂଘ, କୃଷକ ସଂଘ, ବରିଷ୍ଠ ନାଗରିକ ସଂଘ, ମାରୱାଡ଼ି ସମାଜ, ଜନ କଲ୍ୟାଣ କୁଟିଆ ସମାଜ, କୋଶଳ ଆଞ୍ଚ ସାଂସ୍କୃତିକ ସଂଘ, ଦୁର୍ଗା ମନ୍ଦିର କମିଟି, ବ୍ରହ୍ମ ମାଳିକ ସଂଘ, ମୁସଲିମ କମିଟି, ଖବରଦାତା ସଂଘ, କଳା ଓ ସଂସ୍କୃତି କ୍ଲବ ଆଦି ଅନୁଷ୍ଠାନର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।


ସାମୂହିକ ସ୍ୱାଧୀନତା ଦିବସ ପାଳନ ପାଇଁ ଦାବିପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ମିଳିଲା ନିଖୋଜ ଇଞ୍ଜିନିୟରିଂ ଛାତ୍ରଙ୍କ ଗଳିତ ମୃତଦେହ

**ବଣାଇଁ,୨୮।୭(ପ୍ରଦୀପ ତ୍ରିପାଠୀ):** ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ପର୍ଯ୍ୟଟନ ସ୍ଥଳୀ ବାଦଲଗିରିକୁ ଗତ ୬ ତାରିଖରେ ସାଙ୍ଗମାନଙ୍କ ସହ ଭୋଜି କରିବାକୁ ଆସି ଗାଧୋଇବା ବେଳେ ପାଣିରେ ବୁଡି ନିଖୋଜ ଥିବା ଇଞ୍ଜିନିୟରିଂ ଛାତ୍ର ଗୌରବ ବିପ୍ର(୨୨)ଙ୍କ ଗଳିତ ମୃତଦେହ ୨୨ ଦିନ ପରେ ଠାବ ହୋଇଛି। ପାଣି କମିବା ପରେ ଏକ ପଥର ସନ୍ଧିରେ ଗଳିତ ମୃତଦେହ ସମ୍ପର୍କରେ ସୂଚନା ପାଇବାପରେ ଗୁରୁଣ୍ଡିଆ ଅଗ୍ନିଶମ ଓ ପୋଲିସ ଉକ୍ତ ସ୍ଥାନରେ ପହଞ୍ଚି ମୃତଦେହ ଠାବ କରିଥିଲେ। ହେଲେ ମୃତଦେହକୁ କୌଣସି ମତେ ରାସ୍ତା ଉପରକୁ ଆଣିବା ସମ୍ଭବ ହୋଇପାରିଲା ନାହିଁ। ମଙ୍ଗଳବାର ଓଡ୍ରାଫ ଟିମ ଆସି ଲିଫ୍ଟ ସାହାଯ୍ୟରେ ମୃତଦେହକୁ ଉପରକୁ ଆଣିବାର ବ୍ୟବସ୍ଥା କରିବେ ବୋଲି ଗୁରୁଣ୍ଡିଆ ଥାନା ଅଧିକାରୀ ରାମେଶ୍ୱର ସିଂ ସୂଚନା ଦେଇଛନ୍ତି। ମୁଣ୍ଡ, ହାତ, ଗୋଡ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ କେବଳ ପେଟ ଓ ଗୋଟିଏ ଗୋଡ଼ ଆଂଶୀକ ରହିଛି । ପଲିଥିନରେ ଭର୍ତ୍ତି କରି ମୃତଦେହ ରଖାଯାଇଛି। ପରିବାରଲୋକେ ଘଟଣାସ୍ଥଳକୁ ଆସି ମୃତଦେହ ଚିହ୍ନଟ କରିଛନ୍ତି ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ରାଜଗାଙ୍ଗପୁର,୨୮।୭(ଅଶୋକ ପାଣି):** ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ କୁଟୁନିଆ ପଞ୍ଚାୟତର ବିର୍ସାପଡା ସ୍ଥିତ ଏକ ଘରୁ ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ପୋଲିସ ସୋମବାର ଜବତ କରିଛି। ମୃତକ ହେଲେ ରାହୁଲ କୁଜୁର(୨୪)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ସୂଚନା ଅନୁଯାୟୀ, ରବିବାର ରାତିରେ ରାହୁଲ ଘର ନିକଟରେ ଥିବା ବନ୍ଧୁଙ୍କ ଘରକୁ ପ୍ରତିଦିନ ଭଳି ଶୋଇବାକୁ ଯାଇଥିଲେ। ସୋମବାର ସକାଳୁ ମୃତଦେହ ଘର ବାରଣ୍ଡାରେ ରଶି ସାହାଯ୍ୟରେ ଝୁଲୁଥିବା ଦେଖି ବନ୍ଧୁ ଜଣକ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଦେଖି ରାଜଗାଙ୍ଗପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

### ପ୍ରେମ ପ୍ରତାରଣା, ଯୁବକ ଗିରଫ

**ରାଉରକେଲା/ବନ୍ଧମୁଣ୍ଡା,୨୮।୭ (ସଙ୍ଗୀତା ଜେନା/ସୁବ୍ରତ ଦେ):** ବିବାହ ପ୍ରଲୋଭନ ଦେଖାଇ ବିଶ୍ରା ଅଞ୍ଚଳର ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଏବଂ ପରେ ବିବାହ ପାଇଁ ମନା କରିଦେବା ଅଭିଯୋଗରେ ବିଶ୍ରା ଥାନା ପୋଲିସ ସୋମବାର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଜଗାଙ୍ଗପୁର ଅଞ୍ଚଳ ନିବାସୀ ମହମ୍ମଦ ଆଫତାବ (୨୫)। ତାଙ୍କୁ ଅପରାହ୍ନ ୪ଟାରେ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ଯୁବକ ଜଣଙ୍କ ପ୍ରାୟ ବର୍ଷେ ହେଲା ବିଶ୍ରା ଅଞ୍ଚଳର ଉକ୍ତ ଯୁବତୀଙ୍କୁ ବିବାହ କରିବାକୁ କହି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଆସୁଥିଲେ। କିନ୍ତୁ ପରେ ସେ ବିବାହ କରିବାରୁ ମନା କରିଦେବାରୁ ଯୁବତୀ ଜଣଙ୍କ ଏ ନେଇ ବିଶ୍ରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଉକ୍ତ ଯୁବକଙ୍କୁ ଗିରଫ କରିଥିଲା।



ତୁମୁଲିଆ ବସ୍ତିରୁ ରାଶିପତ୍ରା ରାସ୍ତା କାଦୁଅ ପଚ ପଚ ହୋଇପଡ଼ିଛି।

# ତୁମୁଲିଆରୁ ରାଶିପତ୍ରା ରାସ୍ତା ବିପର୍ଯ୍ୟସ୍ତ

## ବର୍ଷାଦିନେ ଚିନ୍ତା ବଢ଼ାଉଛି କାଦୁଆ ରାସ୍ତା

**ବାଲିଶଙ୍କରା,୨୮।୭(ସତ ସେଠ୍)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ତୁମୁଲିଆ ବସ୍ତିରୁ ରାଶିପତ୍ରା ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଏହା ମାଟି ରାସ୍ତା ହୋଇଥିବାରୁ ବର୍ଷାଦିନେ କାଦୁଅ ପଚପଚ ହୋଇଯାଉଛି। ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ରାସ୍ତା ମରାମତି ପାଇଁ ୩ ବର୍ଷରୁ ଉର୍ଦ୍ଧ୍ୱ ହେବ ଗ୍ରାମବାସୀ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ହେଲେ କୌଣସି ସୁଫଳ ମିଳୁନାହିଁ। ଏହି ରାସ୍ତା ଦେଇ ଲୋକେ ମହାବିଦ୍ୟାଳୟ, ତହସିଲ, ଡାକ୍ତରଖାନାକୁ କମ୍ ଦୂରତାରେ ଯିବା ଆସିବା କରିଥାନ୍ତି। ତୁରନ୍ତ ରାସ୍ତା ମରାମତି କରିବା ପାଇଁ ପ୍ରଶାସନ ପଦକ୍ଷେପ ନେବା ପାଇଁ ତୁମୁଲିଆ ପଞ୍ଚାୟତବାସୀ ଦାବି କରୁଛନ୍ତି।

## ତୁମୁଲିଆରେ ଅଭିଯୋଗ ଶୁଣାଣି

**ବାଲିଶଙ୍କରା,୨୮।୭( ସତ ସେଠ୍)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ତୁମୁଲିଆ ପଞ୍ଚାୟତ ପରିସରରେ ପଞ୍ଚାୟତ ସ୍ତରୀୟ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ଲିଙ୍ଗରାଜ ଶତପଥୀଙ୍କ ସଂଯୋଜନାରେ ଚାଲିଥିବା ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଅତିଥିଭାବେ ବାଲିଶଙ୍କରା ତହସିଲଦାର କୁନ୍ତୀରାଣୀ ନାଏକ ଯୋଗଦେଇ ପଞ୍ଚାୟତର ବିଭିନ୍ନ ସମସ୍ୟା, ଉନ୍ନୟନମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇ ସମାଧାନ କରିଥିଲେ। ସମ୍ମାନିତ ଅତିଥିଭାବେ ସହକାରୀ ଯନ୍ତ୍ରୀ ସାଇ ସୁନ୍ଦର ସ୍ୱାଇଁ, ଜିପିଇଓ ପାସ୍କାଲ ଲାକଡା, ସରପଞ୍ଚ ଦେବଲାଲ ଲାକଡା, ଏଇ ମହେନ୍ଦ୍ର କୁମାର ଅମାତ, ସାମାଜିକ ସୁରକ୍ଷା ଅଧିକାରୀ ରୁବିନା ଏକ୍କା ପ୍ରମୁଖ ଯୋଗଦେଇ ପଞ୍ଚାୟତର ବିଭିନ୍ନ ସମସ୍ୟା କିପରି ତୁରନ୍ତ ସମାଧାନ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେଇଥିଲେ। ତୁମୁଲିଆ ଗ୍ରାମର ମଝାପଡ଼ାରୁ ରାଶିପତ୍ରା ଯିବା ରାସ୍ତାକୁ ନୂତନଭାବେ ମରାମତି ଓ ତୁମୁଲିଆ ପଞ୍ଚାୟତରେ ସରକାରୀ ପ୍ରାପ୍ତ ଲାଇସେନ୍ସ ଦୋକାନରେ ଚଢା ଦରରେ ସାର ବିକ୍ରି ହେଉଥିବା ନେଇ ୱାର୍ଡ ସଭ୍ୟ ଦିଲୀପ କୁମାର ବାରିକ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଶୁଣାଣିରେ ଲଗାଣ ବର୍ଷାରେ ଭାଙ୍ଗି ଯାଇଥିବା ଘର, ରାସ୍ତା, ରାଶନ କାର୍ଡ, କୂଅ ଖନନ, ବଳଦ ଗୁହାଳ, ବିଦ୍ୟୁତ ଭଳି ମୋଟ ୨୯ଟି ଅଭିଯୋଗ ହୋଇଥିଲା। ଦିବ୍ୟାଙ୍ଗମାନଙ୍କୁ ହୁଇଲ ଚେୟାର ବଣ୍ଟନ କରାଯାଇଥିଲା। ତୁମୁଲିଆ ପଞ୍ଚାୟତର ଗ୍ରାମରୋଜଗାର ସେବକ ଉର୍ମିଳା ବେହେରାଙ୍କ ସମେତ ସମସ୍ତ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ୨ ଲୁହାପଥର ବୋଝେଇ ଟ୍ରକ୍ ଜବତ

**ଲହୁଣୀପଡା,୨୮।୭(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ କୁରଡ଼ା ପଞ୍ଚାୟତ ୧୦(କ) ରାଜ୍ୟ ରାଜପଥ ଟାଙ୍କଯୋଡ଼ା ନିକଟରୁ ରବିବାର ବିଳମ୍ବିତ ରାତିରେ ବେନିୟମ ଭାବେ ଖଣି ଅଞ୍ଚଳରୁ ଲୁହାପଥର ଚୋରା ଚାଲାଣ କରାଯାଉଥିବା ବେଳେ ୨ଟି ଟ୍ରକକୁ ଲହୁଣୀପଡା ପୋଲିସ ଜବତ କରିଛି। ଏଥିସହ ଜଣେ ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଓଡି –୦୯ଭି – ୩୮୯୬ ,ଓଡି –୦୯ଭି –୨୬୪୭ ନମ୍ବର ଟ୍ରକ ୨ଟି ଖଣି ଅଞ୍ଚଳରୁ ଲୁହାପଥର ବୋଝେଇ କରି ୧୦(କ) ରାଜ୍ୟ ରାଜପଥରେ ଆସୁଥିଲା। କୌଣସି ସୂତ୍ରରୁ ଲହୁଣୀପଡା ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଟ୍ରକକୁ ଅଟକାଇ କାଗଜ ପତ୍ର ଯାଞ୍ଚ କରିଥିଲା। ହେଲେ ଟ୍ରକ ଚାଳକମାନେ ଆବଶ୍ୟକ କାଗଜପତ୍ର ଦେଖାଇ ପାରି ନ ଥିବାରୁ ପୋଲିସର ସନ୍ଦେହ ସୃଷ୍ଟି ହୋଇଥିଲା। ବିଳମ୍ବିତ ରାତିରେ ଘଟଣା ଘଟିଥିବାରୁ ଏହାର ସୁଯୋଗ ନେଇ ଜଣେ ଚାଳକ ଟ୍ରକ ଛାଡି ଫେରାର ହୋଇଯାଇଥିଲେ। ଅନ୍ୟ ଜଣଙ୍କୁ ପୋଲିସ କାବୁ କରିବାରେ ସଫଳ ହୋଇଥିଲା। ଟ୍ରକ୍ ୨ଟିକୁ ଥାନାକୁ ଆଣି କାଗଜପତ୍ର ଯାଞ୍ଚ କରିବାରୁ ବଡବିଲ ଖଣି ଅଞ୍ଚଳରୁ ବେନିୟମ ଭାବେ ଲୁହାପଥର ବୋଝେଇ କରି ଆସୁଥିବା ଜଣାପଡିଥିଲା।

## ବିଶ୍ରାରେ ଜିଲାପାଳଙ୍କ ଜନଶୁଣାଣି

**ବନ୍ଧମୁଣ୍ଡା,୨୮।୭( ସୁବ୍ରତ ଦେ)**



ଜିଲାପାଳ ଅଭିଯୋଗର ଶୁଣାଣି କରୁଛନ୍ତି।

ବିଶ୍ରା ବ୍ଲକର ସଭାଗୃହରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲାପାଳ ଡ. ଅଂଶୁମାନ ମହାପାତ୍ର ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଜନଶୁଣାଣିରେ ମୋଟ ୯୮ଟି ଅଭିଯୋଗ ଆସିଥିଲା। ଏଥିରେ ଗୋଷ୍ଠୀଗତ ୪୪ ଏବଂ ବ୍ୟକ୍ତିଗତଭାବେ ୫୪ଟି ଅଭିଯୋଗ ଆସିଥିଲା। ଜିଲାପାଳ ଏହି ସମସ୍ତ ଅଭିଯୋଗକୁ ଗମ୍ଭୀରତାର ସହ ନେଇ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ତୁରନ୍ତ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଛନ୍ତି, ଯଦି ଦୁର୍ନୀତି କିମ୍ବା ଅବହେଳା ପ୍ରମାଣିତ ହୁଏ, ତେବେ ଦୋଷୀଙ୍କ ବିରୋଧରେ ମଧ୍ୟ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହା ବ୍ୟତୀତ ଜନଶୁଣାଣିରେ ଗ୍ରାମବାସୀମାନେ ରାଶନ ବଣ୍ଟନରେ ଅନିୟମିତତା, ଗୃହ ଯୋଜନାରେ ପକ୍ଷପାତ, ପାନୀୟ ଜଳ ସଙ୍କଟ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ପାଇଁ ଅଭିଯୋଗ କରିଛନ୍ତି। ବିଶ୍ରା ଉର୍ଦ୍ଦୁ ସ୍କୁଲରେ ଶିକ୍ଷକଙ୍କ ଅଭାବ। ଜରାଇକେଲା, ଉଡସୁ, ଠେଠେଇପୋଶ, ବାମୁଆ ପଞ୍ଚାୟତରେ ଚାଷୀଙ୍କ ପାଇଁ ଲିଫ୍ଟ ଇରିଗେସନ ବିଭାଗ ଦ୍ୱାରା ଖୋଳାଯାଇଥିବା ଡିପ ବୋରିଂରେ ଗତ ୨ ବର୍ଷ ଧରି ବିଦ୍ୟୁତ ସଂଯୋଗ ନ ହେବା, ପୋଖରାବାହାଲ ଗ୍ରାମରେ ଓରାଓଁ ସମ୍ପ୍ରଦାୟ ପାଇଁ ନିର୍ମାଣ ହେଉଥିବା କମ୍ୟୁନିଟି ହଲ ଗତ ୨ ବର୍ଷ ଧରି ଅସମ୍ପୂର୍ଣ୍ଣ ହୋଇ ପଡ଼ି ରହିଥିବା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଅଭିଯୋଗ କରାଯାଇଛି। ଜିଲାପାଳ ସମସ୍ତ ସମସ୍ୟାକୁ ଶୁଣିଲେ ଏବଂ ଶୀଘ୍ର ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମୟରେ ତାଲିମପ୍ରାପ୍ତ ଆଇଏଏସ୍ ଅଧିକାରୀ ସାବି ରସିଦ, ରାଉରକେଲା ଉପଜିଲାପାଳ ବିଜୟ ନାୟକ, ରାଉରକେଲା ଏସ୍‌ପି ନିତେଶ ୱାଦୱାନୀ, ସୁନ୍ଦରଗଡ଼ ପିଡି ସୁରଞ୍ଜନ ସାହୁ, ରାଉରକେଲା ଡିଏଫଓ ଯଶୱନ୍ତ ସେଠୀ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପ୍ରଧାନ, ବିଶ୍ରା ବିଡିଓ ଜଗନ୍ନାଥ ହନୁମାନ ଉପସ୍ଥିତ ଥିଲେ।

## ସେକ୍ଟର–୨ ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା

**ରାଉରକେଲା,୨୮।୭(ଦିନେଶ ମିଶ୍ର)**

ସେକ୍ଟର–୨ ସ୍ଥିତ କମ୍ୟୁନିଟି ସେଣ୍ଟରରେ ସାର୍ବଜନୀନ ଦୁର୍ଗାପୂଜା ସକାଶେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ୨୦୨୫ ପାଇଁ ନୂତନ କମିଟି ଗଠନ କରାଯାଇଥିଲା। ଚଳିତ ବର୍ଷ ଦୁର୍ଗାଚରଣ ଜେନା ସଭାପତି, ବୀରେନ୍ଦ୍ର ନାରାୟଣ ସ୍ୱାଇଁ ସମ୍ପାଦକ ଓ ରଞ୍ଜନ ବାରିକ କୋଷାଧ୍ୟକ୍ଷ ଭାବେ ମନୋନିତ ହୋଇଥିଲେ। ସେହିପରି ଲକ୍ଷ୍ମୀପୂଜା ପାଇଁ କୁଞ୍ଜ ଦାଶ ସଭାପତି, ମନୋଜ ଦୋରା ସମ୍ପାଦକ, ତ୍ରିଲୋଚନ ପାଣିଗ୍ରାହୀଙ୍କୁ କୋଷାଧ୍ୟକ୍ଷ ମନୋନିତ କରାଯାଇଥିଲା। ରଶ୍ମିତ ସାହାଣୀ ବୈଠକ ପରିଚାଳନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ସାହୁ, ଆଦିତ୍ୟ ବାରିକ, ମନୋଜ ଦୋରା, ସୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସନାତନ ସୁନ୍ୟାନି ଧନ୍ୟବାଦ ଅର୍ପଣ କରିଥିଲେ।

## ବେପରୱା ଗାଡ଼ି ଚାଳନା ଅଭିଯୋଗ

**ରାଉରକେଲା, ୨୮।୭(ସଙ୍ଗୀତା ଜେନା)**

ଭୁବନେଶ୍ୱରରୁ ରାଉରକେଲା ଅଭିମୁଖେ ଆସୁଥିବା ଏକ ଯାତ୍ରୀବାହୀ ଅନୁଗୋଳ ଖମାର ନିକଟରେ ରାତି ୨ଟାରେ ପଛକୁ ପ୍ରାୟ ୪୦ ମିଟର ଗଡ଼ିବାକୁ ଲାଗିଲା। ଫଳରେ ବସ୍‌ରେ ଥିବା ଯାତ୍ରୀମାନେ ଭୟଭୀତ ହୋଇ ଚାଳକ ନିକଟକୁ ଯାଇଥିବା ବେଳେ ଚାଳକ ମଦ ନିଶାରେ ଅଚେତ ହୋଇପଡ଼ିଥିଲେ। ଏହାପରେ କଣ୍ଡକ୍ଟରଙ୍କୁ ଖୋଜାପଡ଼ିଥିଲା। ସେ ମଧ୍ୟ ନିଖୋଡ଼ ନିଦ୍ରାରେ ଶୋଇଥିଲେ। ବହୁକଷ୍ଟରେ କଣ୍ଡକ୍ଟରଙ୍କୁ ଉଠାଇ ଯାତ୍ରୀମାନେ ବସ୍‌କୁ ଅଟକାଇବାକୁ ଚେଷ୍ଟା କଲାବେଳେ ସୌଭାଗ୍ୟବଶତଃ ଏକ ପୋଲ ନିକଟରେ ବସ୍‌ଟି ଅଟକିଯାଇଥିଲା। ଫଳରେ ଯାତ୍ରୀମାନେ ଦୁର୍ଘଟଣାରୁ ବଞ୍ଚିଯାଇଥିଲେ। ପରେ ସ୍ଥାନୀୟ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା ବୋଲି ଉକ୍ତ ବସ୍‌ରେ ରାଉରକେଲାକୁ ଆସୁଥିବା ବାସନ୍ତୀ କଲୋନି ନିବାସୀ ସ୍ୱାଗତିକା ବିଶ୍ୱାଳ ଏବଂ ତାଙ୍କ ସ୍ୱାମୀ କହିଛନ୍ତି। ତାଙ୍କ କହିବା ଅନୁସାରେ, ଉକ୍ତ ନାମକ ଯାତ୍ରୀବାହୀ ବସ୍ ରାଉରକେଲା ଆସୁଥିଲା। ବସ୍ ଚାଳକ ଅତ୍ୟଧିକ ମଦ୍ୟପାନ କରିଥିଲେ। ଫଳରେ ଏହିପରି ଘଟଣା ହୋଇଥିଲା। ଯାତ୍ରୀ ସୁରକ୍ଷା ପାଇଁ ନିୟମକାନୁନ ଥିଲେ ମଧ୍ୟ ତାହା ପାଳନ କରାଯାଉନାହିଁ ବୋଲି ସ୍ୱାଗତିକା କହିଛନ୍ତି।



ଶ୍ରାବଣ ତୃତୀୟ ସୋମବାର ଉପଲକ୍ଷେ ଘୋଘର ଶିବ ମନ୍ଦିରରେ ଶ୍ରଦ୍ଧାଳୁ ଓ କାଉଡିଆଙ୍କ ଭିଡ। (ଫଟୋ: ମହେନ୍ଦ୍ର ସାହୁ)

## ଚଢ଼ା ଦରରେ ବିକ୍ରି ହେଉଛି ସାର

### କୃଷି ବିଭାଗ ନୀରବ

**ବାଲିଶଙ୍କରା,୨୮।୭( ସତ ସେଠ)**

ଚାଷୀ ଚାଷକାର୍ଯ୍ୟ କିପରି ସୁରୁଖୁରୁରେ କରିପାରିବେ ସେଥିପାଇଁ ସରକାରୀ ଦରରେ ଲ୍ୟାମ୍ପସ ଓ ବିଭିନ୍ନ ପଞ୍ଚାୟତରେ ସରକାରୀ ଲାଇସେନ୍ସପ୍ରାପ୍ତ ଦୋକାନୀଙ୍କୁ ସାର ବିକ୍ରି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାଲିଶଙ୍କରା ବ୍ଲକର ତୁମୁଲିଆ, ଶାଗବାହାଲ, ବନଡେଗା, ଲୁଲକିଡିହି, ବାଲିଶଙ୍କରା, ତଲସରା, କିଞ୍ଜିରକେଲା, ବନ୍ଧବାହାଲ, ତିଲେଇକାନୀ, ବିରକାଲଡିହିରେ ସରକାରୀ ଦରରେ ୟୁରିଆ ୩୦୦, ଡିଏପି ୧୫୦୦, ପଟାସ ୧୭୨୦ ରହିଛି। କିନ୍ତୁ ଚଢ଼ା ଦରରେ ୟୁରିଆ ୬୦୦, ଡିଏପି ୨୦୦୦, ପଟାସ ୨୦୦୦ ଟଙ୍କା ବସ୍ତା ପ୍ରତି ବିକ୍ରି ହେଉଛି। ଚାଷୀ ବାଧ ହୋଇ କିଣୁଛନ୍ତି। ଏନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ବାଲିଶଙ୍କରା କୃଷି ଅଧିକାରୀ ଡୁଲୀ ସରେଙ୍ଗଙ୍କୁ ଯୋଗାଯୋଗ କରିବାରୁ, ମୋ ପାଖକୁ ଏନେଇ ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବା ପାଇଁ ଚାଷୀ ମହଲରେ ଦାବି ହେଉଛି।

## ସ୍ଥାୟୀ ପରିବେଶ, ଜୀବିକା ପ୍ରଦାନ କରିବ ଫଳ ଉଦ୍ୟାନ

**ରାଉରକେଲା,୨୮।୭(ବିପ୍ଳବ ରଞ୍ଜନ ଦାଶ)**




ଆର୍‌ଏସ୍‌ପି ସହଯୋଗରେ ବିକଶିତ ଉଦ୍ୟାନ କ୍ଷେତ୍ର ।

ସ୍ଥାୟୀ ପରିବେଶ, ଜୀବିକା ଏବଂ ଗ୍ରାମୀଣ ବିକାଶ ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଆର୍‌ଏସ୍‌ପି ତାର କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସ୍‌ଆର) ପଦକ୍ଷେପ ଅଧୀନରେ ନିଜସ୍ୱ ଜମିରେ ଏକ ଫଳ ଉଦ୍ୟାନ ବିକଶିତ କରିଛି। ୨୦୨୨ରୁ ୨୦୨୫ ଅବଧି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଏହି ପ୍ରକଳ୍ପ ସେବକ, ସୁନ୍ଦରଗଡ ସହଭାଗିତାରେ କାର୍ଯ୍ୟକାରୀ ହେଉଛି ଏବଂ ଅବ୍ୟବହୃତ ଜମିକୁ ଉତ୍ପାଦନକ୍ଷମ, ଆୟକାରୀ ସମ୍ପଦରେ ରୂପାନ୍ତର କରିବା ପାଇଁ ଲକ୍ଷ୍ୟ ରଖିଛି। ଅନୁସୂଚିତ ଜନଜାତି ସମ୍ପ୍ରଦାୟର ସଦସ୍ୟ ଏବଂ ନୂଆଗାଁ ବ୍ଲକ ବାରିଲେପ୍ତା ଗ୍ରାମର ବାସିନ୍ଦା ଲଳିତ କୁଲୁଙ୍କ ଜମିରେ ଏହି ବୃକ୍ଷରୋପଣ କରାଯାଇଥିଲା। ୨୦,୨୩୪ ବର୍ଗ ମିଟରରୁ ଉର୍ଦ୍ଧ୍ୱ ଜମିରେ ୨୭୦ଫଳ ଗଛ ଲଗାଯାଇଛି, ଯେଉଁଥିରେ ଦଶେରୀ, ଲଙ୍ଗଡା ଏବଂ ବାଇଗଣପଲି ଭଳି ମୂଲ୍ୟଯୁକ୍ତ କିସମର ଆମ୍ବ ରହିଛି। ଏହି ବଗିଚାରେ ଶାଗୁଆନ, ନିମ୍ବ, ଜାମୁ ଭଳି ବୃକ୍ଷ ରହିଛି, ଯାହା ଜୈବ ବିବିଧତାକୁ ପରିପୃଷ୍ଟ କରୁଛି ଏବଂ ଦୀର୍ଘକାଳୀନ ପରିବେଶଗତ ଓ ଆର୍ଥିକ ଲାଭ ମଧ୍ୟ ପ୍ରଦାନ କରିବାକୁ ଯାଉଛି। ଏହି ପ୍ଲାନଟି ଆର୍‌ସିସି ଖୁଣ୍ଟ ଓ ଷ୍ଟିଲ ୱେଲ୍ଡେଡ ତାର ବାଡ ଦ୍ୱାରା ସୁରକ୍ଷିତ, ଯାହା ଗଛକୁ ବୁଲା ଗାଈଗୋରୁ ଏବଂ ଅନ୍ୟାନ୍ୟ ଆପଦାରୁ ସୁରକ୍ଷା ପ୍ରଦାନ କରୁଛି। ଏହି ପଦକ୍ଷେପରେ ଜୈବିକ ଚାଷର ପ୍ରଚାର ପାଇଁ ଜୈବିକ ସାର ଏବଂ ନିମ୍ବ ତେଲ ବ୍ୟବହାର ମାଧ୍ୟମରେ ଜୈବ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରାଯାଉଛି। ଏହି ପରିପ୍ରେକ୍ଷୀରେ ଲଳିତ କୁଲୁ କହିଛନ୍ତି, ମୁଁ ଏହି ସହାୟତା ପାଇଁ ଆର୍‌ଏସ୍‌ପି ନିକଟରେ କୃତଜ୍ଞ। ଏହି ବଗିଚା କେବଳ ପରବେଶକୁ ସୁଦୃଢ଼ କରିବ ନାହିଁ ବରଂ ଆଗାମୀ ବର୍ଷ ଗୁଡ଼ିକରେ ମୋ ପରିବାରକୁ ଜୀବିକାର ଏକ ନିର୍ଭରଯୋଗ୍ୟ ଉତ୍ସ ମଧ୍ୟ ପ୍ରଦାନ କରିବ। ପୂର୍ବରୁ ଏହି ଜମି ଅବ୍ୟବହୃତ ଥିଲା। ବର୍ତ୍ତମାନ ଏହା ଜୀବନ ଏବଂ ଆଶାରେ ପରିପୂର୍ଣ୍ଣ ହୋଇଯାଇଛି ବୋଲି ସେ କହିଥିଲେ।

## ନିଶାମୁକ୍ତ ସମାଜ, ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ

**ସୁନ୍ଦରଗଡ,୨୮।୭(ଜୟ ନାରାୟଣ ମେଣ୍ଡୁଲି)**




ବୈଠକରେ ଅଧ୍ୟାପିକା, ଅଧ୍ୟାପକଙ୍କ ସହ ଛାତ୍ରୀଗଣ।

### ଭେଷଜ ପଟେଲ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ଉପଦେଷ୍ଟା କମିଟି ବୈଠକ

ଭେଷଜ ପଟେଲ ମହାବିଦ୍ୟାଳୟ ଢୁଢୁକାଠାରେ ଜାତୀୟ ସେବା ଯୋଜନାର ଉପଦେଷ୍ଟା କମିଟି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ମିନତୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜାତୀୟ ସେବା ଯୋଜନା ତରଫରୁ ବିଗତ ଦିନରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଉପସ୍ଥାପନା କରାଯିବା ସହିତ ଆଗାମୀ ଦିନର କାର୍ଯ୍ୟ ଯୋଜନା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରଥମେ ଅଧ୍ୟକ୍ଷା ମିଶ୍ର ଜାତୀୟ ସେବା ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଉପଦେଷ୍ଟା କମିଟିର ସଦସ୍ୟ ତଥା ସ୍ୱଚ୍ଛାସେବୀ ଅନୁଷ୍ଠାନ ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟ ସ୍ମରଣୀୟ ଦିବସରେ ବୃକ୍ଷ ରୋପଣ ଅଭିଯାନ ଗ୍ରୀନ ମେମୋରୀ କ୍ୟାମ୍ପେନ, ନିଶାମୁକ୍ତ ସମାଜ ଗଠନ, ବୃକ୍ଷ ରକ୍ଷାବନ୍ଧନର ଅଭିନବ ପରମ୍ପରା ତଥା ପ୍ଲାଷ୍ଟିକ ପ୍ରଦୂଷଣକୁ ରୋକିବା ନିମନ୍ତେ ତଥ୍ୟ ଭିତ୍ତିକ ବଳିଷ୍ଠ ଉପସ୍ଥାପନା କରିବା ସଙ୍ଗେ ସଙ୍ଗେ ଜାତୀୟ ସେବା ଯୋଜନାର ଆଗାମୀ ଦିନର କାର୍ଯ୍ୟକ୍ରମରେ ସାମିଲ କରିବା ନିମନ୍ତେ ଅନୁରୋଧ କରିଥିଲେ। ଜାତୀୟ ସେବା ଯୋଜନର ଜିଲା କାର୍ଯ୍ୟକ୍ରମ ଅଧିକାରୀ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଟେଲ ଏହି ପଦକ୍ଷେପକୁ ସ୍ୱାଗତ କରିବା ସହିତ ସ୍ୱଚ୍ଛତା, ଦକ୍ଷତା ବୃଦ୍ଧି ତାଲିମ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାଧ୍ୟାପକ ବିଭୂତି ଭୂଷଣ ମିଶ୍ର, ଅଧ୍ୟାପିକା ପଦ୍ମିନୀ ପଟେଲଙ୍କ ସମେତ ଜାତୀୟ ସେବା ଯୋଜନାର ସ୍ୱଚ୍ଛାସେବୀ ଛାତ୍ରୀଛାତ୍ରମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଭେଷଜ ପଟେଲ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ନମୀତା ମାଝୀ ସଭା ପରିଚାଳନା କରିଥିବା ବେଳେ ଡ. ସୁକାନ୍ତ ଆର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବାଇକ୍ ଚୋରି ଘଟଣା: ୨ ଅଭିଯୁକ୍ତ କୋର୍ଟ ଚାଲାଣ

ବ୍ରଜରାଜନଗର, ୨୮।୭ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ଓରିଏଣ୍ଟ ଥାନା ଅଞ୍ଚଳରୁ ବାଇକ୍ ଚୋରି ଅଭିଯୋଗରେ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ମଣ୍ଡଳିଆ ଅଞ୍ଚଳର ଘନଶ୍ୟାମ, ଜଜବୀର ସିଂହ। ସେମାନଙ୍କ ନିକଟରୁ ଚୋରି ବାଇକ୍ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଗତ ଜୁନ୍ ୧୯ ତାରିଖରେ ଓରିଏଣ୍ଟ ଥାନା ଅନ୍ତର୍ଗତ ଦୁର୍ଗାନଗର ନିବାସୀ ରାଜେନ୍ଦ୍ର ସାହୁଙ୍କ ବାଇକ୍ ଚୋରି ହୋଇଥିଲା। ଏନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

### ରାଜେଶ ଦାସ କୋଲାବିରା ଭାଜପା ମଣ୍ଡଳ ସଭାପତି

ଝାରସୁଗୁଡ଼ା, ୨୮।୭(ଆଶିଷ ରଞ୍ଜନ ଦାଶ)



ଝାରସୁଗୁଡ଼ା ଜିଲା କୋଲାବିରା ମଣ୍ଡଳ ଭାଜପା ସଭାପତି ଭାବେ ରାଜେଶ ଦାସଙ୍କୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ନିଯୁକ୍ତି କରିଛନ୍ତି। କିଛିଦିନ ହେବ ଭାଜପା ଜିଲାର ବିଭିନ୍ନ ମଣ୍ଡଳରେ ସଭାପତି ନିଯୁକ୍ତି କରିଥିବାବେଳେ କୋଲାବିରା ମଣ୍ଡଳରେ ସଭାପତି ନିଯୁକ୍ତି କରାଯାଇ ନ ଥିଲା। ରବିବାର ଭାଜପା ରାଜ୍ୟ ସଭାପତି ସାମଲ ଜିଲା ସଭାପତି ରଘୁନନ୍ଦନ ପଣ୍ଡାଙ୍କ ମାଧ୍ୟମରେ ରାଜେଶଙ୍କୁ କୋଲାବିରା ମଣ୍ଡଳ ସଭାପତି ଭାବରେ ନିଯୁକ୍ତ କରିଛନ୍ତି।

### ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦେବଗଡ଼, ୨୮।୭
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ତିଲେଇବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଞ୍ଚାନନ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସିଆରସିସି ଅଶୋକ କୁମାର ସାହୁ, ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀ ସୌଭାଗ୍ୟ ପ୍ରଧାନ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ଝସକେତନ ନାହାକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ବିନ୍ଧିପୁର (ଅସୁରଖୋଲ)ର ପ୍ରଧାନ ଶିକ୍ଷକ ସୁଧୀର କୁମାର ଦାସ ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମାଡଙ୍କୁ ପ୍ରଭାଶୁଣି କ୍ଲଷ୍ଟର ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମିହିର କୁମାର ଦେହୁରୀ ଧନ୍ୟବାଦ ଦେଇଥିଲେ। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର କନିଷ୍ଠ ସହାୟକ ଅରୁଣ କୁମାର ଗଡ଼ନାୟକ, ରଞ୍ଜନ କୁମାର ନାୟକ, ବିଜେନ୍ଦ୍ର ବ୍ରିନେଡ୍‌ଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ସମସ୍ୟା ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ




ଶିବିରରେ ଜିଲାପାଳ ଅଭିଯୋଗର ଶୁଣାଣି କରୁଛନ୍ତି।

ଝାରସୁଗୁଡ଼ା, ୨୮।୭
(ଆଶିଷ ରଞ୍ଜନ ଦାଶ)

**କୋଲାବିରାରେ ଜନ ଅଭିଯୋଗ ଶୁଣାଣି ଶିବିର**

ଝାରସୁଗୁଡ଼ା ଜିଲା କୋଲାବିରା ପଞ୍ଚାୟତ ସମିତି ସଭାଗୃହରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ନୂତନ ଭାବେ ଯୋଗଦେଇଥିବା ଜିଲାପାଳ କୁଣାଳ ମୋତିରାମ ଚହାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୨୩ଟି ବ୍ୟକ୍ତିଗତ ଓ ୭ଟି ସାମୂହିକ ଅଭିଯୋଗ ଆଗତ ହୋଇଥିଲା। ବିଶେଷକରି ତରେଇକେଲାସ୍ଥିତ ଆଦିବାସୀ, ହରିଜନ ବାଳିକା ହଷ୍ଟେଲର ପାଚେରି ନିର୍ମାଣ, ଲଗାଣ ବର୍ଷାରେ ଭାଙ୍ଗି ଯାଇଥିବା ବନ୍ଧପାଲି ପଞ୍ଚାୟତର ଦୁଆନମୁଡା ପୋଖରୀ ହିଡ଼ ମରାମତି ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ, ଜଳସେଚନ, ସୁଭଦ୍ରା ଯୋଜନାରେ ଆର୍ଥିକ ସହାୟତା ପାଇଁ ଆବେଦନ, ଫୋଡଙ୍ଗାଡିହି ପୋଖରାସାଲେ ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ବ୍ୟକ୍ତିଗତ ଜମି ହସ୍ତାନ୍ତର ଓ ଡିମାରକେସନ ପାଇଁ ଆବେଦନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଣ, ଭୂମିହୀନଙ୍କୁ ୪ ଡିସିମିଲ ଜମି ଯୋଗାଇବା, ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ ଭଳି ଅଭିଯୋଗର ଶୁଣାଣି କରାଯାଇ ସମାଧାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିବିରରେ ଜିଲାପାଳ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କର କାର୍ଯ୍ୟ କ୍ଷେତ୍ରରେ ସହଯୋଗ କାମନା କରିବା ସହିତ ସମୟାନୁବର୍ତ୍ତୀ ହେବା, କାର୍ଯ୍ୟାଳୟ ପରିସର ପରିଷ୍କାର ରଖିବା ଓ ପ୍ଲାଷ୍ଟିକ ବ୍ୟବହାର ହ୍ରାସ ପାଇଁ ପରାମର୍ଶ ଦେଇଥିଲେ। ଅଭିଯୋଗ ଶୁଣାଣି ଦିନ ବିଭାଗୀୟ ଅଧିକାରୀମାନେ ସମ୍ପୃକ୍ତ ବ୍ଲକରେ ଥିବା ନିଜ କ୍ଷେତ୍ରୀୟ କାର୍ଯ୍ୟାଳୟ ପରିଦର୍ଶନ ସହ ହିତାଧିକାରୀଙ୍କ ସହିତ ଆଲୋଚନା କରି ତତ୍ ସମ୍ପର୍କିତ ବିବରଣୀ ପ୍ରଦାନ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ସ୍ମିତ୍ ପି. ପରମାର, ଆଇଏଏସ୍ (ପ୍ରୋବେଶନର) ପ୍ରଜ୍ଞାନନ୍ଦ ଗିରି, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଦ୍, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମହେଶ ମୋହନ ପଣ୍ଡାଙ୍କ ସମେତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଶିବିରରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

ଦେବଗଡ଼, ୨୮।୭(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣୀ ବ୍ଲକ ଅଧୀନ କଂସର ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୧୪ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଏସିଏଫ୍ ସ୍ୱାଧୀନତା ସାହାଣୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ଡେପୁଟି କଲେକ୍ଟର ଏଜ୍‌ଲୀନ ବାରା, ସହକାରୀ ଜିଲାପାଳ ହେମନ୍ତ ସିଂଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ସାର୍ବଜନୀନ ଗଣେଶ ମେଳା କମିଟି ନିର୍ବାଚନ: ରାଜକିଶୋର ସଭାପତି

ଦେବଗଡ଼, ୨୮।୭
(ଶଶାଙ୍କ ଶେଖର ଝାଙ୍କର)

**ପ୍ରଥମଥର ହେଲା ନିର୍ବାଚନ**



ରାଜକିଶୋର ଦାଶ

ଦେବଗଡ଼ ସାର୍ବଜନୀନ ଗଣେଶ ମେଳା କମିଟିର ସଭାପତି ପଦବୀ ନିମନ୍ତେ ସୋମବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ପରକ୍ଷୀତ ସାହୁଙ୍କ ତତ୍ତ୍ୱାବଧାନ ଓ ଆଇନଜୀବୀ ମନୋଜ କୁମାର ପାଢୀଙ୍କ ପରିଚାଳନାରେ ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏହି ନିର୍ବାଚନ ହୋଇଥିଲା। ଏଥିରେ ରାଜକିଶୋର ଦାଶ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। କମିଟିର ୧୧୯ ଜଣ ପଞ୍ଜୀକୃତ ତଥା ସ୍ୱୀକୃତିପ୍ରାପ୍ତ ସଦସ୍ୟଙ୍କ ମଧ୍ୟରୁ ୯୭ ଜଣ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ୯୬ ଜଣ ସଦସ୍ୟ ଭୋଟ ଦେଇଥିବାବେଳେ ୩ଟି ଭୋଟ ନାକଚ ହୋଇଯାଇଥିଲା। ଫଳରେ ରାଜକିଶୋର ୪୯ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କର ଏକମାତ୍ର ପ୍ରତିଦ୍ୱନ୍ଦ୍ୱୀ ସତ୍ୟନାରାୟଣ ପାଣି ୪୪ ଖଣ୍ଡ ଭୋଟ ପାଇଥିଲେ। ନିର୍ବାଚନ ପୂର୍ବରୁ କମିଟିର ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇ ସହମତି ଭିତିରେ ସଭାପତି ମନୋନୟନ ପାଇଁ ଆଲୋଚନା ହୋଇଥିଲା। ହେଲେ ଅନେକଙ୍କ ମଧ୍ୟରେ ଭିନ୍ନ ମତ ପ୍ରକାଶ ପାଇବାରୁ ଦେବଗଡ଼ ଗଣେଶ ମେଳା କମିଟି ଇତିହାସରେ ପ୍ରଥମଥର ପାଇଁ ନିର୍ବାଚନର ଆବଶ୍ୟକତା ପଡିଥିଲା। ନିର୍ବାଚନ ପରିଚାଳନା ସମୟରେ ଉପଜିଲାପାଳ ସାହୁ, ଦେବଗଡ଼ ଏସ୍‌ଡିପିଓ ରମେଶ ଚନ୍ଦ୍ର ମାହାନା ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଦେବଗଡ଼ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀଙ୍କ ନେତୃତ୍ୱରେ ବହୁ ପୋଲିସ ଅଧିକାରୀ ଓ ସୁରକ୍ଷାକର୍ମୀ ମୁତୟନ ହୋଇଥିଲେ।

**ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ମାମଲା**

# ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

ବରଗଡ଼, ୨୮।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାର ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ବରଗଡ଼ ପୋକ୍‌ସୋ ଜଜ୍ ଏହି ମାମଲାର ବିଚାର କରି ଅଭିଯୁକ୍ତ କୁନୁ ଓରଫ୍ ସମୀର ସେଠଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ପୁନର୍ବାସ ସକାଶେ କ୍ଷତିପୂରଣ ବାବଦକୁ ୧୦ଲକ୍ଷ ଟଙ୍କା ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶଥାଉକି, ୨୦୧୫ ଅଗଷ୍ଟ ୪ତାରିଖରେ ଜଣେ ଦିବ୍ୟାଙ୍ଗ (ମୂକ, ବଧିର) ନାବାଳିକା ଗ୍ରାମର ଏକ ଜଳାଶୟକୁ ଗାଧୋଇବା ପାଇଁ ଯାଇଥିବାବେଳେ ଅଭିଯୁକ୍ତ ଜଣକ ତାଙ୍କୁ ଏକ ପରିବା କିଆରିକୁ ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ପୀଡ଼ିତାଙ୍କ ମା' ଏ ନେଇ ଅଭିଯୋଗ କରିବା ପରେ ସେତେବେଳେ ଏକ ମାମଲା ରୁଜୁ ହୋଇଥିଲା ଏବଂ ସେହି ମାମଲା ପକ୍ସୋ କୋର୍ଟରେ ବିଚାରାଧିନ ଥିଲା। ପକ୍ସୋ ଜଜ୍ ମାମଲାର ବିଚାର ସମୟରେ ପୀଡ଼ିତାଙ୍କ ପକ୍ଷରୁ ୧୪ଜଣଙ୍କ ସାକ୍ଷ୍ୟ ପ୍ରଦାନ ସହିତ ୧୭ଦସ୍ତାବିଜ କୋର୍ଟରେ ଦାଖଲ କରାଯାଇଥିଲା। ଅତିରିକ୍ତ ସରକାରୀ ଓକିଲ ଦ୍ୟୁତିଶ ଆଚାର୍ଯ୍ୟ ଏହି ମାମଲା ପରିଚାଳନା କରୁଥିଲେ।

# ପରିବେଶ ସ୍ୱଚ୍ଛତା କାର୍ଯ୍ୟକ୍ରମ




ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମରେ ସଭ୍ୟମାନେ ।

ସମ୍ବଲପୁର, ୨୮।୭(ବି.ଶଙ୍କର)

ପରିବେଶ ସ୍ୱଚ୍ଛତା ସଚେତନତା ଓ ସଫେଇ କାର୍ଯ୍ୟକ୍ରମ ସୋମବାର ସକାଳ ୭ଟାରେ ସମ୍ବଲପୁର ସହର ବୁଢ଼ାରଜା ପାହାଡ ସ୍ଥିତ ମହାଦେବ ମନ୍ଦିର ପରସରରେ ଅନୁଷ୍ଠିତ ହୋଇଯାଇଛି। ଆର୍ଥ କିପର୍ସ ଚେରିଟେବୁଲ ଟ୍ରଷ୍ଟ ଆୟୋଜନରେ କାର୍ଯ୍ୟକ୍ରମ ହୋଇଥିଲା। ସଂପ୍ରତି ବୁଢ଼ାରଜା ପାହାଡ ସମ୍ବଲପୁର ବାସୀଙ୍କ ଫୁସଫୁସ ଭାବେ ପରିଚିତ। ଏହି ସବୁଜ ପାହାଡ ଓ ଐତିହାସିକ ମହାଦେବ ମନ୍ଦିରର ସ୍ୱଚ୍ଛତା ସମସ୍ତଙ୍କର ପ୍ରାଥମିକ ଦାୟିତ୍ୱ ଅଟେ। ତେଣୁ ଭକ୍ତ ଓ ପର୍ଯ୍ୟଟକମାନେ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବା ଆବଶ୍ୟକତା ରହିଛି। ବୁଢ଼ାରଜାକୁ ସବୁଜ ଓ ସୁନ୍ଦର ଏବଂ ସ୍ୱଚ୍ଛ ରଖିବାକୁ ହେଷଳ ସମସ୍ତେ ଡଷ୍ଟବିନ ବ୍ୟବହାର କରିବା ଉଚିତ ବୋଲି ଆୟୋଜକ ଅନୁଷ୍ଠାନର ସଭ୍ୟମାନେ ଉପସ୍ଥିତ ସମସ୍ତଙ୍କୁ ସଚେତନ କରିଥିଲେ। ଅନୁଷ୍ଠାନର ସଭ୍ୟ ବିକାଶ ସ୍ୱାଇଁ, ବିଶ୍ୱଜିତ ବାରିକ, ଚନ୍ମୟ ମହାନ୍ତି, ମହେନ୍ଦ୍ର ବଜର୍ତ୍ତି, ସଞ୍ଜୟ ସାହୁ, ବିଶାଳ ସେଲମା, ରାଜା ଦାଶ, ରାହୁଲ ଗୁପ୍ତା, ବିଶ୍ୱନାଥ ରୋହିଦାଶଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

# ଉପକୃତ ହେବେ ୯ ଜିଲାର ୧୦.୭୧ ଲକ୍ଷ ଉପଭୋକ୍ତା

ସମ୍ବଲପୁର, ୨୮।୭(ବି.ଶଙ୍କର)

**ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଉପଭୋକ୍ତାଙ୍କ ବିଲ୍‌ରେ ୭୨.୦୫ କୋଟି ରିହାତି ପ୍ରଦାନ**

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି)ଙ୍କ ନିର୍ଦ୍ଦେଶ ଅନୁଯାୟୀ ଉପଭୋକ୍ତାଙ୍କ ସୁରକ୍ଷା ଜମାରାଶି (ସିକ୍ୟୁରିଟି ଡିପୋଜିଟ)ର ସୁଧ ବାବଦକୁ ଟିପିଡବ୍ଲ୍ୟୁଓଡିଏଲ ଗତ ଜୁନ ମାସର ବିଦ୍ୟୁତ୍ ବିଲରେ ରିହାତି ଦେଇଛି। ପଶ୍ଚିମ ଓଡ଼ିଶାର ସମସ୍ତ ୯ଟି ଜିଲାର ୧୦.୭୧ ଲକ୍ଷ ଉପଭୋକ୍ତା ଏହି ରିହାତି ପାଇଛନ୍ତି। ଏହିକ୍ରମରେ ସର୍ବାଧିକ ୨୫.୨୦ କୋଟି ଟଙ୍କାର ରିହାତି ଝାରସୁଗୁଡ଼ା ଜିଲାର ୧ ଲକ୍ଷ ୮ ହଜାର ୪୭୪ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଲ୍‌ରେ ଦିଆଯାଇଛି ବୋଲି ସୋମବାର ଟିପିଡବ୍ଲ୍ୟୁଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ପ୍ରବୀଣ ବର୍ମା ପ୍ରେସ ବିବୃତିରେ ସୂଚିତ କରିଛନ୍ତି। ଉତ୍କୃଷ୍ଟ ଗ୍ରାହକ ସେବାର ଏକ ପ୍ରମୁଖ ପଦକ୍ଷେପ ସ୍ୱରପ ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଗତ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପଶ୍ଚିମ ଓଡ଼ିଶାର ୧୦.୭୧ ଲକ୍ଷ ଉପଭୋକ୍ତାଙ୍କ ବିଲ୍‌ରେ ମୋଟ ୭୨.୫ କୋଟି ଟଙ୍କାର ରିହାତି ପ୍ରଦାନ କରାଯାଇଛି। ପଶ୍ଚିମ ଓଡ଼ିଶାର ସମସ୍ତ ୯ଟି ଜିଲାର ବିଦ୍ୟୁତ୍ ଉପଭୋକ୍ତାଙ୍କ ଜୁନ ମାସର ବିଦ୍ୟୁତ ବିଲରେ ଏହି ରିହାତି ପ୍ରଦାନ କରାଯାଇଛି। ସୁନ୍ଦରଗଡରେ ୨୩.୮୨ କୋଟି ଟଙ୍କାର ରିହାତି ପ୍ରଦାନ କରାଯାଇଛି ଯାହା ୨ ଲକ୍ଷ ୪୮ ହଜାର ୧୨ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଲାଭାନ୍ୱିତ କରିଛି। ସମ୍ବଲପୁର ଜିଲାରେ ୧ ଲକ୍ଷ ୨୬ ହଜାର ୮୫୦ ଜଣଙ୍କ ବିଲ୍‌ରେ ୮.୮୨ କୋଟି, ବରଗଡ ଜିଲାର ୧ ଲକ୍ଷ ୮୭ ହଜାର ୧୯୫ ଜଣଙ୍କ ବିଲରେ ୩.୭୦ କୋଟି, କଳାହାଣ୍ଡି ଜିଲାର ଏକ ଲକ୍ଷ ୧୭ ହଜାର ୧୮୮ ଜଣଙ୍କ ବିଲ୍‌ରେ ୩.୮୮ କୋଟି, ବଲାଙ୍ଗୀର ଜିଲାର ୧ ଲକ୍ଷ ୫୨ ହଜାର ୨୫୯ ଜଣଙ୍କ ବିଲରେ ୩.୨୭ କୋଟି, ସୁବର୍ଣ୍ଣପୁର ଜିଲାର ୪୮ ହଜାର ୯୭୬ ଜଣଙ୍କ ବିଲରେ ୧.୭୦ କୋଟି, ନୂଆପଡ଼ା ଜିଲାର ୫୨ ହଜାର ୭୧୪ ଜଣଙ୍କ ବିଲରେ ୧.୨୩ କୋଟି ଟଙ୍କା ରିହାତି ପ୍ରଦାନ କରାଯାଇଛି। ଟିପିଡବ୍ଲ୍ୟୁଓଡିଏଲ ଟାଟା ସମୁହ ସଂସ୍ଥାର ଅଂଶୀଦାର ଭାବେ ସମସ୍ତ କାର୍ଯ୍ୟରେ ସ୍ୱଚ୍ଛତା ଏବଂ ଗ୍ରାହକ ସେବାକୁ ପ୍ରାଥମିକତା ଦେବା ନିରନ୍ତର ଭାବରେ ବଜାୟ ରଖିଛି। ଟିପିଡବ୍ଲ୍ୟୁଓଡିଏଲ ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ନବସୃଜନ ଏବଂ ଗ୍ରାହକ କୈନ୍ଦ୍ରିକ ସେବା ପ୍ରଚଳନ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରୁଛି ବୋଲି କମ୍ପାନୀର ସିଇଓ ବର୍ମା କହିଛନ୍ତି।

# ୨୦ ସ୍ଲୁଇସ୍ ଗେଟ୍‌ରେ ଜଳ ନିଷ୍କାସନ

ସମ୍ବଲପୁର, ୨୮।୭(ପ୍ରମୋଦ ବହିଦାର)

**ହୀରାକୁଦ ଜଳଭଣ୍ଡାର**

ହୀରାକୁଦ ଜଳଭଣ୍ଡାରରୁ ୨୦ଟି ସୁଲସ୍ ଗେଟ୍ ଜରିଆରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ପ୍ରକ୍ରିୟା ଜାରି ରହିଛି। ବର୍ଷା ପରିମାଣ କମିବା ପରେ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣ ମଧ୍ୟ ହ୍ରାସ ପାଇଛି। ସୋମବାର ରାତି ସାଢ଼େ ୯ଟା ସୁଦ୍ଧା ହସ୍ତଗତ ହୋଇଥିବା ଖବର ଅନୁସାରେ ଜଳଭଣ୍ଡାରର ଜଳପତ୍ତନ ୬୧୪.୯୩ ଫୁଟ୍‌କୁ ଖସି ଆସିଛି। ଏହି ସମୟରେ ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ହାରାହାରି ୨ ଲକ୍ଷ ୬୮ ହଜାର ୮୭୪ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ ୩ ଲକ୍ଷ ୪୩ ହଜାର ୬୨୮ ଘନଫୁଟ୍ ଅତିରିକ୍ତ ବନ୍ୟାଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ବାମପାର୍ଶ୍ୱର ଜଳଭଣ୍ଡାରର ବାମ ପାର୍ଶ୍ୱସ୍ଥ ୧୩ ଟି ଦକ୍ଷିଣ ପାର୍ଶ୍ୱସ୍ଥ ୭ଟି ମିଶି ମୋଟ୍ ୨୦ଟି ସ୍ଲୁଇସ୍ ଗେଟ୍ ମାଧ୍ୟମରେ ମହାନଦୀକୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ୍ ୩ ଲକ୍ଷ ୦୫ ହଜାର ୪୨୦ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସେହିପରି ଶକ୍ତି ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୫,୧୯୮ ଘନଫୁଟ୍, ଶିଳ୍ପସଂସ୍ଥା ପାଇଁ ୨୩୪ ଘନଫୁଟ୍ ଏବଂ ଜଳ ସେଚନ ପାଇଁ ବରଗଡ଼ କେନାଲରେ ୩୦୫୮, ଶାସନ କେନାଲରେ ୬୩୦ ଓ ସମ୍ବଲପୁର କେନାଲରେ ୮୮ ଘନଫୁଟ୍ ଜଳ ମିଶି ମୋଟ୍ ୩୭୭୬ ଘନଫୁଟ୍ ଜଳ ନିଷ୍କାସନ କରାଯାଉଛି।

# ୯୧ ଅଭିଯୋଗର ଶୁଣାଣି କଲେ ଜିଲାପାଳ

କୁଚିଣ୍ଡା, ୨୮।୭(ବିରଞ୍ଚି ଦର୍ବା)

ସମ୍ବଲପୁର ଜିଲା ବାମରା ବ୍ଲକ ସଭାଗୃହରେ ସୋମବାର ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏଥିରେ ଅଧ୍ୟକ୍ଷତା କରି ୭୧ଟି ବ୍ୟକ୍ତିଗତ ଓ ୨୦ଟି ସାମୂହିକ ଏଭଳି ୯୧ଟି ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ଅତିରିକ୍ତ ଏସ୍‌ପି ପ୍ରକାଶ ଟପ୍ପୋ, କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ କୁମାର ଦାସ, ଏସ୍‌ଡିଏମ୍‌ଓ ସୁବୋଧ କୁମାର ନାୟକ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ବ୍ଲକ ଅଧ୍ୟକ୍ଷା ପିଙ୍କି ଧୂରୁଆ, ଏସିଏଫ ରେଶମା ଲାକ୍ରାଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ।

ବାମରା ଗଣେଶ ନଗରରେ ଜବରଦଖଲ କରିଥିବା ଜଣେ କବାଡି ବ୍ୟବସାୟୀଙ୍କ ନାଁରେ ଗ୍ରାମବାସୀ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ଏହାର ଶୁଣାଣି କରି ବାମରା ତହସିଲଦାରଙ୍କୁ ଘଟଣାସ୍ଥଳ ନିରୀକ୍ଷଣ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ଜଣେ ବରିଷ୍ଠ ନାଗରିକ ଜମି ନକ୍ସା ସଂଶୋଧନ ପାଇଁ ୧୭ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ତହସିଲକୁ ଦୌଡ଼ି ନୟାନ୍ତ ହେବାପରେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ଜିଲାପାଳ ଏହାର ଶୁଣାଣି କରି ନକ୍ସା ସୁଧାର ପାଇଁ ସମ୍ବଲପୁର ଯୁଗ୍ମ କମିଶନ ସେଟେଲମେଣ୍ଟରେ ଅପିଲ କରିବାକୁ ପରାମର୍ଶ ଦେଇଥିଲେ। ବାମରା ଅଞ୍ଚଳରେ ଚାଷୀ ପଞ୍ଜୀକରଣ ବ୍ୟବସ୍ଥା ଦ୍ୱାରା ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଚାଷୀମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଜିଲାପାଳ ବୋନ୍ଦର ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଓପିଡ଼ିର ବିକାଶ ପାଇଁ ମଞ୍ଜୁର ହୋଇଥିବା ସାଢେ ୩ କୋଟି ଟଙ୍କାର କାର୍ଯ୍ୟ, ଗୋବିନ୍ଦପୁର ଲ୍ୟାମ୍ପ୍ସ ସହ ଗଡ଼ପୋଷ ଅଞ୍ଚଳର ଏକ ସ୍କୁଲ ପରିଦର୍ଶନ କରିଥିଲେ। ଏହି ଅବସରରେ ଜିଲାପାଳ ୧୦ଜଣ ହିତାଧିକାରୀଙ୍କୁ ରାସନ କାର୍ଡ, ୫ ଜଣଙ୍କୁ ଭତ୍ତା ଓ ୧୬ ଜଣଙ୍କୁ ଶ୍ରମ କାର୍ଡ ବଣ୍ଟନ କରିଥିଲେ। ଶିବିରରେ ଖବରଦାତାଙ୍କୁ ବାମରା ବିଡିଓ ପୁଷ୍ପକ ପ୍ରଧାନ ଫଟୋ ଓ ଭିଡିଓ ଉତ୍ତୋଳନ ପାଇଁ ବାରଣ କରିବାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା।



ଜିଲାପାଳ ବାମରାରେ ଅଭିଯୋଗ ଶୁଣାଣି କରୁଛନ୍ତି।

# ଶିଶୁକନ୍ୟା ବିକ୍ରିକୁ ଖଣ୍ଡନ କଲେ ପାଇକମାଳ ଦମ୍ପତି

ପାଇକମାଳ, ୨୮।୭(ବଡ଼ ଶତପଥୀ)

ଟିଟିଲାଗଡ ଅଞ୍ଚଳରେ ଶିଶୁକନ୍ୟାକୁ ୨୦ ହଜାର ଟଙ୍କାରେ ବିକ୍ରି କରାଯାଇଥିବା ରବିବାର ଅଭିଯୋଗ ହୋଇଥିଲା। ଏହି ଶିଶୁକନ୍ୟାକୁ ପାଇକମାଳରୁ ଉଦ୍ଧାର କରାଯାଇଥିବାବେଳେ ୨୦ହଜାର ଟଙ୍କା ଦେଇ ଛୁଆ କିଣିଥିବା ଅଭିଯୋଗକୁ ସ୍ଥାନୀୟ ଅଞ୍ଚଳର ଗୁର୍ଲା ଦମ୍ପତି ଖଣ୍ଡନ କରିଛନ୍ତି। ବରଗଡ଼ ଜିଲା ପାଇକମାଳ ବସଷ୍ଟାଣ୍ଡ ପଡ଼ାରେ ରୁହନ୍ତି ସଞ୍ଜୟ ଗୁର୍ଲା ଓ ତାଙ୍କ ସ୍ତ୍ରୀ। ଭଗବାନ ତାଙ୍କ କୋଳକୁ ସନ୍ତାନ ଦେଇ ନାହାନ୍ତି। ଏଥିପାଇଁ ସେମାନେ ବହୁ କଷ୍ଟରେ ଟିଟିଲାଗଡ଼ ନିକଟସ୍ଥ ବାଗଡେରା ଗ୍ରାମର ନୀଳ ରଣାଙ୍କର ୭ ଦିନର ଶିଶୁକନ୍ୟାକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ। ଏହି ଶିଶୁକନ୍ୟାକୁ ଟିଟିଲାଗଡ଼ ଅଞ୍ଚଳର ରବି ମାଛଖଣ୍ଡଙ୍କ ଜରିଆରେ ଏକ ମାସ ତଳେ ଘରକୁ ଆଣିଥିଲେ। କିନ୍ତୁ ରବିବାର ରାତି ଅଧରେ ଟିଟିଲାଗଡ଼ ପୋଲିସ ସହ ସିଡବ୍ଲୁସି ଅଫିସରମାନେ ଘରୁ ଶିଶୁକନ୍ୟାକୁ ଉଠାଇ ନେଲେ ବୋଲି ସଞ୍ଜୟ ଗୁର୍ଲା କହିଛନ୍ତି। ଏ ନେଇ ପାଇକମାଳ ପୋଲିସକୁ ପଚାରିବାରୁ ଟିଟିଲାଗଡ଼ ପୋଲିସ ଆସି ଶିଶୁ କନ୍ୟାକୁ ଉଦ୍ଧାର କରିଥିବା ଜାଣିଛି ବୋଲି ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ କହିଛନ୍ତି।

# ପଲିଥିନ ତଳେ ବିତୁଛି ଜୀବନ


**ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରହସନ**

କୁଚିଣ୍ଡା, ୨୮।୭(ବିରଞ୍ଚି ଦର୍ବା)



ପଲିଥିନ ନିକଟରେ ୩ ପିଲାଙ୍କ ସହ ଚନ୍ଦନ ନାଏକ।

ଗ୍ରାମାଞ୍ଚଳର ଗରିବ ପରିବାରକୁ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଯୋଗାଇ ଦେଉଛନ୍ତି। ମାତ୍ର କେତେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି। ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତର ସରଧାପାଲି ଗ୍ରାମରେ ଏହି ଭଳି ଏକ ଘଟଣା ଦେଖିବାକୁ ମିଳିଛି। ଗ୍ରାମର ଚନ୍ଦନ ନାଏକ ସ୍ତ୍ରୀ ଓ ୪ ପିଲାଙ୍କ ସହ ଏକ ମାଟିକାନ୍ଥ ଘରେ ରହି ଆସୁଥିଲେ। ୨୦୨୨ ଜୁଲାଇ ମାସର ବର୍ଷାରେ ତାଙ୍କ ଭଙ୍ଗାଦଦରା ମାଟିଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଥିଲା। ଏ ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ସ୍ଥାନୀୟ ନିର୍ବାଚିତ ଜନପ୍ରତିନିଧି ଓ ସରକାରୀ ଅଧିକାରୀ ତାଙ୍କ ପାଖକୁ ଯାଇ କିଛି ଶୁଖିଲା ଖାଦ୍ୟ ଦେଇ ଅତି ଶୀଘ୍ର ଘର ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଇତି ମଧ୍ୟରେ ୩ବର୍ଷ ବିତି ଯାଇଥିଲେ ମଧ୍ୟ ଚନ୍ଦନଙ୍କ ପରିବାରକୁ କୌଣସି ଯୋଜନାରେ ମଧ୍ୟ ଘର ମିଳିପାରିନାହିଁ। ଦିନ ମଜୁରିଆଭାବେ କାମ କରୁଥିବା ଚନ୍ଦନ ନିଜ ହକ୍ ପାଇଁ ଲଢେଇ କରି ପାରୁ ନ ଥିବାରୁ ଏକ ପଲିଥିନ ଟାଙ୍ଗି ଜୀବନକୁ ବିପଦରେ ପକାଇ ନିଜ ପରିବାର ସହ ରହୁଛନ୍ତି। ତାଙ୍କର ଦୟନୀୟ ଅବସ୍ଥା ଆଖିରେ ନ ଦେଖିଲେ ବିଶ୍ୱାସ କରି ହେଉନାହିଁ। ବର୍ତ୍ତମାନ ବର୍ଷାଋତୁରେ ବିଷଧର ସାପ, ବିଛା ଓ ବିଭିନ୍ନ ସରୀସୃପଙ୍କ ଭୟ ରହିଥିଲେ ମଧ୍ୟ ବାସହରା ହୋଇପଡିଥିବା ଚନ୍ଦନଙ୍କ ଅନ୍ୟ ଉପାୟ ନ ଥିବାରୁ ବାଧ୍ୟ ହୋଇ ଦୁଇଟି କାଠ ପୋତି ସେଥିରେ ପଲିଥିନ ଟାଙ୍ଗି ପରିବାର ସହ ରହୁଛନ୍ତି। ପ୍ରଶାସନ ଏହି ଗରିବ ପରିବାରକୁ ତୁରନ୍ତ ସ୍ଥାନୀୟ ପ୍ରଶାସନ ଘରଟିଏ ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।




# ନୂଆ ଚେସ୍ ଗ୍ରାଣ୍ଡମାଷ୍ଟର

ଫିଡେ ମହିଳା ଚେସ୍ ବିଶ୍ୱକପ ଟାଇଟଲ ସହ ଦିବ୍ୟା ଦେଶମୁଖ ଭାରତର ନୂଆ ଗ୍ରାଣ୍ଡମାଷ୍ଟର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଗ୍ରାଣ୍ଡମାଷ୍ଟର ଟାଇଟଲ ପାଇଁ ସାଧାରଣତଃ ୩ଟି ନର୍ମ ସହ ୨୫୦୦ ରେଟିଂର ଆବଶ୍ୟକ ପଡ଼ିଥାଏ। ମାତ୍ର ଗୋଟିଏ ହେଲେ ନର୍ମ ନ ଥାଇ ମଧ୍ୟ ଦିବ୍ୟା ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟି ଯାଇଛନ୍ତି।

୨୦୦୫ ଡିସେମ୍ବର ୯ ତାରିଖରେ ନାଗପୁରର ଏକ ମରାଠୀ ପରିବାରରେ ଦିବ୍ୟାଙ୍କ ଜନ୍ମ। ତାଙ୍କ ମା'ଙ୍କ ନାମ ନମ୍ରତା ଓ ବାପା ଜିତେନ୍ଦ୍ର ଦେଶମୁଖ। ଉଭୟେ ପେଶାରେ ଡାକ୍ତର। ଦିବ୍ୟା ଭଗବାନଦାସ ପୁରୋହିତ ବିଦ୍ୟା ମନ୍ଦିରରେ ପ୍ରାରମ୍ଭିକ ପାଠପଢ଼ା କରିଥିଲେ।

୨୦୧୬ରେ ୧୬ ବର୍ଷରୁ କମ୍ ୱାର୍ଲ୍ଡ ଅଲିମ୍ପିଆଡ୍‌ରେ ଭାଗନେଇଥିବା ଭାରତୀୟ ଦଳର ସଦସ୍ୟା ଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଦଳ ତୁର୍କୀରେ ରୌପ୍ୟ ପଦକ ଜିତିଥିଲା। ଏହାପରେ ୨୦୨୦ରେ ତାଙ୍କ ପ୍ରତିନିଧିତ୍ୱରେ ଭାରତୀୟ ଦଳ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ୨୦୨୧ରେ ଦିବ୍ୟା ଦେଶର ୨୧ତମ ଚେସ୍ ଇଣ୍ଟରନ୍ୟାଶନାଲ ମାଷ୍ଟର ହୋଇଥିଲେ। ଏହାର ପରବର୍ଷ ସେ ଇଣ୍ଡିଆନ ଚେସ୍ ଚାମ୍ପିୟନଶିପ୍ ଜିତିଥିଲେ। ସେ ୨୦୨୨ ଚେସ୍ ଅଲିମ୍ପିଆଡ୍‌ରେ ବ୍ୟକ୍ତିଗତ ବ୍ରୋଞ୍ଜ ପଦକ ହାତେଇଥିଲେ। ୨୦୨୩ରେ ସେ ଏସିଆନ ଚେସ୍ ଚାମ୍ପିୟନଶିପ୍ ଜିତିଥିଲେ। ସର୍ବନିମ୍ନ ସିଡ୍ ପାଇବା ସତ୍ତ୍ୱେ ଟାଟା ଷ୍ଟିଲ ଚେସ୍ ଟୁର୍ନାମେଣ୍ଟର ରାପିଡ୍ ସେକ୍ସନରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରକ୍ରିୟାରେ ସେ ଦ୍ରୋନାଭାଲି ହାରିକା, ବନ୍ତିକା ଅଗ୍ରୱାଲ, କୋନେରୁ ହମ୍ପି, ସବିଥା ଶ୍ରୀ ବି, ଇରିନା କ୍ରୁଶ ଓ ନିନୋ ବାତସିଆଶଭିଲିଙ୍କୁ ହରାଇଥିଲେ। ସେ ବିଶ୍ୱ ଚାମ୍ପିୟନ ଜୁନ ୱେନଜୁନ ଓ ଆନ୍ନା ଉଶେନିନାଙ୍କ ବିପକ୍ଷ ମ୍ୟାଚ୍‌କୁ ଡ୍ର' ରଖିଥିଲେ କେବଳ ପୋଲିନା ଶୁଭାଲୋଭାଙ୍କ ଠାରୁ ପରାସ୍ତ ହୋଇଥିଲେ। ୨୦୨୪ ମେ'ରେ ସେ ଶାରଜା ଚ୍ୟାଲେଞ୍ଜର୍ସରେ ବିଜୟୀ ହୋଇଥିଲେ। ଏହି ସଫଳତା ଯୋଗୁ ତାଙ୍କୁ ୨୦୨୫ ଶାରଜା ମାଷ୍ଟର୍ସ ଟୁର୍ନାମେଣ୍ଟ ଲାଗି ଯୋଗ୍ୟତା ହାସଲ କରିଥିଲେ। ଜୁନରେ ସେ ୨୦୨୪ ୱାର୍ଲ୍ଡ ଅଣ୍ଡର-୨୦ ଚେସ୍ ଚାମ୍ପିୟନ ହୋଇଥିଲେ। ସେ ଚତୁର୍ଥ ଭାରତୀୟ ଭାବେ ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିଲେ। ତାଙ୍କ ପୂର୍ବରୁ କୋନେରୁ ହମ୍ପି (୨୦୦୧), ଦ୍ରୋନାଭାଲି ହାରିକା (୨୦୦୮) ଓ ସୌମ୍ୟା ସ୍ୱାମିନାଥନ (୨୦୦୯)ରେ ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଟାଇଟଲ ହାତେଇଥିଲେ। ଫାଇନାଲରେ ସେ ବୁଲଗେରିଆର ତୃତୀୟ ସିଡ୍ ବେଲୋସ୍ଲାଭା କ୍ରାଷ୍ଟେଭାଙ୍କୁ ୫ ଘଣ୍ଟା ଧରି ଚାଲିଥିବା ମାରାଥନ ମୁକାବିଲାରେ ହରାଇ ୧୦ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଭାରତୀୟ ଦଳ ୪୫ତମ ଚେସ୍ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ସେ ବ୍ୟକ୍ତିଗତ ଇଭେଣ୍ଟରେ ମଧ୍ୟ ପୋଡିୟମରେ ଶୀର୍ଷ ସ୍ଥାନ ହାସଲ କରିଥିଲେ। ଚଳିତ ବର୍ଷ ଜୁନରେ ଲଣ୍ଡନରେ ଅନୁଷ୍ଠିତ ୱାର୍ଲ୍ଡ ରାପିଡ୍ ଆଣ୍ଡ ବ୍ଲିଜ୍ ଟିମ ଚେସ୍ ଚାମ୍ପିୟନଶିପ୍‌ରେ ସେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ହେକ୍ସାମାଇଣ୍ଡ ଚେସ୍ କ୍ଲବ ପାଇଁ ଖେଳୁଥିବା ଦିବ୍ୟା ବ୍ଲିଜ୍ ସେମିଫାଇନାଲରେ ମହିଳାଙ୍କ ୱାର୍ଲ୍ଡ ନଂ-୧ ହୋ ୟିଫାନଙ୍କୁ ୭୪ ମୁଭ୍ସରେ ପରାସ୍ତ କରିଥିଲେ। ବ୍ଲିଜ ଗେମ୍ସରେ ୮ଟି ମ୍ୟାଚ୍‌ରେ ୬ଟି ବିଜୟ ହାସଲ କରିଥିଲେ। ଏଥିଯୋଗୁ ତାଙ୍କ ଦଳ ବ୍ଲିଜ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲା। ମହିଳା ଚେସ୍ ୱାର୍ଲ୍ଡକପ୍‌ରେ ଦେଶମୁଖ ୧୫ତମ ସିଡ୍ ଭାବେ ପ୍ରବେଶ କରିଥିଲେ। ସେ ଫାଇନାଲରେ କୋନେରୁ ହମ୍ପିଙ୍କୁ ହରାଇ ଚାମ୍ପିୟନ ହେବା ପୂର୍ବରୁ ଚତୁର୍ଥ ରାଉଣ୍ଡରେ ଦ୍ୱିତୀୟ ସିଡ୍ ଝୁ ଜିନର, କ୍ୱାର୍ଟର ଫାଇନାଲରେ ୧୦ମ ସିଡ୍ ଦ୍ରୋନାଭାଲି ହାରିକା ଓ ସେମିଫାଇନାଲରେ ତୃତୀୟ ସିଡ୍ ତାନ ଝୋଙ୍ଗିଙ୍କୁ ପରାସ୍ତ କରିଥିଲେ।

୨୦୨୪ରେ ଭାରତର ଡି. ଗୁକେଶ ହୋଇଥିଲେ ପୁରୁଷ ଚେସ୍ ବିଶ୍ୱ ଚାମ୍ପିୟନ। ଏବେ ଦିବ୍ୟା ମହିଳା ବିଶ୍ୱକପ ଚାମ୍ପିୟନ ହୋଇ ଭାରତକୁ ଗର୍ବିତ କରିଛନ୍ତି।



ନାମ–ଦିବ୍ୟା ଦେଶମୁଖ
ଦେଶ–ଭାରତ
ଜନ୍ମ–ଡିସେମ୍ବର ୯, ୨୦୦୫, ନାଗପୁର, ମହାରାଷ୍ଟ୍ର
ବୟସ–୧୯ ବର୍ଷ
ଟାଇଟଲ–ଗ୍ରାଣ୍ଡମାଷ୍ଟର(୨୦୦୫), ଇଣ୍ଟରନ୍ୟାସନାଲ ମାଷ୍ଟର (୨୦୨୩), ଓମେନ ଗ୍ରାଣ୍ଡମାଷ୍ଟର (୨୦୨୧)
ଫିଡ୍ ରେଟିଂ: ୨୪୬୩ (ବର୍ତ୍ତମାନ)
ସର୍ବାଧିକ ରେଟିଂ: ୨୫୦୧ (୨୦୨୪ ଅକ୍ଟୋବର)

## 'ଏହା କେବଳ ଆରମ୍ଭ ମାତ୍ର'

ଦିବ୍ୟା ଦେଶମୁଖ ତାରକା ଖଚିତ ଫିଡେ ମହିଳା ବିଶ୍ୱକପ୍‌ରେ ଜଣେ ଅଣ୍ଡରଡଗ୍ ଖେଳାଳି ଭାବେ ପ୍ରବେଶ କରିଥିଲେ। ଭବିଷ୍ୟତରେ ଜଣେ ଗ୍ରାଣ୍ଡମାଷ୍ଟର (ଜିଏମ୍) ହେବା ପାଇଁ ଅତିକମ୍‌ରେ ଗୋଟିଏ ଜିଏମ୍ ନର୍ମ ହାସଲ କରିବା ତାଙ୍କର ଲକ୍ଷ୍ୟ ଥିଲା। କିନ୍ତୁ ପ୍ରାୟ ୩ ସପ୍ତାହ ଧରି ଚାଲିଥିବା ଟୁର୍ନାମେଣ୍ଟରେ ସେ ବିଶ୍ୱ ମହିଳା ଚେସ୍‌ର କିଛି ବଡ଼ ବଡ଼ ଖେଳାଳିଙ୍କୁ ହରାଇ ସମ୍ମାନଜନକ ଟାଇଟଲ ଜିତିବା ସହ ଆସନ୍ତା ବର୍ଷ ହେବାକୁ ଥିବା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଯୋଗ୍ୟତା ହାସଲ କରିଥିଲେ। ଏହି ପ୍ରକ୍ରିୟାରେ ସେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗ୍ରାଣ୍ଡମାଷ୍ଟର ଟାଇଟଲ ଲାଗି ଜଣେ ଖେଳାଳିଙ୍କୁ ୩ ଜିଏମ୍ ନର୍ମ ଦରକାର। ଫିଡେ ନିୟମ ଅନୁଯାୟୀ, ନିର୍ଦ୍ଦିଷ୍ଟ ଭାବେ କିଛି ଏଲିଟ ପ୍ରତିଯୋଗିତା ଜିତିବା ଦ୍ୱାରା ସାଧାରଣ ନର୍ମ-ଆଣ୍ଡ-ରେଟିଂ ବାଟକୁ ଅଣଦେଖା କରି ସିଧାସଳଖ ଜିଏମ୍ ଟାଇଟଲ ହାସଲ କରିହେବ। ମହିଳାଙ୍କ ବିଶ୍ୱକପ୍ ସେଭଳି ଏକ ଫିଡେ ଟୁର୍ନାମେଣ୍ଟ, ଯାହାର ବିଜେତାଙ୍କୁ ସିଧାସଳଖ ଜିଏମ୍ ଟାଇଟଲ ଦିଆଯାଏ।

"ମୋତେ ବିଜୟକୁ ହଜମ କରିବା ପାଇଁ ସମୟ ଦରକାର। ମୋ ମତରେ ଗ୍ରାଣ୍ଡମାଷ୍ଟର ଟାଇଟଲ ଏଭଳି ପାଇବା ମୋ ଭାଗ୍ୟ ଥିଲା। କାରଣ ଟୁର୍ନାମେଣ୍ଟରେ ଭାଗ ନେବା ପୂର୍ବରୁ ମୋ ପାଖରେ ଗୋଟିଏ ହେଲେ ବି ଜିଏମ୍ ନର୍ମ ନ ଥିଲା। ଏବେ ମୁଁ ଜଣେ ଗ୍ରାଣ୍ଡମାଷ୍ଟର। ଏହି ବିଜୟର ମାନେ ମୋ ପାଇଁ ଅନେକ କିଛି। କିନ୍ତୁ ଏବେ ବି ମୋତେ ଅନେକ କିଛି ହାସଲ କରିବାର ଅଛି। ମୁଁ ଆଶା କରୁଛି, ଏହା କେବଳ ଆରମ୍ଭ ମାତ୍ର" ବୋଲି ମ୍ୟାଚ୍ ଜିତିବା ପରେ ଦିବ୍ୟା କହିଛନ୍ତି।

# ଦିବ୍ୟାଙ୍କୁ ଅଭିନନ୍ଦନର ସୁଅ

**ଦିବ୍ୟା ଦେଶମୁଖ ସୋମବାର ଫିଡେ ମହିଳା ଚେସ୍ ବିଶ୍ୱକପ ଜିତିଛନ୍ତି। ଏହି ସଫଳତା ପାଇଁ ତାଙ୍କ ନିକଟକୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଦେଶର କୋଣଅନୁକୋଣରୁ ସୋସିଆଲ ମିଡିଆ ଜରିଆରେ ଅଭିନନ୍ଦନର ସୁଅ ଛୁଟିଛି।**



ବିଜୟ ହାସଲ ପରେ ମା'ଙ୍କ ସହ ଦିବ୍ୟା ଦେଶମୁଖ।

"୧୯ ବର୍ଷ ବୟସରେ ପ୍ରଥମ ଭାରତୀୟ ଫିଡେ ମହିଳା ବିଶ୍ୱକପ୍ ଜିତିଥିବା ଦିବ୍ୟା ଦେଶମୁଖଙ୍କୁ ହୃଦୟରୁ ଅଭିନନ୍ଦନ। କୋନେରୁ ହମ୍ପି ରନରଅପ୍ ହୋଇଛନ୍ତି। ଚେସ୍ ୱାର୍ଲ୍ଡ ଚାମ୍ପିୟନଶିପ୍‌ର ଉଭୟ ଫାଇନାଲିଷ୍ଟ ଭାରତୀୟ ଥିଲେ। ପୂରା କ୍ୟାରିୟରରେ ଜବରଦସ୍ତ ପ୍ରଦର୍ଶନ କରିବା ପାଇଁ ହମ୍ପିଙ୍କୁ ମଧ୍ୟ ମୁଁ ଅଭିନନ୍ଦନ ଜଣାଉଛି। ମୁଁ ନିଶ୍ଚିତ ଯେ, ଉଭୟ ମହିଳା ଚାମ୍ପିୟନ୍ସ ଭବିଷ୍ୟତରେ ଦେଶ ପାଇଁ ଆହୁରି ଗୌରବ ଆଣିବେ ଓ ଯୁବପିଢ଼ିକୁ ପ୍ରେରଣା ଦେବେ।

**–ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**

"ଦୁଇ ଶ୍ରେଷ୍ଠ ଭାରତୀୟ ଚେସ୍ ଖେଳାଳିଙ୍କ ମଧ୍ୟରେ ହୋଇଥିଲା ଐତିହାସିକ ଫାଇନାଲ। ମହିଳା ବିଶ୍ୱକପ୍ ଚାମ୍ପିୟନ ହୋଇଥିବା ଦିବ୍ୟାଙ୍କ ପାଇଁ ଗର୍ବିତ। ଏହି ଉଲ୍ଲେଖନୀୟ ଉପଲବ୍ଧି ଲାଗି ତାଙ୍କୁ ଅଭିନନ୍ଦନ। ତାଙ୍କର ଏହି ସଫଳତା ଯୁବବର୍ଗକୁ ପ୍ରେରଣା ଦେବ। କୋନେରୁ ହମ୍ପି ମଧ୍ୟ ପୂରା ଟୁର୍ନାମେଣ୍ଟରେ ଭଲ ପ୍ରଦର୍ଶନ କରିଥିଲେ।

**–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

"ଭାରତ ପାଇଁ ବଡ଼ ଆନନ୍ଦର ବିଷୟ। ମହିଳା ବିଶ୍ୱକପ୍ ସହ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିବା ପାଇଁ ଦିବ୍ୟାଙ୍କୁ ଅଭିନନ୍ଦନ। ତୁମର ମାନସିକ ଦୃଢ଼ତା ଓ ଚତୁରତା ତୁମକୁ ଏହି ସଫଳତା ଆଣି ଦେଇଛି। ଟୁର୍ନାମେଣ୍ଟରେ ଉଲ୍ଲେଖନୀୟ ପ୍ରଦର୍ଶନ କରିବା ପାଇଁ ହମ୍ପିଙ୍କୁ ମଧ୍ୟ ଅଭିନନ୍ଦନ।

**–ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

"ମହିଳା ବିଶ୍ୱକପ୍ ଜିତିବା ଭଳି ଉଲ୍ଲେଖନୀୟକ ଉପଲବ୍ଧି ଲାଗି ଦିବ୍ୟାଙ୍କୁ ହୃଦୟରୁ ଅଭିନନ୍ଦନ। ଅଲ-ଇଣ୍ଡିଆନ୍ ଫାଇନାଲରେ ତାଙ୍କର ଐତିହାସିକ ବିଜୟ ଭାରତୀୟ ଚେସ୍ ଲାଗି ଏକ ଗର୍ବିତ କଳା ଭଳି ମାଇଲଖୁଣ୍ଟ। ଆଗକୁ ହେବାକୁ ଥିବା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଲାଗି ତାଙ୍କୁ ଶୁଭେଚ୍ଛା।

**–ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ**

"ବିଶ୍ୱକପ୍ ଜିତିବା ପାଇଁ ଦିବ୍ୟାଙ୍କୁ ଅଭିନନ୍ଦନ। ସେ ଜିଏମ୍ ହେବା ସହ କାଣ୍ଡିଡେଟ୍ସ ଟୁର୍ନାମେଣ୍ଟରେ ସ୍ଥାନ ପକ୍କା କରିଛନ୍ତି। ହମ୍ପି ପୂରା ଟୁର୍ନାମେଣ୍ଟରେ ଖୁବ ଭଲ ଫାଇଟିଂ ସ୍ପିରିଟ୍ ପ୍ରଦର୍ଶିତ କରିଥିଲେ। ସେ ଜଣେ ଚାମ୍ପିୟନ। ନିର୍ଦ୍ଦିଷ୍ଟ ଭାବେ ଭାରତୀୟ ମହିଳା ଚେସ୍ ଲାଗି ଏହା ଏକ ବଡ଼ ଉତ୍ସବ ଥିଲା।

**–ବିଶ୍ୱନାଥନ ଆନନ୍ଦ, ୫ ଥରର ୱାର୍ଲ୍ଡ ଚାମ୍ପିୟନ**

"ଜର୍ଜିଆର ବାଟୁମିରେ ଅନୁଷ୍ଠିତ ଫିଡେ ମହିଳା ଚେସ୍ ବିଶ୍ୱକପ୍ ଫାଇନାଲରେ ଆମ ଦେଶର ପ୍ରଖ୍ୟାତ ଚେସ୍ ଖେଳାଳି ଦିବ୍ୟା ଦେଶମୁଖ ସାଥି ପ୍ରତିଦ୍ୱନ୍ଦୀ କୋନେରୁ ହାମ୍ପିଙ୍କୁ ଟାଇବ୍ରେକରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ହାମ୍ପି, ଆର୍. ବୈଶାଳୀ ଓ ହାରିକା ଦ୍ରୋଣାଭାଲିଙ୍କ ପରେ ଭାରତର ଚତୁର୍ଥ ମହିଳା ଗ୍ରାଣ୍ଡମାଷ୍ଟ ହୋଇ ପାରିଛନ୍ତି ୧୯ ବର୍ଷୀୟା ଦିବ୍ୟା। ତାଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରୁଛି।

**–ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ କ୍ରୀଡ଼ାମନ୍ତ୍ରୀ**

"ଦିବ୍ୟା ଦେଶମୁଖ ଟାଇବ୍ରେକରେ କୋନେରୁ ହମ୍ପିଙ୍କୁ ପରାସ୍ତ କରି ୨୦୨୫ ଫିଡେ ମହିଳା ବିଶ୍ୱକପ୍ ଚାମ୍ପିଅନ୍ ସହ ଭାରତର ୮୮ତମ ଗ୍ରାଣ୍ଡମାଷ୍ଟର ହୋଇଛନ୍ତି। ଦିବ୍ୟା ବିଶ୍ୱ କ୍ୟାଣ୍ଡିଡେଟ ଚେସ ଟୁର୍ନାମେଣ୍ଟ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତି। ଏବେ ସେ ଫିଡେ ମହିଳା ବିଶ୍ୱକପ୍ ଜିତିଥିବା ପ୍ରଥମ ଭାରତୀୟ ହୋଇଛନ୍ତି। ଜଣେ ମହିଳା ଖେଳାଳି ବିଶ୍ୱକପ୍ ଚାମ୍ପିୟନ ସହ ସେହି ଦିନରେ ୮୮ତମ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିବା ଭାରତୀୟ ଚେସ୍ ପାଇଁ ଏକ ଶ୍ରେଷ୍ଠ ମୁହୂର୍ତ୍ତ। ଏହି ଆଶ୍ଚର୍ଯ୍ୟଜନକ ସଫଳତା ପାଇଁ ଦିବ୍ୟା, ତାଙ୍କ ଦଳ ଏବଂ ପରିବାରକୁ ବହୁତ ବହୁତ ଶୁଭେଚ୍ଛା ସହ ଅଭିନନ୍ଦନ"।

**–ସତ୍ୟ ରଞ୍ଜନ ପଟ୍ଟନାୟକ, ସଭାପତି ଏଓସିଏ**

# ନୂଆ ଫୁଟ୍‌ବଲ କୋଚ୍ ଘୋଷଣା ଅଗଷ୍ଟ ୧ରେ

**ନୂଆଦିଲ୍ଲୀ, ୨୮।୭ (ପି.ଟି.)**

ଅଗଷ୍ଟଅଗଷ୍ଟ ୧ରେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର କାର୍ଯ୍ୟନିର୍ବାହୀ କମିଟି ବୈଠକ ପରେ ଭାରତୀୟ ପୁରୁଷ ଫୁଟ୍‌ବଲ ଦଳର ପରବର୍ତ୍ତୀ କୋଚ୍‌ଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ। ଖାଲି ପଡ଼ିଥିବା ଏହି ପଦବୀ ପାଇଁ ଦୌଡ଼ରେ ଖଲିଦ୍ ଜମିଲ ପ୍ରଥମ ସ୍ଥାନରେ ରହିଛନ୍ତି। ଏଆଇଏଫ୍‌ଏଫ୍‌ର ଟେକ୍‌ନିକାଲ କମିଟି ଜମିଲଙ୍କ ପ୍ରାର୍ଥିତ୍ୱକୁ ପସନ୍ଦ କରିଛି। ୩ଜଣିଆ ଶର୍ଟଲିଷ୍ଟ ତାଲିକାରେ ପୂର୍ବତନ ଭାରତ କୋଚ୍ ଷ୍ଟିଫେନ୍ କନଷ୍ଟାଣ୍ଟିନଙ୍କ ନାମ ରହିଛି। ଏଆଇଏଫ୍‌ଏଫ୍‌ର ବର୍ତ୍ତମାନ ଆର୍ଥିକ ସ୍ଥିତିକୁ ନଜର ପକାଇଲେ ମାନୋଲୋ ମାର୍କ୍ୱେଜଙ୍କ ସ୍ଥାନରେ ଜମିଲ ହେଉଛନ୍ତି ଫେଭରିଟ୍। ୪୮ ବର୍ଷୀୟ ଜମିଲ ବର୍ତ୍ତମାନ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଦଳ ଜାମସେଦପୁର ଏଫ୍‌ସିର କୋଚ୍ ଅଛନ୍ତି। ତାଙ୍କୁ ଖୁବ୍ ନିକଟରେ ଜାତୀୟ ଦଳର ଦାୟିତ୍ୱ ମିଳିବ। ସେପ୍ଟେମ୍ବରରେ ଫିଫାର ଏକ ନ୍ୟାଶନାଲ ମ୍ୟାଚ ୱିଣ୍ଡୋ ରହିଛି। ଭାରତ ସିଙ୍ଗାପୁର ବିପକ୍ଷ ହୋମ୍ ଓ ଆୱେ ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାଇଂ ରାଉଣ୍ଡ ଗେମ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।



ଷ୍ଟିଫାନ୍ ଟାର୍କୋଭିଚ, ଖଲିଦ୍ ଜମିଲ ଓ ଷ୍ଟିଫେନ୍ କନଷ୍ଟାଣ୍ଟିନ।

ଭାରତର ଜଣେ ପୂର୍ବତନ ମିଡ୍‌ଫିଲ୍ଡର ଜମିଲ ବର୍ତ୍ତମାନ ଜଣେ ଏଏଫ୍‌ସି ପ୍ରୋ-ଲାଇସେନ୍ସପ୍ରାପ୍ତ କୋଚ୍ ଅଟନ୍ତି। ସେ ୨୦୨୩-୨୪ ଓ ୨୦୨୪-୨୫ ସିଜନ ପାଇଁ ଏଆଇଏଫ୍‌ଏଫ୍ କୋଚ୍ ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ଚଳିତମାସ ପ୍ରାରମ୍ଭରେ ଏଆଇଏଫ୍‌ଏଫ୍ ଛାଡ଼ିବା ପୂର୍ବରୁ ମାରକ୍ୱେଜ ଦ୍ୱୈତ ଭୂମିକା ନିର୍ବାହ କରୁଥିଲେ। ସେ ଏକ ସଙ୍ଗରେ ଆଇଏସ୍‌ଏଲ୍ ଦଳ ଏଫ୍‌ସି ଗୋଆର କୋଚ ଦାୟିତ୍ୱ ମଧ୍ୟ ତୁଲାଉଥିଲେ। କିନ୍ତୁ ଜମିଲ ଜାତୀୟ ଦଳର କୋଚ୍ ନିଯୁକ୍ତ ହେବା ପରେ ଜାମସେଦପୁର ଏଫ୍‌ସି କୋଚ୍ ପଦବୀ ତ୍ୟାଗ କରିବେ ଅବା ଦ୍ୱୈତ ଭୂମିକାରେ ରହିବେ ତାହା ସ୍ପଷ୍ଟ ହୋଇ ନାହିଁ। ପୂର୍ବତନ ଅଧିନାୟକ ଆଇଏମ୍ ବିଜୟଙ୍କ ନେତୃତ୍ୱାଧୀନ ଏଆଇଏଫ୍‌ଏଫ୍‌ଏ ଟେକ୍‌ନିକାଲ କମିଟି ଯେଉଁ ୩ଜଣିଆ ଶର୍ଟଲିଷ୍ଟ କାର୍ଯ୍ୟନିର୍ବାହୀ କମିଟି ନିକଟକୁ ପଠାଇଛି ସେଥିରେ ୫୨ ବର୍ଷୀୟା ଷ୍ଟିଫାନ୍ ଟାର୍କୋଭିଚ୍‌ଙ୍କ ନାମ ରହିଛି। ସେ ପୂର୍ବରୁ ୨୦୨୦ରୁ ୨୦୨୨ ପର୍ଯ୍ୟନ୍ତ ସ୍ଲୋଭେକିଆ ଜାତୀୟ ଦଳ ଏବଂ ୨୦୨୩ରୁ ୨୦୨୪ କିରଗିଜସ୍ତାନର କୋଚ୍ ଭାବେ ସଫଳତାର ସହିତ ଦାୟିତ୍ୱ ସମ୍ପାଦନ କରିଛନ୍ତି।

# ପ୍ରବୋଧ ଅନ୍ତର୍ଜାତୀୟ ଟେକ୍ନିକାଲ ଅଫିସିଆଲ

**ଭୁବନେଶ୍ୱର, ୨୮।୭ (ତପନ ସ୍ୱାଇଁ):** ଓଡ଼ିଶା ଆଥ୍‌ଲେଟିକ୍ସରେ ଟେକ୍ନିକାଲ ଅଫିସିଆଲ ପରିଚିତ ପ୍ରବୋଧ ମହାନ୍ତି ଆଉ ଏକ ସଫଳତା ପାଇଛନ୍ତି। ଓଡ଼ିଶାର ପ୍ରଥମ ବ୍ୟକ୍ତିଭାବେ ସେ ଅନ୍ତର୍ଜାତୀୟ ଟେକ୍ନିକାଲ ଅଫିସିଆଲ (ଆଇଟିଓ) ହୋଇଛନ୍ତି। ୱାର୍ଲ୍ଡ ଆଥ୍‌ଲେଟିକ୍ ରେଫରି ବ୍ରୋଞ୍ଜ୍ ଲେଭଲ (ଆଇଟିଓ) ପରୀକ୍ଷାରେ ସେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ପ୍ରବୋଧଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ପାଇଁ କିସ୍‌ର ୨ ମନୋନୀତ

**ଭୁବନେଶ୍ୱର, ୨୮।୭ (ତପନ ସ୍ୱାଇଁ)**

ଗୁଜରାଟର ଅହମଦାବାଦରେ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ କିସ୍ ବିଶ୍ୱବିଦ୍ୟାଳୟର ୨ ଛାତ୍ରୀ ମନୋନୀତ ହୋଇଛନ୍ତି। ସେମାନେ ହେଲେ ଟିଙ୍କି ମୋହିନୀ ମଲିକ ଓ ମୀନା ସାନ୍ତା। ଟିଙ୍କି ମୋହିନୀ ମହିଳା ୬୪ କେଜି ଓ ମୀନା ୫୫ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଉଭୟ କିସ୍ ବିଶ୍ୱବିଦ୍ୟାଳୟରେ +୩ ପ୍ରଥମ ବର୍ଷର ଛାତ୍ରୀ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ଦୁଇ ଭାରୋତ୍ତୋଳିକାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ମୀନା ସାନ୍ତା ଓ ଟିଙ୍କି ମୋହିନୀ ମଲିକ।

# ଗ୍ରୀନ୍ ବେଜ୍ କ୍ଲାସିକ୍ ସ୍ନୁକର: ଉଭାସଙ୍କ ପ୍ରଭାବୀ ପ୍ରଦର୍ଶନ

**ଭୁବନେଶ୍ୱର, ୨୮।୭ (ତପନ ସ୍ୱାଇଁ)**

ଭିନ୍‌ଟେଜ୍ କ୍ଲବ ପରିସରରେ ଚାଲିଥିବା ଗ୍ରୀନ୍ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ଓପନ ୧୦ ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ର ମୁଖ୍ୟ ଡ୍ର' ଲିଗ୍ ପର୍ଯ୍ୟାୟ ଆରମ୍ଭ ହୋଇଛି। ଏଥିରେ ଉଭାସ ମହାପାତ୍ର ଏକଦା ୧-୨ରେ ପଛୁଆ ଥିଲେ ମଧ୍ୟ ସଫଳ ପ୍ରତ୍ୟାବର୍ତ୍ତନ କରି ୩-୨ରେ ବିଜୟ ହାସଲ କରିଛନ୍ତି। ସୋମବାର ଅନୁଷ୍ଠିତ ମ୍ୟାଚ ଗୁଡ଼ିକ ମଧ୍ୟରେ ବରୁଣ ପୁର୍ବାଙ୍କୁ ସତ୍ୟଦୀପ ଦାସ ୩-୨, ଜାକିର_ଲୀ ଖାଁଙ୍କୁ ସୁବ୍ରତ ଦାସ ୩-୨, ରାହୁଲ ହାଲିଙ୍କୁ ଚିରାଗ ଆରୋରା ୩-୦, ପି. ଗୋବିନ୍ଦ ରାଓଙ୍କୁ ଆକ୍ରମ ଖାଁ ୩-୦, ଜାକିର ଅଲୀ ଖାଁଙ୍କୁ ଅବିନାଶ ମହାପାତ୍ର ୩-୧, ଜ୍ଞାନ ରଞ୍ଜନ ଶତପଥୀଙ୍କୁ ସୁଦୀପ୍ତ ଦାଶ ୩-୦, ଅମିୟ ରଞ୍ଜନ ନାୟକଙ୍କୁ ରାକେଶ ରୋଶନ ପ୍ରଧାନ ୩-୦, ଶାରଦା ବେହେରାଙ୍କୁ କୁନାଲ ଅଗ୍ରୱାଲ ୩-୨, ପି. ଗୋବିନ୍ଦ ରାଓଙ୍କୁ ଜ୍ଞାନ ଦାସ ୩-୧ରେ ପରାସ୍ତ କରିଛନ୍ତି। ସେହିପରି ଜିତେଶ ଷଡ଼ଙ୍ଗୀଙ୍କୁ ନୀଶି ପ୍ରକାଶ ଦାସ, ଅଲତାଫ ଅଲୀଙ୍କୁ ରାକେଶ ରୋଶନ ପ୍ରଧାନ ୩-୦, ଅମିତ ସିଂଙ୍କୁ ଚିରାଗ ଆରୋରା ୩-୧, ନିଶ୍ଚୟ ମିଶ୍ରଙ୍କୁ ସୁବ୍ରତ ଦାସ ୩-୧, ଆକ୍ରମ ଖାଁଙ୍କୁ ଆକାଶ ମହାପାତ୍ର ୩-୨ ଓ ପ୍ରକାଶ ସାହୁଙ୍କୁ ଚେତନ ଆନନ୍ଦ ୩-୦ ଫ୍ରେମ୍‌ରେ ହରାଇ ଦେଇଛନ୍ତି।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ